# ଧରିତ୍ରୀ DHARITRI

ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୨୭/୨୦୨୨ (୧୬ ପୃଷ୍ଠା) | Bhubaneswar, Tuesday, September 27/2022 Page 16 | ₹ 7.00 | ★★★★

୪୮ଶ ଭାଗ ୩୦୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 48 ISSUE 303 | ମୂଲ୍ୟ ₹୭/-






Stores only at

| | | | | | |
|---|---|---|---|---|---|
| **BHUBANESWAR** 621, Saheed Nagar, Janpath | **BHUBANESWAR** 309 District Centre, Chandrashekarpur | **BERHAMPUR** Venkatraju Arcade, Sano Bazar | **CUTTACK** 558/834, Cantonment Road | **JHARSUGUDA** Sarbahal Road, Marwadi Para | **ROURKELA** Kesar Bhawan, Main Road |

NOWHERE ELSE

Call us: **1800 3131 777** Follow us:

**5% EXTRA CASHBACK** SBI card

*Min. Trxn.: ₹20,000; Max. Cashback: ₹2,500 per credit card account. Validity: 26 Sep - 05 Oct 2022. T&C Apply.



DSPL - 183

ବାର୍ଷିକ ସର୍ବମୋଟ ଟର୍ନ ଓଭର* **୧୦ କୋଟି ଟଙ୍କାରୁ ଉର୍ଦ୍ଧ** ଥିବା ଟିକସଦାତାଙ୍କ ପାଇଁ **ଇ-ଇନଭଏସ ନିର୍ଗମନ କରିବା ବାଧ୍ୟତାମୂଳକ**

**୧ ଅକ୍ଟୋବର ୨୦୨୨**




- ତା୧-ଅଗଷ୍ଟ-୨୦୨୨ରିଖର କେନ୍ଦ୍ରୀୟ ଟିକସ ବିଜ୍ଞପ୍ତି ସଂଖ୍ୟା ୧୭/୨୦୨୨ ତଥା ତା୫-ଅଗଷ୍ଟ-୨୦୨୨ରିଖର ଓଡିଶା ସରକାରଙ୍କ ବିଜ୍ଞପ୍ତି ସଂଖ୍ୟା ୧୯୭୫୫-FIN-CT1-TAX-001 ଅନୁଯାୟୀ, ଉପରୋକ୍ତ ଶ୍ରେଣୀଭୂକ୍ତ ଟିକସଦାତାଙ୍କ ପାଇଁ ଇ-ଇନଭଏସ ନିର୍ଗମନ କରିବା ବାଧ୍ୟତାମୂଳକ ।
- ଓଡିଶା ଜିଏସଟି ନିୟମାବଳୀ, ୨୦୧୭ ଅନ୍ତର୍ଗତ ନିୟମ ୪୮(୫) ଅନୁଯାୟୀ ଉପରୋକ୍ତ ଶ୍ରେଣୀଭୂକ୍ତ ଟିକସଦାତାଙ୍କ ପାଇଁ ଓଡିଶା ଜିଏସଟି ନିୟମାବଳୀ, ୨୦୧୭ ଅନ୍ତର୍ଗତ ନିୟମ ୪୮(୪) ରେ ପ୍ରଣୀତ ପଦ୍ଧତି ବ୍ୟତୀତ ଅନ୍ୟ କୌଣସି ମାଧ୍ୟମ ରେ ନିର୍ଗମନ କରାଯାଉଥିବା ଇନଭଏସଗୁଡିକୁ **"ଇନଭଏସ" ଭାବେ ବିବେଚନା କରାଯିବ ନାହିଁ ।**
- ବର୍ତ୍ତମାନ ଇ-ଇନଭଏସ ପୋର୍ଟାଲ (www.einvoice1.gst.gov.in) ରେ ବାର୍ଷିକ ସର୍ବମୋଟ ଟର୍ନ ଓଭର ୧୦ କୋଟି ଟଙ୍କାରୁ ଉର୍ଦ୍ଧ ଥିବା ଟିକସଦାତାମାନଙ୍କୁ ପଞ୍ଜୀକରଣ କରିବା ପାଇଁ **ଏନେବଲ (enable) କରାଯାଇଅଛି** ।
- ନିଜର ପଞ୍ଜୀକରଣ କରାଇବା ସହିତ **୧ ଅକ୍ଟୋବର ୨୦୨୨** ଠାରୁ ଇ-ଇନଭଏସ ନିର୍ଗମନ କରିବା ପାଇଁ ଯୋଗ୍ୟ ଟିକସଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

@Banijyakar
https://odishatax.gov.in

ବାଣିଜ୍ୟ କର ଏବଂ ଦ୍ରବ୍ୟ ଓ ସେବା କର କମିଶନରେଟ, ଓଡିଶା

* Annual Aggregated Turn Over

OIPR-05034/13/0003/2223

# ଗୁଲାମ ନବୀଙ୍କ ନୂଆ ଦଳ ଡେମୋକ୍ରାଟିକ୍ ଆଜାଦ୍ ପାର୍ଟି

**ଜମ୍ମୁ,୨୬।୯ (ପି.ଟି.)**

ପୂର୍ବତନ କଂଗ୍ରେସ ନେତା ଗୁଲାମ ନବୀ ଆଜାଦ ସୋମବାର ନିଜର ନୂଆ ଦଳ 'ଡେମୋକ୍ରାଟିକ୍ ଆଜାଦ ପାର୍ଟି' (ଡିଏପି)ର ଶୁଭାରମ୍ଭ କରିଛନ୍ତି। ଏହା ଗଣତନ୍ତ୍ର ଏବଂ ଅଭିବ୍ୟକ୍ତି ଓ ଚିନ୍ତାଧାରା ସ୍ୱାଧୀନତାର ପ୍ରତୀକ। ତାଙ୍କ ଦଳର ନୀତି ମହାତ୍ମା ଗାନ୍ଧୀଙ୍କ ନୀତି ଆଦର୍ଶ ଆଧାରରେ ହେବ ବୋଲି ଗୁଲାମ ନବୀ କହିଛନ୍ତି। ତେବେ ସମ୍ବିଧାନର ଅନୁଚ୍ଛେଦ ୩୭୦ ଫେରାଇଆଣିବାକୁ ସେ ନିର୍ବାଚନ ପ୍ରସଙ୍ଗ କରିବେ ନାହିଁ ବୋଲି ଏହି ଅବସରରେ ସ୍ପଷ୍ଟ କରିଛନ୍ତି। ରାସ୍ତାଘାଟ, ଜଳଯୋଗାଣ ଏବଂ ମୂଲ୍ୟବୃଦ୍ଧି ରୋକିବା ଆଦି ତାଙ୍କ ଦଳର ମୁଖ୍ୟ ପ୍ରସଙ୍ଗ ରହିବ। ଡିଏପି ଅନ୍ୟ କୌଣସି ଦଳ ସହ ପ୍ରତିଦ୍ୱନ୍ଦ୍ୱିତା ନ କରି ରାଜ୍ୟରେ ଶାନ୍ତି ଓ ସ୍ୱାଭାବିକତାକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦେବ ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ କହିଛନ୍ତି।

କଂଗ୍ରେସ ସହ ୫ ଦଶନ୍ଧିର ସମ୍ପର୍କ ତୁଟାଇ ଗୁଲାମ ନବୀ ଗତ ଅଗଷ୍ଟ ୨୬ରେ ଦଳରୁ ଇସ୍ତଫା ଦେବା ସହ ନୂଆ ଦଳ ଗଢ଼ିବେ ବୋଲି ଘୋଷଣା କରିଥିଲେ। ଦଳର ନାଁ କ'ଣ ରହିବ ଏଥିପାଇଁ ସେ ଜନସାଧାରଣଙ୍କ ମତାମତ ଲୋଡ଼ିଥିଲେ। ଏଥିପାଇଁ ମିଳିଥିବା ୧,୫୦୦ ପ୍ରସ୍ତାବ ମଧ୍ୟରୁ ଗଣତାନ୍ତ୍ରିକ, ଶାନ୍ତିପୂର୍ଣ୍ଣ ଏବଂ ସ୍ୱାଧୀନ ନାଁ ରଖିବା ଲାଗି ଚାହିଁଲୁ ବୋଲି ସେ କହିଛନ୍ତି। ଅନୁଚ୍ଛେଦ ୩୭୦ ପ୍ରସଙ୍ଗରେ ସେ କହିଥିଲେ, ଏହା ଫେରାଇ ଆଣିବା ସମ୍ଭବ ନୁହେଁ ବୋଲି ସେ କେବେ କହି ନାହାନ୍ତି। ତେବେ ଏଥିପାଇଁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କୁ ମନାଇ ପାରିବେ ନାହିଁ। ଯଦି କେହି ତାହା କରିପାରନ୍ତି, ତେବେ ସ୍ୱାଗତଯୋଗ୍ୟ ପଦକ୍ଷେପ ହେବ ବୋଲି ଆଜାଦ ଗଣମାଧ୍ୟମକୁ କହିଛନ୍ତି। ଅନୁଚ୍ଛେଦ ୩୭୦ ଫେରାଇ ଆଣିବାକୁ ହେଲେ ପାର୍ଲାମେଣ୍ଟରେ ସଂଖ୍ୟାଗରିଷ୍ଠତା ହାସଲ କରିବାକୁ ପଡ଼ିବ। ଏହା ଉପରେ ଭୋଟିଂ ହେଲେ ଏନ୍‌ଡିଏ ସପକ୍ଷରେ ୮୬ ପ୍ରତିଶତ ଭୋଟ ଯିବ ବୋଲି ଗୁଲାମ ନବୀ କହିଛନ୍ତି।



ଜମ୍ମୁରେ ଏକ ଖବରଦାତା ସମ୍ମିଳନୀରେ ଗୁଲାମ ନବୀ ଆଜାଦ୍ ଦଳର ନାଁ ଘୋଷଣା କରୁଛନ୍ତି।

# ଅକ୍ଟୋବର ୨ରୁ ବିଜେଡିର ଜନସମ୍ପର୍କ ପଦଯାତ୍ରା

- ଦଳର ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ଚିଠି ଲେଖିଲେ ନବୀନ
- କାର୍ଯ୍ୟକ୍ରମ ଶେଷରେ ପାଳନ ସମ୍ପର୍କିତ ରିପୋର୍ଟ ଦେବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର,୨୬।୯(ବ୍ୟୁରୋ)**

ଚଳିତ ବର୍ଷ ବିଜେଡି ଅକ୍ଟୋବର ୨ରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ମାସବ୍ୟାପୀ ଜନସମ୍ପର୍କ ପଦଯାତ୍ରା ପାଳନ କରିବାକୁ ଯାଉଛି। ଅକ୍ଟୋବର ୨ରେ ଗାନ୍ଧୀ ଏବଂ ଶାସ୍ତ୍ରୀ ଜୟନ୍ତୀ, ୯ରେ ଗୋପବନ୍ଧୁ ଜୟନ୍ତୀ ଏବଂ ୧୧ରେ ଲୋକନାୟକ ଜୟପ୍ରକାଶ ଜୟନ୍ତୀ ଦଳ ପାଳନ କରିବ। ଏଥର ଜନସମ୍ପର୍କ ପଦଯାତ୍ରା ଜିଲାସ୍ତରରୁ ଆରମ୍ଭକରି ନିର୍ବାଚନମଣ୍ଡଳୀ, ନଗର, ପଞ୍ଚାୟତ ଏବଂ ୱାର୍ଡ ପର୍ଯ୍ୟନ୍ତ ପ୍ରତ୍ୟେକସ୍ତରରେ ଆୟୋଜିତ ହେବ ବୋଲି ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ କହିଛନ୍ତି। ହେଲେ ଏହି ସମୟ ଭିତରେ ପଡୁଥିବା ପର୍ବପର୍ବାଣି ସମୟରେ ପଦଯାତ୍ରା ବନ୍ଦ ରଖିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

ନବୀନ ସୋମବାର ଦଳର ସମସ୍ତ କାର୍ଯ୍ୟକର୍ତ୍ତା, ପର୍ଯ୍ୟବେକ୍ଷକ, ସଂଯୋଜକ, ଏମ୍‌ପି, ବିଧାୟକ, ବିଧାୟକ ପ୍ରାର୍ଥୀ, ଜିଲା ସଭାପତି, ଦଳୀୟ ସଂଗଠନର ରାଜ୍ୟ, ବ୍ଲକ ଓ ନଗର ସଭାପତିମାନଙ୍କୁ ଚିଠି ଲେଖି ଏ ସମ୍ପର୍କରେ ଅବଗତ କରାଇଛନ୍ତି। ସେ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ସହରାଞ୍ଚଳ ଏବଂ ପଞ୍ଚାୟତର ପ୍ରତ୍ୟେକ ୱାର୍ଡରେ କ୍ଷେତ୍ରୀୟ ପର୍ଯ୍ୟବେକ୍ଷକ, ବ୍ଲକ ଓ ନଗରାଞ୍ଚଳରେ ଜିଲା ପର୍ଯ୍ୟବେକ୍ଷକ, ନିର୍ବାଚନମଣ୍ଡଳୀ ସ୍ତରରେ ବିଧାୟକ ଏବଂ ବିଧାୟକ ପ୍ରାର୍ଥୀ ଓ ଜିଲାସ୍ତରରେ ସମ୍ପୃକ୍ତ ଜିଲା ସଭାପତିମାନେ ଉପସ୍ଥିତ ରହି ପଦଯାତ୍ରାକୁ ପୂର୍ଣ୍ଣପ୍ରାଣରେ ସଫଳ କରାଇବେ। ଦଳର ମହିଳା, ଯୁବ ଏବଂ ଛାତ୍ର, କୃଷକ, ସଂଖ୍ୟାଲଘୁ, ଶ୍ରମିକ, ଦଳିତ, ଜନଜାତି, ସମବାୟ, ଆଇନ ଶାଖା ତଥା ଦଳର ଅନ୍ୟାନ୍ୟ ପ୍ରମୁଖ ଦଳୀୟ ସଙ୍ଗଠନ ନିଜର ସମସ୍ତ କର୍ମକର୍ତ୍ତାଙ୍କ ସହ ବିଭିନ୍ନ ସ୍ତରରେ ଏହି ଜନ ସମ୍ପର୍କ ପଦଯାତ୍ରାରେ ଯୋଗଦେବେ। ଏହାସହ ସ୍ଥାନୀୟ ଅଞ୍ଚଳରେ ଯେପରି ଅଧିକ ଜନସାଧାରଣ ଏଥିରେ ସାମିଲ ହେବେ ସେଥିପ୍ରତି ଧ୍ୟାନ ଦେବାକୁ ନବୀନ ପରାମର୍ଶ ଦେଇଛନ୍ତି। ପଦଯାତ୍ରା କରାଯିବା ଅଞ୍ଚଳରେ ମହାତ୍ମା ଗାନ୍ଧୀ ଏବଂ ବିଜୁ ବାବୁଙ୍କ ଫଟୋଚିତ୍ର ସହ ସ୍ଥାନୀୟ ଅଞ୍ଚଳର ବୀରପୁରୁଷଙ୍କୁ ଶ୍ରଦ୍ଧାଞ୍ଜଳି ଦେଇ ପଦଯାତ୍ରା ଆରମ୍ଭ କରିବେ। ସବୁ ଘରେ ବିଜେଡି ସରକାରର ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଅବଗତ କରାଇବେ। ଏହାସହ ରକ୍ତଦାନ ଶିବିର, ବୃକ୍ଷରୋପଣ ତଥା ଅନ୍ୟାନ୍ୟ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ମାଧ୍ୟମରେ ଜନସେବା ଆଭିମୁଖ୍ୟକୁ ଅଧିକ ବ୍ୟାପକ କରାଯିବ। ନଭେମ୍ବର ୨ରେ ସମସ୍ତ କାର୍ଯ୍ୟକର୍ତ୍ତା ରାଜ୍ୟବାସୀଙ୍କ ପାଇଁ ଉତ୍ସର୍ଗୀକୃତ ମନୋବୃତ୍ତି ନେଇ କାର୍ଯ୍ୟ କରିବା ପାଇଁ ଶପଥ ନେବେ ବୋଲି ନବୀନ ଆହ୍ୱାନ କରିଛନ୍ତି। ଏହାସହ ଏହି ପଦଯାତ୍ରା କିପରି ସବୁ ସ୍ଥାନରେ ପାଳନ ହେଲା ତା'ର ବିବରଣୀ ପ୍ରଦାନ କରିବାକୁ ମଧ୍ୟ ସେ କହିଛନ୍ତି।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

# ଭାଜପା ଅଧ୍ୟକ୍ଷ ନଡ୍ଡାଙ୍କ କାର୍ଯ୍ୟକାଳ ବଢ଼ିପାରେ

**ନୂଆଦିଲ୍ଲୀ,୨୬।୯**

ପରବର୍ତ୍ତୀ ସାଧାରଣ ନିର୍ବାଚନ ଆଉ ୨ ବର୍ଷରୁ କମ୍ ସମୟ ରହିଥିବାବେଳେ ବିଭିନ୍ନ ରାଜ୍ୟରେ ବିଧାନସଭା ନିର୍ବାଚନ ଥିବାରୁ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ କାର୍ଯ୍ୟକାଳ ବଢ଼ିପାରେ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ନଡ୍ଡାଙ୍କ ୩ ବର୍ଷୀୟା କାର୍ଯ୍ୟକାଳ ୨୦୨୩ ଜାନୁୟାରୀ ୨୦ରେ ଶେଷ ହେବାକୁ ଯାଉଛି। ତେବେ ସେ ଏହି ପଦବୀରେ ୨୦୨୪ ଲୋକ ସଭା ନିର୍ବାଚନ ଶେଷ ପର୍ଯ୍ୟନ୍ତ ରହିପାରନ୍ତି ବୋଲି କୁହାଯାଉଛି। କେତେଜଣ ଭାଜପା ନେତାଙ୍କ କହିବା ଅନୁଯାୟୀ, ନଡ୍ଡାଙ୍କ ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆସ୍ଥା ରହିଛି। ତେଣୁ ତାଙ୍କର ଭଲ ପ୍ରଦର୍ଶନକୁ ଦୃଷ୍ଟିରେ ରଖି କାର୍ଯ୍ୟକାଳ ବୃଦ୍ଧି କରାଯିବା ସମ୍ଭାବନା ରହିଛି। ଏହା ବ୍ୟତୀତ ଜାତିଗତ ସମୀକରଣ ମଧ୍ୟ ନଡ୍ଡାଙ୍କ ସପକ୍ଷରେ ଯାଉଛି। ୨୦୧୯ ଜୁଲାଇରେ ନଡ୍ଡାଙ୍କୁ ଦଳର କାର୍ଯ୍ୟକାରୀ ଅଧ୍ୟକ୍ଷ କରାଯାଇଥିଲା ଏବଂ ୨୦୨୦ ଜାନୁୟାରୀ ୨୦ରେ ସେ ସର୍ବସମ୍ମତକ୍ରମେ ଅଧ୍ୟକ୍ଷ ନିର୍ବାଚିତ ହୋଇଥିଲେ। ଦଳୀୟ ସମ୍ବିଧାନ ଅନୁଯାୟୀ ଅଧ୍ୟକ୍ଷ ୩ ବର୍ଷ ଲେଖାଏ କ୍ରମାଗତ ଦୁଇଥର ଏହି ପଦରେ ରହିପାରିବେ। ଅନ୍ୟୂନ ୫୦ ପ୍ରତିଶତ ରାଜ୍ୟ ଶାଖାରେ ସାଂଗଠନିକ ନିର୍ବାଚନ ପରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇପାରିବ। ସାଂଗଠନିକ ନିର୍ବାଚନ ପ୍ରକ୍ରିୟା ଅଗଷ୍ଟରୁ ଆରମ୍ଭ ହେବାକୁ ଥିଲେ ମଧ୍ୟ ନେତାମାନେ ରାଜ୍ୟ ନିର୍ବାଚନ ପ୍ରସ୍ତୁତି ଦାୟିତ୍ୱରେ ଥିବାରୁ ଏହା ବିଳମ୍ବ ହୋଇପାରେ। କାରଣ ଚଳିତ ବର୍ଷ ଶେଷ ସୁଦ୍ଧା ଗୁଜରାଟ, ହିମାଚଳପ୍ରଦେଶ ବିଧାନସଭା ନିର୍ବାଚନ ଥିବାବେଳେ ଆସନ୍ତାବର୍ଷ କର୍ଣାଟକ, ତ୍ରିପୁରା, ମେଘାଳୟ, ମିଜୋରାମ, ମଧ୍ୟପ୍ରଦେଶ, ରାଜସ୍ଥାନ, ଛତିଶଗଡ଼ ଓ ତେଲଙ୍ଗାନା ବିଧାନସଭା ନିର୍ବାଚନ ରହିଛି। ଏଥିସହିତ ଦଳକୁ ୨୦୨୪ ସାଧାରଣ ନିର୍ବାଚନ ଲାଗି ପ୍ରସ୍ତୁତ ହେବାକୁ ପଡ଼ିବ। ପୂର୍ବତନ ଭାଜପା ଅଧ୍ୟକ୍ଷ ଅମିତ୍ ଶାହାଙ୍କ କାର୍ଯ୍ୟକାଳକୁ ୨୦୧୯ ଲୋକ ସଭା ନିର୍ବାଚନ ପର୍ଯ୍ୟନ୍ତ ବଢ଼ାଯାଇଥିଲା।



ଜେ.ପି. ନଡ୍ଡା

## କଂଗ୍ରେସ, ଭାଜପା ଭଙ୍ଗା-ଯୋଡ଼ା ରାଜନୀତି କରୁଛନ୍ତି: କେଜ୍‌ରିୱାଲ

**ନୂଆଦିଲ୍ଲୀ,୨୬।୯:** ରାଜସ୍ଥାନ କଂଗ୍ରେସରେ ମତଭେଦକୁ ନେଇ ଅନ୍ୟ ଦଳ ଟାର୍ଗେଟ କରିବା ଆରମ୍ଭ କରିଛନ୍ତି। କଂଗ୍ରେସର ବିକଳ୍ପ ଭାବେ ଆମ୍ ଆଦ୍‌ମୀ ପାର୍ଟି(ଏଏପି) ଉଭା ହେବ କି ପ୍ରଶ୍ନରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଏଏପି ମୁଖ୍ୟ ଅରବିନ୍ଦ କେଜ୍‌ରିୱାଲ କହିଛନ୍ତି, ମୁଁ ଏହି ବିକଳ୍ପକୁ ବୁଝିପାରୁ ନାହିଁ, ଆମକୁ ଦେଶକୁ ଆଗକୁ ନେବାକୁ ପଡିବ। ଉଭୟ କଂଗ୍ରେସ ଏବଂ ଭାଜପା ଭଙ୍ଗା-ଯୋଡ଼ା ରାଜନୀତି କରୁଛନ୍ତି। ଏବେ ଏଏପି ସମଗ୍ର ଦେଶରେ ଭରସା ସାଜିଛି। ଆମେ ରାଜନୀତି ଜାଣୁନାହୁଁ, ଜନସାଧାରଣଙ୍କ ପାଇଁ କାମ କରୁ। ଏଥିଲାଗି ଦିଲ୍ଲୀ ଏବଂ ପଞ୍ଜାବରେ ସରକାର ଗଠନ କରିଛୁ। ଆଉ ଗୁଜରାଟରେ ମଧ୍ୟ ଏଏପି ସରକାର ଗଠନ ହେବ ବୋଲି ସେ ଦାବି କରିଛନ୍ତି।

## ମେଟ୍ରୋ ଟ୍ରେନ୍ ଲାଗି ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଅପରାଜିତା

**ଭୁବନେଶ୍ୱର,୨୬।୯(ବ୍ୟୁରୋ)**

ଟୁଇନ୍ ସିଟିରେ ଦ୍ରୁତ ଗତିରେ ଜନସଂଖ୍ୟା ବଢ଼ିବାରେ ଲାଗିଛି। ତେଣୁ ସମୟ ସହ ତାଳ ଦେଇ ଏଠାକାର ଅଧିବାସୀଙ୍କୁ ମେଟ୍ରୋ ଟ୍ରେନ ସୁବିଧା ଦରକାର। ଭୁବନେଶ୍ୱର ଓ କଟକରେ ମେଟ୍ରୋ ଟ୍ରେନ୍ ଚଳାଚଳ ପାଇଁ ଲୋକେ ବହୁ ଦିନରୁ ଦାବି କରି ଆସୁଥିବା ବେଳେ ଏବେ ଏହି ପ୍ରସଙ୍ଗରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି ସହାୟତା ଲୋଡ଼ିଛନ୍ତି।

ଅପରାଜିତା ଏହି ପ୍ରସଙ୍ଗରେ ଟୁଇଟ୍ କରି ସେଥିରେ ଉଲ୍ଲେଖ କରିଛନ୍ତି ଯେ, କଟକ-ଭୁବନେଶ୍ୱରର ଜନସଂଖ୍ୟାକୁ ଦୃଷ୍ଟିରେ ରଖି ଏଠାରେ ମେଟ୍ରୋ ଟ୍ରେନ୍ ଚାଲିବା ଆବଶ୍ୟକ। ଏହାଦ୍ୱାରା ଲୋକେ ଖୁବ୍‌ଶୀଘ୍ର ନିଜ ଗନ୍ତବ୍ୟ ସ୍ଥଳରେ ପହଞ୍ଚି ପାରିବେ। ଏନେଇ କେନ୍ଦ୍ର ସରକାରଙ୍କୁ ଚିଠି ଲେଖି ଅବଗତ କରାଯାଇଛି। କେନ୍ଦ୍ର ନଗର ଉନ୍ନୟନ ବିଭାଗ ଅଧିକାରୀଙ୍କ ସହ ମଧ୍ୟ ଆଲୋଚନା କରିଛନ୍ତି। ଏନେଇ ଆବଶ୍ୟକ ସହାୟତା ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ପ୍ରସ୍ତାବ ରଖିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମଧ୍ୟ ଚିଠିରେ ଉଲ୍ଲେଖ କରିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ରାଜ୍ୟ ସରକାର ରାଜ୍ୟବାସୀଙ୍କୁ ମେଟ୍ରୋ ଟ୍ରେନ ଚାଲିବ ବୋଲି କହିଛନ୍ତି। ୨୦୧୯-୨୦ ଆର୍ଥିକ ବର୍ଷର ବଜେଟରେ ମଧ୍ୟ ମେଟ୍ରୋ ରେଳ ସେବା କଥା ରାଜ୍ୟ ସରକାର ଦୋହରାଇଥିଲେ। ତେବେ ଏହି ବଜେଟର ବହୁ ପୂର୍ବରୁ ମେଟ୍ରୋ ଟ୍ରେନ ଚଳାଚଳ ପାଇଁ ଡିପିଆର ପ୍ରସ୍ତୁତ କରିବା ଦାୟିତ୍ୱ ନେଇଥିବା ସଂସ୍ଥା ତା'ର ରିପୋର୍ଟ ଦାଖଲ କରିସାରିଥିଲା। ମେଟ୍ରୋ ଟ୍ରେନ୍ ଟୁଇନ ସିଟିରେ ଏବେ ଚଳାଇବା ସମ୍ଭବପର ନୁହେଁ ବୋଲି ସେତେବେଳେ ରିପୋର୍ଟରେ ଉଲ୍ଲେଖ କରିଥିଲା।






# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୨୭/୨୦୨୨ (୧୬ ପୃଷ୍ଠା) | Bhubaneswar, Tuesday, September 27/2022 | Page 16 | ପୃଷ୍ଠା-୧




**ଭାରତୀୟ ଟି୨୦ ଦଳରେ ଶ୍ରେୟସ ଆୟାର**

ଦକ୍ଷିଣ ଆଫ୍ରିକା ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଟି୨୦ କ୍ରିକେଟ ସିରିଜ ପାଇଁ ଭାରତୀୟ ଦଳରେ ଶ୍ରେୟସ ଆୟରଙ୍କୁ ନିଆଯାଇଛି।

୧୪

୧୦

**ଓଟିଟିରେ ଅନନ୍ୟା**

ବଲିଉଡ୍ ଅଭିନେତ୍ରୀ ଅନନ୍ୟା ପାଣ୍ଡେ 'କଲ୍ ମି ବେ' ଜରିଆରେ ଓଟିଟି ପ୍ଲାଟଫର୍ମରେ ଡେବ୍ୟୁ କରିବାକୁ ଯାଉଛନ୍ତି।
















ବାରବାଟୀ ଷ୍ଟାଡିୟମରେ ସୋମବାର ଅନୁଷ୍ଠିତ ଲିଜେଣ୍ଡ୍ସ ଲିଗ୍ କ୍ରିକେଟ ମ୍ୟାଚ ଟସ୍ ଅବସରରେ ଦୁଇ ଅଧିନାୟକ ଭିଲୱାରା କିଙ୍ଗ୍ସର ଇରଫାନ ପଠାନ ଓ ମଣିପାଲ ଟାଇଗର୍ସର ହରଭଜନ ସିଂ କରମର୍ଦ୍ଦନ କରୁଛନ୍ତି।

# ଲିଜେଣ୍ଡ୍ସ ଲଢ଼େଇରେ ଟାଇଗର୍ସର ବାଜିମାତ୍

**ଭୁବନେଶ୍ୱର, ୨୬।୯ (କ୍ରୀଡ଼ା ପ୍ରତିନିଧି)** କଟକର ବାରବାଟୀ ଷ୍ଟାଡିୟମ ଇତିହାସରେ ଯୋଡ଼ି ହୋଇଛି ନୂଆ ଫର୍ଦ୍ଦ। ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ମ୍ୟାଚର ମୂକସାକ୍ଷୀ ରହିଥିବା ଐତିହାସିକ ବାରବାଟୀରେ ଏଥର ଆୟୋଜନ ହୋଇଛି ଲିଜେଣ୍ଡ୍ସ ଲିଗ୍ କ୍ରିକେଟ ମ୍ୟାଚ। ସୋମବାର ପ୍ରଥମ ମ୍ୟାଚରେ ହରଭଜନ ସିଂଙ୍କ ନେତୃତ୍ୱାଧୀନ ମଣିପାଲ ଟାଇଗର୍ସ ଇରଫାନ ପଠାନଙ୍କ ଭିଲୱାରା କିଙ୍ଗ୍ସକୁ ୩ ରନ୍‌ରେ ପରାସ୍ତ କରିଛି। ମଣିପାଲ ଟାଇଗର୍ସ ୨୦ ଓଭରରେ ୮ ଉଇକେଟ ହରାଇ ୧୭୫ ରନ ସଂଗ୍ରହ କରିଥିଲା। ଜବାବରେ ଭିଲୱାରା କିଙ୍ଗ୍ସ ୨୦ ଓଭରରେ ୯ ଉଇକେଟ୍ ହରାଇ ୧୭୨ ରନ୍ କରିପାରିଥିଲା।

(ବିସ୍ତୃତ ବିବରଣୀ: ପୃଷ୍ଠା-୧୨)

# ଟଙ୍କା ମୂଲ୍ୟ ହ୍ରାସ ଅଣାୟତ୍ତ

## ୮୧.୬୩ ଟଙ୍କାରେ ପହଞ୍ଚିଲା ଡଲାର ମୂଲ୍ୟ

**ମୁମ୍ବାଇ, ୨୬।୯(ପି.ଟି.)**

ଆମେରିକୀୟ ଡଲାର ତୁଳନାରେ ଟଙ୍କା ସର୍ବକାଳୀନ ଦୁର୍ବଳ ସ୍ତରର ରେକର୍ଡ ଭାଙ୍ଗିଛି। ସୋମବାର ଟଙ୍କାର ମୂଲ୍ୟ ୫୪ ପଇସା ହ୍ରାସ ହୋଇଛି। ଫଳରେ ଡଲାରର ମୂଲ୍ୟ ୮୧.୬୩ ଟଙ୍କାକୁ ବୃଦ୍ଧି ପାଇଛି। ଗତ ଶୁକ୍ରବାର ୩୦ ପଇସା ହ୍ରାସ ପାଇ ଟଙ୍କା ମୂଲ୍ୟ ୮୧.୦୯ ହୋଇଥିଲା। ତେବେ ଲଗାତର ୪ କାରବାର ଦିବସରେ ଟଙ୍କା ମୂଲ୍ୟ ୧୯୩ ପଇସା ଖସିଥିବାବେଳେ ଡଲାର ମୂଲ୍ୟ ବର୍ତ୍ତମାନ ୨୦ ବର୍ଷର ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ଟଙ୍କାର ଏହି ଦୁର୍ବଳତା ଗାଁଠୁ ସହର ଯାଏ ସମସ୍ତଙ୍କୁ ପ୍ରଭାବିତ କରିବ। ଆମଦାନୀକାରୀ, ରପ୍ତାନିକାରୀ, ବିଦେଶରେ ପଢୁଥିବା ଛାତ୍ର, ନିବେଶକ, ସାଧାରଣ ଗ୍ରାହକଙ୍କୁ ପ୍ରଭାବିତ କରିବ।

ଅନେକ କାରଣରୁ ଟଙ୍କା ମୂଲ୍ୟ ହ୍ରାସ ହୋଇଥାଏ। ସବୁଠାରୁ ସାଧାରଣ କାରଣ ହେଉଛି ଡଲାରର ଚାହିଦା ବୃଦ୍ଧି। ସେହିପରି ଅନ୍ତର୍ଜାତୀୟ ବଜାରରେ ଯେକୌଣସି ଅସ୍ଥିରତା ଯୋଗୁ ନିବେଶକମାନେ ବ୍ୟସ୍ତ ହୋଇ ଡଲାର କିଣିନେଇଥାନ୍ତି। ଏଭଳି ପରିସ୍ଥିତିରେ ଡଲାରର ଚାହିଦା ବଢ଼ିଥାଏ ଏବଂ ଅନ୍ୟ ମୁଦ୍ରାର ମୂଲ୍ୟ ହ୍ରାସ ପାଇଥାଏ। ଶେୟାର ବଜାରରେ ଅସ୍ଥିରତା ମଧ୍ୟ ଟଙ୍କାର ମୂଲ୍ୟ ଉପରେ ପ୍ରଭାବ ପକାଇଥାଏ। ସଦ୍ୟତମ ପ୍ରମୁଖ କାରଣ ହେଲା ଗତ ବୁଧବାର ଆମେରିକାର କେନ୍ଦ୍ରୀୟ ବ୍ୟାଙ୍କ 'ଫେଡେରାଲ ରିଜର୍ଭ' ସୁଧହାର ୦.୭୫ ପ୍ରତିଶତ ବଢ଼ାଇବା ଏବଂ କଠୋର ଆଭିମୁଖ୍ୟ ବଜାୟ ରଖିବା ଆଶଙ୍କାରେ ଗତ ଗୁରୁବାର ଟଙ୍କା ମୂଲ୍ୟ ୮୩ ପଇସା ହ୍ରାସ ପାଇ ଡଲାର ମୂଲ୍ୟ ୮୦.୭୯ ଟଙ୍କା ହୋଇଥିଲା। କେବଳ ଟଙ୍କା ନୁହେଁ, ଅନ୍ୟ ଦେଶର ମୁଦ୍ରା ମୂଲ୍ୟ ମଧ୍ୟ ହ୍ରାସ ପାଇଛି। ୬ଟି ପ୍ରମୁଖ ମୁଦ୍ରା ତଥା ୟୁରୋ, ଜାପାନିଜ୍ ୟେନ୍, ବ୍ରିଟିଶ୍ ପାଉଣ୍ଡ (ଷ୍ଟର୍ଲିଂ), କାନାଡିଆନ ଡଲାର, ସ୍ୱିଡିଶ୍ କ୍ରୋନା ଓ ସୁଇସ୍ ଫ୍ରାଙ୍କ୍ ତୁଳନାରେ ଡଲାରର ଦୃଢ଼ତା ମାପୁଥିବା 'ଡଲାର ସୂଚକାଙ୍କ' ସର୍ବାଧିକ ସ୍ତର ୧୧୩.୭୧ରେ ପହଞ୍ଚିଛି। ଫୋରେକ୍ସ ବ୍ୟବସାୟୀଙ୍କ ମତରେ ଫେଡେରାଲ ରିଜର୍ଭ ସୁଧ ହାର ବୃଦ୍ଧି କରିବା ଏବଂ ରୁଷିଆ-ୟୁକ୍ରେନ ଯୁଦ୍ଧ ଯୋଗୁ ନିବେଶକମାନେ କୌଣସି ରିସ୍କ ନେବାକୁ ପଛଘୁଞ୍ଚା ଦେଉଛନ୍ତି। ଏଥିଯୋଗୁ ଅନ୍ତର୍ଜାତୀୟ ବଜାରରେ ଅସ୍ଥିରତା ଦେଖାଦେଉଛି। ଏଚ୍‌ଡିଏଫସି ସିକ୍ୟୁରିଟିଜ୍‌ର ଦିଲୀପ ପାରମାର କହିଛନ୍ତି ଯେ ଫେଡେରାଲ ରିଜର୍ଭ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**କଂଗ୍ରେସ ଅଧ୍ୟକ୍ଷ**

# କ୍ଷମା ମାଗିଲେ ଗେହଲଟ

**ରାଜସ୍ଥାନ କଂଗ୍ରେସରେ ବିଦ୍ରୋହ**

## ସୋନିଆଙ୍କୁ ଭେଟିଲେ କମଲନାଥ

**ଜୟପୁର, ୨୬।୯:** ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍ କଂଗ୍ରେସ ଅଧ୍ୟକ୍ଷ ପଦ ଲାଗି ନିର୍ବାଚନ ଲଢ଼ିବାକୁ ଯାଉଥିବାବେଳେ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବାକୁ ବିରୋଧ କରି ତାଙ୍କର ପ୍ରାୟ ୯୦ ଜଣ ସମର୍ଥକ ବିଧାୟକ ରବିବାର ରାତିରେ ବିଦ୍ରୋହ କରିବା ସହ ସମୂହ ଇସ୍ତଫା ଲାଗି ଧମକ ଦେଇଥିଲେ। ଏଥିପାଇଁ ଗେହଲଟ୍ ସୋମବାର କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ମଲ୍ଲିକାର୍ଜୁନ ଖାର୍ଗେଙ୍କୁ କ୍ଷମା ମାଗିଥିବା ଜଣାପଡ଼ିଛି। ବିଧାୟକମାନଙ୍କ ସମାନ୍ତରାଳ ବୈଠକ ଡାକିବା କାରଣରୁ ବିଦ୍ରୋହର ସୂତ୍ରପାତ ହେଲା। ଏଭଳି ଭୁଲ୍ ହେବାର ନ ଥିଲା ବୋଲି ଗେହଲଟ୍ କହିଛନ୍ତି। ଗେହଲଟ୍ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବାକୁ ବିରୋଧ କରି ତାଙ୍କ ଅନୁଗତ ବିଧାୟକମାନେ ଇସ୍ତଫା ଧମକ ଦେଇଥିବାବେଳେ ଏଥିରେ ତାଙ୍କର କିଛି କରିବାର ନାହିଁ ବୋଲି ରବିବାର ସେ କହିଥିଲେ। ତେବେ ତାଙ୍କ ସହମତି ବିନା ଏଭଳି ବିଦ୍ରୋହ ହୋଇପାରି ନ ଥାନ୍ତା ବୋଲି ଖାର୍ଗେ କହିଥିଲେ। ଗେହଲଟ୍ କ୍ଷମା ମାଗିବା ସତ୍ତ୍ୱେ ଗାନ୍ଧୀ ପରିବାର ତାଙ୍କ ଉପରେ କ୍ଷୁବ୍ଧ ଥିବା କୁହାଯାଉଛି। ☞ପୃଷ୍ଠା-୨

# ବୁକିଂ କରିଥିଲେ ଜରିମାନା ଲାଗିବନି

**ଭୁବନେଶ୍ୱର, ୨୬।୯ (ବ୍ୟୁରୋ)**

ହାଇ ସିକ୍ୟୁରିଟି ରେଜିଷ୍ଟ୍ରେଶନ ପ୍ଲେଟ୍ (ଏଚ୍‌ଏସ୍‌ଆର୍‌ପି) ଲଗାଇବା ନିମନ୍ତେ ବୁକିଂ କରିଥିବା ଗାଡ଼ି ମାଲିକଙ୍କ ପାଇଁ ଆଶ୍ୱସ୍ତି ମିଳିଛି। ଯେଉଁମାନଙ୍କ ପାଖରେ ବୁକିଂ ସ୍ଲିପ୍ ଥିବ, ଅକ୍ଟୋବର ପହିଲା ସୁଦ୍ଧା ରେଜିଷ୍ଟ୍ରେଶନ ପ୍ଲେଟ୍ ଲଗାଇ ନ ଥିଲେ ସେମାନଙ୍କଠାରୁ ଜରିମାନା ଆଦାୟ କରାଯିବ ନାହିଁ। ସୋମବାର ଏ ନେଇ ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ)ଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁସାରେ,

**ଏଚ୍‌ଏସ୍‌ଆର୍‌ପି ପାଇଁ ନିର୍ଦ୍ଦେଶନାମା**

ଯଦି ଅନ୍‌ଲାଇନ ବୁକିଂ ସ୍ଲିପ୍ ଥିବ, ତେବେ ୧୯ ଏପ୍ରିଲ ୧ ତାରିଖ ପୂର୍ବରୁ ପଞ୍ଜୀକୃତ ହୋଇଥିବା କୌଣସି ପୁରୁଣା ଯାନ ପାଇଁ ଜରିମାନା କିମ୍ବା ଇ-ଚାଲାଣ କଟାଯିବ ନାହିଁ। ଯେଉଁ ଯାନବାହନଗୁଡ଼ିକର ଶେଷ ନମ୍ବର ୧, ୨, ୩ ଓ ୪ ରହିଛି, ସେମାନଙ୍କ ପାଇଁ ସେପ୍ଟେମ୍ବର ୩୦କୁ ଏଚ୍‌ଏସ୍‌ଆର୍‌ପି ଲଗାଇବାର ଶେଷ ସମୟ ଧାର୍ଯ୍ୟ କରାଯାଇଥିବା ☞ପୃଷ୍ଠା-୨

# ଏସ୍‌ସିବି ମେଡିକାଲରୁ ଶିଶୁ ଚୋରି ଅଭିଯୋଗ

## ମିଳିଲା ଶିଶୁକନ୍ୟା, ଶିଶୁପୁତ୍ରକୁ ନେଇ ତନାଘନା

**କଟକ ଅଫିସ, ୨୬।୯**

ଏସ୍‌ସିବି ମେଡିକାଲରୁ ସୋମବାର ଏକ ଶିଶୁକନ୍ୟା ଚୋରିକୁ ନେଇ ମେଡିକାଲ କର୍ତ୍ତୃପକ୍ଷ ଏବଂ ମଙ୍ଗଳାବାଗ ଥାନା ପୋଲିସକୁ ନାକେଦମ୍ ହେବାକୁ ପଡ଼ିଛି। ଏହି ଚୋରି ଅଭିଯୋଗର ତଦନ୍ତ କରିବାବେଳେ ପୋଲିସକୁ ଅନ୍ୟ ଏକ ଶିଶୁପୁତ୍ର ନିଖୋଜର ତଥ୍ୟ ମିଳିଛି। ଶିଶୁକନ୍ୟା ପରବର୍ତ୍ତୀ ସମୟରେ ମିଳିଥିବାବେଳେ ଖବର ଲେଖାହେବା ପର୍ଯ୍ୟନ୍ତ ଶିଶୁପୁତ୍ରର କୌଣସି ସନ୍ଧାନ ମିଳି ନ ଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ମେଡିକାଲର ପ୍ରସୂତି ବିଭାଗରେ ପୁରୀ ଜିଲା ଚନ୍ଦନପୁର ଥାନା ଅଞ୍ଚଳର ତୋଫାନ କୁମାର ଜେନାଙ୍କ ସ୍ତ୍ରୀ ଗତ ଗୁରୁବାର ଜାଆଁଳା କନ୍ୟା ସନ୍ତାନ ଜନ୍ମ ଦେଇଥିଲେ। ସେମାନଙ୍କ ମଧ୍ୟରୁ ଜଣେ ସୁସ୍ଥ ଥିବାବେଳେ ଅନ୍ୟ ଜଣେ ଜଣ୍ଡିସ୍‌ରେ ଆକ୍ରାନ୍ତ ହୋଇଥିବା ଡାକ୍ତର ସୋମବାର କହିଥିଲେ। ଏକ ଶିଶୁକନ୍ୟା ମାଆ ସହିତ ପ୍ରସୂତି ୱାର୍ଡରେ ଚିକିତ୍ସାଧୀନ ରହିଥିବାବେଳେ ଜଣ୍ଡିସ ଆକ୍ରାନ୍ତ ଶିଶୁ କନ୍ୟାକୁ ଏସ୍‌ଏନ୍‌ସିୟୁକୁ ସ୍ଥାନାନ୍ତର ☞ପୃଷ୍ଠା-୨






# ପ୍ରେମବିବାହ କରାଇଦେବାକୁ ସମଲେଇଙ୍କୁ ଚିଠି

**ସମ୍ବଲପୁର, ୨୬।୯ (ବ୍ୟୁରୋ)**

ନିଜ ପ୍ରେମକୁ ପାଇବା ପାଇଁ ବର୍ତ୍ତମାନ ସମୟରେ ଯୁବତୀଯୁବକ ଭିନ୍ନ ଭିନ୍ନ ପନ୍ଥା ଅବଲମ୍ବନ କରୁଛନ୍ତି। କେହିକେହି ଠାକୁରଙ୍କ ନିକଟରେ ଗୁହାରି ପକାଉଛନ୍ତି। ନିଜର ମନସ୍କାମନା ପୂର୍ଣ୍ଣ ପାଇଁ ମାନସିକ ମଧ ରଖୁଛନ୍ତି। ହେଲେ ଏବେ ଜଣେ ଯୁବତୀ ମନ୍ଦିର ହୁଣ୍ଡି ବାକ୍ସରେ ଏକ ଚିଠି ପକାଇ ନିଜର ପ୍ରେମ ବିବାହକୁ ସାକାର କରାଇଦେବାକୁ ମା'ସମଲେଇଙ୍କୁ ନିବେଦନ କରିଥିବା ଜାଣିବାକୁ ମିଳିଛି। ଏହି ଘଟଣା ଏବେ ଜିଲାରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି।

ସୂଚନା ଅନୁଯାୟୀ ରବିବାର ପୂର୍ବାହ୍ନରେ ସମ୍ବଲପୁର ଅଧିଷ୍ଠାତ୍ରୀ ମା' ସମଲେଇ ମନ୍ଦିରରେ ହୁଣ୍ଡି ଖୋଲାଯାଇଥିଲା। ଏଥିରୁ ଟଙ୍କା, ସିନ୍ଦୂର, ବେଲପତ୍ର ଭଳି ସାମଗ୍ରୀ ସହ ୪ ଗୋଟି ହାତଲେଖା ଚିଠି ବାହାରିଥିଲା। ଏଥିମଧ୍ୟରୁ ତେଲୁଗୁ ଓ ବଙ୍ଗଳା ଭାଷାରେ ୨ଟି ଏବଂ ଓଡ଼ିଆରେ ଲେଖାଥିବା ୨ଟି ଚିଠି ରହିଥିଲା। ଓଡ଼ିଆରେ ଲେଖା ହୋଇଥିବା ଚିଠିରେ ଜଣେ ଯୁବତୀ ଉଲ୍ଲେଖ କରିଛନ୍ତି, "ଜୟ ମାଁ ସମଲେଇ, ମାଁ ଗୋ ମୋର ଜୁହାର ଗ୍ରହଣ କରିବୁ, ମୁଇଁ ତୋର ନିକେ ଗୁଟେ ଆଶା ନେଇ ଆସିଛେ। ତୁଇ ମାଁ ଗୋ ମୋର ପ୍ୟାର ରବୀନ୍ଦ୍ର ସାଙ୍ଗରେ ସମସ୍ତଙ୍କ ସହମତିରେ ବିବାହ କରାଇ ଦେ। ଜୟ ମାଁ ଜଗତ୍‌ଜନନୀ କି ଜୟ" ବୋଲି ଉଲ୍ଲେଖ ରହିଛି। ସେହିପରି ☞ପୃଷ୍ଠା-୨

**ହୁଣ୍ଡିରୁ ବାହାରିବା ପରେ ଚର୍ଚ୍ଚା**



ମା' ସମଲେଇଙ୍କ ହୁଣ୍ଡିରୁ ବାହାରିଥିବା ଚିଠି।

**ଆଜିର ମନ୍ତବ୍ୟ**

"ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍‌ଙ୍କ ଅନୁଗତମାନେ ବିଶୃଙ୍ଖଳିତ। ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ବଛାଯିବା ପାଇଁ କଂଗ୍ରେସର ପ୍ରସ୍ତାବ ଉପରେ ସେମାନଙ୍କ ସର୍ତ୍ତ ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ଛଡ଼ା କିଛି ନୁହେଁ।

–ଅଜୟ ମାକେନ, କଂଗ୍ରେସ ନେତା

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ରୋପ୍ ରତନ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବଇଦ, ପଇଡ଼, ମଦଘଡା
କାମ ସଇଲେ ଗଡ଼ଗଡା।**

ରୋଗ ଭଲ ହୋଇଗଲାପରେ ଆଉ ବଇଦକୁ ଲୋଡ଼ା ଯାଇ ନ ଥାଏ। ପଇଡ଼ରୁ ପାଣି ପିଇ ସାରିବା ପରେ ତାହା ଅଲୋଡ଼ା ହୋଇ ଯାଇଥାଏ। ସେହିପରି ମଦ ପିଇ ସାରିବା ପରେ ମଦଘଡା ବା ମଦ ବୋତଲକୁ ଅଦରକାରୀ ଭାବେ ବାହାରକୁ ଫିଙ୍ଗି ଦିଆଯାଇଥାଏ। ଉପକୃତ ହେବା ପରେ ଉପକାର କରିଥିବା ବ୍ୟକ୍ତି ଆଖୋଜା ଅଲୋଡ଼ା ହୋଇ ରହିଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ବ୍ରାହ୍ମଣ ରଜା, ଖଣ୍ଟ ପରଜା
ଦଉଡ଼ ଆମ୍ବିଳ, ଶୀତଳ ଭଜା
ଏ ବଡ଼ ମନ୍ଦା।**

ବ୍ରାହ୍ମଣ ରାଜ୍ୟର ଶାସନ ଭାର ତୁଲାଇବାରେ ସେତେ ସକ୍ଷମ ହୋଇ ନ ଥାନ୍ତି, ଫଳରେ ଦେଶରେ ନାନା ଅରାଜକତା ଦେଖାଦିଏ। ପ୍ରଜା ଚୋର ବା ଖଣ୍ଟ ହେଲେ ନାନା ବିଶୃଙ୍ଖଳା ସୃଷ୍ଟି ହେବା ସହ ଲୋକଙ୍କ ଧନଜୀବନ ଅସୁରକ୍ଷିତ ହୋଇଯାଏ। ଗରମ ଆମ୍ବିଳ ଖାଇବାକୁ ଭଲ ଲାଗି ନ ଥାଏ। ସେହିପରି ଭଜା ଶୀତଳ ହେଲେ ପାଟିକୁ ରୁଚୁ ନ ଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

# ଭଡ଼ାଘରୁ ଯୁବକଙ୍କ ମୃତଦେହ ଜବତ

**କଟକ ଅଫିସ,୨୬।୯:** ଚାଉଳିଆଗଞ୍ଜ ଥାନା ପୋଲିସ ଏକ ଭଡ଼ାଘରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ସୋମବାର ଜବତ କରିଛି। ମୃତକ ହେଲେ ଢେଙ୍କାନାଳ ଜିଲା ଗଁଦିଆ ଥାନା ଅନ୍ତର୍ଗତ ଖଙ୍କାର ଗ୍ରାମର ବାସିନ୍ଦା ଅସିତ କୁମାର ନାୟକ (୨୫)। ସେ ଶିଖରପୁର ନଦୀକୂଳ ସାହିରେ ଏକ ଭଡ଼ାଘରେ ରହୁଥିଲେ। ପୋଲିସ ଏନେଇ ସୂଚନା ପାଇବା ପରେ ଘଟଣାସ୍ଥଳରେ ପହଞ୍ଚି ଝୁଲନ୍ତା ମୃତଦେହ ଜବତ କରିଥିଲା। ପୋଲିସ ମୃତଦେହକୁ ଏସ୍‌ସିବି ମେଡିକାଲରେ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୨୦/୨୦୨୨) ରୁଜୁ ହୋଇଛି। ତେବେ ମୃତ୍ୟୁର କାରଣ ସ୍ପଷ୍ଟ ହୋଇପାରିନାହିଁ। ଏ ନେଇ ତଦନ୍ତ ଜାରି ରହିଥିବା ପୋଲିସ କହିଛି।

# ୧ରେ ସମ୍ବର୍ଦ୍ଧିତ ହେବେ ୯୯୦୦ ବରିଷ୍ଠ ମତଦାତା

**ଭୁବନେଶ୍ୱର,୨୬।୯(ବ୍ୟୁରୋ):** ଭାରତର ନିର୍ବାଚନ ଆୟୋଗ ଏକ ସଶକ୍ତ, ସୁଦୃଢ଼ ନିର୍ବାଚନ ପାଇଁ ନିରନ୍ତର ପ୍ରୟାସ ଜାରି ରଖିଛନ୍ତି। କୌଣସି ଭୋଟର ଯେପରି ମତଦାନରୁ ବାଦ୍ ନ ପଡ଼ନ୍ତି ସେଥିପାଇଁ ପ୍ରତ୍ୟେକ ଭୋଟରଙ୍କ ପାଇଁ ବିଭିନ୍ନ ସୁବିଧା ଉପଲବ୍ଧ ଅଛି। ବରିଷ୍ଠ ନାଗରିକ (୮୦ବର୍ଷ ବୟସ ବର୍ଗ) ଏବଂ ଦିବ୍ୟାଙ୍ଗ ମତଦାତାଙ୍କ (ଶତକଡ଼ା ୪୦ ପ୍ରତିଶତ ବା ଅଧିକ ଭିନ୍ନକ୍ଷମ) ଅଧିକରୁ ଅଧିକ ଯୋଗଦାନକୁ ସୁନିଶ୍ଚିତ କରିବା ପାଇଁ ଭାରତ ନିର୍ବାଚନ ଆୟୋଗ ହ୍ୱିଲ୍ ଚେୟାର, ରାମ୍ପ୍, ସ୍ୱେଚ୍ଛାସେବୀ, ନିଃଶୁଳ୍କ ଯାତାୟାତ ସୁବିଧା, ଧାଡିରହିତ ମତଦାନ ଭଳି ଅନେକ ନୂତନ ସୁବିଧାଗୁଡିକର ବ୍ୟବସ୍ଥା କରିଛନ୍ତି ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ କହିଛନ୍ତି।

ମୁଖ୍ୟ ନିର୍ବାଚନ ଅଧିକାରୀ ସମସ୍ତ ୧୦୦ ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କୁ ଶୁଭେଚ୍ଛା ଜଣାଇ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ କହିଛନ୍ତି ଯେ, ସେମାନେ ଫର୍ମ-୧୨ଘ ପୂରଣ କରି ନିଜ ଘରେ ବସି ମତଦାନ ସାବ୍ୟସ୍ତ କରିପାରିବେ। ଆନ୍ତର୍ଜାତିକ ବରିଷ୍ଠ ଦିବସ ଅବସରରେ ଆସନ୍ତା ୧ ତାରିଖରେ ମୁଖ୍ୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ୧୦୦ ବର୍ଷରୁ ଉର୍ଦ୍ଧ୍ୱ ୯୯୦୦ ଭୋଟରଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ଏକ ପତ୍ର ପ୍ରେରଣ କରାଯାଇଛି।

# ସୁମିତା ସର୍କାର ହେଲେ ମାଧ୍ୟମିକ ଶିକ୍ଷା ପରିଷଦ ସମ୍ପାଦକ

**ଭୁବନେଶ୍ୱର,୨୬।୯(ବ୍ୟୁରୋ)**

କଟକ ମହାନଗର ନିଗମ(ସିଏମ୍‌ସି) ଅତିରିକ୍ତ କମିଶନର ତଥା ବରିଷ୍ଠ ଓଏଏସ୍ ଅଧିକାରୀ ସୁମିତା ସର୍କାରଙ୍କୁ କଟକ ସ୍ଥିତ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ସମ୍ପାଦକ ଭାବେ ନିଯୁକ୍ତି ମିଳିଛି। ସୋମବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି କରାଯାଇଥିବା ବିଜ୍ଞପ୍ତି ଅନୁଯାୟୀ, ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡ ସମ୍ପାଦକ ତଥା ବରିଷ୍ଠ ଓଏଏସ୍ ଶ୍ରୀକାନ୍ତ ତରାଇଙ୍କୁ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି। ସେ ଅତିରିକ୍ତ ଭାବେ ଅନୁସୂଚିତ ଜନଜାତି ନିର୍ଦ୍ଦେଶକ ଦାୟିତ୍ୱ ତୁଲାଇବେ। ସେହିପରି ବରିଷ୍ଠ ଓଏଏସ୍ ରେଣୁପ୍ରଭା ନାୟକଙ୍କୁ ସମବାୟ ବିଭାଗର ଅତିରିକ୍ତ ସଚିବ ଓ ବରେନ୍ଦ୍ରନାଥ ଧଳଙ୍କୁ କଟକ ସ୍ଥିତ ବୋର୍ଡ ଅଫ ରେଭିନ୍ୟୁର ଉପସଚିବ ଭାବେ ବଦଳି କରାଯାଇଛି।

# ଆସନ୍ତା ଶିକ୍ଷାବର୍ଷରୁ ୪୦ ହାଇସ୍କୁଲରେ ଯୁକ୍ତ୨ ଖୋଲିବ

**ଭୁବନେଶ୍ୱର, ୨୬।୯(ବ୍ୟୁରୋ)**

ଆସନ୍ତା ୨୦୨୩-୨୪ ଶିକ୍ଷାବର୍ଷରୁ ରାଜ୍ୟର ୪୦ଟି ହାଇସ୍କୁଲ୍‌ରେ ଏକାଦଶ (ଯୁକ୍ତ୨) ଶ୍ରେଣୀ ଖୋଲିବ। ଏଥିସହ ଏସବୁ ସ୍କୁଲରେ ଏକାଦଶ ପାଠ ପଢ଼ାହେବ। ଏ ନେଇ ସୋମବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏହି ସ୍କୁଲଗୁଡ଼ିକରେ ଏକାଦଶ ଖୋଲିବା ପାଇଁ ଶିକ୍ଷକ ନିଯୁକ୍ତି ଓ ଅନ୍ୟାନ୍ୟ ପ୍ରକ୍ରିୟା ଚାଲିଛି। ସ୍ୱତନ୍ତ୍ର ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ୫-ଟି ଅନ୍ତର୍ଗତ ରୂପାନ୍ତରୀକରଣ ହୋଇଥିବା ସ୍କୁଲକୁ ଅପ୍‌ଗ୍ରେଡ୍ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଆସନ୍ତା ଶିକ୍ଷା ବର୍ଷରୁ ୪୦ ସ୍କୁଲର ଅପଗ୍ରେଡେଶନ କାମ ଶେଷକରି ପାଠପଢ଼ା ଆରମ୍ଭ କରାଯିବ। କଲେଜ ନ ଥିବା ଉପାନ୍ତ ଅଞ୍ଚଳରେ ଛାତ୍ରୀଛାତ୍ରଙ୍କ ଅସୁବିଧାକୁ ଦେଖି ରାଜ୍ୟ ସରକାର ଏହି ପ୍ରୟାସ ଆରମ୍ଭ କରିଛନ୍ତି।

ପ୍ରଥମ ପୃଷ୍ଠାରୁ...

## ଟଙ୍କା ମୂଲ୍ୟ...

ଦ୍ୱାରା କଡ଼ା ଆଭିମୁଖ୍ୟ ଏବଂ ରୁଷିଆ-ୟୁକ୍ରେନ ତିକ୍ତତା ବୃଦ୍ଧି ଦ୍ୱାରା ଡଲାର ମୂଲ୍ୟ ଅନ୍ୟ ପ୍ରମୁଖ ମୁଦ୍ରାଗୁଡ଼ିକ ତୁଳନାରେ ବୃଦ୍ଧି ପାଇଛି। ଅନ୍ୟ ଏସୀୟ ମୁଦ୍ରା ପରି ଟଙ୍କା ମୂଲ୍ୟର ମଧ୍ୟ ରେକର୍ଡ ହ୍ରାସ ଘଟିଛି। ଘରୋଇ ଅର୍ଥନୀତି ସ୍ଥିତି ଦୃଢ଼ ହେବା ପରେ ମଧ୍ୟ ଟଙ୍କା ମୂଲ୍ୟର ବର୍ତ୍ତମାନ ଧାରା ଆଗକୁ ଜାରି ରହିପାରେ ବୋଲି ପାରାଗ କହିଛନ୍ତି। ଟଙ୍କା ଦୁର୍ବଳ ଯୋଗୁ ଭାରତର ଆମଦାନୀ ବିଲ୍ ବୃଦ୍ଧି ପାଇବ। ପୂର୍ବ ଅପେକ୍ଷା ଆମଦାନୀ ପାଇଁ ଭାରତକୁ ଅଧିକ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ। ଆମଦାନୀ ଉପରେ ନିର୍ଭରଶୀଳ କମ୍ପାନୀଗୁଡ଼ିକର ମାର୍ଜିନ କମ୍ ରହିବ। ଫଳରେ ସେମାନେ ସାମଗ୍ରୀର ମୂଲ୍ୟ ବୃଦ୍ଧି କରି କ୍ଷତିପୂରଣ ପାଇବେ। ଏହା ମୁଦ୍ରାସ୍ଫୀତି ବୃଦ୍ଧି କରିବ। ପେଟ୍ରୋଲିୟମ ଉତ୍ପାଦ, ବିଦେଶ ଭ୍ରମଣ, ବିଦେଶରୁ ସେବା ନେବା ମଧ୍ୟ ମହଙ୍ଗା ହେବ। ଟଙ୍କାର ଦୁର୍ବଳତା ବୈଦେଶିକ ମୁଦ୍ରା ଭଣ୍ଡାରକୁ ଦୁର୍ବଳ କରିଥାଏ। ରାଜକୋଷ ଖାଲି କରିଦେଇଥାଏ, ଯାହାକି ଦେଶର ଅର୍ଥନୀତି ପାଇଁ ଗୁରୁତର ଚିନ୍ତାର ବିଷୟ। ଏହି ସମୟରେ ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର ମଧ୍ୟ ତୀବ୍ର ହ୍ରାସ ପାଇଛି। ଟଙ୍କାର ସ୍ଥିତି ନିୟନ୍ତ୍ରଣ ପାଇଁ ଆର୍‌ବିଆଇ ଖୋଲା ବଜାରରେ ଡଲାର ବିକ୍ରି କରୁଛି। କିନ୍ତୁ ଏହି ପ୍ରୟାସ ପର୍ଯ୍ୟାପ୍ତ ନୁହେଁ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

ଅନ୍ୟପକ୍ଷରେ ଟଙ୍କା ଦୁର୍ବଳ ଦ୍ୱାରା ବିଦେଶରେ କାର୍ଯ୍ୟ କରୁଥିବା ଆଇଟି କମ୍ପାନୀଗୁଡ଼ିକର ରୋଜଗାର ବୃଦ୍ଧି ପାଇବ, ଫାର୍ମା ସେକ୍ଟରର ରପ୍ତାନି ମଧ୍ୟ ବୃଦ୍ଧି ପାଇବ, ବୟନ କ୍ଷେତ୍ର ଲାଭ କରିବ। ଟେକ୍ସଟାଇଲ ରପ୍ତାନିର ବିଶ୍ୱ ମାନ୍ୟତାରେ ଭାରତ ବର୍ତ୍ତମାନ ଦ୍ୱିତୀୟ ସ୍ଥାନରେ ରହିଛି। ଟଙ୍କାର ଦୁର୍ବଳ ଧାରା ଏହି କ୍ଷେତ୍ରକୁ ବହୁତ ଲାଭ ଦେବ।

### ସୁଧହାର ବୃଦ୍ଧି ଘଟିପାରେ

ଟଙ୍କା ମୂଲ୍ୟରେ ହ୍ରାସ ଯୋଗୁ ମୁଦ୍ରାସ୍ଫୀତି ବୃଦ୍ଧି ଘଟୁଛି। ମୁଦ୍ରାସ୍ଫୀତି ନିୟନ୍ତ୍ରଣ ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)କୁ ସୁଧହାର ବୃଦ୍ଧି କରିବାକୁ ପଡ଼ିଥାଏ। ମୁଦ୍ରାସ୍ଫୀତି ନିୟନ୍ତ୍ରଣ ପାଇଁ ଆର୍‌ବିଆଇ ଗତ ୪ ମାସ ମଧ୍ୟରେ ସୁଧହାର ୧.୪ ପ୍ରତିଶତ ବୃଦ୍ଧି କରିଛି। ଚଳିତମାସ ଶେଷ ସୁଦ୍ଧା ଆର୍‌ବିଆଇ ପୁଣି ଥରେ ସୁଧହାର ବୃଦ୍ଧି ଘଟାଇପାରେ ବୋଲି ବଜାର ବିଶେଷଜ୍ଞମାନେ କହୁଛନ୍ତି। ତେବେ ସୁଧହାର ବୃଦ୍ଧି ଯୋଗୁ ଋଣ ନେଇଥିବା ବ୍ୟକ୍ତିଙ୍କ ଇଏମ୍‌ଆଇ ବୃଦ୍ଧି ପାଇଛି। ଋଣ ମହଙ୍ଗା ହେଉଥିବାରୁ ଏମ୍‌ଏସ୍‌ଏମ୍‌ଇ, ରିଅଲ ଇଷ୍ଟେଟ ଆଦି କ୍ଷେତ୍ର ଉପରେ ଚାପ ପଡୁଛି। ଏଥିରୁ ରୋଜଗାର ବୃଦ୍ଧିରେ ବାଧା ସୃଷ୍ଟି ହେଉଛି। ବିଶେଷଜ୍ଞମାନେ କହିଛନ୍ତି ଯେ ମୁଦ୍ରାସ୍ଫୀତି ରୋକିବାର ଉପାୟଗୁଡ଼ିକ ଦ୍ୱାରା ଅର୍ଥବ୍ୟବସ୍ଥାର ଚକ ଗଡ଼ିବା ବନ୍ଦ ହୋଇଯିବ।

## ପ୍ରେମବିବାହ କରାଇଦେବାକୁ...

ଅନ୍ୟ ଏକ ଚିଠିରେ ଜଣେ ଯୁବକ ନିଟ୍ ପରୀକ୍ଷାରେ ସଫଳତା ପାଇବା ଆଶାରେ ମା'ଙ୍କୁ ନିବେଦନ କରିଛନ୍ତି। ଏ ସମ୍ପର୍କରେ ମନ୍ଦିର ଟ୍ରଷ୍ଟ ସଭାପତି ସଞ୍ଜୟ ବାବୁ କହିଛନ୍ତି, ଅଧିକାଂଶ ସମୟରେ ଏଭଳି ଚିଠି ହୁଣ୍ଡିରୁ ବାହାରିଥାଏ। ମା'ଙ୍କ ପାଖରେ ଭକ୍ତମାନେ ଗୁହାରି କରିବା ପାଇଁ ଭିନ୍ନ ପନ୍ଥା ଆପଣେଇଥାନ୍ତି। ଝିଅ ବିବାହ, ଚାକିରି, ବଦଳି, ଚାକିରିରେ ପଦୋନ୍ନତି, ପରିବାରରେ ଶାନ୍ତି ଆଣିଦେବା, ଦମ୍ପତିଙ୍କ ମନୋମାଳିନ୍ୟ ବନ୍ଦ କରାଇବା ଭଳି ଅନେକ ସମସ୍ୟା ଉପରେ ଭକ୍ତମାନେ ଚିଠି ଲେଖି ଗୁହାରି କରନ୍ତି। ଚିଠି ଦେବା ସହିତ ନଡିଆ, ଫୁଲ ଦେବାକୁ କହି ମା'ଙ୍କ ନିକଟରେ ମାନସିକ କରନ୍ତି। ଏହା ନୂଆ କଥା ନୁହେଁ। ହେଲେ ଜଣେ ଯୁବତୀ ତାଙ୍କ ମନର କଥାକୁ ମା'ଙ୍କୁ ଜଣାଇବା ପାଇଁ ହୁଣ୍ଡି ମାଧ୍ୟମରେ ପତ୍ର ଲେଖି ପକାଇବା ତାଙ୍କର ମା'ଙ୍କ ପ୍ରତି ସମର୍ପଣ ଭାବକୁ ବୁଝାଉଛି। ହୁଣ୍ଡିରୁ ନଗଦ ୪ ଲକ୍ଷ ୫୯ ହଜାର ଟଙ୍କା ବାହାରିଥିଲା। ପ୍ରାୟ ୨ମାସ ପରେ ହୁଣ୍ଡି ଖୋଲାଯାଇଥିଲା ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟ୍ରଷ୍ଟ ସଦସ୍ୟ ପ୍ରଫୁଲ୍ଲ ହୋତା, ହେମନ୍ତ ମିଶ୍ର, ଦେବୋତ୍ତର ବିଭାଗ ଅଧିକାରୀ, ପୋଲିସ ଅଧିକାରୀ, ସ୍ଥାନୀୟ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ।

## କ୍ଷମା ମାଗିଲେ...

ସେପଟେ ରାଜସ୍ଥାନ ମୁଖ୍ୟମନ୍ତ୍ରୀଙ୍କୁ କଂଗ୍ରେସ ଅଧ୍ୟକ୍ଷ ନିର୍ବାଚନରେ ସାମିଲ କରାଯାଇ ନ ପାରେ ବୋଲି ମଧ୍ୟ ଏକ ସୂତ୍ରରୁ ଜଣାପଡ଼ିଛି। ମଙ୍ଗଳବାର ସେ ନାମାଙ୍କନପତ୍ର ଦାଖଲ କରିବାର ଥିଲା। ଏହି ପଦବୀ ଲାଗି ଅନ୍ୟତମ ଦାବିଦାର କୁହାଯାଉଥିବା ବରିଷ୍ଠ ନେତା କମଲନାଥ ସୋମବାର ସନ୍ଧ୍ୟାରେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ଭେଟିଛନ୍ତି। ସେ ରାଜସ୍ଥାନ ସଙ୍କଟରେ ମଧ୍ୟସ୍ଥତା କରିପାରନ୍ତି ବୋଲି କୁହାଯାଉଛି।

ଗେହଲଟ୍‌ଙ୍କ ତୀବ୍ର ପ୍ରତିଦ୍ୱନ୍ଦ୍ୱୀ ଭାବେ ଜଣାଶୁଣା ବରିଷ୍ଠ ନେତା ସଚିନ ପାଇଲଟ୍‌ଙ୍କୁ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭାବେ ଗ୍ରହଣ କରିବେ ନାହିଁ ବୋଲି ଅନୁଗତ ବିଧାୟକମାନେ କହିବା ସହ ସମୂହ ଇସ୍ତଫା ଧମକ ଦେଇଥିଲେ। ସେମାନେ ରବିବାରର ଦଳୀୟ ବୈଠକରୁ ଦୂରେଇ ରହିବା ସହ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ମଲ୍ଲିକାର୍ଜୁନ ଖାର୍ଗେ ଏବଂ ଅଜୟ ମାକେନଙ୍କୁ ଭେଟିବାକୁ ମନା କରିଦେଇଥିଲେ। ଗେହଲଟ୍ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିଲେ ରାଜସ୍ଥାନରେ ଦଳ ବଡ଼ କ୍ଷତିର ସମ୍ମୁଖୀନ ହେବ ବୋଲି ମନ୍ତ୍ରୀ ଶାନ୍ତି ଧରିୱାଲଙ୍କ ବାସଭବନରେ ହୋଇଥିବା ଅନୁଗତ ବିଧାୟକଙ୍କ ବୈଠକରେ କୁହାଯାଇଥିଲା। ଗେହଲଟ୍‌ଙ୍କ ଘନିଷ୍ଠ ବିଧାୟକ ଧରିୱାଲ ସୋମବାର କହିଛନ୍ତି, କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଏବଂ ରାଜସ୍ଥାନ ଦାୟିତ୍ୱରେ ଥିବା ଦଳ ପ୍ରଭାରୀ ଅଜୟ ମାକେନ ସେମାନଙ୍କ ବିରୋଧୀ ସଚିନ ପାଇଲଟ୍‌ଙ୍କ ପାଇଁ କାର୍ଯ୍ୟ କରୁଥିଲେ। ଗେହଲଟ୍‌ଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ହଟାଇବା ପାଇଁ ସେମାନେ ବଡ଼ ଷଡ଼ଯନ୍ତ୍ର ରଚିଥିଲେ ବୋଲି ଧରିୱାଲ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ରାଜସ୍ଥାନ ବିଧାନସଭାରେ କଂଗ୍ରେସର ମୁଖ୍ୟ ହୁଇପ୍ ଥିବା ମହେଶ ଜୋଷୀ ସୋମବାର କହିଛନ୍ତି, ଯିଏ ମୁଖ୍ୟମନ୍ତ୍ରୀ ହେବାରେ ବିଧାୟକମାନଙ୍କର ଆପତ୍ତି ନାହିଁ। ତେବେ ସମସ୍ତଙ୍କ ସହମତିରେ ହାଇକମାଣ୍ଡ ଚୂଡ଼ାନ୍ତ ନିଷ୍ପତ୍ତି ନେବା ଆବଶ୍ୟକ ବୋଲି ସେ କହିଛନ୍ତି।

ଦୁଇ ପର୍ଯ୍ୟବେକ୍ଷକ ଦିଲ୍ଲୀ ଫେରିଯାଇ ଦଳୀୟ ସଙ୍କଟ ସମ୍ପର୍କରେ ହାଇକମାଣ୍ଡଙ୍କୁ ଅବଗତ କରାଇଥିଲେ। କଂଗ୍ରେସ ଅଧ୍ୟକ୍ଷ ନିର୍ବାଚନ ପରେ ନୂଆ ମୁଖ୍ୟମନ୍ତ୍ରୀ ନିଯୁକ୍ତି ନେଇ ବୈଠକ କରିବାକୁ ବିଧାୟକମାନେ ଦାବି କରିଥିଲେ। ବିଧାୟକମାନଙ୍କ ଏଭଳି ବିଶୃଙ୍ଖଳିତ ବ୍ୟବହାରରେ ଅପମାନିତ ହୋଇଥିବା ମାକେନ କହିଛନ୍ତି।

## ଏସ୍‌ସିବି ମେଡିକାଲରୁ...

କରାଯାଇଥିଲା। ହେଲେ ପରିବାର ଲୋକେ ଅପରାହ୍ନ ୫ଟା ବେଳକୁ ଏସ୍‌ଏନ୍‌ସିୟୁରେ ଥିବା ଶିଶୁକନ୍ୟାକୁ ପାଇ ନ ଥିଲେ। ସେମାନେ ଶିଶୁକନ୍ୟା ଚୋରି ହୋଇଥିବା ନେଇ ମଙ୍ଗଳାବାଗ ଥାନାରେ ଅଭିଯୋଗ କରିଥିଲେ। ମେଡିକାଲର ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ପୋଲିସ ମେଡିକାଲର ସିସିଟିଭି ଫୁଟେଜ୍‌କୁ ଯାଞ୍ଚ କରିଥିଲା। ଏହି ସମୟରେ କଟକ ସଦର ଥାନା ଅନ୍ତର୍ଗତ ପ୍ରତାପନଗରୀର ସୁଜନ କୁମାର ବେହେରା ଏକ ଶିଶୁକନ୍ୟାକୁ ସାଙ୍ଗରେ ଧରି ପହଞ୍ଚିଥିଲେ। ତାଙ୍କ ପୁତ୍ର ବବ୍‌ଲୁ ବେହେରାଙ୍କ ସ୍ତ୍ରୀ ଦୀପ୍ତିରାଣୀ ରାଉତ ଏଠାରେ ଏକ ଶିଶୁପୁତ୍ର ଜନ୍ମ ଦେଇ ୨୧ ଦିନ ଏସ୍‌ଏନ୍‌ସିୟୁରେ ରହିବା ପରେ ସୋମବାର ଅପରାହ୍ନରେ ଡିସ୍‌ଚାର୍ଜ ହୋଇଥିଲେ ବୋଲି ମେଡିକାଲ ଅଧିକାରୀଙ୍କୁ ସୁଜନ କହିଥିଲେ। ସୁଜନ ଶିଶୁକନ୍ୟାଟିକୁ ଫେରାଇ ଦେଇଥିବାବେଳେ ତାହା ତୋଫାନଙ୍କ ବୋଲି ସେମାନେ ଚିହ୍ନିଥିଲେ। ତେବେ ଦୀପ୍ତିରାଣୀ ଡିସ୍‌ଚାର୍ଜ ହେବା ବେଳକୁ ଶିଶୁକୁ ଏକ ହଗିସ୍ ପିନ୍ଧାଇ ନ ଖୋଲିବାକୁ କାର୍ଯ୍ୟରତ କର୍ମଚାରୀ କହିଥିଲେ ବୋଲି ସୁଜନ ଅଭିଯୋଗ କରିଛନ୍ତି। ଏ ନେଇ ତଦନ୍ତ ଆରମ୍ଭ ହୋଇଛି। ଶିଶୁ ଚୋରି ସମେତ ଅନ୍ୟାନ୍ୟ ଆପରାଧିକ କାର୍ଯ୍ୟକଳାପକୁ ରୋକିବା ପାଇଁ ମେଡିକାଲରେ ସିସିଟିଭି କ୍ୟାମେରା ଲାଗିଥିବା ବେଳେ ଏଭଳି କାର୍ଯ୍ୟ କେମିତି ସମ୍ଭବ ହୋଇପାରିଲା ତାହାକୁ ନେଇ ପ୍ରଶ୍ନ ଉଠିଛି। ଏହି ଘଟଣା ପରେ ଏସ୍‌ସିବି ମେଡିକାଲରେ ଶିଶୁ ଚୋରି ର୍‍ୟାକେଟ କାମ କରୁଥିବା ସନ୍ଦେହରେ ପୋଲିସ ତନାଘନା ଚଳାଇଛି। ବିଶ୍ୱସ୍ତରୀୟ ପଥରେ ଅଗ୍ରସର ହେଉଥିବା ଏସ୍‌ସିବି ମେଡିକାଲର ପ୍ରସୂତି ଓ ସ୍ତ୍ରୀରୋଗ ବିଭାଗରେ ଏଭଳି କାରନାମା ଏବେ ସବୁଠି ଚର୍ଚ୍ଚାର ବିଷୟ ପାଲଟିଛି।

## ବୁକିଂ କରିଥିଲେ...

ବେଳେ ୫ ଓ ୬ ଶେଷ ନମ୍ବର ଥିବା ଗାଡ଼ି ପାଇଁ ଅକ୍ଟୋବର ୩୧, ୭ ଓ ୮ ନମ୍ବର ପାଇଁ ନଭେମ୍ବର ୩୦ ଏବଂ ଶୂନ ଓ ୯ ସଂଖ୍ୟା ପାଇଁ ଡିସେମ୍ବର ୩୧ ତାରିଖଯାଏ ସମୟ ଧାର୍ଯ୍ୟ କରାଯାଇଛି। ଏଚ୍‌ଏସ୍‌ଆର୍‌ପି ଲଗାଇବା ପାଇଁ ବହୁ ଲୋକ ଆବେଦନ କରିଥିଲେ ହେଁ ଏ ପର୍ଯ୍ୟନ୍ତ ନମ୍ବର ପ୍ଲେଟ୍ ପାଉ ନ ଥିବା ବେଳେ ଅନେକ ସ୍ଲଟ୍ ବୁକିଂ କରିବାରେ ମଧ୍ୟ ସମସ୍ୟା ଭୋଗୁଛନ୍ତି। ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ବୁକିଂ କରିବା ଓ ଏହାକୁ ପାଇବାରେ ହଇରାଣ ହେବାକୁ ପଡୁଥିବାରୁ ଜନଅସନ୍ତୋଷ ଦେଖାଦେଇଛି।

ଆଉ ୩ ଦିନ ପରେ ହାଇ ସିକ୍ୟୁରିଟି ରେଜିଷ୍ଟ୍ରେଶନ ପ୍ଲେଟ୍ ଯାଞ୍ଚ ଆରମ୍ଭ ହେବ। ତେଣୁ ଯେଉଁମାନେ ନମ୍ବର ପାଇନାହାନ୍ତି, ସେମାନେ ଚିନ୍ତାରେ ଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ସରକାର ଧାର୍ଯ୍ୟ କରିଥିବା ନିୟମ ଅନୁସାରେ, ଯେଉଁଗାଡ଼ିଚାଳକନିୟମ ଅନୁସାରେ ସେମାନଙ୍କ ଗାଡ଼ିରେ ଏଚ୍‌ଏସ୍‌ଆର୍‌ପି ଲଗାଇବେ ନାହିଁ, ସେମାନଙ୍କୁ ୫ରୁ ୧୦ ହଜାର ପର୍ଯ୍ୟନ୍ତ ଜରିମାନା ଦେବାକୁ ପଡ଼ିବ।

ଏକ ପ୍ରେସ୍ ନୋଟ୍‌ରେ ଯୁଗ୍ମ କମିଶନର ପରିବହନ ଦୀପ୍ତି ରଞ୍ଜନ ପାତ୍ର କହିଛନ୍ତି ଯେ, ଅନ୍‌ଲାଇନ୍ ବୁକିଂରେ ହଠାତ୍ ବୃଦ୍ଧି ଯୋଗୁ କେତେକ ଗାଡ଼ିମାଲିକ ଏଚ୍‌ଏସ୍‌ଆର୍‌ପି ଫିଟ୍ ପାଇଁ ସ୍ଲଟ୍ ପାଇବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯଦି କୌଣସି ଗାଡ଼ିମାଲିକ ତାଙ୍କ ଧାର୍ଯ୍ୟ ସମୟସୀମା ପୂର୍ବରୁ ଅନ୍‌ଲାଇନରେ ଆବେଦନ କରିଛନ୍ତି, ତେବେ ଯାଞ୍ଚ ସମୟରେ ସେମାନେ ଅନ୍‌ଲାଇନ୍ ବୁକିଂ ସ୍ଲିପ୍ ଦେଖାଇଲେ ତାଙ୍କୁ ଏନ୍‌ଫୋର୍ସମେଣ୍ଟ ଯାଞ୍ଚରୁ ମୁକ୍ତି ମିଳିବ। ସେପ୍ଟେମ୍ବର ୨୫ ସୁଦ୍ଧା ରାଜ୍ୟରେ ମୋଟ ୧୬,୭୮,୧୬୩ ଗାଡ଼ି ମାଲିକ ସ୍ଲଟ୍ ବୁକ୍ କରିଛନ୍ତି, ସେଥିରୁ ୭,୩୦,୩୦୩ ଗାଡ଼ିରେ ଏଚ୍‌ଏସ୍‌ଆର୍‌ପି ଲଗାଯାଇଛି। ଯଦି ଗାଡ଼ିରେ ନିର୍ଦ୍ଧାରିତ ତାରିଖ ମଧ୍ୟରେ ଏଚ୍‌ଏସ୍‌ଆର୍‌ପି ଲାଗି ନାହିଁ କିମ୍ବା ଗାଡ଼ି ମାଲିକଙ୍କର ଅନ୍‌ଲାଇନ୍ ବୁକିଂ ସ୍ଲିପ୍ ନ ଥିବ, ତେବେ ସମ୍ପୃକ୍ତ ଗାଡ଼ି ବିରୋଧରେ ଇ-ଚାଲାଣ ଜାରି କରାଯିବ। ଚୋରମାନେ ପୁରୁଣା ନମ୍ବର ପ୍ଲେଟ୍‌ଗୁଡ଼ିକୁ ସହଜରେ ଅପବ୍ୟବହାର କରିପାରିବେ। ହେଲେ ଏଚ୍‌ଏସ୍‌ଆର୍‌ପି ପ୍ଲେଟ୍‌ଗୁଡିକ ଏକ ଅପସାରଣଯୋଗ୍ୟ ସ୍ନାପ୍ ଲକ୍ ସହିତ ଆସୁଥିବାରୁ ଏହାକୁ ବଦଳାଇବା କଷ୍ଟକର। ଏହି ପ୍ଲେଟ୍‌ଗୁଡିକ ଟାମ୍ପର-ପ୍ରୁଫ୍ ଏବଂ ଦୁଇଟି ପୁନଃ ବ୍ୟବହାରଯୋଗ୍ୟ ଲକ୍ ସହିତ ଆସିଥାଏ। 'IND' ଲେଖା ସହିତ ଏଚ୍‌ଏସ୍‌ଆର୍‌ପିର ବାମପାର୍ଶ୍ୱରେ କ୍ରୋମିୟମ ଆଧାରିତ ଅଶୋକ ଚକ୍ର ରହିଛି। ଯାନର ପରିଚୟ ନମ୍ବର ଲେଜର ଏନ୍‌କୋଡେଡ୍ ହେବ, ଯାହା ସ୍କାନ କରିବା ସହଜ ଏବଂ ଟ୍ୟାମ୍ପରିଂ କରିବା କଷ୍ଟକର। ଏଚ୍‌ଏସ୍‌ଆର୍‌ପି ଲଗାଇବା ପାଇଁ ଗାଡ଼ିମାଲିକମାନେ ଯେ କୌଣସି ଡିଲର, ସ୍ଥାନ ଏବଂ ତାରିଖ ବାଛିପାରିବେ ବୋଲି ପାତ୍ର କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ସ୍ୱନକ୍ଷତ୍ରସ୍ଥ ଚନ୍ଦ୍ରଙ୍କ ପ୍ରତି ଶନିଙ୍କ ପ୍ରତ୍ୟକ୍ଷ ଦୃଷ୍ଟିଜନିତ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡ଼ିପାରେ। ସମ୍ମୁଖରେ ଭଲ କହୁଥିବା ଲୋକଟି ପଛରେ ବିଭିନ୍ନ କଥା କହୁଥିବା ଶୁଣିବାକୁ ପାଇବେ। ଆର୍ଥିକ ସ୍ଥିତି ଚିନ୍ତାର କାରଣ ହୋଇପାରେ । ପରିବାରରେ ଅବସ୍ଥା ଦେଖି ବ୍ୟବସ୍ଥା ନ କଲେ ପରେ ଅନୁତାପ କରିବାକୁ ପଡ଼ିବ ।

**ବୃଷ**
ଆଜି ଏକାଧିକ ଗ୍ରହ କୋଣଭାବସ୍ଥ ହେତୁ ଆଲୋଚନା କ୍ଷେତ୍ରରେ ସହମତି ପ୍ରକାଶ ପାଇ ନ ପାରେ। ଆନୁଷ୍ଠାନିକ କାମରେ ଯାଇ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ ଲାଭ କରିପାରନ୍ତି। ମାତ୍ର ଘରୋଇ କ୍ଷେତ୍ରରେ ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗି ନ ପାରେ। ଆଗାମୀ ରାଜନୈତିକ, ଆନୁଷ୍ଠାନିକ କାମ ସକାଶେ ବ୍ୟସ୍ତ ରହିପାରନ୍ତି ।

**ମିଥୁନ**
ଚନ୍ଦ୍ରଙ୍କ ସମାଗମସ୍ଥ ସ୍ଥିତିଜନିତ ଭାବପ୍ରବଣତାକୁ ନିୟନ୍ତ୍ରଣରେ ରଖିବା କଷ୍ଟକର ହେବ। କର୍ମାରମ୍ଭ ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ପ୍ରଶାସନ, ପ୍ରକାଶନ, ରାଜନୀତି , ସଭାସମିତି ଓ ଆନୁଷ୍ଠାନିକ କ୍ଷେତ୍ରରେ କାମ ଆରମ୍ଭକରି ପ୍ରଶଂସିତ ହେବେ । ସ୍ତ୍ରୀଙ୍କ ସୌହାର୍ଦ୍ଦ୍ୟରୁ ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ।

**କର୍କଟ**
ଚତୁର୍ଥ କେନ୍ଦ୍ରସ୍ଥ କେତୁଗ୍ରହ ହେତୁ ପ୍ରତ୍ୟେକ କ୍ଷେତ୍ରରେ ଭାରସାମ୍ୟ ରକ୍ଷା ନ କଲେ ଅଶାନ୍ତିର ବାତାବରଣ ସୃଷ୍ଟି ହେବ । କର୍ମକ୍ଷେତ୍ରରେ ଜଣେ ପ୍ରତିଷ୍ଠାବାନ୍ ବ୍ୟକ୍ତିଙ୍କ ସାନ୍ନିଧ ଲାଭକରି ଆତ୍ମବିଭୋର ହୋଇପାରନ୍ତି। ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ବିଦ୍ରୋହ ଓ ଅଶାନ୍ତି ବଢ଼ିବ। କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ପ୍ରତିଯୋଗିତାରେ ସଫଳତା ଅର୍ଜନ କରିବେ ।

**ସିଂହ**
ଭାଗ୍ୟାଧିପ ଦଶମ କେନ୍ଦ୍ରସ୍ଥ ଯୋଗୁ ବିଭିନ୍ନ ସମସ୍ୟା ଭିତରେ ଗତିକରି ମଧ୍ୟ ପଛକୁ ଫେରିବାକୁ ଚିନ୍ତା କରିବେ ନାହିଁ। ବନ୍ଧୁ କିମ୍ବା ସହକର୍ମୀଙ୍କ କଥାରେ ପ୍ରଭାବିତ ହୋଇ ନୂତନ କାମ କରିପାରନ୍ତି। କ୍ରୀଡ଼ା, କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ । ପୁରୁଣା ସମସ୍ୟାଗୁଡ଼ିକର ସରଳ ସମାଧାନ କରିବାରେ ସଫଳ ହେବେ ।

**କନ୍ୟା**
ଚନ୍ଦ୍ର ଓ ଶନିଙ୍କ ସ୍ଥାନ ସ୍ଥିତିଜନିତ ସୁପ୍ରଭାବରୁ ଆଜି ଦିନଟି ସାମଗ୍ରିକ ଦୃଷ୍ଟିକୋଣରୁ ଭଲରେ କଟିବ। ଦୀର୍ଘ ଦିନରୁ ଜମା ପଡୁ ନ ଥିବା ବନ୍ଧୁ କିମ୍ବା ଶତ୍ରୁତା କରୁଥିବା ଲୋକଟି ମନକୁ ବାଧିଲା ଭଳି କଥା କହିପାରେ। ବ୍ୟବସାୟ କ୍ଷେତ୍ରରେ ଅଧିକ କିଛି ଆଶା ମନରେ ଦୁଃଖ ଦେଇପାରେ । ଆଜିର ଯାତ୍ରାରେ ଅଭିଳଷିତ କାମ ମଧ୍ୟ ହୋଇଯିବ।

**ତୁଳା**
କୌଣସି ବନ୍ଧୁଙ୍କୁ ଅନୁରୋଧକରି କାମ ହାସଲ ଚେଷ୍ଟା କରିବେ । ଫେରିଯାଉଥିବା ବନ୍ଧୁ ଲେଉଟି ଆସିବ, ଫଳରେ ନିଜ କାମଗୁଡ଼ିକୁ ସମ୍ପନ୍ନ କରିବାରେ ବ୍ୟସ୍ତତା ବଢ଼ିଯାଇପାରେ । ସହକର୍ମୀଙ୍କ ସହ ବିବାଦ ବୃଦ୍ଧି ହେଲେ ବି ଅନ୍ୟମାନେ ସାହାଯ୍ୟ କରିବେ । ବିଶାଖା ନକ୍ଷତ୍ର ସକାଶେ ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିଯିବ।

**ବିଛା**
ଅନୁକୂଳ ଗ୍ରହ ସ୍ଥିତି କାରଣରୁ ଅଟକି ରହିଥିବା କାମ ଆଜି ହୋଇଯିବ। ବନ୍ଧୁଙ୍କ ନିକଟରୁ ଯେତେ ପାଇଲେ ମଧ୍ୟ ଆହୁରି ପାଇବାକୁ ବ୍ୟାକୁଳତା ପ୍ରକାଶ କରିବେ। ପରିବହନ, ଶିଳ୍ପ ଓ ବାଣିଜ୍ୟରେ ପ୍ରତିବନ୍ଧକ ଦୂରେଇବାକୁ ପ୍ରଯତ୍ନକରି ସଫଳ ହେବେ । ପରିବାରର ସଦସ୍ୟଙ୍କଠାରୁ କିମ୍ବା ସହକର୍ମୀଙ୍କ ତରଫରୁ ସମସ୍ୟା ଆସିପାରେ।

**ଧନୁ**
କୌଣସି ପରିଚିତ ବ୍ୟକ୍ତିଙ୍କ କାର୍ଯ୍ୟକଳାପ କର୍ମକ୍ଷେତ୍ରକୁ ବିଶୃଙ୍ଖଳିତ କରିପାରେ । ଆର୍ଥିକ ଦିଗରୁ ସମସ୍ୟା ଲାଗି ରହିବ, ଅବଶ୍ୟ ସମାଧାନର ପନ୍ଥା ଖୋଜି ପାଇବେ । ପୂର୍ବାଷାଢ଼ା ନକ୍ଷତ୍ର ପିଲାମାନଙ୍କ ସଫଳତାରେ ଆନନ୍ଦ ଅନୁଭବ କରିବେ। ବାଟରେ ଯିବା ସମୟରେ ଯାନ୍ତ୍ରିକ ତ୍ରୁଟି ଅସୁବିଧାରେ ପକାଇପାରେ। ଏଣୁ ଗାଡ଼ିକୁ ପରଖି ନେବା ଭଲ ହେବ।

**ମକର**
ପାପଗ୍ରହ କବଳିତ ବୁଧ ଓ ଗୁରୁଜନିତ ଆଜି କୌଣସି ବ୍ୟକ୍ତିଠାରୁ ହଠାତ୍ କିଛି ଖବର ପାଇ ବିଚଳିତ ବୋଧ କରିବେ। ଉପରିସ୍ଥ ଅଧିକାରୀମାନେ କାମ ହାସଲ ସକାଶେ ସହଯୋଗ ଲୋଡ଼ିପାରନ୍ତି । ଶିଳ୍ପ, ବ୍ୟବସାୟ, ପରିବହନ, ନିର୍ମାଣ ପ୍ରଭୃତିରୁ ସୁଫଳ ପାଇବେ। ଅସାବଧାନତା ହେତୁ ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନି ଘଟିପାରେ।

**କୁମ୍ଭ**
ପୂର୍ବଭାଦ୍ରପଦ ନକ୍ଷତ୍ର ଜଗିରଖି ଚଳିବା କାରଣରୁ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବ। ଅଫିସରେ ସାଧାରଣ କଥାରେ ହଠାତ୍ କଳହ ସୃଷ୍ଟି ହୋଇପାରେ। ଆଜି ଧନହାନି, ପରିବହନରେ ତର୍କବିତର୍କ ଓ ସାଧାରଣ କଥାରୁ ପାଟିତୁଣ୍ଡ ଲାଗି ରହିବ। ପାରିବାରିକ ସମସ୍ୟାର ସମାଧାନ ସକାଶେ ନିଜର ବନ୍ଧୁମାନଙ୍କ ସାହାଯ୍ୟ ଭିକ୍ଷା କରିପାରନ୍ତି ।

**ମୀନ**
ପରିସ୍ଥିତିକୁ ଯେତେ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେପରି କିଛି ହେବନାହିଁ। ଉତ୍ତର ଭାଦ୍ରପଦ ନକ୍ଷତ୍ର ପରିବାର ଭିତରେ ଅଯଥା ବ୍ୟସ୍ତତା ପ୍ରକାଶ କରି ସମାଲୋଚିତ ହେବେ। ପରିସ୍ଥିତିବଶତଃ ଧାରକରଜ କରି ଆବଶ୍ୟକତା ଚଳାଇନେବାକୁ ବାଧ ହେବେ । ପରିବହନରେ ଦେଖିଚାହିଁ ପଦକ୍ଷେପ ନିଅନ୍ତୁ, ନତୁବା ସମସ୍ୟା ଉପୁଜିପାରେ।


**classifieds** Everyday 0674-2580101, 2549302

real estate

**SALE**

Puri Holiday Apartment 1BK/1BHK sale at GIRALA NH-316, Puri, Brahmagiri Road near New International Airport Sqft. 4500/- (Bank loan available) 8249390294, 8018417272. D-73296

Bhubaneswar Engineering College front NH ଠାରୁ 200 mtr. ଦୂରତାରେ Boundary ପ୍ଲଟ୍ ବିକ୍ରି ହେବ । 7008297827, 9692999455. D-74105

ଭୁବନେଶ୍ୱର ରବି ଟକିଜ୍ ସାଇ ମନ୍ଦିର ପୂର୍ବରୁ ରାସ୍ତା, ପାଚେରି ଥାଇ ପ୍ଲଟ୍ ବିକ୍ରି ହେବ । Mob.- 9827119799 D-1580

ORERA Approved 2/3 BHK flat for sale at Jharpada and Hanspal Chhak NH side. Contact: 7978209277. 1539

ଘରବାରୀ ପାଚେରି ରୋଡ୍, ଇଲେକ୍ଟ୍ରିସିଟି ଥାଇ ନଖରା East College mainroad 200mtr. ଦୂରତାରେ SC/ General ପ୍ଲଟ୍ gated society ଥାଇ ବିକ୍ରିହେବ। 8093419724, 9776602067. D-74127

ଭୁବନେଶ୍ୱର ନଖରା ଘରବାରି SC plot sqft.-130/- general-350/-. 9439660381. D-74124

5.700 Acres gharabari projects, 30' road Single Owner, 95 plots immediate registration. sqft.-1050/-. Contact: 9040045759. D-74125

Readymade 2/3 BHK flat sale at Acharyavihar. Contact: 7978209277. D-1537

ଭୁବନେଶ୍ୱରରେ ପ୍ଲଟ୍ କିଣନ୍ତୁ। Patrapada 1900/-, Gangapada-850/-, Sundarpada-399/-. 9439493164. D-74123

ଭୁବନେଶ୍ୱର ହଂସପାଳ ଛକ ନିକଟରେ 3BHK Duplex Modern Amenities ସହିତ ମିଳୁଛି। 9658122456, 8327785834. D-74122

Layout approval (30'road) ସହିତ Bank Finance ସୁବିଧା ଥାଇ ଭୁବନେଶ୍ୱର ବାଲିଅନ୍ତା ନିକଟ ସୁଧାନନ୍ଦ ସ୍କୁଲ ପାଖରେ ତୁରନ୍ତ ଘର କଲା ଭଳି (100% clean) plot @9,00,000/-ରେ କିଣନ୍ତୁ। OD GROUP. 9437033320. D-74112

ନଖରା East College front, ବାଲିଅନ୍ତାରେ SC/ General plot କିଣି ତୁରନ୍ତ ଘର କରନ୍ତୁ। 9776846520. D-74126

healthcare

Ashirvaad Saloon and SPA getgood massage for your health tha best therapy. 7077181074. D-73973

Relax, Refresh your body, Mind at Saikrupa Spa with best therapies. 8984068077. D-1543

Newly opened full body massage center by expert therapist. 7381172169. D-73648

Newly open Spa positively health benefit with expert. Contact: 7749976301. D-73873

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73975

education

Join through Pre-Recruitment Training, Defence, Police, Railways, Banking, Tutorial coaching for 9th, 10th, 11th, 12th students for success. 9938238840, 8984604233. D-73646

business

Save on Electricity bills. Forget power interruptions. Install Nexus brand Solar Panels, inverters. Contact REMS LLP, Satyavihar, Bhubaneswar. 7606862090, 9777065888. D-73647

**12th Happy Birthday**



ROOP RATAN BANERJEE
D/o- Ratan Banerjee
Manika Banerjee
Happy Birthday My Priness daughter! you're loved, today, tomorrow and always.
Best Wishes From: Maa, Mama, Dadu, Rumpu, Mimi, Ashu Uncle & Tuktuk.
D-1634

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୨,୦୪,୦୫,୯୩୩ | ୬୫,୪୦,୭୯୮ | ୬୦,୦୬,୨୧,୬୩୭ |
| ଭାରତ | ୪,୪୫,୭୨,୨୪୩ | ୫,୨୮,୫୩୦ | ୪,୪୦,୦୦,୨୯୮ |
| ଓଡ଼ିଶା | ୧୩,୩୩,୩୩୨ | ୯୧୯୧(+୫୩) | ୧୩,୨୨,୮୩୧ |

ସୋମବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ନିର୍ଦ୍ଧାରିତ ସମୟରେ ୧୦୦% ଅର୍ଥ ଖର୍ଚ୍ଚ କରିବାକୁ ନିର୍ଦ୍ଦେଶ

**ସଚିବ ସ୍ତରୀୟ ବୈଠକରେ ବଜେଟ ବ୍ୟୟ ଚିନ୍ତା**

- ଭିତ୍ତିଭୂମି, କୃଷି, ପାନୀୟଜଳ, ଜଳସେଚନ, ମହିଳା ସଶକ୍ତୀକରଣ ଉପରେ ଗୁରୁତ୍ୱ
- ଅଗଷ୍ଟ ଶେଷସୁଦ୍ଧା ରାଜସ୍ୱ ସଂଗ୍ରହ ୧୫.୫୫ ପ୍ରତିଶତ ବୃଦ୍ଧି

ଭୁବନେଶ୍ୱର,୨୬।୯(ବ୍ୟୁରୋ)

ବଜେଟରେ ବରାଦ ହେଉଥିବା ଅର୍ଥ ନିର୍ଦ୍ଧାରିତ ସମୟରେ ଖର୍ଚ୍ଚ ହୋଇପାରୁ ନାହିଁ। ଏପରିକି ବହୁ କୋଟି ଟଙ୍କା ପରବର୍ତ୍ତୀ ବର୍ଷ ବଜେଟ ପ୍ରସ୍ତୁତି ପୂର୍ବରୁ ଫେରିଯାଉଛି। ବିଭିନ୍ନ ବିଭାଗ ବରାଦ ଅର୍ଥକୁ ଖର୍ଚ୍ଚ କରି ପାରୁନାହାନ୍ତି। ଯଦିଓ ଗତଗର୍ଷ ତୁଳନାରେ ଚଳିତବର୍ଷ ବ୍ୟୟ କିଛି ମାତ୍ରାରେ ବଢ଼ିଛି, ମାତ୍ର ତାହା ଧାର୍ଯ୍ୟ ଲକ୍ଷ୍ୟକୁ ଛୁଇଁ ପାରୁନାହିଁ। ୨୦୨୧-୨୨ ଆର୍ଥିକବର୍ଷ ପାଇଁ ରାଜ୍ୟ ସରକାର ୨ ଲକ୍ଷ କୋଟି ଟଙ୍କାର ବଜେଟ ପ୍ରସ୍ତୁତ କରିଥିବାବେଳେ ଗତ ୫ ମାସରେ ବିଭିନ୍ନ ବିଭାଗ ଦ୍ୱାରା ୨୦ ହଜାର କୋଟି ଟଙ୍କା ଖର୍ଚ୍ଚ କରିଥିବା ଜଣାପଡ଼ିଛି। ୨୦୨୧ ଅଗଷ୍ଟ ଶେଷ ସୁଦ୍ଧା ବିଭିନ୍ନ ଯୋଜନା ଓ ପ୍ରକଳ୍ପରେ ୧୮,୮୨୧ କୋଟି ଟଙ୍କା ବିନିଯୋଗ ହୋଇଥିବାବେଳେ ଚଳିତବର୍ଷ ଏହି ବିନିଯୋଗ ୨୦,୨୧୧ କୋଟି ଟଙ୍କାରେ ପହଞ୍ଚିଛି। ଭିତ୍ତିଭୂମି ବିକାଶ, କୃଷି, ପାନୀୟଜଳ ଯୋଗାଣ, ଜଳସେଚନ, କୃଷକମାନଙ୍କ ଆୟବୃଦ୍ଧି ଏବଂ ମହିଳା ସଶକ୍ତୀକରଣ ଆଦି ପ୍ରକଳ୍ପ କ୍ଷେତ୍ରରେ ଆବଣ୍ଟିତ ଅର୍ଥ ନିର୍ଦ୍ଧାରିତ ସମୟରେ ଶତପ୍ରତିଶତ ବିନିଯୋଗ କରିବାକୁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି।

ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସୋମବାର ଲୋକସେବା ଭବନଠାରେ ସଚିବସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ ରାଜ୍ୟର ରାଜସ୍ୱ ସଂଗ୍ରହ ଏବଂ ବଜେଟ ଅର୍ଥ ବିନିଯୋଗ ବିଷୟ ଉପସ୍ଥାପନ କରିଥିଲେ। ବିଭିନ୍ନ ପ୍ରକଳ୍ପ ଓ ଯୋଜନା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକଳ୍ପର ଗୁଣାତ୍ମକମାନ ବଜାୟ ରଖିବା ସହ ବିନିଯୋଗ ହେଉଥିବା ଅର୍ଥରୁ ଯେପରି ଜନସାଧାରଣ ସର୍ବାଧିକ ସୁବିଧା ପାଇପାରିବେ, ତାହା ଉପରେ ଗୁରୁତ୍ୱ ଦେବାକୁ ବିଭାଗଗୁଡ଼ିକୁ କୁହାଯାଇଛି। ଜିଲା ଗସ୍ତ ସମୟରେ ସଚିବ ଏବଂ ସ୍ୱତନ୍ତ୍ର ସଚିବମାନେ ସବୁ ବିଭାଗର ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତା ସମୀକ୍ଷା କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି । ବିଶେଷକରି ନୂତନ ଭାବେ ନିର୍ମିତ ପାଇପ୍ ଯୋଗେ ପାନୀୟ ଜଳଯୋଗାଣ, ଉଠାଜଳସେଚନ ପଏଣ୍ଟ, ବିଦ୍ୟୁତ୍ ସବ୍‌ଷ୍ଟେଶନ୍ ଓ ଯୋଗାଣ, ବିଦ୍ୟାଳୟ ରୂପାନ୍ତରଣରେ ସ୍ଥାପିତ ସୁବିଧା ସୁଯୋଗର ବ୍ୟବହାର ଆଦି ପ୍ରକଳ୍ପର କାର୍ଯ୍ୟକାରିତା ସମୀକ୍ଷା କରି ସେଗୁଡ଼ିକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ଦିଗରେ ଥିବା କ୍ଷେତ୍ରସ୍ତରୀୟ ସମସ୍ୟାର ଆଶୁ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବର୍ଷାଋତୁ ଶେଷ ହେଉଥିବାରୁ ସମସ୍ତ ପ୍ରକଳ୍ପର ଟେଣ୍ଡର ଏବଂ ଠିକାଦାର ଚୁକ୍ତି ସାରି ଶୀଘ୍ର ଆରମ୍ଭ କରିବାକୁ ଉନ୍ନୟନ କମିଶନର ପ୍ରଦୀପ ଜେନା ପରାମର୍ଶ ଦେଇଛନ୍ତି। ଆସନ୍ତା ଆର୍ଥିକବର୍ଷରେ ବଜେଟରେ ସମ୍ଭାବ୍ୟ ବୃଦ୍ଧି ପରିପ୍ରେକ୍ଷୀରେ ଆଗୁଆ ପ୍ରକଳ୍ପ ଚିହ୍ନଟ ଏବଂ ପ୍ରସ୍ତାବ ପ୍ରସ୍ତୁତ କରି ରଖିବା ପାଇଁ ମଧ ବିଭାଗଗୁଡ଼ିକୁ କୁହାଯାଇଛି। ଗତ ଆର୍ଥିକବର୍ଷ ତୁଳନାରେ ଚଳିତବର୍ଷ ଅଗଷ୍ଟ ଶେଷସୁଦ୍ଧା ରାଜ୍ୟର ସମୁଦାୟ ରାଜସ୍ୱ ସଂଗ୍ରହରେ ପ୍ରାୟ ୧୫.୫୫% ଅଭିବୃଦ୍ଧି ହୋଇଛି। ଗତବର୍ଷ ଏହି ସମୟ ସୁଦ୍ଧା ସମୁଦାୟ ସଂଗ୍ରହ ୩୧,୫୪୮.୪୯ କୋଟି ଟଙ୍କା ରାଜସ୍ୱ ଥିବାବେଳେ ଚଳିତବର୍ଷ ଏହା ପ୍ରାୟ ୩୬,୪୫୫ କୋଟି ଟଙ୍କାରେ ପହଞ୍ଚିଛି। ସମୀକ୍ଷାରୁ ଜଣାପଡ଼ିଛି ଯେ, ଗତବର୍ଷ ଅଗଷ୍ଟ ଶେଷ ସୁଦ୍ଧା ରାଜ୍ୟ ଟିକସ ଆଦାୟ ୧୪,୭୩୧ କୋଟି ଥିବା ବେଳେ ଚଳିତବର୍ଷ ଅଗଷ୍ଟ ଶେଷସୁଦ୍ଧା ଏହା ୧୭,୭୨୨.୨୨ କୋଟି ଟଙ୍କାକୁ ବୃଦ୍ଧି ପାଇଛି; ଯାହାକି ଗତବର୍ଷ ତୁଳନାରେ ପ୍ରାୟ ୨୦.୩୦% ଅଧିକ। ସେହିପରି ଅଣ-ଟିକସ ରାଜସ୍ୱ ୨୦୨୧ ଅଗଷ୍ଟ ଶେଷସୁଦ୍ଧା ୧୬,୮୧୭ କୋଟି ଥିବା ବେଳେ ୨୦୨୨ ଅଗଷ୍ଟ ଶେଷସୁଦ୍ଧା ଏହା ୧୮,୭୩୨.୬୭ କୋଟି ଟଙ୍କାରେ ପହଞ୍ଚିଛି। ଏ କ୍ଷେତ୍ରରେ ପ୍ରାୟ ୧୧.୩୯% ବୃଦ୍ଧି ଘଟିଛି। ସେହିପରି ସମୁଦାୟ ଟିକସ ଓ ଅଣ-ଟିକସ ରାଜସ୍ୱର ହାରାହାରି ୧୫.୫୫% ବୃଦ୍ଧି ହୋଇଛି। ଏହି ବୈଠକରେ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସଞ୍ଜୀବ ଚୋପ୍ରା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ସାଧାରଣ ଉଦ୍ୟୋଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ କିଶୋର ସୁନ୍ଦରାୟ, ଜଳ ସମ୍ପଦ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ସମେତ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ ଓ ସ୍ୱତନ୍ତ୍ର ଶାସନ ସଚିବମାନେ ଯୋଗ ଦେଇଥିଲେ।

# ଗଣଶିକ୍ଷା ବିଭାଗକୁ ଅଧିକ କ୍ରିୟାଶୀଳ କରିବାକୁ ଆହ୍ୱାନ

**ଯୁକ୍ତ୨ କଲେଜ ଅଧ୍ୟକ୍ଷ, ଏଡିଇଓଙ୍କ ଦୁଇଦିନିଆ ସମ୍ମିଳନୀ ଆରମ୍ଭ**

ଭୁବନେଶ୍ୱର, ୨୬।୯(ବ୍ୟୁରୋ)

ରାଜ୍ୟର ସମସ୍ତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଓ ଅତିରିକ୍ତ ଜିଲା ଶିକ୍ଷାଧିକାରୀ(ଏଡିଇଓ)ଙ୍କ ଦୁଇଦିନିଆ ସମ୍ମିଳନୀ ସୋମବାରଠାରୁ ଆରମ୍ଭ ହୋଇଛି। ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ଓସେପା ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀକୁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଉଦ୍‌ଘାଟନ କରି କହିଲେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦର୍ଶୀ ଚିନ୍ତାଧାରା ଶିକ୍ଷା କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଛି। ତେଣୁ ଗଣଶିକ୍ଷା ବିଭାଗକୁ ଅଧିକ କ୍ରିୟାଶୀଳ କରିବା ପାଇଁ ମନ୍ତ୍ରୀ ଆହ୍ୱାନ ଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ୨୦୨୨ ଯୁକ୍ତ୨ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷାରେ ଶୀର୍ଷ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

ଗଣଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱଥୀ ଏସ୍. ଗୁଣାତ୍ମକ ଶିକ୍ଷାର ବିକାଶ ଦିଗରେ ଧ୍ୟାନ ଦେବା ପାଇଁ ବିଦ୍ୟାଳୟ ଅଧ୍ୟକ୍ଷ ଏବଂ ଅତିରିକ୍ତ ଜିଲା ଶିକ୍ଷାଧିକାରୀଙ୍କୁ ପରାମର୍ଶ ଦେବା ସହିତ ଆଗାମୀ ବର୍ଷ ପାଇଁ ଲକ୍ଷ୍ୟଧାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ୨୦୨୨ରେ ଉଚ୍ଚ ମାଧ୍ୟମିକ ପରୀକ୍ଷାରେ ରାଜ୍ୟର ବିଭିନ୍ନ ବର୍ଗର ବିଦ୍ୟାଳୟର ପ୍ରଦର୍ଶନ ଉପରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ନିର୍ଦ୍ଦେଶକ ରଘୁରାମ ଆୟାର ଆଲୋକପାତ କରିଥିଲେ। ପରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳଗୁଡ଼ିକ ଡିଗ୍ରୀ କଲେଜ ବା ବିଶ୍ୱବିଦ୍ୟାଳୟରୁ ପୃଥକୀକରଣ, ଅତିଥି ଶିକ୍ଷକ ନିୟୋଜିତ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶୈକ୍ଷିକ ତଦାରଖ ବ୍ୟବସ୍ଥା, ଧନ୍ଦାମୂଳକ ଶିକ୍ଷାର ବିକାଶ ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ବିଭିନ୍ନ ପ୍ରକାର ଇ-ଶିକ୍ଷଣ ଓ ଇ-ମୂଲ୍ୟାୟନ ସମ୍ବନ୍ଧରେ ଏସ୍‌ସିଇଆର୍‌ଟି ତରଫରୁ ତାଲିମ ଦିଆଯାଇଥିବାବେଳେ ଛାତ୍ରୀଛାତ୍ରଙ୍କ ପାଇଁ ଉପଲବ୍ଧ ୫୫୦ରୁ ଊର୍ଦ୍ଧ୍ୱ କ୍ୟାରିଅର ଓ ୧୨୦୦ରୁ ଊର୍ଦ୍ଧ୍ୱ ବୃତ୍ତି ସମ୍ବଳିତ ଓଡ଼ିଶା କ୍ୟାରିଅର ପୋର୍ଟାଲ ଉପରେ ୟୁନିସେଫ ଦ୍ୱାରା ପ୍ରଶିକ୍ଷଣ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଅଧ୍ୟକ୍ଷ ଅଶ୍ୱିନୀ କୁମାର ମିଶ୍ର, ଗଣଶିକ୍ଷା ବିଭାଗର ସ୍ୱତନ୍ତ୍ର ସଚିବ ଶୁଭଶ୍ରୀ ନନ୍ଦ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିଭାଗୀୟ ଅତିରିକ୍ତ ନିର୍ଦ୍ଦେଶିକା ଡ. ବିଜୟା ପାତ୍ର ଧନ୍ୟବାଦ ଦେଇଥିଲେ।



ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୁକ୍ତ୨ ପରୀକ୍ଷାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଜଣେ ଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି।

# ଜନଜାତି ଏନ୍‌ସାଇକ୍ଲୋପେଡିଆ ଉନ୍ମୋଚନ କଲେ ମୁଖ୍ୟମନ୍ତ୍ରୀ



**ରହିଛି ୬୨ ଜନଜାତି, ୧୩ ଆଦିମ ଜନଜାତି ସମ୍ବନ୍ଧୀୟ ତଥ୍ୟ**

ଭୁବନେଶ୍ୱର,୨୬।୯(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଆଦିମ ଜନଜାତି ସମ୍ବନ୍ଧୀୟ ୫ଟି ଭଲ୍ୟୁମ୍‌ର 'ଏନ୍‌ସାଇକ୍ଲୋପେଡିଆ ଅଫ୍ ଟ୍ରାଇବ୍ସ ଇନ୍ ଓଡ଼ିଶା' ଉନ୍ମୋଚନ କରିଛନ୍ତି। ଓଡ଼ିଶା ପ୍ରଥମ ରାଜ୍ୟ ଭାବେ ଆଦିବାସୀଙ୍କୁ ନେଇ ଏହି ଏନ୍‌ସାଇକ୍ଲୋପେଡିଆ ପ୍ରକାଶ କରିଛି। ୩,୮୦୦ ପୃଷ୍ଠା ସମ୍ବଳିତ ୫ଟି ଭଲ୍ୟୁମ୍‌ରେ ୪୧୮ ଗବେଷଣାତ୍ମକ ସ୍ତମ୍ଭ ପ୍ରକାଶିତ ହୋଇଛି, ଯେଉଁଥିରେ ୬୨ ଜନଜାତି ଓ ୧୩ ଆଦିମ ଜନଜାତିଙ୍କ ସମ୍ବନ୍ଧୀୟ ସ୍ତମ୍ଭ ଉଲ୍ଲେଖ ରହିଛି । ଆଦିବାସୀଙ୍କ ସମ୍ପର୍କରେ ଜାଣିବାକୁ ଇଚ୍ଛୁକ, ଗବେଷକ ଓ ଶିକ୍ଷାବିତ୍‌ଙ୍କ ପାଇଁ ଏହା ବେଶ୍ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ୧୩୦ କେଜି ଚନ୍ଦନ କାଠ ଜବତ, ୨ ଗିରଫ

ସୁନାବେଡା/ସେମିଳିଗୁଡା, ୨୬।୯(ସ୍ୱ.ପ୍ର.)

**ଆନ୍ଧ୍ରରୁ ରାୟପୁର ଚାଲାଣ ହେଉଥିଲା**

ଚନ୍ଦନକାଠ ଚୋରା ଚାଲାଣ ବେଳେ ସୋମବାର ସେମିଳିଗୁଡା ପୋଲିସ ଏହାକୁ ଜବତ କରିଛି। ଏଥିରେ ବ୍ୟବହୃତ ଜିପ୍‌କୁ ମଧ୍ୟ ଜବତ କରାଯାଇଛି। ଚୋରାଚାଲାଣରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କେରଳର ଅବଦୁଲ ରେହେମାନ (୫୦ ) ଓ କେ. ଉମ୍ମର(୨୬)। ଜବତ ଚନନ୍ଧ କାଠର ପରିମାଣ ୧୩୦ କେଜି ବୋଲି ସୁନାବେଡା ଏସ୍‌ଡିପିଓ ମନୋଜ ବେହେରା ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଖବରରୁ ଜଣାପଡିଛି, ସେମିଳିଗୁଡା ଏସଆଇ ଦୀପକ ବାରିକ ସହକର୍ମୀଙ୍କ ସହ ସୋମବାର ପୂର୍ବାହ୍ନରେ ପାଟ୍ରୋଲିଂ କରୁଥିବା ବେଳେ ଚନ୍ଦନ କାଠ ଚୋରା ଚାଲାଣ ହେଉଥିବା ସୂଚନା ପାଇ ଜାନିଗୁଡାଠାରେ ଜଗି ରହିଥିଲେ। ନନ୍ଦପୁର ଅଞ୍ଚଳରୁ କୋରାପୁଟ ଅଭିମୁଖେ ଯାଉଥିବା ଏକ କମାଣ୍ଡର ଜିପ(ଓଆର-୧୦ବି- ୯୩୦୭)କୁ ଅଟକାଇ ଯାଞ୍ଚ କରିଥିଲେ। ଏହି ସମୟରେ ଗାଡ଼ି ଭିତରେ ଥିବା ଦୁଇଟି ସିକ୍ରେଟ ଚାମ୍ବରରେ ଚନ୍ଦନ କାଠ ରହିଥିବା ଜଣାପଡିଥିଲା। ୧୩୦ କେଜି ବିଶିଷ୍ଟ ଏହି ଚନ୍ଦନ କାଠର ବଜାର ମୂଲ୍ୟ ପ୍ରାୟ ସାଢେ ୬ ଲକ୍ଷ ଟଙ୍କା ହେବ ବୋଲି ଏସ୍‌ଡିପିଓ ବେହେରା କହିଛନ୍ତି। ଗିରଫ ୨ ଅଭିଯୁକ୍ତଙ୍କ ନିକଟରୁ ଦୁଇଟି ମୋବାଇଲ ଓ ୪୨୬୦ଟଙ୍କା ଜବତ କରାଯାଇଛି। ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି। ଦୁହେଁ ଆନ୍ତଃରାଜ୍ୟ ଚନ୍ଦନକାଠ ଚୋରା ଚାଲାଣକାରୀ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି । ଏହି ଚନ୍ଦନ କାଠ ପଡୋଶୀ ଆନ୍ଧ୍ରପ୍ରଦେଶ ସୀମାନ୍ତ ଆର୍କୁ ଅଞ୍ଚଳରୁ ରାୟପୁର ଚାଲାଣ ହେଉଥିଲା। ଏଥିରେ ଅନ୍ୟ କିଏ ସାମିଲ ରହଛନ୍ତି କି ନାହିଁ ସେନେଇ ତଦନ୍ତ ଜାରି ରହିଥିବା ଏସ୍‌ଡିପିଓ ବେହେରା ସୂଚନା ଦେଇଛନ୍ତି। ସେମିଳିଗୁଡା ଥାନାରେ କେସ ନଂ ୧୪୧ / ୨୨ରେ ଏକ ମାମଲା ରୁଜୁ ହୋଇଛି।



Honda Motorcycle & Scooter India Pvt. Ltd., Registered Office: Plot No. 1 , Sector - 03, IMT Manesar, Distt. Gurugram, (Haryana) – 122050, India; Website: www.honda2wheelersindia.com; Customer Care: customercare@honda2wheelersindia.com

Honda Exclusive Authorized Dealerships: ATHAGARH: Sidhivinayak Honda - 9124260000, 9658080060; BALUGOAN: Khimji Honda - 7077726329; BANKI: Shree Honda - 06723-240099, 9658201234; BIDHARPUR: Saivinayak Honda - 9937060477, 7894446899; BHUBANESWAR: Shivam Honda - 7873024400, 7873024320; Gugnani Honda - 0674-2313716, 06742313812, 7852930865, 9778611111; PGL Honda - 0674-2354418, 7735012345; Khimji Honda - 7735734888, 9090067366; MO Honda - 0674-2964289, 7008990541; CUTTACK: Durga Honda - 9114800102\17\121; Durga Honda (Choudwar) - 9114800120; SGBL Honda - 7437010004, 9040433000; Utkal Honda - 0671-2304628, 9437029811; JAJPUR ROAD: TEZ Honda - 7504991301 7504994444; JAJPUR TOWN: Agasti Honda - 9437518600; KUAKHIA: Sai Honda - 9938906077; SINGHPUR: Ramachandi Honda - 7377688445; CHANDIKHOL: Basanti Honda - 06725-227011, 9853066000; JAGATSINGHPUR: Kanchan Murali Honda - 06724-222122, 223112, 7809568988, 9090876483; JAGATPUR: Durga Honda - 9114900105; JATNI: PGL Honda - 0674-2492419, 7788001033; KEONJHAR: Pritam Honda - 06766-254138, 8908881717; Barbil: Royal Motors- 7008712784; NAYAGRAH: Pattnaik Honda - 7008812540, 6370422120; Nayagarh Honda - 06753-296355, 7437000507; NARSINGH PUR: Baba Honda - 9438057701; NIALI: Hindustan Honda - 9937075187, 0671-2803355; PURI: Shivam Honda - 7735743520, 9040088747; KUJANG: Kanchan Murali Honda: 0672236122, 9040650040; RAHAMA: Navjyoti Honda - 9938339189; PATTAMUNDAI: Satya Honda - 9439375055; SALEPUR: S.N.Honda - 9437439076; KENDRAPARA: Saisudha Honda - 9178455081/2/3/4; KANDARPUR: Jay Pee Honda - 9861007679; KAKATPUR: Shree Ganesh Honda - 9937842437; RAJSUNAKHALA: NC Honda - 9078583100.
For Bulk/Institutional enquiries, please write us at: institutionalsales@honda2wheelersindia.com

ଧରିତ୍ରୀ
DHARITRI
ମଙ୍ଗଳବାର, ୨୭ ସେପ୍ଟେମ୍ବର, ୨୦୨୨

ହେ ଅମୃତର ପୁତ୍ର ! ପ୍ରକୃତିକୁ ଅନୁସରଣ କରି ଜୀବନଯାପନ କରନାହିଁ। ଭଗବାନଙ୍କୁ ଅନୁସରଣ କରି ଜୀବନଯାପନ କର। ପ୍ରକୃତିକୁ ମଧ୍ୟ ବାଧ୍ୟ କର- ସେ ଯେପରି ତୁମର ଅନ୍ତର୍ଯ୍ୟାମୀ ଦେବତାଙ୍କୁ ମାନି ଜୀବନ ଯାପନ କରେ। -ଶ୍ରୀଅରବିନ୍ଦ



# କଂଗ୍ରେସ ଅଧ୍ୟକ୍ଷ

ଏକ ସମୟ ଥିଲା ଯେତେବେଳେ ଜଣେ ଦକ୍ଷ କଂଗ୍ରେସ ନେତା ସର୍ବଭାରତୀୟ କଂଗ୍ରେସ କମିଟି (ଏଆଇସିସି)ର ଅଧ୍ୟକ୍ଷ ହେବା ପାଇଁ ସ୍ୱପ୍ନ ଦେଖୁଥିଲେ। ସ୍ୱାଧୀନତା ବେଳରୁ ଦେଖିଲେ ନେହେରୁ-ଗାନ୍ଧୀ ପରିବାରରୁ ଜବାହରଲାଲ ନେହେରୁ, ଇନ୍ଦିରା ଗାନ୍ଧୀ, ରାଜୀବ ଗାନ୍ଧୀ, ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀ କଂଗ୍ରେସ ଅଧ୍ୟକ୍ଷ ହୋଇଛନ୍ତି। ଅନ୍ୟପକ୍ଷରେ ଜେ. ବି. କ୍ରିପାଲାନି, ବି. ପଟ୍ଟାଭି ସୀତାରାମାୟା, ପୁରୁଷୋତ୍ତମ ଦାସ ଟଣ୍ଡନ, ୟୁ.ଏନ୍. ଧେବାର, ଏନ୍. ସଞ୍ଜୀବ ରେଡ୍ଡି, କେ. କାମରାଜ, ଏସ୍. ନିଜାଲିଙ୍ଗାପ୍ପା, ଜଗଜୀବନ ରାମ, ଶଙ୍କର ଦୟାଲ ଶର୍ମା, ଦେବକାନ୍ତ ବରୁଆ, ପି.ଭି. ନରସିଂହ ରାଓ ଏବଂ ସୀତାରାମ କେଶରୀଙ୍କ ଭଳି ବ୍ୟକ୍ତି ନେହେରୁ-ଗାନ୍ଧୀ ପରିବାର ବାହାରୁ ଏଆଇସିସି ଅଧ୍ୟକ୍ଷ ହୋଇଥିଲେ। ପାର୍ଟି ଇତିହାସରେ ନିଜ ନାମକୁ ଏହି ପଦବୀରେ ରଖିପାରିବା ସବୁଠୁ ବଡ଼ କଥା ଥିଲା। ହେଲେ ସମୟ ସମ୍ପୂର୍ଣ୍ଣ ବଦଳିଯାଇଛି। ନେତାଙ୍କୁ ପାର୍ଟିର ମୁଖ୍ୟ ପଦବୀ ଯଚା ଯାଉଥିଲେ ମଧ୍ୟ ତାହାକୁ ସେ ଗ୍ରହଣ କରିବାକୁ ଅରାଜି। କାରଣ ଏବେ ଦଳର ସ୍ଥିତି ଏଭଳି ହୋଇଯାଇଛି ଯେ ରାଜସ୍ଥାନର ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଅଧ୍ୟକ୍ଷ ହେବାକୁ ନ ଚାହିଁ ରାଜସ୍ଥାନରେ କ୍ଷମତା ଉପଭୋଗ କରିବାକୁ ସ୍ଥିର ମଣୁଛନ୍ତି। ସମ୍ଭବତଃ ସେ ବୁଝିସାରିଛନ୍ତି ଯେ, କଂଗ୍ରେସ ଅଧ୍ୟକ୍ଷ ହେଲେ ଅନେକ ଦାୟିତ୍ୱ ମିଳିପାରେ, କିନ୍ତୁ ତାଙ୍କର ପ୍ରଭାବ ଦଳ ଉପରେ ରହିବ ନାହିଁ। ଗତ ଦୁଇ ଦିନର କଂଗ୍ରେସ ରାଜନୈତିକ ହଟଚମଟ ଦେଖିଲେ ପାର୍ଟି କେଉଁ ଆଡ଼କୁ ଯାଉଛି ତାହା ବୁଝିବା କଷ୍ଟକର।

ଭାଜପା ଦୀର୍ଘ ୮ ବର୍ଷ କେନ୍ଦ୍ରରେ କ୍ଷମତାରେ ରହିଥିଲେ ମଧ୍ୟ ଦେଶବାସୀ ପ୍ରବଳ ଆର୍ଥିକ ଦୁର୍ଦ୍ଦିନ ଦେଇ ଗତି କରୁଛନ୍ତି। ଅର୍ଥନୈତିକ କୁପରିଚାଳନା ବିଶେଷକରି ବିମୁଦ୍ରୀକରଣ ଯୋଗୁ ଲୋକଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯାଇଛି। କେବଳ କେତେକ ଧନୀଙ୍କ ବ୍ୟତୀତ ଗରିବ ଓ ମଧ୍ୟବିତ୍ତ ଅନ୍ଧାରକୁ ଠେଲି ହୋଇଯାଉଛନ୍ତି। ବୈଦେଶିକ ନୀତିରେ ସ୍ପଷ୍ଟତା ରହୁ ନ ଥିବାରୁ ଭାରତ ତା'ର ପଡ଼ୋଶୀଙ୍କ ସହ ଉତ୍ତମ ସମ୍ପର୍କ ରକ୍ଷା କରିପାରୁ ନାହିଁ। ଏଭଳି ସ୍ଥିତିରେ ଏକ ଶକ୍ତ ବିରୋଧୀ ଦଳ ଭାବେ ଉଭା ହେବା କେବଳ କଂଗ୍ରେସ ପକ୍ଷରେ ସମ୍ଭବ ହେବା କଥା। କାରଣ ଏବେବି ରାଜସ୍ଥାନ, ମଧ୍ୟପ୍ରଦେଶ, କର୍ଣ୍ଣାଟକ, ଛତିଶଗଡ଼ ଓ ପଞ୍ଜାବରେ ଅପେକ୍ଷାକୃତ ଭାବେ ଦଳର ଭଲ ଉପସ୍ଥିତି ରହିଛି। ରାହୁଲ ଗାନ୍ଧୀ ଭାରତ ଯୋଡ଼ୋ ଯାତ୍ରା କରି ଲୋକଙ୍କ ପାଖକୁ ଯାଉଥିବା ବେଳେ କିଞ୍ଚିତ ଜନସମର୍ଥନ ପାଉଛନ୍ତି। ହେଲେ ଏହାର ନେତାମାନେ ତାଙ୍କୁ ସହଯୋଗ କରିବା ଭଳି ମନେହେଉ ନାହିଁ। 'ଜଣେ ବ୍ୟକ୍ତି, ଗୋଟିଏ ପଦବୀ' ଚିନ୍ତାଧାରାରେ ବିଶ୍ୱାସ କରି କିଛିବର୍ଷ ହେବ ଦଳ ଚାଲିଥିଲେ ହେଁ କେତେକ କ୍ଷମତାଲୋଭୀ ସେଥିରେ ବ୍ୟତିକ୍ରମ ସୃଷ୍ଟି କରିବାକୁ ଆଗେଇ ଆସିଛନ୍ତି। ଶୁଣାଯାଉଥିଲା ୧୭ ଅକ୍ଟୋବରରେ କଂଗ୍ରେସ ଅଧ୍ୟକ୍ଷ ପଦବୀ ଲାଗି ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଓ କଂଗ୍ରେସର ବରିଷ୍ଠ ନେତା ଶଶୀ ଥରୁରଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ। ନେହେରୁ-ଗାନ୍ଧୀ ପରିବାର ଭିନ୍ନ ଅନ୍ୟ ଯେକୌଣସି ନେତା ଅଧ୍ୟକ୍ଷ ପଦ ଧାରଣ କଲେ କର୍ମୀ ଓ ସାଧାରଣ ଲୋକଙ୍କ ନିକଟକୁ ବାର୍ତ୍ତା ଯାଉଥାଆନ୍ତା ଯେ କଂଗ୍ରେସ ପରିବର୍ତ୍ତନ ଆଡ଼କୁ ମୁହାଁଇଛି। ହେଲେ ନିର୍ବାଚନ ପ୍ରକ୍ରିୟା ଆରମ୍ଭରୁ ବିଶୃଙ୍ଖଳା ସୃଷ୍ଟି ହେଲା। କଂଗ୍ରେସରେ ନେତୃତ୍ୱ ଗୁରୁତ୍ୱ ପାଉ ନ ଥିବାରୁ ଏକ କାଇଦା କରାଯାଇ ଗେହଲଟଙ୍କୁ ଅଧ୍ୟକ୍ଷ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ତାହା ହୋଇଥିଲେ ସଚିନ ପାଇଲଟ ରାଜସ୍ଥାନର ମୁଖ୍ୟମନ୍ତ୍ରୀ ହୋଇଥାଆନ୍ତେ। କିନ୍ତୁ ରାଜସ୍ଥାନ କଂଗ୍ରେସରେ ପ୍ରାୟୋଜିତ ବିଦ୍ରୋହ ଦେଖାଦେଲା। ପ୍ରାୟ ୯୨ ଜଣ ଗେହଲଟ ସମର୍ଥକ ପାଇଲଟଙ୍କୁ ବିରୋଧ କରି ଇସ୍ତଫା ଦେବାକୁ ଧମକ ଦେଇଛନ୍ତି। କିନ୍ତୁ ବାସ୍ତବରେ ଇସ୍ତଫା ଦେଇ ନାହାନ୍ତି।

ଏଭଳି ପରିପ୍ରେକ୍ଷୀରେ ଯାହା ଅନୁମାନ କରାଯାଉଛି ରାହୁଲ ଗାନ୍ଧୀ ପୁନଶ୍ଚ କଂଗ୍ରେସର ଯଷ୍ଟି ଧରିପାରନ୍ତି। ଏମିତି ଦେଖିଲେ ଅନେକ ପ୍ରଦେଶ କଂଗ୍ରେସ କମିଟି (ପିସିସି) ରାହୁଲଙ୍କ ସପକ୍ଷରେ ରହିଛନ୍ତି। ଏବେ ଗେହଲଟଙ୍କ କ୍ଷମତା ଲୋଭ ଓ ରାଜସ୍ଥାନର ରାଜନୈତିକ ସଙ୍କଟ ଦେଖିଲେ ବୁଝି ହେଉଛି ଯେ, ନେହେରୁ-ଗାନ୍ଧୀ ପରିବାର ପ୍ରତି କଂଗ୍ରେସର ନେତା ଓ କର୍ମୀଙ୍କ ଅପେକ୍ଷାକୃତ ଭଲ ଭରସା ରହିଛି। ସୋନିଆ ଓ ରାହୁଲଙ୍କ କମାଣ୍ଡକୁ ମାନିବାକୁ ଅନେକେ ପ୍ରସ୍ତୁତ ଅଛନ୍ତି। ଦେଶବ୍ୟାପୀ ଭାଜପା ପ୍ରଚାର କରିଥିଲା ଯେ ପରିବାରବାଦ ଯୋଗୁ କଂଗ୍ରେସ ବୁଡ଼ିଯିବାକୁ ବସିଛି। ଏବେ ଏହା ହୃଦବୋଧ ହେଉଛି ଯେ, ଏହି ମାତା-ପୁତ୍ରଙ୍କଠାରୁ କଂଗ୍ରେସରେ ଆହୁରି ଅଧିକ କ୍ଷମତା ଲୋଭୀ ଅଛନ୍ତି। ସେଥିପାଇଁ ଦଳୀୟ ଶୃଙ୍ଖଳାକୁ ଅମାନ୍ୟ କରିବାକୁ ସେହିମାନେ ପଛାଉ ନାହାନ୍ତି। ଏପରି ଘଡ଼ିସନ୍ଧି ମୁହୂର୍ତ୍ତରେ କଂଗ୍ରେସର ଶୀର୍ଷ ନେତୃତ୍ୱ ବିଶୃଙ୍ଖଳିତ ନେତାଙ୍କ ପ୍ରତି କଠୋର ହେବା ଦରକାର। କେତେକେ କହିପାରନ୍ତି ଏହା ଦ୍ୱାରା କଂଗ୍ରେସ ଆହୁରି ଖରାପ ପ୍ରଦର୍ଶନ କରିବ। ତାହା ବି ହେଉ। ଅପରପକ୍ଷରେ ନେତୃତ୍ୱ ଦୃଢ଼ ନିଷ୍ପତ୍ତି ନେଇପାରିଲେ ପାର୍ଟି ପ୍ରତି କର୍ମୀଙ୍କ ବିଶ୍ୱସନୀୟତା ବଢ଼ିପାରନ୍ତା। ପୁଣି ମୂଳରୁ ଦଳ ଉଠିବାର ସମ୍ଭାବନା ଦେଖାଦିଅନ୍ତା। କିନ୍ତୁ ମୂଳ ସମସ୍ୟା ହେଉଛି ଯେ, ରାହୁଲ ଗାନ୍ଧୀ ନିଜେ ନିଜର ଦକ୍ଷତା ଉପରେ ସନ୍ଦେହ କରୁଥିବା ଭଳି ମନେହୁଏ। ବାସ୍ତବରେ ଦଳକୁ ନେତୃତ୍ୱ ଦେଇ ଆଗକୁ ବଢ଼ାଇବା ସକାଶେ ତାଙ୍କର ଇଚ୍ଛା ଥିଲା ଭଳି ଦେଖାଯାଉନାହିଁ। ସେଥିପାଇଁ ତାଙ୍କର ହାଲୁକା ଆଚରଣକୁ ଖୁବ୍ ସୁନ୍ଦର ଭାବେ ବ୍ୟବହାର କରିପାରୁଥିବାରୁ ଭାଜପା ଆଗରେ ରହୁଛି। ରାହୁଲଙ୍କ ଚରିତ୍ର ଭାଜପାକୁ ସୁହାଉଥିବା ହେତୁ ମରା ଘୋଡ଼ାକୁ ଚାବୁକ୍ ମାରିଲା ଭଳି ପରିସ୍ଥିତି ସୃଷ୍ଟି କରି ଅନ୍ୟ କୌଣସି ନେତାଙ୍କୁ ବଢ଼ିବାକୁ ଦିଆଯାଉ ନାହିଁ। ଅର୍ଥାତ୍ ଉଭୟ ରାହୁଲ ଓ ଭାଜପା ଗୋଟିଏ ରାସ୍ତାରେ ଯାଉଥିବା ଭଳି ମନେହେଉଛି। ରାହୁଲ କେବେ ହେଲେ ଚାହିଁ ନ ଥିବେ ଅନ୍ୟ କେହି ମୁଖ୍ୟ ବିରୋଧୀ ନେତା ଭାବେ ଉଭା ହୁଅନ୍ତୁ। ଭାଜପା ମଧ୍ୟ ଚାହେଁ ନାହିଁ ଅନ୍ୟ କୌଣସି ଦକ୍ଷ ନେତୃତ୍ୱ ଆସି ମୋଦିଙ୍କ ପଥ ରୋଧ କରୁ। ସେଥିପାଇଁ ରାହୁଲ ସେହି ଆସନରେ ଯେତେଦିନ ବସି ରହିବେ ଉଭୟ ଗାନ୍ଧୀ ପରିବାର ଓ ମୋଦି ସମର୍ଥକ ଖୁସିରେ ଡେଉଁଥିବେ। କ୍ଷତି କେବଳ ଦେଶର ଘଟୁଛି।

## su|do|ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | | | | | | |
| | | | 1 | | 2 | 5 | | |
| | | 7 | | 6 | 8 | | 9 | 4 |
| 4 | | 8 | | | 7 | 3 | 5 | |
| | | 1 | | | | | 2 | 7 |
| | | | | | 1 | | 6 | |
| 6 | | | 5 | | | | 8 | 9 |
| 5 | | | | | | | | |
| | 4 | | | | 9 | 1 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 3 | 9 | 7 | 8 | 2 | 6 | 1 | 4 |
| 4 | 8 | 6 | 9 | 1 | 3 | 7 | 2 | 5 |
| 7 | 1 | 2 | 4 | 5 | 6 | 3 | 9 | 8 |
| 9 | 5 | 3 | 2 | 6 | 1 | 8 | 4 | 7 |
| 2 | 4 | 8 | 3 | 7 | 9 | 1 | 5 | 6 |
| 6 | 7 | 1 | 8 | 4 | 5 | 2 | 3 | 9 |
| 8 | 2 | 4 | 5 | 3 | 7 | 9 | 6 | 1 |
| 1 | 9 | 5 | 6 | 2 | 8 | 4 | 7 | 3 |
| 3 | 6 | 7 | 1 | 9 | 4 | 5 | 8 | 2 |

ଗତକାଲିର ଉତ୍ତର

# ମୁକ୍ତ ଭାରତ-ପ୍ରଶାନ୍ତ ମହାସାଗରୀୟ ବିଚାର



ସିଞ୍ଜୋ ଆବେ

***ଜାପାନର ସବୁଠୁ ବେଶି ଦିନ ପ୍ରଧାନମନ୍ତ୍ରୀ ରହିଥିବା ସିଞ୍ଜୋ ଆବେଙ୍କୁ ୮ ଜୁଲାଇ ୨୦୨୨ରେ ଗୁଳି କରି ହତ୍ୟା କରାଯାଇଥିଲା। ଏହା ପୂର୍ବର ମାସେ ଭିତରେ ସେ ତାଙ୍କ ଆଞ୍ଚଳିକଭିତ୍ତିକ ଦୃଷ୍ଟିକୋଣ ଉପସ୍ଥାପନ କରିଥିଲେ। ତାଇୱାନ ବିରୋଧରେ ଚାଇନା ପକ୍ଷରୁ ବଢ଼ୁଥିବା ବିପଦ ସହ ରୁଷିଆର ୟୁକ୍ରେନ ଆକ୍ରମଣକୁ ତୁଳନା କରି ସେ ତାଙ୍କ ପ୍ରସଙ୍ଗକୁ ମଜଭୁତ କରିଥିଲେ। ୨୭ ଅକ୍ଟୋବର ୨୦୨୨ରେ ତାଙ୍କ ଅନ୍ତ୍ୟେଷ୍ଟି ସମ୍ପନ୍ନ କରାଯାଉଥିବା ପରିପ୍ରେକ୍ଷୀରେ ତାଙ୍କ ଲିଖିତ ନିବନ୍ଧକୁ ଏଠାରେ ଉପସ୍ଥାପନ କରାଗଲା।***

ରୁଷିଆର ୟୁକ୍ରେନ ଉପରେ ଆକ୍ରମଣ ବୈଶ୍ୱିକ ନିରାପତ୍ତା ପରିବେଶକୁ ଅତ୍ୟଧିକ ପରିବର୍ତ୍ତନ କରିବା ସହ ଜାପାନର ସୁରକ୍ଷା ନୀତି ପ୍ରତି ଏକ ଗମ୍ଭୀର ଆହ୍ୱାନ ସୃଷ୍ଟି କରିଛି। ଏକ ସ୍ୱାଧୀନ ରାଷ୍ଟ୍ର ୟୁକ୍ରେନକୁ ଆକ୍ରମଣ କରିବା ସ୍ପଷ୍ଟ ଭାବେ ଅନ୍ତର୍ଜାତୀୟ ଆଇନର ଉଲ୍ଲଂଘନ ଏବଂ ଏହା ସମ୍ପୂର୍ଣ୍ଣ ଭାବେ ଅସହିଷ୍ଣୁତାର ପରିପ୍ରକାଶ। ଆମେରିକାର ବୁଦ୍ଧିଜୀବୀଙ୍କ ଭଳି ଅନେକ ବିଶେଷଜ୍ଞ ଆକଳନ କରିଥିଲେ ଯେ, ୟୁକ୍ରେନର ରାଜଧାନୀ କିଭ୍‌ର ଖୁବ୍ କମ୍ ଦିନରେ ପତନ ଘଟିବ ; ତଥାପି ୟୁକ୍ରେନ ସରକାର ଏବଂ ତାହାର ନାଗରିକମାନେ ସେମାନଙ୍କ ମାତୃଭୂମିର ରକ୍ଷା ଲାଗି ସେମାନଙ୍କ ଲଢ଼େଇରେ ଦୃଢ ନିଶ୍ଚିତ ରହିଲେ। ବୃହତ୍ ଶକ୍ତି ରୁଷିଆ ବିରୋଧରେ ୟୁକ୍ରେନ ଦୃଢ଼ ହୋଇ ଠିଆ ହେଲା ଓ ଲଢ଼େଇ କଲା। ମାତୃଭୂମି ସୁରକ୍ଷାର ମୌଳିକ ସିଦ୍ଧାନ୍ତକୁ ଅନୁପାଳନ ପୂର୍ବକ ଏବଂ ୟୁକ୍ରେନକୁ ପାଶ୍ଚାତ୍ୟ ଦେଶଗୁଡ଼ିକ ପକ୍ଷରୁ ପର୍ଯ୍ୟାପ୍ତ ପରିମାଣର ସାମରିକ ଓ ଆର୍ଥିକ ସହଯୋଗ ଏବଂ ରୁଷିଆ ଉପରେ ଆର୍ଥିକ କଟକଣା ଲାଗୁ କରାଯିବା ଫଳରେ ଖୁବ୍‌ଶୀଘ୍ର ଯୁଦ୍ଧର ସ୍ଥିତିରେ ବଡ଼ ପରିବର୍ତ୍ତନ ଆଣିଦେଲା। ରୁଷିଆର ରାଷ୍ଟ୍ରପତି ଭ୍ଲାଡିମିର୍ ପୁଟିନ୍ କେବେ ଭାବି ଥିଲେ କି ଜାପାନ, ଆମେରିକା ଏବଂ ୟୁରୋପ ମଧ୍ୟରେ ଗଣତନ୍ତ୍ର ଏବଂ ଆଇନର ଶାସନର ମୌଳିକ ମୂଲ୍ୟବୋଧକୁ ନେଇ ଏକ ମେଣ୍ଟ ଗଢ଼ିଉଠିବ ଏବଂ ୟୁକ୍ରେନ୍‌କୁ ସହଯୋଗ କରିବାକୁ ସେମାନଙ୍କୁ ଏକାଠି କରିବ? ଗୋଟିଏ ଦେଶ ଏକାକୀ ତା' ଅଞ୍ଚଳ, ନାଗରିକ ଓ ସମ୍ପତ୍ତିକୁ ରକ୍ଷା କରିବାରେ କେତେ ଚରମ କଠିନତାକୁ ସାମ୍ନା କରିବାକୁ ହୁଏ, ତାହା ରୁଷିଆ ଆକ୍ରମଣ ପ୍ରତିପାଦିତ କରିଛି। ଜାପାନର ନିରାପତ୍ତା ପ୍ରତି ଏଭଳି ସ୍ଥିତି ବିପଦ ଭାବେ ଉଭା ହୋଇଛି। ମୋ ପ୍ରଥମ ଶାସନ ସମୟରେ ୨୦୦୭ରେ ଭାରତର ପାର୍ଲାମେଣ୍ଟକୁ ସମ୍ବୋଧନ କରିଥିଲି। ଏହାର ଶୀର୍ଷକ ଥିଲା ' କନ୍‌ଫ୍ଲୁଏନ୍ସ ଅଫ୍ ଦି ଟୁ ସିଜ୍'। ଅର୍ଥାତ୍ ଦୁଇ ସାଗରର ସଙ୍ଗମ'। ମୁଁ 'ଏସିଆ ପାସିଫିକ୍' ବିଚାରଧାରାରୁ ଦୂରେଇ ଯାଇ ଏକ ନୂଆ ଭୂ-ରାଜନୈତିକ ବିଚାର ଆରମ୍ଭ କଲି, ଯାହା ଭାରତ ମହାସାଗର ଏବଂ ପ୍ରଶାନ୍ତ ମହାସାଗରକୁ ଗୋଟିଏ 'ମୁକ୍ତ ସାଗର'ରୂପେ ପରିକଳ୍ପିତ କରିଥିଲା। ଏକ ସାମରିକ ସୁପରପାୱାର ହେବା ଲାଗି ଚାଇନାର ଉଦ୍ୟମକୁ ବିଚାରକୁ ନେଇ ମୁଁ ମଧ୍ୟ ମୌଳିକ ମୂଲ୍ୟବୋଧର ଆଦାନପ୍ରଦାନ ସହ ଜାପାନ, ଆମେରିକା, ଅଷ୍ଟ୍ରେଲିଆ ଏବଂ ଭାରତ ମଧ୍ୟରେ ଏକ ମେଣ୍ଟ ଗଢ଼ିବାକୁ ଏସିଆ ମହାଦେଶର ଦେଶଗୁଡ଼ିକଠାରୁ ସହଯୋଗ ଚାହୁଁଥିଲି। ଦୁର୍ଭାଗ୍ୟବଶତଃ, ସେତେବେଳେ ଆଗକୁ ବଢ଼ୁଥିବା ଉତ୍ତର କୋରିଆର ଆଣବିକ ବିକାଶ ଉପରେ ୬ଟି ଦେଶକୁ ନେଇ ହୋଇଥିବା ଆଲୋଚନାରେ ଚାଇନାର ସ୍ଥିତିକୁ ବିଚାର କରି ଆମେରିକା ପ୍ରଥମରୁ ଏକ ସତର୍କତାମୂଳକ ସ୍ଥିତି ଗ୍ରହଣ କରିଥିଲା। କିନ୍ତୁ ଭାରତ ତା'ର ଗୋଷ୍ଠୀ ନିରପେକ୍ଷ ଚିନ୍ତାଧାରାକୁ ସମ୍ମାନ ଦେଇ ଏହି ଆଲୋଚନାରୁ ଦୂରେଇ ରହିଥିଲା। ଏହାସତ୍ତ୍ୱେ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଜନ୍ ହାୱାର୍ଡଙ୍କ ସହଯୋଗ କ୍ରମେ ମୁଁ କ୍ୱାଡ୍ ବା ଚତୁର୍ଗୋଷ୍ଠୀଙ୍କ ମଧ୍ୟରେ ଉଚ୍ଚସ୍ତରୀୟ କଥାବାର୍ତ୍ତା କରିବାରେ ସଫଳ ହୋଇଥିଲି। ତେବେ ମୋର ଦ୍ୱିତୀୟ ଶାସନ ପାଳିରେ ଔପଚାରିକ ଭାବେ ମୁକ୍ତ ଓ ଅବାଧ ଭାରତ-ପ୍ରଶାନ୍ତ ମହାସାଗରୀୟ ବିଚାର ଉପରେ ନାଇରୋବିଠାରେ ଅନୁଷ୍ଠିତ ଟୋକିଓ ଇଣ୍ଟରନ୍ୟାଶନାଲ କନ୍‌ଫରେନ୍ସ ଅନ୍ ଆଫ୍ରିକାନ୍ ଡେଭଲପ୍‌ମେଣ୍ଟ (ଟିଆଇସିଏଡି)ରେ ଘୋଷଣା କରିଥିଲି। ପରବର୍ତ୍ତୀ ସମୟରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ 'ପାସିଫିକ୍ କମାଣ୍ଡ'ର ନାମକୁ 'ଇଣ୍ଡୋ-ପାସିଫିକ୍ କମାଣ୍ଡ' ଭାବେ ବଦଳାଇ ଦେଲେ। ଏଥିସହିତ ଜାପାନ ଦ୍ୱାରା ଅନୁସୃତ ରଣନୀତି ସହ ଖାପଖୁଆଇଲା ଭଳି ତାହାର ସାମରିକ ଓ କୂଟନୈତିକ ରଣନୀତି ଆରମ୍ଭ କରିଥିଲା ଆମେରିକା। କ୍ୱାଡ୍ ବୈଦେଶିକ ମନ୍ତ୍ରୀମାନଙ୍କ ବୈଠକ ଓ ସମ୍ମିଳନୀ ୟୋସିହିଦେ ସୁଗା ଓ ମୋ ପ୍ରଶସନ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ପରେ ପ୍ରଧାନମନ୍ତ୍ରୀ ଫୁମିଓ କିସିଦା, ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍, ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଟୋନି ଆଲ୍‌ବାନିଜ୍ ଓ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୪ ମେ ୨୦୨୨ରେ ଟୋକିଓରେ ଅନୁଷ୍ଠିତ ସମ୍ମିଳନୀରେ ମିଳିତ ଘୋଷଣାନାମା ଜାରି କରିଥିଲେ, ଯେଉଁଥିରେ ଭାରତ-ପ୍ରଶାନ୍ତ ମହାସାଗରୀୟ ଆଞ୍ଚଳିକ ନୀତି ସମ୍ପର୍କିତ ପ୍ରସଙ୍ଗ ପ୍ରତିଫଳିତ ହୋଇଥିଲା।



ଜାତିସଂଘର ଲ' ଅଫ୍ ସି କନ୍‌ଭେନଶନରେ ଆମେ ଅନ୍ତର୍ଜାତୀୟ ଆଇନ ପ୍ରତି ପ୍ରତିବଦ୍ଧତା ଦେଖାଇଥିଲୁ। ପୂର୍ବ ଓ ଦକ୍ଷିଣ ଚାଇନା ସାଗର ପଟୁ ଏବଂ ସାମୁଦ୍ରିକ ବ୍ୟବସ୍ଥାଭିତ୍ତିକ ନିୟମ ପ୍ରତି ସୃଷ୍ଟି ହେଉଥିବା ଆହ୍ୱାନକୁ ସମ୍ମୁଖୀନ ହେବା ଲାଗି ସାମୁଦ୍ରିକ ଆଇନକୁ ଯଥାସମ୍ଭବ ସମ୍ମାନ ଜଣାଇ ନାଭିଗେଶନ ଏବଂ ସାଗର ଉପରେ ବିମାନ ଚଳାଚଳର ସ୍ୱାଧୀନତାକୁ ସିଦ୍ଧ କରିଥିଲୁ। ଏହାର ସ୍ଥିତାବସ୍ଥା ପ୍ରତି ବଳପୂର୍ବକ, ଉତ୍ତେଜନାମୂଳକ ଏବଂ ଏକପାଖିଆ ପଦକ୍ଷେପକୁ ଆମେ ବିରୋଧ କରିଥିଲୁ।

ଚାଇନା ପକ୍ଷରୁ ସୃଷ୍ଟି କରାଯାଉଥିବା ବିପଦକୁ ସାମ୍ନା କରିବା ଲାଗି ମୁଁ 'କନ୍‌ଫ୍ଲୁଏନ୍ସ ଅଫ୍ ଦି ଟୁ ସିଜ୍' ଆଣିଥିଲି। ପରବର୍ତ୍ତୀ ସମୟରେ ଫ୍ରାନ୍ସ, ବ୍ରିଟେନ୍, ଜର୍ମାନୀ ସେମାନଙ୍କ ନୌବହରଗୁଡ଼ିକୁ ଭାରତ-ପ୍ରଶାନ୍ତମହାସାଗରୀୟ ଅଞ୍ଚଳକୁ ପଠାଇଥିବାରୁ ଏହା ଶକ୍ତିଶାଳୀ ହୋଇଥିଲା। ଏହା କହିବା ଅତିରଞ୍ଜିତ ହୋଇ ନ ପାରେ ଯେ, ମୁକ୍ତ ଓ ଅବାଧ ଭାରତ-ପ୍ରଶାନ୍ତ ମହାସାଗରୀୟ ବିଚାର ବୈଶ୍ୱିକ ପ୍ରତିରକ୍ଷା ନୀତିରେ ଏକ ନୂଆ ମୋଡ଼ ଆଣିଛି।

ତାଇୱାନ ସମ୍ପୂର୍ଣ୍ଣ ଭାବେ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ରହିଛି। ଏବେ ଚାଇନା ସହ ଏହାର ଉପୁଜିଥିବା ତିକ୍ତତାକୁ ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣକୁ ନେଇ ଅଧା ବିଶ୍ୱ ଯେଭଳି ସ୍ଥିତିରେ ଅଛନ୍ତି, ତାହା ସହିତ ଏହାକୁ ଦେଖାଯାଇପାରେ। ଚାଇନା ଓ ତାଇୱାନ ମଧ୍ୟରେ ଉପୁଜିଥିବା ଉତ୍ତେଜନା ସହ ରୁଷିଆ-ୟୁକ୍ରେନ୍ ଯୁଦ୍ଧ ସହିତ ବହୁ ବିଷୟର ସାମଞ୍ଜସ୍ୟ ରହୁଛି। ପ୍ରଥମରେ ରୁଷିଆ ଏବଂ ଚାଇନା ଆଣବିକ ଶକ୍ତିସମ୍ପନ୍ନ ଏବଂ ଜାତିସଂଘ ନିରାପତ୍ତା ପରିଷଦର ସ୍ଥାୟୀ ସଦସ୍ୟ ଅଛନ୍ତି। ଦ୍ୱିତୀୟରେ ୟୁକ୍ରେନ୍ ଓ ତାଇୱାନ୍‌ର କୌଣସି ସାମରିକ ମେଣ୍ଟ ନାହାନ୍ତି। କିନ୍ତୁ ୟୁକ୍ରେନ୍ ଓ ତାଇୱାନ୍ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଭେଦ ରହିଛି। ୟୁକ୍ରେନ୍ ଅନ୍ତର୍ଜାତୀୟ ସ୍ତରରେ ଏକ ସ୍ୱାଧୀନ ଦେଶ ଭାବେ ସ୍ୱୀକୃତ ଏବଂ ଜାତିସଂଘର ଏକ ସଦସ୍ୟ ମଧ୍ୟ। ସେଥିପାଇଁ ରୁଷିଆର ଆକ୍ରମଣ ଅନ୍ତର୍ଜାତୀୟ ନିୟମର ଉଲ୍ଲଂଘନ ଭାବେ ବିବେଚନା କରାଯାଇ ନିନ୍ଦା କରାଯାଇଛି। ଅନ୍ୟପକ୍ଷରେ ତାଇୱାନ୍ ଜାତିସଂଘର ସଦସ୍ୟ ନ ଥିଲେ ହେଁ କେତେକ ରାଷ୍ଟ୍ର ଏହାକୁ ଏକ ସାର୍ବଭୌମ ଦେଶ ଭାବେ ମାନ୍ୟତା ଦେଇଛନ୍ତି। ଚାଇନା ଯଦି ତାଇୱାନ୍‌କୁ ଦଖଲ କରେ, ତାହାର ନେତାମାନେ ଦାବି କରିବେ ଯେ ତାଇୱାନ୍ ବେଜିଂର ଏକ ଅଂଶ। ଚାଇନାର ଆଞ୍ଚଳିକ ଅଖଣ୍ଡତାକୁ ନିଶ୍ଚିତ କରିବାକୁ ତାହା ସେମାନଙ୍କ ଏକ ଆଭ୍ୟନ୍ତରୀଣ ବ୍ୟାପାର। ୟୁକ୍ରେନ୍ ଯୁଦ୍ଧରେ ଯେପରି ରୁଷିଆ ଉପରେ ଆର୍ଥିକ କଟକଣା ଲଗାଯାଇଛି, ଅନୁରୂପ ଭାବେ ତାଇୱାନ୍‌କୁ ସାହାଯ୍ୟ କରିବାକୁ ଅନ୍ୟ ଦେଶଗୁଡ଼ିକ ମିଳିତ ଭାବେ ଚାଇନା ଉପରେ ସେଭଳି କଟକଣା ଲଗାଇବେ କି ନାହିଁ ତାହା ଦେଖିବାକୁ ବାକି ରହିଛି। ବାଇଡେନ୍ ଜାପାନରେ ଏକ ସାମ୍ବାଦିକ ସମ୍ମିଳନୀରେ ସ୍ପଷ୍ଟ କରିଛନ୍ତି ଯେ ତାଇୱାନ୍‌କୁ ସୁରକ୍ଷା ଯୋଗାଇ ଦେବା ଲାଗି ତାଙ୍କ ପ୍ରଶାସନ ସାମରିକ ସହଯୋଗ ଦେବ। ଏବେ ଆମେରିକା ଯେଭଳି ଆଗକୁ ଆସି ତାଇୱାନ୍‌କୁ ସମର୍ଥନ କରୁଛି, ଅତୀତରେ ଏଥିରେ ଦ୍ୱନ୍ଦ୍ୱାତ୍ମକ ସ୍ଥିତି ଦେଖା ଦେଇଥିଲା। କିନ୍ତୁ ଏବେ ଆମେରିକାର ପ୍ରତିବଦ୍ଧତା ଚାଇନାକୁ ସ୍ପଷ୍ଟ ବାର୍ତ୍ତା ଦେଇଛି।

ଏଭଳି ପରିପ୍ରେକ୍ଷୀରେ ଜାପାନର ଏକ ବଡ଼ ଭୂମିକା ରହିଛି। ଆମେରିକା ସହିତ ଆଗକୁ ସାମରିକ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ଉଚିତ। ତାହା ହୋଇପାରିଲେ ଏକ ମୁକ୍ତ ଓ ଅବାଧ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳର ଦୃଷ୍ଟିଭଙ୍ଗୀ ଆଶାନୁରୂପ ହୋଇପାରିବ।

# କୋହିନୁର-ଆଲୋକର ସ୍ତୂପ



ପ୍ରକାଶ ତ୍ରିପାଠୀ

ବ୍ରିଟେନ ରାଣୀ ଏଲିଜାବେଥ ଦ୍ୱିତୀୟଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରଠାରୁ ଭାରତରେ ସୋସିଆଲ ମିଡିଆରେ କୋହିନୁର ହୀରାକୁ ନେଇ ଚର୍ଚ୍ଚା ପୁଣି ଜୋର ଧରିଛି। ବିଶ୍ୱର ସବୁଠାରୁ ମୂଲ୍ୟବାନ୍ ଅର୍ଥାତ୍ ୫୯୧ ନିୟୁତ ଡଲାର ମୂଲ୍ୟର କୋହିନୁର ହୀରା ବ୍ରିଟେନ ମହାରଣୀଙ୍କ ରାଜମୁକୁଟରେ ୨୮୦୦ ମୂଲ୍ୟବାନ୍ ଧାତୁ ମଧ୍ୟରେ ଯେତେଦିନ ଶୋଭା ପାଉଥିବ, ସେତେଦିନ ପର୍ଯ୍ୟନ୍ତ କୋହିନୁର ହୀରାକୁ ନେଇ ଚର୍ଚ୍ଚା ଜୋର ଧରୁଥିବ। ଏହାର କାରଣ ହେଉଛି ପ୍ରାକ୍ ସ୍ୱାଧୀନତା ସମୟରେ ଇଂରେଜମାନେ ଏହି ମୂଲ୍ୟବାନ୍ କୋହିନୁର ହୀରାକୁ ଭାରତରୁ ଚଞ୍ଚକତାପୂର୍ଣ୍ଣ ଭାବେ ନେଇଯାଇଥିଲେ। ସ୍ୱାଧୀନତା ପରବର୍ତ୍ତୀ ସମୟରେ ଅନେକ ସମୟରେ ଏହାକୁ ଫେରିପାଇବା ପାଇଁ ଉଦ୍ୟମ ହୋଇଥିଲେ ହେଁ ତାହା ସଫଳ ହୋଇନହିଁ। ୧୯୫୩ରେ ମହାରାଣୀ ଏଲିଜାବେଥ ଦ୍ୱିତୀୟଙ୍କ ରାଜତିଳକ ସମୟରେ କୋହିନୁର ହୀରା ଫେରିପାଇବା ପାଇଁ ଦାବି ଉଠିଥିଲେ ହେଁ ତାହାକୁ ବ୍ରିଟେନ ପ୍ରତ୍ୟାଖ୍ୟାନ କରିଥିଲା। ୧୯୭୬ରେ ପାକିସ୍ତାନ ପକ୍ଷରୁ ମଧ୍ୟ ଏହାକୁ ଫେରିପାଇବା ପାଇଁ ଦାବି ଉଠିଥିଲା। ଏପରିକି ଆଫଗାନିସ୍ତାନ ଓ ଇରାନ ପକ୍ଷରୁ ମଧ୍ୟ ଅନୁରୂପ ଦାବି ଅତୀତରେ ବ୍ରିଟେନ ନିକଟରେ ଉପସ୍ଥାପିତ କରାଯାଇଥିଲେ ହେଁ କେହି ଏହାକୁ ଫେରିପାଇବା ପାଇଁ ସଫଳ ହୋଇନାହାନ୍ତି।

ପ୍ରାୟ ୫ହଜାର ବର୍ଷରୁ ଊର୍ଦ୍ଧ୍ୱ ଏହି ହୀରା ପ୍ରଥମେ ୭୯୩ କ୍ୟାରେଟର ଥିବା ବେଳେ ବର୍ତ୍ତମାନ ଏହା ୧୦୫.୬ କ୍ୟାରେଟ (୨୧.୬ ଗ୍ରାମ)ର ରହିଛି। କୁହାଯାଏ ଦ୍ୱାଦଶ ଶତାବ୍ଦୀରେ ଆନ୍ଧ୍ର ପ୍ରଦେଶର କାକତୀୟ ସାମ୍ରାଜ୍ୟର ଏକ ହିନ୍ଦୁ ମନ୍ଦିରରେ ପୂଜା ପାଉଥିବା ବିଗ୍ରହଙ୍କ ନୟନରେ ସ୍ଥାପିତ ହୋଇଥିଲା ଏହି ହୀରା ଯାହାକି କୁଲୁର ଖଣିରୁ ସଂଗୃହୀତ ହୋଇଥିଲା। ପରେ ୧୩୦୪ରେ ଏହା ମାଳବାର ସମ୍ରାଟଙ୍କ ଗହଣାରେ ସ୍ଥାନ ପାଇଥିବା କଥା ଶୁଣାଯାଏ। ୧୩୧୦ରେ ଅଲାଉଦ୍ଦିନ ଖିଲିଜଙ୍କ ସେନାପତି ମଲିକ କାଫୁର ଏହାକୁ ରାଜପ୍ରାସାଦରୁ ଲୁଟକରି ଅଲାଉଦ୍ଦିନ ଖିଲିଜଙ୍କୁ ଉପହାର ଭାବେ ଦେଇଥିଲେ। ପରେ ଏହା କେତେବେଳେ ଅପହରଣ ତ କେତେବେଳେ ଉପହାର, ଏହିଭଳି ଭାବେ ଅନେକ ଶାସକଙ୍କ ନିକଟତର ହୋଇଛି। ଏହାପରେ ଏହି ହୀରା ଆସିଥିଲା ମୋଗଲ ଶାସନକୁ। ବାବରନାମାରେ ମଧ୍ୟ ଉକ୍ତ ହୀରା ସମ୍ପର୍କରେ ଉଲ୍ଲେଖ ରହିଛି। ବାବରଙ୍କ ପରେ ହୁମାୟୁନ ଓ ଏହିପରି ବଂଶାନୁକ୍ରମିକ ଭାବେ ଏହା ପହଞ୍ଚିଥିଲା ଔରଙ୍ଗଜେବ ଓ ପରେ ତାହା ତାଙ୍କର ନାତି ସୁଲତାନ ଅହମଦଙ୍କ ସମ୍ପତ୍ତି ଭାବେ ରତ୍ନଭଣ୍ଡାରରେ ସ୍ଥାନ ପାଇଥିଲା। ୧୭୩୯ରେ ଫରାସୀ ଶାସକ ନାଦିର ଶାହ ଭାରତ ଆସି ସୁଲତାନଙ୍କ ରାଜ୍ୟ ଦାଖଲ କଲେ। ପରେ କୋହିନୁର ଚାଲିଯାଇଥିଲା ନାଦିର ଶାହଙ୍କ ନିକଟକୁ। ପ୍ରକୃତରେ ସେହି ହୀରାର ନାମ ନାଦିର ଶାହ ହିଁ କୋହିନୁର ରଖିଥିଲେ ଯାହାର ଅର୍ଥ ହେଉଛି ଆଲୋକର ସ୍ତୂପ। ନାଦିର ଶାହାଙ୍କ ହତ୍ୟା ପରେ ହୀରା ଚାଲିଯାଇଥିଲା ଅହମ୍ମଦ ଶାହ ଦୁରାନିଙ୍କ ନିକଟକୁ ଓ ଏହାକୁ ସେ ଉପହାର ଭାବେ ତାଙ୍କର ବନ୍ଧୁ ରଞ୍ଜିତ ସିଂହଙ୍କୁ ପ୍ରଦାନ କରିଥିଲେ। ସମୟକ୍ରମେ ଏହିପରିଭାବରେ ଭାରତ, ପାକିସ୍ତାନ, ଆଫଗାନିସ୍ତାନ ବୁଲିବୁଲି ଶେଷରେ ପଞ୍ଜାବରେ



ପହଞ୍ଚିଥିଲା କୋହିନୁର। ୧୮୩୯ରେ ରଞ୍ଜିତ ସିଂହଙ୍କ ମୃତ୍ୟୁ ପରେ ମାତ୍ର ୪ ବର୍ଷରେ ଚାରିଜଣ ମହାରାଜାଙ୍କୁ ପାଇଥିଲା ପଞ୍ଜାବ। ଶେଷରେ ପାଳି ପଡ଼ିଥିଲା ୧୦ ବର୍ଷର ବାଳକ ଦୁଲୀପ ସିଂହଙ୍କର। ୧୮୪୯ ରେ ଇଂରେଜଙ୍କ ଚକ୍ରାନ୍ତର ଶିକାର ହେଲେ ଦୁଲୀପ ସିଂହ ଓ ପଞ୍ଜାବ ଦାଖଲ ହେଲା ଓ ଇଂରେଜଙ୍କ ହାତକୁ ଆସିଲା କୋହିନୁର ହୀରା। ୧୮୫୧ ଲଣ୍ଡନରେ ଆୟୋଜିତ ଏକ ପ୍ରଦର୍ଶନୀରେ ଏହି କୋହିନୁର ହୀରାର ପ୍ରଥମ ସାଧାରଣ ପ୍ରଦର୍ଶନ ହୋଇଥିଲା। ତତ୍କାଳୀନ ବ୍ରିଟେନର ରାଣୀ ଭିକ୍ଟୋରିଆଙ୍କ ସ୍ୱାମୀ ପ୍ରିନ୍ସ ଆଲବର୍ଟଙ୍କୁ ଏହି ହୀରା ଖୁବ୍ ପସନ୍ଦ ଆସିଥିଲା ଓ ତାଙ୍କରି ନିର୍ଦ୍ଦେଶରେ ଏହାକୁ କଟାଯାଇ ରାଣୀଙ୍କ ରାଜ ମୁକୁଟରେ ସ୍ଥାନିତ କରାଯାଇଥିଲା। ଭିକ୍ଟୋରିଆଙ୍କ ଅନ୍ତେ ଏହି କୋହିନୁର ହୀରା ଖଚିତ ରାଜମୁକୁଟ ରାଣୀ ଅଲେକଜାଣ୍ଡ୍ରା ଓ ଏଲିଜାବେଥଙ୍କ ମସ୍ତକରେ ଶୋଭାପାଇଥିଲା। ବର୍ତ୍ତମାନ ଏହା ବ୍ରିଟେନ ରାଜ ପରିବାରର ସମ୍ପତ୍ତି ଭାବେ ପରିଗଣିତ।

୧୯୯୭ରେ ମହାରାଣୀ ଏଲିଜାବେଥଙ୍କ ଭାରତ ଗସ୍ତ ସମୟରେ କୋହିନୁର ହୀରା ଭାରତକୁ ଫେରାଇଦେବା ପାଇଁ ଦାବି ଉଠିଥିଲେ ହେଁ ଏହା ସଫଳ ହୋଇ ନ ଥିଲା। ୨୦୧୦ରେ ତତ୍କାଳୀନ ବ୍ରିଟିଶ ପ୍ରଧାନମନ୍ତ୍ରୀ ଡେଭିଡ୍ କାମେରୁନ ଏ ସମ୍ପର୍କରେ ମତଦେଇଥିଲେ ଯେ ଯଦି ପ୍ରତ୍ୟେକ ଦେଶର ଦାବି ମୁତାବକ ସବୁ ମୂଲ୍ୟବାନ୍ ବସ୍ତୁ ଫେରାଇଦିଆଯିବ, ତେବେ ବ୍ରିଟେନ ସଂଗ୍ରହାଳୟରେ ପ୍ରଦର୍ଶନ କରିବାକୁ ଆଉ କିଛି ରହିବ ନାହିଁ। ୨୦୧୩ ରେ ଭାରତ ଗସ୍ତ ସମୟରେ କାମେରୁନ କୋହିନୁର ହୀରା ଫେରାଇବାକୁ ସ୍ପଷ୍ଟଭାବେ ମନା କରିଦେଇଥିଲେ। ୨୦୧୬ ରେ ମଧ୍ୟପ୍ରଦେଶ ଅନ୍ତର୍ଗତ ଜବଲପୁର ବାସିନ୍ଦା ଜନ୍ ଲୁଇସ ନାମକ ଜଣେ ବ୍ୟକ୍ତି କୋହିନୁର ହୀରାକୁ ନିଜ ପୈତୃକ ସମ୍ପତ୍ତି ଦର୍ଶାଇ ହାଇକୋର୍ଟରେ ଏକ ରିଟ୍ ପିଟିଶନ ଦାଖଲ କରିଥିଲେ ଯାହାକି ପରେ ଖାରଜ ହୋଇଥିଲା। ସେ ଉଲ୍ଲେଖ କରିଥିଲେ ଯେ କୋହିନୁର ହୀରା ତାଙ୍କର ଜେଜେ ବାପାଙ୍କ ବାପା ଆଲବର୍ଟ ଲୁଇସଙ୍କର ସମ୍ପତ୍ତି। ଏହାକୁ ସେ ସମୟରେ ରାଜା ମହାରାଜମାନେ ସେମାନଙ୍କ ଅଧିକାରକୁ ନେଇ ନିଜର ବଡ଼ିମା ଦେଖାଉଥିଲେ। ଏହି ରିଟ୍ ପିଟିଶନରେ ବ୍ରିଟେନ ପ୍ରଧାନମନ୍ତ୍ରୀ ଓ ଭାରତ ପ୍ରଧାନମନ୍ତ୍ରୀଙ୍କୁ ପକ୍ଷଭୁକ୍ତ କରାଯାଇଥିଲା। ଅନ୍ୟ ପଟେ ଗୋଟିଏ ଆର୍‌ଟିଆଇ ଉତ୍ତରରେ କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଥିଲା ଯେ ପୁରାତନ ଓ ବହୁମୂଲ୍ୟ କଳାକୃତି ଅଧିନିୟମ ୧୯୭୨ ଆଧାରରେ ଓ ନିୟମାନୁସାରେ ପ୍ରାଚୀନ ବସ୍ତୁ, ଯାହାକି ସ୍ୱାଧୀନତା ପୂର୍ବରୁ ବାହାର ଦେଶକୁ ଚାଲିଯାଇଛି, ତାହାକୁ ଫେରାଇ ଅଣାଯାଇ ପାରିବ ନାହିଁ। ମାତ୍ର ଅବୈଧ ଭାବେ କୋହିନୁର ହୀରା ବିଦେଶକୁ ଯାଇଥିବାରୁ ତାହାକୁ ଫେରାଇ ଅଣାଯିବା ଠିକ୍ ହେବ ବୋଲି କେତେକେ ଯୁକ୍ତି ଉପସ୍ଥାପିତ କରୁଛନ୍ତି। ୨୦୧୫ରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବ୍ରିଟେନ ଗସ୍ତ ପୂର୍ବରୁ ବ୍ରିଟେନ ସଂସଦରେ ନିଜ ବକ୍ତବ୍ୟରେ ଜଣେ ମୂଳ ଭାରତୀୟ ସାଂସଦ ଭାରତକୁ କୋହିନୁର ହୀରା ଫେରାଇ ଦିଆଯିବ ସମ୍ପର୍କରେ ମଧ୍ୟ ଉଲ୍ଲେଖ କରିଥିଲେ ଯାହାକି ଥିଲା ପ୍ରଭାବାହୀନ।

କୋହିନୁର ହୀରା ପରି ଚର୍ଚ୍ଚିତ ବସ୍ତୁ ଭାବେ ଗଣା ହୁଏ ୨୫୦୦ ବର୍ଷ ତଳର ମୂର୍ତ୍ତି ଏଲିନ ମାର୍ବଲ। ୧୮୦୦ ରେ ତତ୍କାଳୀନ ବ୍ରିଟେନ ରାଜା ଲର୍ଡ ଏଲିନଙ୍କ ଦ୍ୱାରା ଏଥେନ୍ସର ପାର୍ଥନାନ ଧର୍ମସ୍ଥଳୀରୁ ଏହାକୁ ବ୍ରିଟେନ ଅଣାଯାଇଥିଲେ। କୋହିନୁର ହୀରା ହେଉ ବା ଏଲିନ ମାର୍ବଲ ମୂର୍ତ୍ତି , ଏହା ଯେଉଁଠି ରହିଲେ ବି ଏହାର ମୂଳ ପରିଚୟ କେବେବି ହଜିବ ନହିଁ। କୋହିନୁର ହୀରା ଭାରତ ଫେରୁ ବା ନ ଫେରୁ, ଏହା ଯେଉଁଠି ଥିଲେ ବି ଭାରତର ସମ୍ପତ୍ତି ଭାବେ ସମଗ୍ର ବିଶ୍ୱକୁ ନିଜର ଚମକରେ ପରିଚୟ ଦେଉଥିବ।

ମୋ- ୯୪୩୭୨୩୨୪୬୩

## ଏଇ ଭାରତରେ

ଛାତ୍ରମାନଙ୍କୁ ପଢ଼ାଇବା ପାଇଁ କେ.ଭି. ନାରାୟଣୀଙ୍କ କର୍ତ୍ତବ୍ୟ ପରାୟଣତା ସଭିଙ୍କ ପାଇଁ ଏକ ପ୍ରେରଣା। କେରଳର ଏହି ଶିକ୍ଷୟିତ୍ରୀଙ୍କ ବୟସ ୬୫। ଚିରୁଭାଥୁରରେ ସେ ସ୍ୱାମୀଙ୍କ ସହ ଏକ ଭଡ଼ାଘରେ ରହୁଛନ୍ତି। ନାରାୟଣୀ ପିଲାମାନଙ୍କୁ ପଢ଼ାଇବା ଲାଗି ପ୍ରତିଦିନ ୨୫ କି.ମି.ଚାଲି ଚାଲି ଯାଉଛନ୍ତି । ପିଲାମାନଙ୍କୁ ଏକାଠି ଗୋଟିଏ ଜାଗାରେ ନୁହେଁ, ବରଂ ଘରକୁ ଘର ଯାଇ ସେମାନଙ୍କୁ ପଢ଼ାଉଛନ୍ତି। କସାରଗୁଡ଼ାର ଅନେକ ପିଢ଼ିର ଛାତ୍ରଙ୍କୁ ସେ ୫୦ ବର୍ଷ ହେଲା ପଢ଼ାଇଆସୁଛନ୍ତି। ଏବେ ସୁଦ୍ଧା ସେ ଅନେକ ଶହ ପିଲାଙ୍କୁ ପଢ଼ାଇସାରିଲେଣି। ତାଙ୍କୁ ସେଠାକାର ଲୋକେ ନାରାୟଣୀ ଶିକ୍ଷୟିତ୍ରୀ ବୋଲି ସମ୍ବୋଧନ କରୁଛନ୍ତି। ତାଙ୍କ ଦୈନନ୍ଦିନ ଜୀବନଶୈଳୀ ମଧ୍ୟ ଭିନ୍ନ। ସେ ଭୋର ୪.୩୦ ମିନିଟ୍‌ରେ ଉଠି ତାଙ୍କ ନିତ୍ୟକର୍ମ ଶେଷକରି ସକାଳ ୬.୩୦ ସୁଦ୍ଧା ପ୍ରଥମ ଛାତ୍ରଙ୍କ ଘରେ ପହଞ୍ଚିଯାଆନ୍ତି। ତା'ପରେ ଅନ୍ୟ ଛାତ୍ରମାନଙ୍କ ଘରକୁ ଯାଇ ସନ୍ଧ୍ୟା ସୁଦ୍ଧା ଘରକୁ ଫେରିଆସନ୍ତି। ନାରାୟଣୀ ୧୯୭୧ରେ ମାଟ୍ରିକ ପାସ୍ କରିଛନ୍ତି। କେବେ କଲେଜ ଯାଇନାହାନ୍ତି। କିନ୍ତୁ ସେ ଇଂଲିଶ, ମାଲୟାଲମ, ହିନ୍ଦୀ ଓ ସଂସ୍କୃତ ଭଲ ଭାବେ ଜାଣିଛନ୍ତି। ସେ ୧୫ ବର୍ଷ ବୟସରୁ ପିଲାମାନଙ୍କୁ ପଢ଼ାଇବା ଆରମ୍ଭ କରିଥିଲେ ଓ କେବେ ବି ସ୍କୁଲ ଶିକ୍ଷକ ହୋଇନାହାନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୭ ସେପ୍ଟେମ୍ବର ୧୯୯୭

- ବିଶିଷ୍ଟ ଐତିହାସିକ ରୋମିଲା ଥାପରଙ୍କୁ ଜାପାନର ସମ୍ମାନଜନକ ଫୁକୁଓକା ଏସୀୟ ସାଂସ୍କୃତିକ ପୁରସ୍କାର ପ୍ରଦାନ।
- ଆନ୍ଧ୍ରପ୍ରଦେଶର ମହବୁବ ନଗର ଜିଲାରେ ରାଜ୍ୟ ପରିବହନ ନିଗମର ଏକ ବସ୍ କ୍ରିଷ୍ଣାନଦୀର ବେଚାପାଲି ପୋଲ ଉପରେ ଦୁର୍ଘଟଣାଗ୍ରସ୍ତ ହୋଇ ବନ୍ୟାଜଳରେ ଭାସିଯିବାରୁ ୫୦ ଯାତ୍ରୀଙ୍କ ପ୍ରାଣହାନୀ।
- ବସ୍‌ଭଡ଼ା ବୃଦ୍ଧି ଦାବିରେ ରାଜ୍ୟର ୩୭୦୦ ଘରୋଇ ବସ୍ ଅନିର୍ଦ୍ଦିଷ୍ଟ କାଳୀନ ଧର୍ମଘଟରେ ସାମିଲ।

## ଚିରନ୍ତନୀ

କେତେ ଛନ୍ଦେ କେତେ ଗନ୍ଧେ
ଭରି ମୋର ହିୟା
ଜାଗିଲା ପରାଣପୁରେ
ଆଜି ପ୍ରାଣପ୍ରିୟା।

-(ଚିରନ୍ତନ କୁହୁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ସରକାର ଦୃଷ୍ଟି ଦିଅନ୍ତୁ

ମହାଶୟ,
ଅଗଷ୍ଟ ୨୭ ରେ ଏଏସ୍‌ଓ ଚାକିରିର ଶୂନ୍ୟସ୍ଥାନ ପୂରଣ ପାଇଁ ଲିଖିତ ପରୀକ୍ଷା ହୋଇଯାଇଛି । କିନ୍ତୁ ଯାହା ଜଣାପଡୁଛି, ପରୀକ୍ଷା ଏକ ପ୍ରହସନ ମାତ୍ର । କାରଣ ପରୀକ୍ଷା ଦେବାକୁ ଆସିଥିବା ପରୀକ୍ଷାର୍ଥୀମାନଙ୍କୁ କୌଣସି ପ୍ରକାର ଯାଞ୍ଚ କରାଯାଉ ନ ଥିଲା। ରେଲ୍‌ୱେ ଏବଂ ବ୍ୟାଙ୍କଗୁଡିକରେ ପରୀକ୍ଷା ଅନ୍‌ଲାଇନରେ ହେଉଥିବା ବେଳେ ଏଏସ୍‌ଓ ପାଇଁ ଲିଖିତ ପରୀକ୍ଷା ଦେବା ମନରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । କେଉଁମାନେ ଚାକିରି ପାଇବେ ତାହା ଠିକ୍ ହୋଇ ସାରିଥିବା ଶୁଣିବାକୁ ମିଳୁଛି । ଆହୁରି ମଧ୍ୟ ଲିଖିତ ପରୀକ୍ଷାରେ ଉତ୍ତରକୁ ପରେ ହେରଫେର କରିବା ମଧ୍ୟ କିଛି କଷ୍ଟସାଧ୍ୟ ନୁହେଁ । ଯାହାହେଉ କୌଣସି ପ୍ରକାର ଅନିୟମିତତା ନ ହେବା ପାଇଁ ସରକାର ଦୃଷ୍ଟି ଦେବାକୁ ଅନୁରୋଧ ।

– ଅଶୋକ କୁମାର ସାହୁ, ମୋତିଗଞ୍ଜ, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବ୍ୟବଚ୍ଛେଦ ରିପୋର୍ଟରେ ଶ୍ୱାସରୁଦ୍ଧ ହୋଇ ମୃତ୍ୟୁ

**ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ରଙ୍କ ମୃତ୍ୟୁ ଘଟଣା**

- ୨ ମୋବାଇଲରେ ଥିବା ଭିଡିଓର ସ୍ଥିତିକୁ ନେଇ ସନ୍ଦେହ
- ସ୍ତ୍ରୀ, ରୋଷେୟାଙ୍କୁ ତଦନ୍ତକାରୀ ଟିମ୍‌ର ପଚରାଉଚରା
- ପୋଲିସ କମିଶନରଙ୍କୁ ଭେଟି ଦାବିପତ୍ର ଦେଲା ଭାଜପା

ଭୁବନେଶ୍ୱର,୨୬।୯ (ବ୍ୟୁରୋ)

ପୁରୀ ଜିଲା ନିମାପଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୧୧ ନମ୍ବର ଜୋନ୍‌ର ବିଜେଡି ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁଙ୍କର ଭୁବନେଶ୍ୱରରେ ମୃତ୍ୟୁ ଘଟଣାକୁ ନେଇ ପୋଲିସ ଖୋଳତାଡ଼ ଜାରି ରଖିଛି। ଇତିମଧ୍ୟରେ ସୋମବାର ବ୍ୟବଚ୍ଛେଦ ରିପୋର୍ଟ ପୋଲିସର ହସ୍ତଗତ ହୋଇଛି। କ୍ୟାପିଟାଲ ହସ୍ପିଟାଲ ପକ୍ଷରୁ କମିଶନରେଟ ପୋଲିସକୁ ଦିଆଯାଇଥିବା ଉକ୍ତ ରିପୋର୍ଟରେ, ଧର୍ମେନ୍ଦ୍ର ଆତ୍ମହତ୍ୟା କରିଥିବା ଉଲ୍ଲେଖ ରହିଛି। ରିପୋର୍ଟ ଅନୁଯାୟୀ, ଝୁଲନ୍ତା ଅବସ୍ଥାରେ ଶ୍ୱାସରୁଦ୍ଧ ହୋଇ ଧର୍ମେନ୍ଦ୍ରଙ୍କ ମୃତ୍ୟୁ ହୋଇଛି। ଶରୀରର ଅନ୍ୟ କୌଣସି ସ୍ଥାନରେ କ୍ଷତଚିହ୍ନ ନ ଥିବା କୁହାଯାଇଛି। ତେବେ ସେ କାହିଁକି ଏପରି ଚରମ ନିଷ୍ପତ୍ତି ନେବାକୁ ବାଧ୍ୟ ହେଲେ ସେନେଇ ରହସ୍ୟ ଲାଗି ରହିଛି। ପାରିବାରିକ ସମ୍ପର୍କ, ମୋବାଇଲ ସିଡିଆର୍, ବ୍ୟବସାୟିକ କାରବାର ଓ ରାଜନୈତିକ ଆଦି ଦିଗକୁ ନେଇ ପୋଲିସ ତଦନ୍ତକୁ ଆଗକୁ ବଢ଼ାଇଛି। ରବିବାର ସନ୍ଧ୍ୟାରେ ତଦନ୍ତ ଦାୟିତ୍ୱରେ ଥିବା ଅତିରିକ୍ତ ଡିସିପି ପ୍ରକାଶ ଚନ୍ଦ୍ର ପାଲଙ୍କ ସମେତ ୭ ଜଣିଆ ପୋଲିସ ଟିମ୍ ପୁରୀ ଜିଲା ଗୋପ ବ୍ଲକସ୍ଥିତ ଧର୍ମେନ୍ଦ୍ରଙ୍କ ଘରକୁ ଯାଇ ପଚରାଉଚରା କରିଥିଲା। ତେବେ ଦ୍ୱିତୀୟ ପର୍ଯ୍ୟାୟରେ ସୋମବାର ପୁଣି ୬ଜଣିଆ ପୋଲିସ ଟିମ୍ ଭୁବନେଶ୍ୱର ଧଉଳି ଥାନା ଅନ୍ତର୍ଗତ ଶିଶୁପାଳଗଡ଼ ଲକ୍ଷ୍ମୀବିହାର ଅଞ୍ଚଳରେ ଥିବା ତାଙ୍କ ବାସଭବନକୁ ଯାଇ ଧର୍ମେନ୍ଦ୍ରଙ୍କ ସ୍ତ୍ରୀ ଓ ରୋଷେୟା ଏବଂ ଅନ୍ୟସଦସ୍ୟଙ୍କୁ ପଚରାଉଚରା କରି ଫେରିଛି। ତଦନ୍ତ ସମ୍ପୂର୍ଣ୍ଣ ହେବା ପରେ ଆତ୍ମହତ୍ୟାର କାରଣ କୁହାଯିବ ବୋଲି ଅତିରିକ୍ତ ଡିସିପି ପାଲ କହିଛନ୍ତି। ଅପରପକ୍ଷରେ ଜବତ ୨ଟି ମୋବାଇଲରେ ଥିବା ଭିଡିଓର ସ୍ଥିତିକୁ ନେଇ ସନ୍ଦେହ ଲାଗି ରହିଛି। କାରଣ ଶୁକ୍ରବାର ରାତିରେ ଧର୍ମେନ୍ଦ୍ର ଆତ୍ମହତ୍ୟା କରିଥିବାବେଳେ ଶନିବାର ଅପରାହ୍ନ ୫ଟାରେ ଘରର କିଛି ଦୂରରେ ମୋବାଇଲ ମିଳିଥିଲା। '୨ଟି ଫୋନ୍‌ରେ ସବୁ ଭିଡିଓ ରହିଛି, ତାକୁ ଲୋକଲୋଚନକୁ ଆଣିବେ' ବୋଲି ମୃତ୍ୟୁ ପୂର୍ବରୁ ଧର୍ମେନ୍ଦ୍ର ନିଜ ଫେସ୍‌ବୁକ ପେଜ୍‌ରେ ଏକ ଭିଡିଓ ପୋଷ୍ଟ କରି ଲେଖିଥିଲେ, ଯାହା ତାଙ୍କ ମୃତ୍ୟୁପଛର ରହସ୍ୟ ଖୋଲିବ ବୋଲି ଆଶା କରାଯାଉଛି। କିନ୍ତୁ ଘଟଣା ରାତିରେ ଅନ୍ୟକେହି ତାଙ୍କ ପାଖରୁ ମୋବାଇଲ ନେଇଯିବା ପରେ ସେଥିରେ ଥିବା ଭିଡିଓକୁ ଡିଲିଟ୍ କରିଦେଇଥିବା ଚର୍ଚ୍ଚା ହେଉଥିବାରୁ ପୋଲିସ ତଦନ୍ତରେ ଏହା ବାଧକ ସାଜିପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ତେବେ ସବୁଠୁ ବଡ଼ ପ୍ରମାଣ କୁହାଯାଉଥିବା ମୋବାଇଲକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବାବେଳେ ଏପରିକି ସିସିଟିଭିରେ ଦେଖାଯାଉଥିବା ଉକ୍ତ ବ୍ୟକ୍ତିଙ୍କ ଭୂମିକାକୁ ନେଇ ମଧ୍ୟ ସନ୍ଦେହ ସୃଷ୍ଟି ହୋଇଛି।

ଏପଟେ ନିମାପଡ଼ା ବିଧାୟକ ତଥା ଗଣଶିକ୍ଷା ମନ୍ତ୍ରୀଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ ବୋଲି ବିରୋଧୀ ଭାଜପା ଓ କଂଗ୍ରେସ ଦାବି କରି ରାସ୍ତାକୁ ଓହ୍ଲାଇଥିବାରୁ ଘଟଣା ଅଧିକ ଜଟିଳ ହେଉଛି। ଶୁକ୍ରବାର ଭାଜପାର ଏକ ଟିମ୍ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ ଭେଟି ଏକ ଦାବିପତ୍ର ଦେଇଛି। ରହସ୍ୟଜନକ ଭିଡିଓକୁ ସାମ୍ନାକୁ ଅଣାଯାଉ, ମନ୍ତ୍ରୀଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ ଏବଂ ମାମଲାର ନିରପେକ୍ଷ ତଦନ୍ତ ହେଉ ଆଦି ଭାଜପା ଦାବି କରିଛି। ଏପରିସ୍ଥିତିରେ କୌଣସି ଅପ୍ରୀତିକର ଘଟଣାକୁ ଏଡ଼ାଇବା ପାଇଁ ଭୁବନେଶ୍ୱରସ୍ଥିତ ଗଣଶିକ୍ଷା ମନ୍ତ୍ରୀଙ୍କ ସରକାରୀ ବାସଭବନ ପରିସରରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦିଆଯାଇଛି। ଘଟଣା ସଂକ୍ରାନ୍ତରେ ମନ୍ତ୍ରୀ ଗଣମାଧ୍ୟମକୁ କହିଛନ୍ତି, ପରିବାର ପକ୍ଷରୁ କୌଣସି ଅଭିଯୋଗ ଆସିନାହିଁ। ବିରୋଧୀ କ'ଣ କହୁଛନ୍ତି ସେ ସମ୍ପର୍କରେ ଉତ୍ତର ରଖିବାକୁ ଉଚିତ ମନେ କରୁନାହିଁ ବୋଲି ସେ କହିଛନ୍ତି।

# ସ୍କୁଲ ବସ୍ ଦୁର୍ଘଟଣାଗ୍ରସ୍ତ, ୧୬ ଛାତ୍ରୀଛାତ୍ର ଆହତ



ଦୁର୍ଘଟଣାଗ୍ରସ୍ତ ସ୍କୁଲବସ୍

ବରଗଡ଼ ଅଫିସ୍/ପଦ୍ମପୁର,୨୬।୯

ବରଗଡ଼ ଜିଲାରେ ସ୍କୁଲ ବସ୍‌ଗୁଡ଼ିକ ବେଆଇନ ଭାବେ ଚାଲିଛି ଏବଂ ଛାତ୍ରୀଛାତ୍ର ଅସୁରକ୍ଷିତ ହୋଇ ପଡ଼ିଛନ୍ତି। ପଦ୍ମପୁରରେ ସୋମବାର ତା'ର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି। ଜେନିଥ୍ ଲାୟନ୍ସ ଗୁରୁକୁଳ ନାମକ ଏକ ଘରୋଇ ସ୍କୁଲର ସ୍କୁଲବସ୍ (ସିଜି-୦୪-ଇ ୧୦୬୪) ଗଛରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୧୬ଜଣ ଛାତ୍ରୀଛାତ୍ର ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ଜଣଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିବାବେଳେ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାରେ ଚିକିତ୍ସା ପରେ ଅନ୍ୟ ୧୩ଜଣଙ୍କୁ ଡିସ୍‌ଚାର୍ଜ କରାଯାଇଛି। ବୁର୍ଲା ସ୍ଥାନାନ୍ତର ହୋଇଥିବା ଛାତ୍ରଙ୍କ ମଧ୍ୟରେ ଜଣଙ୍କର ହାତ ଭାଙ୍ଗିଥିବାବେଳେ ଅନ୍ୟଜଣଙ୍କ ଗୋଡ଼ ଭାଙ୍ଗିଛି। ସେହିପରି ଆଉ ଜଣେ ଛାତ୍ରଙ୍କ ଛାତିରେ ଗଭୀର ଆଘାତ ଲାଗିଛି।

**ବିନା ଫିଟ୍‌ନେସ୍‌ରେ ଚାଲୁଥିଲା**

ଅନ୍ୟପକ୍ଷେ ଦୁର୍ଘଟଣାଗ୍ରସ୍ତ ସ୍କୁଲବସ୍‌ର ଫିଟ୍‌ନେସ୍ ଅବଧି ୨୦୨୧ ମେ'ରୁ ସରି ଯାଇଥିବା ବରଗଡ଼ ଆଞ୍ଚଳିକ ପରିବହନ ବିଭାଗର ଏମ୍‌ଭିଆଇ ବିଶ୍ୱରଞ୍ଜନ ସାହୁ କହିଛନ୍ତି। ସେହିପରି ଦୁର୍ଘଟଣା ସମୟରେ ବସ୍ ଡ୍ରାଇଭର ମୋବାଇଲ ଫୋନରେ କଥା ହେଉଥିଲେ ବୋଲି ଆହତ ଛାତ୍ରୀଛାତ୍ରମାନେ କହିଥିବା ସେ ପ୍ରକାଶ କରିଛନ୍ତି। ଛୁଟି ହେବା ପରେ ସବୁଦିନ ଭଳି ଉକ୍ତ ସ୍କୁଲବସ୍‌ରେ ଛାତ୍ରୀଛାତ୍ର ଘରକୁ ଫେରୁଥିଲେ। ବସ୍‌ରେ ୩୦ରୁ ଅଧିକ ଛାତ୍ରୀଛାତ୍ର ଥିବା ସ୍ଥାନୀୟ ଲୋକେ କହୁଥିବାବେଳେ ବସ୍‌ରେ ୧୮ଜଣ ଛାତ୍ରୀଛାତ୍ର ଥିଲେ ବୋଲି ଏମ୍‌ଭିଆଇ ସାହୁ କହିଛନ୍ତି। ତେବେ ଡ୍ରାଇଭରଙ୍କ ବେପରୁଆ ଗାଡ଼ିଚାଳନା ଯୋଗୁ ବସ୍‌ଟି ରାସ୍ତାକଡ଼ରେ ଥିବା ଏକ ଗଛରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିବା କୁହାଯାଉଛି। ଖବର ପାଇ ପଦ୍ମପୁର ଥାନାଧିକାରୀ ରାଜେନ୍ଦ୍ର ସିଆଲ ଏବଂ ଅନ୍ୟ ପୋଲିସ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଆହତ ଛାତ୍ରୀଛାତ୍ରଙ୍କୁ ଉଦ୍ଧାର କରିଥିଲେ। ସେହିପରି ଏମ୍‌ଭିଆଇ ସାହୁ ଘଟଣାସ୍ଥଳକୁ ଯିବା ସହିତ ଡାକ୍ତରଖାନାରେ ଚିକିତ୍ସାଧୀନ ପିଲାଙ୍କୁ ଭେଟିଥିଲେ। ଦୁର୍ଘଟଣାଗ୍ରସ୍ତ ସ୍କୁଲବସ୍‌କୁ ଜବତ କରାଯାଇଛି ଏବଂ ଅଧିକ ତଦନ୍ତ କରାଯାଉଥିବା ଏମ୍‌ଭିଆଇ ସାହୁ କହିଛନ୍ତି। କେବଳ ଉକ୍ତ ସ୍କୁଲବସ୍ ନୁହେଁ, ଜିଲାରେ ଆହୁରି ଅନେକ ସ୍ଥାନରେ ବିପଦପୂର୍ଣ୍ଣଭାବେ ପୁରୁଣା ଗାଡ଼ି, ବସ୍‌ରେ ଛାତ୍ରୀଛାତ୍ରଙ୍କୁ ସ୍କୁଲକୁ ନେବାଆଣିବା କରାଯାଉଥିଲେ ସୁଦ୍ଧା ବିଭାଗୀୟ କର୍ତ୍ତୃପକ୍ଷ ନୀରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହୋଇଛି।

# ଯୁବକଙ୍କୁ କଚାଡ଼ି ମାରିଲା ହାତୀ

ରାଜଗାଙ୍ଗପୁର,୨୬।୯(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଅଞ୍ଚଳରେ ହାତୀ ଆତଙ୍କ ଦେଖାଦେଇଛି। ରବିବାର ଭାଲାରଷ ମିଞ୍ଜ (୪୨)ଙ୍କୁ ହାତୀ କଚାଡ଼ି ମାରିଦେଇଛି। ତାଙ୍କ ଘର ରାଜଗାଙ୍ଗପୁର ବ୍ଲକ ପାନପୋଷ ପଞ୍ଚାୟତର କାଲୋଡିହି ମିଞ୍ଜପଡ଼ାରେ। ସେ ମଇଁଷି ଚରାଇବା ପାଇଁ ଜଙ୍ଗଲକୁ ଯାଇ ସନ୍ଧ୍ୟା ସୁଦ୍ଧା ଫେରି ନ ଥିଲେ। ସନ୍ଧ୍ୟାରେ ମଇଁଷି ପଲ ଘରକୁ ଫେରିଥିଲେ। ଜଙ୍ଗଲ ଅଞ୍ଚଳ ହୋଇଥିବାରୁ ରାତିରେ ଘର ଲୋକ ଖୋଜାଖୋଜି କରିପାରି ନ ପାରି ସୋମବାର ସକାଳେ ଖୋଜିବା ଆରମ୍ଭ କରିଥିଲେ। ଘରଠାରୁ ପ୍ରାୟ ୩ କିଲୋମିଟର ଦୂର ଜଙ୍ଗଲର ପାଦଚଲା ରାସ୍ତାରେ ଭାଲାରଷଙ୍କ ମୃତଦେହ ପଡ଼ିଥିବା ଦେଖିଥିଲେ। ଏ ସମ୍ପର୍କରେ ରାଜଗାଙ୍ଗପୁର ବନ ବିଭାଗକୁ ଖବର ଦିଆଯାଇଥିଲା। ରାଜଗାଙ୍ଗପୁର ରେଞ୍ଜର ପ୍ରମୋଦ ସାହୁ ସଦଳବଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେହି ଅଞ୍ଚଳରେ ହାତୀ ଥିବାରୁ ପାରିପାର୍ଶ୍ୱିକ ସ୍ଥିତି ଓ ହାତୀ ପାଦଚିହ୍ନ ଦେଖି ହାତୀ କଚାଡ଼ି ମାରିଦେଇଥିବା ସୂଚନା ଦେଇଥିଲେ। ମୃତଦେହ ରାଜଗାଙ୍ଗପୁର ସରକାରୀ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। କିଛିଦିନ ପୂର୍ବରୁ ରାଜଗାଙ୍ଗପୁର ବ୍ଲକର ଜଙ୍ଗଲ ଅଞ୍ଚଳରେ ଥିବା କେତେକ ପଞ୍ଚାୟତରେ ହାତୀପଲ ଉପଦ୍ରବ କରି ବହୁ ଘର ଭାଙ୍ଗି ଦେଇଥିଲେ। ଫସଲ ନଷ୍ଟ ସାଙ୍ଗକୁ ଜୀବନ ମଧ୍ୟ ଯାଇଥିଲା। ହାତୀପଲକୁ ବନ ବିଭାଗ ଘଉଡାଇ ଦେଇଥିଲେ। କିନ୍ତୁ ପୁଣି ଥରେ ହାତୀପଲ ଉପଦ୍ରବ ଆରମ୍ଭ କରିଦେଇଛନ୍ତି।

# ଭିଜିଲାନ୍ସ ଜାଲରେ ଗଞ୍ଜାମ ବ୍ଲକ ସହକାରୀ ଯନ୍ତ୍ରୀ

**ଗଞ୍ଜାମ,୨୬।୯(ଡି.ଏନ.ଏ.):** ଜଣେ ବ୍ୟକ୍ତିଙ୍କ ବିଲ୍ କରାଇଦେବା ପାଇଁ ୪ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ସୋମବାର ଗଞ୍ଜାମ ବ୍ଲକ ସହକାରୀ ଯନ୍ତ୍ରୀ ବଂଶୀଧର ପରିଡା ଧରାପଡ଼ିଛନ୍ତି। ଭିଜିଲାନ୍ସ ଟଙ୍କା ଜବତ କରିବା ସହ ସହକାରୀ ଯନ୍ତ୍ରୀ ପରିଡ଼ାଙ୍କୁ ଗିରଫ କରିଛି। ରାମଗଡ଼ ସରପଞ୍ଚ ପ୍ରତିନିଧି ବିକ୍ରମ ଦାସ ଓ ତାଙ୍କର ଜଣେ ସହଯୋଗୀଙ୍କ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ୨ ଲକ୍ଷ ୧୦ ହଜାର ଟଙ୍କାର ବିଲ କରିବାକୁ କହି ସହକାରୀ ଯନ୍ତ୍ରୀ ଲାଞ୍ଚ ନେଉଥିଲେ। ଏହି ସମୟରେ ଆଡିଶନାଲ ଏସ୍‌ପିଙ୍କ ନେତୃତ୍ୱରେ ଭିଜିଲାନ୍ସର ୮ ଜଣିଆ ଟିମ୍ ଚଢ଼ାଉ କରିଥିବା ଭିଜିଲାନ୍ସ ମହିଳା ଅଧିକାରୀ ବୈଦେଇ ବେହେରା କହିଛନ୍ତି। ଗଞ୍ଜାମ ବ୍ଲକର ରାମଗଡ଼ ଜିଆର୍‌ଏସ୍ କୈଳାଶ ମହାକୁଡ଼ଙ୍କୁ ମଧ୍ୟ ଭିଜିଲାନ୍ସ ଟିମ ନେଇଛନ୍ତି। ଭିଜିଲାନ୍ସ ରାମଗଡ଼ ପଞ୍ଚାୟତର ବିଭିନ୍ନ ଡେଭେଲପମେଣ୍ଟ ବିଲଗୁଡିକ ଜବତ କରିଛି। ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ୩୫ ହଜାର ଟଙ୍କା ଓ ଗୋଟିଏ ମଦ ବୋତଲ ଜବତ ହୋଇଥିବା ବେଳେ ତାଙ୍କ ବାସଭବନରେ ମଧ୍ୟ ଚଢ଼ାଉ ହୋଇଛି।

La'serena FORMULATIONS REQUIRES
NEED PHARMA DISTRIBUTORS
A Pharma Company need a Common and Generic Distributor for Odisha on Monopoly basis Pain Management Products with competitive rates and attractive scheme.
Lanec (Diclo + Para) Lanec SP (Aciclo + Para + Sera)
Lanec AP (Aciclo + Para) Lanec MR (Diclo + Para + Chlorzoxazone)
Lanec NP (Nimusulide +Para) Lanec Plus (Diclo + Para + Caffeine)
Interested Distributor Who Has Having a good network in Odisha feel free to....
CONTACT
LA SERENA FORMULATIONS
B-Wing 608, Manubhai Tower, Sayajiganj, Vadodra-390005 India
Mob. : 94250 92102 email : laserena.baddi@gmail.com

DSPL - 185
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ଓଡ଼ିଶା ସରକାର
ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାର କମ୍ପ୍ୟୁଟରୀକୃତ
Go Live
କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ
ମାନ୍ୟବର ମନ୍ତ୍ରୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ଶ୍ରୀ ଅଶ୍ୱିନୀ କୁମାର ପାତ୍ରଙ୍କ ଦ୍ୱାରା
ଶୁଭ ଉଦ୍‌ଘାଟନ
ତା : ୨୭.୦୯.୨୦୨୨, ସମୟ : ସକାଳ ଘ.୧୧.୩୦ମି.
ସ୍ଥାନ : ସମ୍ମିଳନୀ କକ୍ଷ, ସଂସ୍କୃତି ଭବନ, ଭୁବନେଶ୍ୱର

OIPR-03001/13/0024/2223

**ନଡ୍ଡାଙ୍କ ଗସ୍ତ ନେଇ ଜିଲା ଭାଜପାର ବୈଠକ**

ଟାଉନ ଟାଉନ,(ଡି.ଏନ.ଏ.): ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ସଭାପତି ଜେ.ପି.ନଡ୍ଡାଙ୍କ ଓଡ଼ିଶା ଗସ୍ତକୁ ସଫଳ କରିବା ପାଇଁ ଯାଜପୁର ଜିଲା ଭାଜପା ସଭାପତି ଗୌତମ ରାୟଙ୍କ ପକ୍ଷରୁ ନିର୍ବାଚନମଣ୍ଡଳୀର ପ୍ରମୁଖ କାର୍ଯ୍ୟକର୍ତ୍ତାମାନଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ନିର୍ବାଚନ ମଣ୍ଡଳୀ ପ୍ରଭାରୀ ଡ. ରବି ନାରାୟଣ ବେହେରା, ସଂଯୋଜକ ସଞ୍ଜୟ ରାୟଙ୍କ ସମେତ ଲୋକସଭା ସଂଯୋଜକ ସୁଦିପ୍ତ ପଣ୍ଡା, ମନ୍ମଥ ବରାଳ, ଜିତାମିତ ଦାସ, ଅଧର ଚନ୍ଦ୍ର ବିଶ୍ୱାଳ, ନିରଞ୍ଜନ ନାୟକ, ଶ୍ରୀନିବାସ ପରିଡା, କେଶବ ମିଶ୍ର, ନିରଞ୍ଜନ ବଳ, ସନ୍ତୋଷ ନନ୍ଦ, ନଟବର ସେଠୀ, ରଣଜିତ ଦାସ, ପ୍ରଫୁଲ୍ଲ ସାହୁ, ସୁବୋଧ ରାୟ ପ୍ରମୁଖ ରାଷ୍ଟ୍ରୀୟ ସଭାପତିଙ୍କ ଗସ୍ତକୁ ସଫଳ କରିବା ପାଇଁ ଆଲୋଚନା କରିଥିଲେ ।

## ସଂକ୍ଷେପରେ

### ଚାଷଜମିରୁ ମୃତଦେହ ଜବତ, ହତ୍ୟା ସନ୍ଦେହ

କଳିଙ୍ଗନଗର,୨୬।୯(ଡି.ଏନ.ଏ.): କଳିଙ୍ଗନଗର ଥାନା ଅନ୍ତର୍ଗତ ଶଗଡ଼ଗୋଲା ନିକଟସ୍ଥ ଏକ ଜମିରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ପୋଲିସ ଜବତ କରିଛି । ମୃତ ବ୍ୟକ୍ତି ହେଲେ ଶଗଡ଼ଗୋଳାର ବାବୁଲି ମହନ୍ତ (୪୫) । ଏ ସଂକ୍ରାନ୍ତରେ ଏକ ମାମଲା(ନଂ. ୨୦୬/୨୨) ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି । ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନାହିଁ । ବାବୁଲିଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ସନ୍ଦେହ କରୁଛନ୍ତି । ରବିବାର ଅପରାହ୍ନରେ ବାବୁଲି ଘରୁ ଆସି ଫେରି ନ ଥିଲେ । ସୋମବାର ତାଙ୍କ ମୃତଦେହ ଶଗଡ଼ଗୋଳା ନିକଟସ୍ଥ ଜମିରେ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସବୁ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି ।

### ମାଗଣା ସ୍ୱାସ୍ଥ୍ୟ ଶିବିର

ଝୁମ୍ପୁରୀ,୨୬।୯(ଡି.ଏନ୍.ଏ.): ଦଶରଥପୁର ବ୍ଲକ୍ ବିରଜାପୁର ପଞ୍ଚାୟତରେ ଏକ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି । ବରହଟା ଯଯାତି କେଶରୀ ହାଇସ୍କୁଲ ପରିସରରେ ମାମୁନୀ ହେଲ୍ଥ କେୟାର ଆନୁକୂଲ୍ୟରେ ଅନୁଷ୍ଠିତ ଏହି ସ୍ୱାସ୍ଥ୍ୟ ଶିବିରକୁ ଯାଜପୁର ପୌରାଞ୍ଚଳର ପୂର୍ବତନ ପୌରାଧକ୍ଷ ଭବ ପ୍ରସାଦ ଦାସ ଉଦ୍ଘାଟନ କରିଥିଲେ । ଗ୍ରାମାଞ୍ଚଳର ଗରିବ ଲୋକମାନଙ୍କ ନିକଟରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ଲକ୍ଷ୍ୟ ନେଇ ଏପରି ନିଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର ଆୟୋଜନ କରାଗଲେ ଲୋକେ ଉପକୃତ ହେବେ ବୋଲି ଦାସ କହିଥିଲେ । ପଞ୍ଚାୟତର ସରପଞ୍ଚ ନିରାକାର ସାହୁଙ୍କ ସହ ପୂର୍ବତନ ବ୍ଲକ୍ ଉପାଧକ୍ଷା ସୁଜାତା ସାହୁ ଉପସ୍ଥିତ ଥିଲେ ।

### ନୂଆ କୋର୍ଟ ଖୋଲିବା ପାଇଁ ପ୍ରସ୍ତୁତି

ଯାଜପୁର ଟାଉନ,୨୬।୯(ଡି.ଏନ.ଏ.)- ଯାଜପୁର ଜିଲାର ସୁକିନ୍ଦା, ବିଂଝାରପୁର ଓ ବରୀ ସମେତ ରାଜ୍ୟରେ ମୋଟ ୩୪ଟି ନୂତନ ଜେଏମ୍ଏଫ୍ସି ତଥା ସିଭିଲ ଜଜ୍ ଜୁନିୟର ଡିଭିଜନ କୋର୍ଟ ଖୋଲିବା ପାଇଁ ହାଇକୋର୍ଟଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି । ଏହି ସବୁ କୋର୍ଟ ନିମନ୍ତେ ଆବଶ୍ୟକ ପଡୁଥିବା କୋର୍ଟ ହଲ୍, ଡାଏସ, ସାକ୍ଷ୍ୟ କୋଠରୀ, ସିଏସଆଇ ଅଫିସ, ଶୌଚାଳୟ ଓ ପୁରୁଷ ଏବଂ ମହିଳା ହାଜତ ସମେତ ବିଚାର ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟାଳୟ, ଚ୍ୟାମ୍ବର ପାଇଁ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏ ସମ୍ପର୍କରେ ଏକ ରିପୋର୍ଟ ଆସନ୍ତା ଅକ୍ଟୋବର ୧୦ ତାରିଖ ସୁଦ୍ଧା ପ୍ରଦାନ କରିବାକୁ ଜିଲା ଓ ଦୌରାଜଜମାନଙ୍କଠାରୁ ହାଇକୋର୍ଟଙ୍କ ସ୍ୱତନ୍ତ୍ର ଅଧିକାରୀ ଏକ ପତ୍ର ଲେଖି ଆହ୍ୱାନ କରିଛନ୍ତି ।

### ଶ୍ରମିକ ନେତାଙ୍କ ପରଲୋକ

ଯାଜପୁର ଟାଉନ,୨୬।୯(ଡି.ଏନ.ଏ.): ଓଡ଼ିଶା ଖଣି ନିଗମର ପୂର୍ବତନ କର୍ମଚାରୀ ତଥା ଶ୍ରମିକ ନେତା ନାରାୟଣ ଚନ୍ଦ୍ର ମିଶ୍ରଙ୍କ ସୋମବାର ପରଲୋକ ହୋଇଯାଇଛି । ମିଶ୍ର ଜଣେ ଚିତ୍ରକର ଓ ବିଭିନ୍ନ ସାମାଜିକ ସଙ୍ଗଠନ ନେତା ଭାବେ ପରିଚିତ ଥିଲେ । ବିଭିନ୍ନ ସମୟରେ ଖଣି ନିଗମର କର୍ମଚାରୀଙ୍କ ବିଭିନ୍ନ ଦାବି ଓ ସମସ୍ୟାକୁ ସରକାରଙ୍କ ସହିତ ଆଲୋଚନା କରି ତାର ସମାଧାନ କରି ପାରିଥିଲେ । ତାଙ୍କ ବିୟୋଗରେ ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, ଆଇଏନଟିୟୁସିର ରାଜ୍ୟ ସଭାପତି ରାମଚନ୍ଦ୍ର ଖୁଣ୍ଟିଆ, ସ୍ଥାନୀୟ ବିଧାୟକ ପ୍ରଣବ ପ୍ରକାଶ ଦାସ, ପ୍ରାକ୍ତନ ପୌରାଧକ୍ଷ ଭବ ପ୍ରସାଦ ଦାସ, ପୌର ଉପାଧକ୍ଷ ସନ୍ତୋଷ କୁମାର ମଲ୍ଲିକ, ପ୍ରାକ୍ତନ ପାରିଷଦ ସଞ୍ଜୟ କୁମାର ସିଂ, ଜିଲା କଂଗ୍ରେସ ସଭାପତି ମନୋଜ ରାଉତ, କଂଗ୍ରେସ ନେତା ନାରାୟଣ ସାମନ୍ତଙ୍କ ସମେତ ବହୁ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି ।

# ଅଟକିଲା ମାର୍କେଟ କମ୍ପ୍ଲେକ୍ସ ନିଲାମ

ଚଣ୍ଡିଖୋଲ,୨୬।୯(ଡି.ଏନ.ଏ.)

ଯାଜପୁର ଜିଲା ବଡ଼ଚଣା ବ୍ଲକ ଛତିଆଠାରେ ନିର୍ମାଣ ହୋଇଥିବା ମାର୍କେଟ କମ୍ପ୍ଲେକ୍ସ ନିଲାମ ପ୍ରକ୍ରିୟା ସୋମବାର ବଡଚଣା ବ୍ଲକ ପରିସରରେ ଚାଲିଥିଲା । ହେଲେ ବିଶୃଙ୍ଖଳା କାରଣରୁ ତାହା ଅଧାରୁ ବନ୍ଦ ରହିଛି । ୨୦୧୧ରୁ ଉକ୍ତ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯାଇଛି । ତେବେ ଦୀର୍ଘ ଦିନ ହେବ ନିଲାମ ନ ହେବାରୁ ତାହା ବନ୍ଦ ପଡି ରହିଛି । ସୋମବାର ନିଲାମ ପ୍ରକ୍ରିୟା ଚାଲିଥିବା ବେଳେ କେତେଜଣ ବ୍ୟକ୍ତି କମ୍ପ୍ଲେକ୍ସ ଗୃହ ୧୫୦୦ ଟଙ୍କା ପରିବର୍ତ୍ତେ ୬ହଜାର ଟଙ୍କା ପର୍ଯ୍ୟନ୍ତ ନିଲାମ ଡାକିଥିଲେ । ଏହା ସହିତ ୫ ନଂ. ରୁମ ଭଙ୍ଗା ଯାଇ ଶିଡି ଘର ନିର୍ମାଣ କରାଯାଇଥିବାରୁ ପୂର୍ବରୁ ଏହି ରୁମ ପାଇଁ ଦରଖାସ୍ତ କରିଥିବା ବ୍ୟକ୍ତିମାନେ ଅଭିଯୋଗ କରି ହୋହାଲ୍ଲା କରିଥିଲେ, ଯାହାକୁ ନେଇ ନିଲାମ ପ୍ରକ୍ରିୟା ଅଧାରୁ ବନ୍ଦ ହୋଇଥିଲା । ଗତ କିଛିଦିନ ହେବ ଏହି କମ୍ପ୍ଲେକ୍ସ ନିଲାମ ପ୍ରକ୍ରିୟାକୁ ନେଇ ବିବାଦ ଦେଖାଦେଇଥିଲା ।

ଛତିଆ ପଞ୍ଚାୟତର ସରପଞ୍ଚ ରମେଶ ଚନ୍ଦ୍ର ପୃଷ୍ଟି ଗତ ଅଗଷ୍ଟ ୧୩ରେ ବଡଚଣା ବିଡିଓଙ୍କୁ ଚିଠି ଲେଖି ଦୀର୍ଘ ଦିନ ହେବ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ସରିଥିଲେ ମଧ ଏହା ବଣ୍ଟନ ନ ହୋଇ ପଡି ରହିଛି । ତେଣୁ ଅଗଷ୍ଟ ୨୦ରେ ପଞ୍ଚାୟତ କାର୍ଯ୍ୟାଳୟରେ ବଣ୍ଟନ ପ୍ରକ୍ରିୟା କରାଯିବ ବୋଲି ଜଣାଇଥିଲେ । ଏ ନେଇ ବିଡିଓ ଅଗଷ୍ଟ ୧୯ରେ ଚିଠି ଲେଖି ବଣ୍ଟନ ପ୍ରକ୍ରିୟା ବନ୍ଦ କରିବାକୁ ସରପଞ୍ଚଙ୍କୁ ଅନୁରୋଧ କରିଥିଲେ । ଏହା ଲଟେରୀ ମାଧ୍ୟମରେ ନୁହେଁ ନିଲାମ ପ୍ରକ୍ରିୟାରେ କରାଯିବା ସହ ବଣ୍ଟନ ପ୍ରକ୍ରିୟା ବ୍ଲକ ପ୍ରଶାସନର ଦାୟିତ୍ୱ ବୋଲି ଜଣାଇ ଦିଆଯାଇଥିଲା । ପୁନର୍ବାର ସେପ୍ଟେମ୍ବର ୧୭ରେ ନିଲାମ ପ୍ରକ୍ରିୟା କରାଯିବ ବୋଲି ଗତ ୫ ତାରିଖରେ ବିଡିଓ ନୋଟିସ ମାଧ୍ୟମରେ ଜଣାଇ ଥିଲେ । ତେବେ ଅନ୍ୟାନ୍ୟ କାରଣରୁ ସେହି ପ୍ରକ୍ରିୟାକୁ ପୁଣି ଘୁଞ୍ଚାଇ ୨୬ରେ ବ୍ଲକ ସମ୍ମିଳନୀ କକ୍ଷରେ ନିଲାମ କରାଯିବ ବୋଲି ବିଜ୍ଞପ୍ତି ପ୍ରକାଶ କରିଥିଲେ । ସେହି ଅନୁଯାୟୀ ସୋମବାର ନିଲାମ ପ୍ରକ୍ରିୟା ଚାଲିଥିବା ବେଳେ ବିଶୃଙ୍ଖଳା ଯୋଗୁ ବନ୍ଦ ରହିଲା ବୋଲି ବିଡିଓ ଗିରି ସୂଚନା ଦେଇଛନ୍ତି ।

# ପ୍ରଥମ ଦିନ ଗଡ଼ିଲା ମା’ ବିରଜାଙ୍କ ରଥ

## ମା’ ବିରଜାଙ୍କ ଷୋଡ଼ଶୋପଚାର ପୂଜା



ଯାଜପୁର ଟାଉନ,୨୬।୯(ଡି.ଏନ.ଏ.)

ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା’ବିରଜାଙ୍କ ଚଳିତ ବର୍ଷର ପାର୍ବଣ ଯାତ୍ରା ତଥା ଷୋଡ଼ଶୋପଚାର ପୂଜା ଚାଲିଛି । ମା’ଙ୍କ ପାଦ ଦର୍ଶନ ଓ ରଥଯାତ୍ରା ସୋମବାର ଆରମ୍ଭ ହୋଇଛି । ନବରାତ୍ରିର ପ୍ରଥମ ଦିବସରେ ସ୍ଥାନୀୟ ଶାସନର ବ୍ରାହ୍ମଣମାନେ ବୈତରଣୀ ଜଳରେ ସ୍ନାନ କରିଥିଲେ । ଏହାପରେ ପୂର୍ବରୁ ଅପେକ୍ଷା କରିଥିବା ଭକ୍ତମାନେ ମନ୍ଦିରର ଗର୍ଭଗୃହକୁ ଯାଇ ମା’ ବିରଜାଙ୍କ ପାଦ ସ୍ପର୍ଶ କରିଥିଲେ । ସୋମବାରଠାରୁ ପାଦ ଦର୍ଶନ ପାଇଁ ଭକ୍ତମାନଙ୍କ ଭିଡ଼ ଥିବାରୁ ପୁରୁଷ ଓ ମହିଳା ଭକ୍ତମାନଙ୍କୁ ଦୁଇ ଭାଗରେ ବିଭକ୍ତ କରାଯାଇ ମନ୍ଦିର ଗର୍ଭ ଗୃହକୁ ଛଡ଼ା ଯାଇଥିଲା । ପାଦ ଦର୍ଶନ ସମୟରେ ପୋଲିସ କର୍ମଚାରୀମାନେ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳାର ସହିତ ଭକ୍ତମାନଙ୍କୁ ଦର୍ଶନ କରାଇଥିଲେ । ପାଦଦର୍ଶନ ପରେ ମା’ଙ୍କ ଚନ୍ଦନ ବେଶ କରାଯିବା ପରେ ସ୍ୱାଭାବିକ ଦର୍ଶନ କରାଯାଇଥିଲା । ସିଂହାସନରେ ଷୋଡ଼ଶୋପଚାର ପୂଜା, ଘଟ ପୂଜା, କଳସପୂଜା ଓ ରଥ ଉପରେ ମା’ଙ୍କ ପୂଜା ପରେ ରଥଯାତ୍ରାର ଆୟୋଜନ କରାଯାଇଥିଲା । ମନ୍ଦିରରୁ ଆର୍ଶା, ଛତ୍ର, ତରାଶ ରଥ ଉପରକୁ ନିଆଯାଇ ରଥଯାତ୍ରା ଆରମ୍ଭ ହୋଇଥିଲା । ସନ୍ଧ୍ୟା ଆଳତୀ ପରେ ରାତ୍ରୀ ପୂଜାର ଆୟୋଜନ କରାଯାଇଥିଲା ।

# କୃଷକ ସଂଘ ପକ୍ଷରୁ କୃଷକ ବିଚାର ଶିବିର




ଶିବିରରେ ଯୋଗ ଦେଇଥିବା କୃଷକ ନେତୃବୃନ୍ଦ ।

ରସୁଲପୁର,୨୬।୯(ଡି.ଏନ.ଏ.)

ରସୁଲପୁର ବ୍ଲକ ନଠୁଆବର ପଞ୍ଚାୟତ ନଗୁଆଁସ୍ଥିତ ମା’ମଙ୍ଗଳାଙ୍କ ପୀଠରେ ଯୁବ ଭାରତ କୃଷକ ସଂଘ ପକ୍ଷରୁ କୃଷକ ବିଚାର ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶବିରରେ କୃଷି, କୃଷିଜାତଦ୍ରବ୍ୟ, କୃଷକମାନଙ୍କ ପାଇଁ ହେଉଥିବା ଅବିଚାରକୁ ନେଇ ଆଲୋଚନା କରାଯାଇଥିଲା । ଚଳିତ ଲଘୁଚାପ ଜନିତ ଲଗାଣ ବର୍ଷା, ପାଣିପାଗର ଅନିୟମିତତା ଯୋଗୁ ଖରିଫ ଫସଲରେ ହୋଇଥିବା କ୍ଷୟକ୍ଷତିକୁ ଭରଣା କରିବା ସହ ରବି ଫସଲ ପାଇଁ କୃଷକମାନଙ୍କୁ କୃଷି ସାମଗ୍ରୀ ଯଥା– ମଞ୍ଜି, ସାର, କୀଟନାଶକ ଔଷଧ ଆଦି ମାଗଣାରେ ଯୋଗାଇ ଦେବାକୁ ଦାବି କରାଯାଇଛି ।

ସଂଘର ବ୍ଲକ ସଭାପତି ବଟକୃଷ୍ଣ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ସଂଘର ରାଜ୍ୟ ସଭାପତି ପ୍ରଭାକର ନାୟକ, ସମ୍ମାନିତ

**ଚାଷୀଙ୍କୁ କ୍ଷତିପୂରଣ, ରବି ଫସଲ ପାଇଁ କୃଷି ସାମଗ୍ରୀ ଦାବି**

ଅତିଥି ଭଦ୍ରକ ଜିଲା ସଭାପତି ସଞ୍ଜୟ ମୁଦୁଲି, ସୁଧାଂଶୁ ମିଶ୍ର, ଆକୁଳାନନ୍ଦ ଜେନାମଣି, ପ୍ରକାଶ ମହାନ୍ତି, ଭରତ ଦାସ, ବରିଷ୍ଠ ଚାଷୀ ସୁରେନ୍ଦ୍ର ବାରିକ, ନକୁଳ ଚରଣ ମହାନ୍ତି, ପ୍ରଫୁଲ୍ଲ ବାରିକ, ମହେନ୍ଦ୍ର ନାୟକ, ଅକ୍ଷୟ ନାୟକ, ସଂଘର ସମ୍ପାଦକ କ୍ଷୀରୋଦ ନାୟକ, ନିତ୍ୟାନନ୍ଦ ମହାନ୍ତି ପ୍ରମୁଖ ଯୋଗଦେଇ ଚାଷୀମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ବାରବାଟୀ ପରିବା ହାଟ ନିକଟରେ ଶୀତଳ ଭଣ୍ଡାର ସ୍ଥାପନ, ସରକାରୀ ପରିବା ମଣ୍ଡି ଖୋଲିବା, ବ୍ୟବସାୟୀମାନଙ୍କ ଦ୍ୱାରା ରାଜ୍ୟ ବାହାରୁ ପରିବା ସାମଗ୍ରୀ ଆମଦାନୀକୁ ବନ୍ଦ କରିବା, ଚାଷୀଙ୍କ ଉତ୍ପାଦିତ ଦ୍ରବ୍ୟକୁ ପ୍ରାଧାନ୍ୟ ଦେବା, ଖରିଫ ଓ ରବି ଫସଲ ସମୟରେ ସରକାରୀ ରିହାତି ସାର ଯୋଗାଣ, କଳାବଜାରୀ ବନ୍ଦ କରିବା, ଧାନ ମଣ୍ଡିରେ ସ୍ୱଚ୍ଛତା ରକ୍ଷା କରିବା, ପାକ୍ସ ଜରିଆରେ ନକଲି ଚାଷୀ ଧାନ ବିକ୍ରୟ କରୁଥିବା ପ୍ରଥାକୁ ବନ୍ଦ କରିବା ସହ ପ୍ରକୃତ ଚାଷୀଙ୍କ ଉତ୍ପାଦିତ ଧାନକୁ ଗୁରୁତ୍ୱ ଦେବା, ଧାନ ବିକ୍ରୟ ପ୍ରକ୍ରିୟାକୁ ସରଳୀକରଣ କରିବା, ଚାଷୀମାନଙ୍କୁ ଧାନ ବିକ୍ରୀର ଦେୟ ଜମାଖାତାକୁ ତୁରନ୍ତ ପ୍ରଦାନ କରିବା ଆଦି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା । ଏଭଳି ବିଭିନ୍ନ ଦାବିକୁ ନେଇ ସଂଘ ପକ୍ଷରୁ ଯାଜପୁର ଜିଲାପାଳଙ୍କୁ ୫୦୦ରୁ ଉର୍ଦ୍ଧ୍ୱ ଚାଷୀଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ର ପ୍ରଦାନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି । ଏହି ଅବସରରେ ବରିଷ୍ଠ କୃଷକ ନକୁଳ ଚରଣ ରାଉତ, ସଂଘର ବ୍ଲକ ଉପଦେଷ୍ଟା ନାରାୟଣ ଜେନାଙ୍କୁ ସଂଘ ପକ୍ଷରୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା । ସଂଘର କାର୍ଯ୍ୟକର୍ତ୍ତା ବିଶ୍ୱନାଥ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

### ଗ୍ରାମର ନାମ ବଦଳାଇବାକୁ ପ୍ରାକ୍ତନ ବିଧାୟକ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ

ଧର୍ମଶାଳା,୨୬।୯(ଡି.ଏନ.ଏ.)

୪୫ ପଞ୍ଚାୟତକୁ ନେଇ ଧର୍ମଶାଳା ପଞ୍ଚାୟତ ସମିତି ଗଠିତ ହୋଇଛି । ଏହି ନିର୍ବାଚନମଣ୍ଡଳୀର ନାମ ଧର୍ମଶାଳା ହୋଇଥିବା ବେଳେ ବ୍ଲକ, ତହସିଲ, ଥାନା,ସବ୍‌ରେଜିଷ୍ଟ୍ରାର ଅଫିସ, ଡାକ୍ତରଖାନା, ପୋଷ୍ଟ ଅଫିସ, ଧର୍ମଶାଳା ବାଣୀପୀଠ ଓ ସର୍ବପୁରାତନ ହାଟର ନାମ ଧର୍ମଶାଳା ରହିଛି । ପୁରାତନ ଜଗନ୍ନାଥ ସଡ଼କ ପାର୍ଶ୍ୱରେ ଯାତ୍ରୀ ରହଣି ପାଇଁ ରାଣୀ ଅହଲ୍ୟାବାଇ ଏକ ଧର୍ମଶାଳା ନିର୍ମାଣ କରିଥିଲେ । ଏଠାରେ ଥିବା ଧର୍ମଶାଳା ଥାନା, ଡାକ୍ତରଖାନା ଓ ରାଣୀ ଅହଲ୍ୟାବାଇ ଧର୍ମଶାଳା ଚୋରମୁହାଁ ପଞ୍ଚାୟତ ଅଧୀନରେ ରହିଛି । ସମୟକ୍ରମେ ନାମର ଅପଭ୍ରଂଶ ହୋଇ ପଞ୍ଚାୟତ ଓ ଗ୍ରାମର ନାମ ଚୋରମୁହାଁ ହୋଇଛି । ଯାହାକି ପଞ୍ଚାୟତବାସୀଙ୍କ ପାଇଁ ଅସୁବିଧା ସୃଷ୍ଟି କରୁଛି । ଏବେ ବିଭିନ୍ନ ସ୍ଥାନର ନାମ ପରିବର୍ତ୍ତନ କରାଯାଇ ନୂତନ ନାମରେ ନାମିତ ହେଉଛି । ଏହି ପରିପ୍ରେକ୍ଷୀରେ ଚୋରମୁହାଁର ନାମ ବଦଳାଯାଇ ଧର୍ମଶାଳା କରିବାକୁ ପ୍ରାକ୍ତନ ବିଧାୟକ ତଥା ଧର୍ମଶାଳା ଖୋଜ ଅନୁଷ୍ଠାନର ପ୍ରତିଷ୍ଠାତା ଗୁରୁଚରଣ ଟିକାୟତ ଦାବି କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଚିଠି ଲେଖିଛନ୍ତି ।

### ବରିଷ୍ଠ ନାଗରିକ ଦିବସ ପାଳନ ପାଇଁ ପ୍ରସ୍ତୁତି

ଟାଉନ ଟାଉନ,୨୬।୯(ଡି.ଏନ.ଏ.)

ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳନ ପାଇଁ ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ଅକ୍ଷୟ କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ଅକ୍ଟୋବର ପହିଲା ସକାଳ ୮ଟାରେ ସ୍ଥାନୀୟ ରାମମନ୍ଦିର ନିକଟରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ସହର ପରିକ୍ରମା ପୂର୍ବକ ସଂସ୍କୃତି ଭବନଠାରେ ପହଞ୍ଚିବ । ସେଦିନ ସଂସ୍କୃତି ଭବନଠାରେ ବୟସ୍କ ନାଗରିକଙ୍କୁ ସ୍ୱାଗତ କରାଯାଇ ଏକ ମେଗା ସ୍ୱାସ୍ଥ୍ୟ ଶିବିର କରାଯିବ । ଏହି ଅବସରରେ ଏକ ଯୋଗ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରାଯିବାକୁ ପ୍ରଶାସନ ସ୍ଥିର କରିଛି । ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ଏକ ଆଧ୍ୟାତ୍ମିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ମଧ୍ୟାହ୍ନଭୋଜନ ବିରତି ପରେ ଏକ ବ୍ୟଙ୍ଗ କବିତା ଆସର ଆୟୋଜନ ହେବାକୁ ସ୍ଥିର ହୋଇଛି । ବୟସ୍କ ବ୍ୟକ୍ତି ମାନଙ୍କୁ ଉତ୍ସାହିତ କରିବା ପାଇଁ ବିଭିନ୍ନ ସୋ–କିନି ପୁରସ୍କାର ଓ ଶତାୟୁ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯିବ । ସେହିପରି ଜିଲ୍ଲାରେ ରହିଥିବା ସମସ୍ତ ବୃଦ୍ଧାଶ୍ରମରେ ଅନୁରୂପ ଭାବେ ଆନ୍ତର୍ଜାତୀୟ ବୟସ୍କ ଦିବସ ପାଳନ କରାଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ ମଲ୍ଲିକ ସୂଚନା ଦେଇଛନ୍ତି । ବରିଷ୍ଠ ସ୍ୱାସ୍ଥ୍ୟ ପ୍ରଶାସକ ସୁଧାଂଶୁ ଶେଖର ବଳ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ରବିନ୍ଦ୍ର କୁମାର ବେହେରା, କ୍ରୀଡା ଅଧିକାରୀ ଫକୀର ମୋହନ ଟୁଡୁ, ଏପିଡୋମୋଲୋଜିଷ୍ଟ ଡା. ପାର୍ଥସାରଥି ମିଶ୍ର, ବରିଷ୍ଠ ନାଗରିକ ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ୨୪୦ ହୃଦ୍‌ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ଧର୍ମଶାଳା,୨୬।୯ (ଡି.ଏନ୍.ଏ.)

ରୋଟାରୀ କ୍ଲବ ଜାରକା ଓ ଭୁବନେଶ୍ୱର ଆପୋଲୋ ହସ୍ପିଟାଲର ମିଳିତ ଆନୁକୂଲ୍ୟରେ ବିଶ୍ୱ ହୃଦୟ ଦିବସ ଅବସରରେ ସୋମବାର ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମରେ ୨୪୦ଜଣ ହୃଦରୋଗୀଙ୍କ ମାଗଣା ପରୀକ୍ଷା କରାଯାଇଛି । ଏହି ଶିବିରକୁ ଅବସରପ୍ରାପ୍ତ ସିଡିଏମ୍ଓ ବିଜୟ କୁମାର ଶତପଥୀ ଉଦ୍‌ଘାଟନ କରିଥିଲେ । ଅତିଥି ଭାବେ ଆପୋଲୋ ହସ୍ପିଟାଲର ଡାକ୍ତର ପ୍ରେମାନନ୍ଦ ପଟ୍ଟନାୟକ ଯୋଗଦେଇ ୪୦ ବର୍ଷରୁ ଉର୍ଦ୍ଧ୍ୱ ବୟସର ବ୍ୟକ୍ତମାନେ ହୃଦ୍‌ରୋଗର ପରୀକ୍ଷା କରିବାକୁ ପରାମର୍ଶ ଦେଇଥିଲେ । ରୋଟାରୀ କ୍ଲବର ସଭାପତି ପ୍ରମୋଦ କୁମାର ସାମଲ ଓ ସମ୍ପାଦକ ସୁକାନ୍ତ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଡାକ୍ତର ପ୍ରତ୍ୟୁଷ ନାହାକ, ଆପୋଲୋ ହସ୍ପିଟାଲର ସଂଯୋଜକ ବିରେନ୍ଦ୍ର ପାତ୍ର, ଟେକନିସିଆନ ମାନସରଞ୍ଜନ ନାୟକ ସ୍ୱାଇଁ ପଞ୍ଜିକୃତ ରୋଗୀଙ୍କ ବ୍ଲଡସୁଗାର,ରକ୍ତଚାପ, ଓଜନ ମାପ ସହିତ ଇସିଜି କରିବା ପାଇଁ ପରାମର୍ଶ ଦେଇଥିଲେ । ଏଥିଲାଗି ରବିବାର ୨୪୫ ଜଣ ହୃଦରୋଗୀ ନାମ ପଞ୍ଜୀକରଣ କରିଥିଲା ବେଳେ ୨୪୦ଜଣ ହୃଦରୋଗୀ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ ।



ହୃଦରୋଗ ଶିବିରକୁ ଅବସରପ୍ରାପ୍ତ ସିଡିଏମ୍ଓ ଉଦ୍‌ଘାଟନ କରୁଛନ୍ତି ।

ରୋଟାରିଆନ ପ୍ରଦୀପ୍ତ କୁମାର ବରାଳ, ଅଜାମ୍ବର ସାହୁ, କ୍ୟାପଟେନ ତ୍ରିଲୋଚନ ବିଶ୍ୱାଳ,ନିରଞ୍ଜନ ପାଣିଗ୍ରାହୀ, ଜୟପ୍ରକାଶ ତ୍ରିପାଠୀ, ଜ୍ୟୋତିପ୍ରକାଶ ଆଚାର୍ଯ୍ୟ, ଚକ୍ରଧର ଲେଙ୍କା, ହରିହର ପଣ୍ଡା, ବିନୋଦ ପରିଡା, ଅମୂଲ୍ୟ ମହାରଣା, ଜୟଗୁରୁ ପାତ୍ର, ଦୀପକ ଜେନା, ବିପିନ ଷଡ଼ଙ୍ଗୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ଏହି ଶିବିରରେ ଯୋଗଦେଇ ହୃଦରୋଗୀମାନେ ସେମାନଙ୍କ ସ୍ୱାସ୍ଥ୍ୟପ୍ରତି ଯତ୍ନବାନ ରହିବାକୁ ପରାମର୍ଶ ଦେଇଥିଲେ ।

# ଚମ୍ପେଇପାଳ ପଞ୍ଚାୟତରେ ଚାରାରୋପଣ



ଦଶରଥପୁର ବ୍ଲକ୍ ଚମ୍ପେଇପାଳ ପଞ୍ଚାୟତ କୁଆଁରପୁର ଗ୍ରାମରେ ଚାରାରୋପଣ କରାଯାଉଛି ।

ଝୁମ୍ପୁରୀ,୨୬।୯(ଡି.ଏନ.ଏ.)

ଦଶରଥପୁର ବ୍ଲକ ଚମ୍ପେଇପାଳ ପଞ୍ଚାୟତ କୁଆଁରପୁର ଗ୍ରାମରେ ସୋମବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପଞ୍ଚାୟତର ସରପଞ୍ଚ ହିମାଂଶୁ ନାୟକଙ୍କ ତତ୍ତ୍ୱାବଧାନରେ କୁଆଁରପୁର ନାଳପାରିଠାରୁ ବୈକୁଣ୍ଠପୁର ଗ୍ରାମ୍ୟ ଉନ୍ନୟନ ରାସ୍ତାର ଉଭୟ ପାର୍ଶ୍ୱରେ ଆରମ୍ଭ କରାଯାଇଥିବା ଏହି ଚାରାରୋପଣ କାର୍ଯ୍ୟକ୍ରମକୁ ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟ କେଶରୀ ଦାସ ଶୁଭାରମ୍ଭ କରିଥିଲେ । ଏହି ଉପଲକ୍ଷେ ପଞ୍ଚାୟତର ସରପଞ୍ଚ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଦାସ ଯୋଗଦେଇ ପରିବେଶ ସୁରକ୍ଷା ଦିଗରେ ବୃକ୍ଷ ସହାୟକ ହୋଇଥାଏ । ବୃକ୍ଷ ବିନା ମଣିଷ ଜୀବନ ଅସମ୍ଭବ । ତେଣୁ ଏବେ ଉପସ୍ଥିତ ପରିବେଶକୁ ରକ୍ଷା କରିବାକୁ ସମସ୍ତେ ଗୋଟିଏ ଗୋଟିଏ ଗଛ ଲଗାଇବା ପାଇଁ ଲକ୍ଷ୍ୟ ରଖି ଆଗେଇ ଆସିଲେ ଆମେ କୋଟିଏ ବୃକ୍ଷ ସୃଷ୍ଟି କରିପାରିବା ବୋଲି କହିଥିଲେ । ଅନ୍ୟତମ ଅତିଥିଭାବେ ଜିଲା ବିଜେଡି ସଭାପତି ସରୋଜ କୁମାର ମହାପାତ୍ର, ସମ୍ମାନୀତ ଅତିଥିଭାବେ ଜିଲା ପରିଷଦ ସଭ୍ୟା ମନସ୍ୱିନୀ ଦାସ, ମାମିନା ମଲ୍ଲିକ, ସମିତି ସଭ୍ୟ ବିଜୟ କୁମାର ନାୟକ, ଜିଲା ବିଜେଡି ଉପ–ସଭାପତି ଜୟନ୍ତ କୁମାର ନାୟକ, ପଞ୍ଚାୟତ ବିଜେଡି ସଭାପତି ସୁଶୀଲ କୁମାର ମହାନ୍ତି ପ୍ରମୁଖ ଏହି ଚାରା ରୋପଣ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ଗାଈର କୃତ୍ରିମ ଗୋଡ଼ ଲାଗିଲା

କଳିଙ୍ଗନଗର,୨୬।୯(ଡି.ଏନ.ଏ.)

୨ବର୍ଷ ତଳେ ଯଖପୁରା ରେଳ ଷ୍ଟେଶନ ନିକଟରେ ଟ୍ରେନ ଆଗକୁ ଆସି ଏକ ଗାଈର ଡାହାଣ ପଟ ପଛ ଗୋଡ଼ କଟି ଯାଇଥିଲା । ମାଲିକ ଆହତ ଗାଈର ଚିକିତ୍ସା ଦାୟିତ୍ୱ ଗ୍ରହଣ କରି ନ ଥିଲେ । ସ୍ଥାନୀୟ ଲୋକେ ଗାଈକୁ ଉଦ୍ଧାର କରି ଯଖପୁରା ଜଗନ୍ନାଥ ମନ୍ଦିରରେ ରଖି ତା’ର ଚିକିତ୍ସା କରାଇଥିଲେ । ପରବର୍ତ୍ତୀ ସମୟରେ ଗାଈଟି ସୁସ୍ଥ ହୋଇଥିଲା । ହେଲେ ଗୋଟିଏ ଗୋଡ଼ ନ ଥିବାରୁ ଚଲାବୁଲା କରି ନ ପାରି ଅସହାୟ ଅବସ୍ଥାରେ ପଡ଼ି



ରହିଥିଲା । ଏ ସମ୍ପର୍କରେ ଜାଣିବା ପରେ ବ୍ରଦରହୁଡ ଗ୍ଲୋବାଲ ଫାଉଣ୍ଡେଶନର ପ୍ରତିଷ୍ଠାତା ସତ୍ୟଜିତ୍ ସେନାପତି ଏକ କୃତ୍ରିମ ଗୋଡ଼ ଲଗାଇବାକୁ ସ୍ଥିର କରିଥିଲେ । ସୋମବାର ଭୁବନେଶ୍ୱରର ଜଣେ ଡାକ୍ତରଙ୍କ ସହଯୋଗରେ ଗାଈର ଏକ କୃତ୍ରିମ ଗୋଡ଼ ଲଗାଇଛନ୍ତି ସତ୍ୟଜିତ । ଗୋଡ଼ ଲାଗିବା ପରେ ଗାଈଟି ଏବେ ଚାଲାବୁଲା କରିପାରୁଛି । ଗାଈର କୃତ୍ରିମ ଅଙ୍ଗ ଲାଗିବା ଘଟଣା ଓଡ଼ିଶାରେ ପ୍ରଥମ ବୋଲି ଭୁବନେଶ୍ୱର ସ୍ଥିତ କ୍ୱାଣ୍ଟମ୍ ହେଲଥ୍ କେୟାରର ଡାକ୍ତର କହିଛନ୍ତି । ଗୋଡ଼ ଲାଗିବା ପରେ ଗାଈଟି ପ୍ରଥମେ କିଛିଦିନ ଅସହଜ ଅନୁଭବ କରିବ, ହେଲେ କିଛିଦିନ ପରେ ଅତି ସହଜରେ ଚଲାବୁଲା କରି କରିପାରିବ ବୋଲି ଡାକ୍ତର ସୂଚନା ଦେଇଛନ୍ତି ।

# ପ୍ରସ୍ତାବିତ ସିମେଣ୍ଟ କାରଖାନା ଭୂମିପୂଜାକୁ ଗ୍ରାମବାସୀଙ୍କ ବିରୋଧ

ଚଣ୍ଡିଖୋଲ,୨୬।୯(ଡି.ଏନ.ଏ.)

ବଡ଼ଚଣା ବ୍ଲକ ଅନ୍ତର୍ଗତ ବୈରିଠାରେ ଏକ ନୂତନ ସିମେଣ୍ଟ କାରଖାନା ନିର୍ମାଣ ହେବା ପାଇଁ ଜନଶୁଣାଣୀ ଶେଷ ହୋଇଛି । ସୋମବାର କାରଖାନାର ଜମି ଅଧିଗ୍ରହଣ ପ୍ରକ୍ରିୟା ସହ ଭୂମି ପୂଜା କରିବାକୁ ଆସିଥିବା ବେଳେ ଗ୍ରାମବାସୀ ବିରୋଧ କରିବାରୁ ଭୂମି ପୂଜା ହୋଇନାହିଁ । କମ୍ପାନୀ ଓ ଇଡକୋ କର୍ତ୍ତୃପକ୍ଷ ଫେରିଯାଇଛନ୍ତି ।

ସୂଚନା ଅନୁଯାୟୀ ବୈରିଠାରେ ମହାଶକ୍ତି ସିମେଣ୍ଟ କାରଖାନା ସ୍ଥାପନ ହେବା ଲାଗି ଗତ ୨ମାସ ତଳେ ଜନଶୁଣାଣୀ ହୋଇଥିଲା । ସରକାରଙ୍କ ପକ୍ଷରୁ ଇଡ୍‌କୋ ଜମି ଅଧିଗ୍ରହଣ କରି କମ୍ପାନୀ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିବା ନିୟମ ରହିଛି । ସେଥିପାଇଁ ସୋମବାର କମ୍ପାନୀ କର୍ତ୍ତୃପକ୍ଷ ଓ ଇଡ୍‌କୋ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ସ୍ଥାନ ଚିହ୍ନଟ କରିଥିଲେ । ଏହାପରେ ଭୂମିପୂଜା କରିବାକୁ ଯିବାବେଳେ ସ୍ଥାନୀୟ ବୈରି ପଞ୍ଚାୟତ ଅଧିବାସୀ ଆସି କମ୍ପାନୀ ସମ୍ପୂର୍ଣ୍ଣ ବୈରି ପଞ୍ଚାୟତ ଅଧୀନରେ ନିର୍ମାଣ ହେବାକୁ ଥିବା ବେଳେ ଏହାର ସମ୍ମୁଖ ଫାଟକ ଯାଜପୁର ଜିଲା ଆଡକୁ କରିବାକୁ ଦାବି କରିଥିଲେ । ଏହି ଫାଟକର ମୁଖ୍ୟଦ୍ୱାର କଟକ ଜିଲାକୁ ନ କରି ଯାଜପୁର ଜିଲା ପଟକୁ କରିବା ଦାବି କରିଥିଲେ । ସେମାନଙ୍କ ଅଭିଯୋଗ ଥିଲା କି ପୂର୍ବରୁ ଏଠାରେ ନିର୍ମାଣ ହୋଇଥିବା ଓସିଏଲ ସିମେଣ୍ଟ କାରଖାନା ଯାଜପୁର ଜିଲାରେ ଅବସ୍ଥିତ ହୋଇଥିବା ବେଳେ ତାର ମୁଖ୍ୟଦ୍ୱାରା କଟକ ଜିଲାକୁ କରି ବଡଚଣା ବ୍ଲକର ୫ ପଞ୍ଚାୟତର ଉନ୍ନତି କରଣ ପାଇଁ ଯେଉଁ ସାହାଯ୍ୟ ସହଯୋଗ କରିବାର ପ୍ରତିଶ୍ରୁତି ମିଳିଥିଲା ତାହା ସେହି କମ୍ପାନୀ ଭୁଲି ଯାଇଛି । ତେଣୁ ଆମକୁ ପ୍ରତିଶ୍ରୁତି ନ ମିଳିଲେ ଆମେ ଭୂମିପୂଜା କରାଇ ଦେବୁ ନାହିଁ । ଏହାପରେ କର୍ତ୍ତୃପକ୍ଷ ଭୂମିପୂଜା ନ କରି ଫେରିଯାଇଥିଲେ । ଏ ସମ୍ପର୍କରେ କମ୍ପାନୀର ଲୋକ ସମ୍ପର୍କ ଅଧିକାରୀ ନୀଳାମ୍ବର ମିଶ୍ରଙ୍କୁ ପଚାରିବାରୁ ସେ କୁହନ୍ତି, କେବଳ ଇଡ୍‌କୋ ନିକଟରୁ ଜମି ଅଧିଗ୍ରହଣ ପ୍ରକ୍ରିୟା ସମୟରେ ନଡିଆ ବାଡେଇ ଭୂମିପୂଜା କରିଥାଉ । କିଛି ଲୋକ ବିରୋଧ କରିବାରୁ ଏହା ବନ୍ଦ ରହିଲା । ପୁନର୍ବାର ଆସନ୍ତା ନଭେମ୍ବର ଶେଷ ସପ୍ତାହରେ ଭୂମିପୂଜା କରାଯିବ ।

## ସଂକ୍ଷେପରେ



ଜଗତ୍‌ସିଂହପୁର ବ୍ଲକ ସରାପୋଷ୍ଠିତ ସିଦ୍ଧି ଶ୍ରୀକ୍ଷେତ୍ର ଆଶ୍ରମରେ ମା'ସିଦ୍ଧିଦାତ୍ରୀଙ୍କ ଷୋଡ଼ଶ ଦିନାତ୍ମକ ଶାରଦୀୟ ପୂଜାର ନବମ ଦିବସରେ ଓ ନବରାତ୍ରପୂଜାର ପ୍ରଥମ ଦିବସରେ ମା'ଙ୍କୁ ଶୈଳପୁତ୍ରୀ ବେଶରେ ସୁସଜ୍ଜିତ କରାଯାଇଛି।

### ବନ୍ଦ ଘରୁ ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

ପାରାଦୀପ,୨୬।୯(ସ୍ୱ.ପ୍ର.): ପାରାଦୀପ ଆଦର୍ଶଥାନା ଅନ୍ତର୍ଗତ ବୃନ୍ଦାବନ କଲୋନୀରୁ ସୋମବାର ସନ୍ଧ୍ୟାରେ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ଧନଞ୍ଜୟ ମଲ୍ଲିକଙ୍କ ସ୍ତ୍ରୀ ରାଜଶ୍ରୀ (୩୫)। ଘରେ କେହି ନ ଥିବା ବେଳେ ରାଜଶ୍ରୀ ପଙ୍ଖାରେ ଝୁଲି ପଡ଼ିଥିଲେ। ଘର ଲୋକ ଆସି ଦେଖିବା ପରେ ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ନେଇ ବିଜୁ ମେମୋରିଆଲ ହସ୍ପିଟାଲରେ ରଖିଛି। ମହିଳାଙ୍କ ବାପଘର ଲୋକେ କଟକରୁ ଆସୁଛନ୍ତି। ସେମାନେ ରିପୋର୍ଟ କଲାପରେ ମାମଲା କରାଯିବ ବୋଲି ଥାନାଧିକାରିଣୀ ଶୁଭଲକ୍ଷ୍ମୀ ପୂଜାରୀ କହିଛନ୍ତି।

### ୪.୪୪୦ ଗ୍ରାମ ଗଞ୍ଜେଇ ଜବତ: ୩ ଗିରଫ

ପାରାଦୀପ,୨୬।୯(ସ୍ୱ.ପ୍ର.): ଗଞ୍ଜେଇ କାରବାର ଅଭିଯୋଗରେ ପାରାଦୀପ ଅଭୟଚାନ୍ଦପୁର ପୋଲିସ ସୋମବାର ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କ ଠାରୁ ୪.୪୪୦ଗ୍ରାମ ଗଞ୍ଜେଇ ଜବତ କରଯାଇଛି। ଅଭିଯୁକ୍ତମାନେ ହେଲେ ସର୍ବେଶ୍ୱର ଗୋଚ୍ଛାୟତ, ଶୁକୁଟା ପରିଡା ଓ ସୁନିଲ କୁମାର ନାୟକ। ଅଭିଯୁକ୍ତମାନେ ଏହି ଥାନା ଅନ୍ତର୍ଗତ ଢ଼ିଙ୍କିଆ ପୁରୁଣା ମଠ ପାଖରେ ଗଞ୍ଜେଇ ବେପାର କରୁଥିବାକ୍‌ବେଳେ ପୋଲିସ ଚଢ଼ାଉ କରି ସେମାନଙ୍କୁ ଧରିଥିବା ସୂଚନା ମିଳିଛି। ଏ ନେଇ ଥାନାରେ ମାମଲା (ନଂ. ୩୪୬/୨୨) ରୁଜୁ ହୋଇଛି।

### ୫୫ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ: ଜଣେ ଗିରଫ

ଜଗତସିଂହପୁର ଅଫିସ, ୨୬।୯: ଜଗତ୍‌ସିଂହପୁର ଅତାମଲା ଛକ ନିକଟରୁ ସୋମବାର ଜିଲା ଅବକାରୀ ମୋବାଇଲ ୟୁନିଟ୍ ପକ୍ଷରୁ ଚଢାଉ କରାଯାଇ ୫୫ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ ହୋଇଛି। ଏହାର ଆନୁମାନିକ ମୂଲ୍ୟ ୫ ଲକ୍ଷ ୫୫ ହଜାର ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଏଥିସହ ଏକ ବାଇକ୍ (ନଂ. ଓଆର୍-୨୧ସି-୨୪୦୫) ଜବତ ହୋଇଛି । ଏହା ଉପରେ ଅବକାରୀ ବିଭାଗ ପକ୍ଷରୁ ପିଆର୍ (ନଂ. ୪୬/୨୦୨୨-୨୩) ରୁଜୁ କରାଯାଇ ଖାରବେଳ ଦିଗବିଜୟ ପାତ୍ରଙ୍କୁ ଗିରଫ କରାଯାଇଛି।

# ଚାନ୍ଦି ଅଳଙ୍କାର, ଆଲୋକରେ ଝଲସିବେ ମା'

ଜଗତ୍‌ସିଂହପୁର ଅଫିସ, ୨୬।୯




ଜଗତ୍‌ସିଂହପୁରର ଗୋପାଳସାଗରସ୍ଥିତ ମା' ବନଦୁର୍ଗା ପୂଜା କମିଟି ପକ୍ଷରୁ ୬୦ ବର୍ଷ ହେବ ଦୁର୍ଗାପୂଜା ହୋଇଆସୁଛି। କୋଭିଡ୍-୧୯ କାରଣରୁ ଗତ ୨ ବର୍ଷ ହେବ ପୂଜା ନିରାଡ଼ମ୍ବରପୂର୍ଣ୍ଣ ଥିଲା । ଚଳିତବର୍ଷ ଆଡମ୍ବରପୂର୍ଣ୍ଣ କରିବା ପାଇଁ ସମସ୍ତ ପ୍ରସ୍ତୁତି ଚାଲିଛି। ଏଥି ମଧ୍ୟରେ ମୂର୍ତ୍ତି ନିର୍ମାଣ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ବିଗତବର୍ଷଗୁଡ଼ିକ ପରି ଏଥର ମଧ୍ୟ ମା'ବନଦୁର୍ଗା ଚାନ୍ଦି ଅଳଙ୍କାରରେ ଝଲସିବେ। ଚାନ୍ଦିରେ ତିଆରି ମୁକୁଟ, ହାର, ବାହୁଟି ଓ ନାକରେ ନୋଥ ଆଦି ଅଳଙ୍କାର ପରିଧାନ କରିବେ। ମା'ଙ୍କ ଆଙ୍ଗୁଠିରେ ୮ଟି ସୁନା ମୁଦି ପିନ୍ଧାଯିବ। ଭବିଷ୍ୟତରେ ଚାନ୍ଦି ମେଢ ଏବଂ ସୁନା ହାର କରିବା ପାଇଁ କମିଟି ପକ୍ଷରୁ ଚିନ୍ତା କରାଯାଉଥିବା କୁହାଯାଇଛି

ପୁରାଣ ବର୍ଣ୍ଣିତ କଥାବସ୍ତୁ ଅନୁସାରେ, ପ୍ରଭୁ ରାମଚନ୍ଦ୍ର ଯେତେବେଳେ ସେତୁ ବନ୍ଧ କରୁଥିଲେ ସେଥିରେ ବାଧା ସୃଷ୍ଟି ହୋଇଥିଲା। ଗୋଟିଏ ପଦ୍ମଫୁଲ ଅଭାବ ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ଏଭଳି ଅଭାବନୀୟ ପରିସ୍ଥିତିରେ ପ୍ରଭୁ ରାମଚନ୍ଦ୍ର ନିଜର ଏକ ନେତ୍ର ଦାନ କରି ସେତୁ ବନ୍ଧ ପୂର୍ଣ୍ଣ କରିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ମା'ବନଦୁର୍ଗା ଆବିର୍ଭୂତା ହୋଇ ସେତୁ ନିର୍ମାଣରେ ସହଯୋଗ କରିଥିଲେ। ଏହା ସମାଜ ପାଇଁ ନୂଆ ବାର୍ତ୍ତା ଦେଉଛି। ତେଣୁ ସମାଜ ମଙ୍ଗଳରେ ମା'ଙ୍କ କୃପା ହାସଲ କରିବା ପାଇଁ କମିଟି ପକ୍ଷରୁ ପ୍ରତିବର୍ଷ ଏହି ପୂଜା କରାଯାଉଛି।। ପ୍ରତିବର୍ଷ ପରି ଚଳିତବର୍ଷ ମଣ୍ଡପରେ ମା' ବନଦୁର୍ଗା, ରାମ, ଲକ୍ଷ୍ମଣ, ହନୁମାନ ଓ ବିଭୀଷଣଙ୍କ ମୂର୍ତ୍ତି ଶୋଭା ପାଇବ। ପୂଜାପାଠ ଉପରେ ଅଧିକ ଧ୍ୟାନ ଦିଆଯିବ।



ମା' ବନଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ।(ଫାଇଲ ଫଟୋ)

ଏହି ପୂଜାରେ ମାର୍କଣ୍ଡପୁର ଏବଂ ଜଗତସିଂହପୁର ଗ୍ରାମର ପାଖାପାଖି ୬୦୦ ଘର ଏବଂ ୧୫୦ରୁ ଅଧିକ ବ୍ୟବସାୟୀଙ୍କ ସହଯୋଗ କରିଥାନ୍ତି । ପ୍ରତିବର୍ଷ ଶାନ୍ତି ଓ ଶୃଙ୍ଖଳାର ସହ ଏହି ପୂଜା ହୋଇଆସୁଛି। ଭରତ ଲେଙ୍କା, ନଟବର ସ୍ୱାଇଁ, ହରେକୃଷ୍ଣ ଜେନା, ରତ୍ନାକର ଲେଙ୍କା ଓ ଭଗବାନ ବାରିକ ପ୍ରମୁଖ ମା' ବନଦୁର୍ଗାଙ୍କ ପୂଜା ଆରମ୍ଭ କରିଥିଲେ । ଏବେ କମିଟି ସଭାପତି ରାଜେନ୍ଦ୍ର କୁମାର ଲେଙ୍କା, ସମ୍ପାଦକ କୈଳାସ ଚନ୍ଦ୍ର ସାହୁ, ଉପସଭାପତି ହରି ପ୍ରଧାନ, ସହ ସମ୍ପାଦକ ଜୟନ୍ତ କୁମାର ସାହୁ, କୋଷାଧ୍ୟକ୍ଷ ପ୍ରତିମା ମହାନ୍ତି, ଉପଦେଷ୍ଟା ହେମନ୍ତ କୁମାର ଲେଙ୍କା, ଗୋଲେଖ ସିଂହ, ସୁରେଶ ସ୍ୱାଇଁ, ପ୍ରଶାନ୍ତ କୁମାର ସିଂହ, ଦେବେନ୍ଦ୍ର ସ୍ୱାଇଁଙ୍କ ସମେତ କାର୍ଯ୍ୟକାରୀ କମିଟି ସଭ୍ୟଙ୍କ ସହଯୋଗରେ ପୂଜା ଆୟୋଜନ କରାଯାଉଛି।

ଚଳିତବର୍ଷ ପୂଜାରେ ଅଧିକ ସଂଖ୍ୟକ ଲୋକଙ୍କୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଆକର୍ଷଣୀୟ ମେଢ, ମୂର୍ତ୍ତି, ଆଲୋକ ସାଜସଜ୍ଜା ଏବଂ ବାଦ୍ୟରୋଳ ସାଙ୍ଗକୁ ଅଷ୍ଟମୀରେ ମେଲୋଡି ଆୟୋଜନ କରାଯିବା ପାଇଁ ବ୍ୟବସ୍ଥା ହେଉଛି। ଭସାଣିରେ ଡ୍ରମ ସାଙ୍ଗକୁ ଶିଙ୍ଗ ବାଜା ବାଜିବ।



" ବର୍ଷକରେ ଥରେ ଅଳଙ୍କାରରେ ବିଭୂଷିତ ମା'ବନଦୁର୍ଗାଙ୍କୁ ଲୋକେ ଦର୍ଶନ କରିବାର ସୁଯୋଗ ପାଉଛନ୍ତି। ଏହା ଲୋକଙ୍କ ମନରେ ଭାବାବେଗ ପରିବେଶ ସୃଷ୍ଟି କରୁଛି। ପୂଜା, ପାଠ ସମୟରେ ଆଧ୍ୟାତ୍ମିକ ପରିବେଶ ମନରେ ସଂସ୍କାର ଆଣିଦିଏ। ପରସ୍ପର ବନ୍ଧନରେ ବାନ୍ଧି ହୋଇ ଯାଆନ୍ତି, ଯାହାକି ଦୁର୍ଗାପୂଜାର ଅସଲ ଉଦ୍ଦେଶ୍ୟ ସାଧନ କରିପାରୁଛି। ଚଳିତବର୍ଷ ମା' ପ୍ରତ୍ୟେକଙ୍କୁ ସୁଖ ଓ ଶାନ୍ତି ଦିଅନ୍ତୁ, ଏହାହିଁ ପ୍ରାର୍ଥନା।

**-ରାଜେନ୍ଦ୍ର କୁମାର ଲେଙ୍କା, ସଭାପତି, ମା ବନଦୁର୍ଗା ପୂଜା କମିଟି**



" ଦୀର୍ଘ ବର୍ଷ ଧରି ଗୋପାଳସାଗରସ୍ଥିତ ସ୍ଥାୟୀ ମଣ୍ଡପରେ ଏହି ସମୟରେ ମା'ବନଦୁର୍ଗାଙ୍କ ପୂଜାର୍ଚ୍ଚନା କରାଯାଉଛି। କାରିଗରଙ୍କ ନିଖୁଣ ମୂର୍ତ୍ତି ନିର୍ମାଣ ସାଙ୍ଗକୁ ସାଜସଜ୍ଜା ଓ ଆଲୋକ ବିଶେଷକରି ପୂଜାପାଠ ନିଆରା ପରିବେଶ ସୃଷ୍ଟି କରୁଛି।

**-ହରି ପ୍ରଧାନ, ଉପସଭାପତି, ମା ବନଦୁର୍ଗା ପୂଜା କମିଟି**

# ଦେବୀନଦୀରୁ ପ୍ରଥମ ପାଣି ପହଞ୍ଚିଲା



ମେଗା ପାନୀୟ ଜଳ ପ୍ରକଳ୍ପକୁ ଦେବୀ ନଦୀରୁ ଆସିଥିବା ପାଣି।

ବାଲିକୁଦା,୨୬।୯(ସ୍ୱ.ପ୍ର.):

**ଆୟଶାଳ ମେଗା ପାନୀୟ ଜଳ ପ୍ରକଳ୍ପ**

- **ଡିସେମ୍ବରରେ ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ**

୨୦୧୮ରୁ ଆୟଶାଳରେ ନିର୍ମାଣାଧୀନ ମେଗା ପାନୀୟ ଜଳ ପ୍ରକଳ୍ପ ଡିସେମ୍ବରରୁ ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ। ଏନେଇ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି ବୋଲି ପ୍ରକଳ୍ପ ସହକାରୀ ପରିଚାଳକ ନାରାୟଣ ସାମନ୍ତରାୟ ସୂଚନା ଦେଇଛନ୍ତି। ଏନେଇ ପରୀକ୍ଷାମୂଳକ ଭାବେ ଗତ ଶନିବାର ଦେବୀ ନଦୀରୁ ପାଣି ଆସି ଏଠାରେ ପହଞ୍ଚିଛି। ୨୦୧୮ରୁ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ପ୍ରକଳ୍ପ ଜରିଆରେ ନାଉଗାଁ ବ୍ଲକ ଗଜରାପୁର ଦେଇ ପ୍ରବାହିତ ଦେବୀ ନଦୀରୁ ଜଳସଂଗ୍ରହ କରାଯାଇ ବିଶୁଦ୍ଧ କରାଯିବା ପରେ ପାନୀୟ ଜଳ ଯୋଗାଣ କରିବାର ଲକ୍ଷ୍ୟ ରଖାଯାଇଛି। ଏନେଇ ୧୨୩ କୋଟି ଟଙ୍କା ବ୍ୟୟ କରାଯାଇଛି। ଏହା କାର୍ଯ୍ୟକ୍ଷମ ହେଲେ ବାଲିକୁଦାର ୧୧ ପଞ୍ଚାୟତ, ଏରସମାର ୧୦ ପଞ୍ଚାୟତ ଓ ନାଉଗାଁର ଗଜରାଜପୁର ଏବଂ ଅଲଣା ପଞ୍ଚାୟତବାସୀଙ୍କ ପିଇବା ପାଣି ସମସ୍ୟା ଦୂର ହେବ । ଏଥିରେ ୧୫୪ ଗାଁ ସାମିଲ ହୋଇଥିବା ବେଳେ ୧ ଲକ୍ଷ ୨୦ ହଜାର ଲୋକେ ପାନୀୟ ଜଳ ପାଇପାରିବେ ବୋଲି ନିର୍ମାଣ ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ପ୍ରକଳ୍ପଠାରୁ ୨୪ କିଲୋମିଟର ଦୂରରେ ଥିବା ଦେବୀନଦୀରୁ ପାଇପ୍ ଲାଇନ ଯୋଗେ ପାଣି ଏଠାକୁ ଅଣାଯାଇ ଉଚ୍ଚ ଶକ୍ତି ସମ୍ପନ୍ନ ମେଶିନ ମାଧ୍ୟମରେ ସ୍ୱଚ୍ଛ କରାଯାଇ ସବୁ ଗାଁରେ ପାନୀୟଜଳ ଯୋଗାଇ ଦିଆଯିବ ବୋଲି ନିର୍ମାଣ ସଂସ୍ଥା ସହକାରୀ ପରିଚାଳକ ନାରାୟଣ ସାମଲ ସୂଚନା ଦେଇଛନ୍ତି। ଦୈନିକ ୧୩.୦୮ଏମ୍‌ଏଲ୍‌ଡି(ମିଲିୟନ ଲିଟର ପର୍ ଡ଼େ) ପାଣି ଯୋଗାଇବାର କ୍ଷମତା ଏହି ପ୍ରକଳ୍ପର ରହିଛି । ଏଥି ନିମନ୍ତେ ଭୂତଳ ପାଇପ୍ ବିଛା କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ଗାଁମାନଙ୍କରେ ପାଣି ପହଞ୍ଚାଇବା ନିମନ୍ତେ ବିଭିନ୍ନ ସ୍ଥାନରେ ୧୩ଟି ଉଚ୍ଚ କ୍ଷମତା ସମ୍ପନ୍ନ ପାଣି ଟାଙ୍କି ନିର୍ମାଣ କରାଯାଇଛି। ହେଲେ ସବୁ କାର୍ଯ୍ୟରେ ବାଧକ ସାଜିଛି ୩୩/୧୧ କେଭି ବିଦ୍ୟୁତ୍ ସଂଯୋଗ। ଏପର୍ଯ୍ୟନ୍ତ ପ୍ରକଳ୍ପ ପାଇଁ ଆବଶ୍ୟକ ବିଦୁତ୍ ସଂଯୋଗ ଯୋଗାଇ ଦିଆଯାଇନାହିଁ ବୋଲି ସାମଲ କହିଛନ୍ତି।

# ଦୁଇ ବ୍ଲକରେ ସ୍ୱଚ୍ଛତା ରଥ ଶୁଭାରମ୍ଭ

ନାଉଗାଁ/ବିରିଡ଼ି, ୨୬।୯(ସ୍ୱ.ପ୍ର.)

ନାଉଗାଁ ବ୍ଲକ ପରିସରରେ ସୋମବାର ସ୍ୱଚ୍ଛତା ରଥର ଶୁଭାରମ୍ଭ କରାଯାଇଛି। ଏହି ରଥକୁ ବିଡିଓ ରଶ୍ମିରେଖା ମଲ୍ଲିକ ଓ ପଞ୍ଚାୟତ ସମିତି ଅଧ୍ୟକ୍ଷା ତୃଷ୍ଣା ଲେଙ୍କା ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କିରାଣୀ ସିଦ୍ଧାର୍ଥ ଦାସ, ଜିପିଓ ଦିନେଶ ରାୟ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ସୁଜିତ ପୁହାଣ ପ୍ରମୁଖ ଉପସ୍ଥିତ ଥିଲେ। ଏହି ରଥ ବ୍ଲକରେ ଥିବା ୧୬ ପଞ୍ଚାୟତ ବୁଲି ପରିବେଶ ସୁରକ୍ଷା ଓ ପରିଷ୍କାର ପରିଚ୍ଛନ୍ନତା, ବର୍ଜ୍ୟବସ୍ତୁର ସୁବିନିଯୋଗ, ପ୍ଲାଷ୍ଟିକ ପଦାର୍ଥ ବର୍ଜନ କରିବା ଉପରେ ସଚେତନ କରାଇବ। ସେହିପରି ବିରିଡି ବ୍ଲକରେ ସ୍ୱଚ୍ଛତା ରଥ ଗଡ଼ିଛି । ବ୍ଲକ ଅଧ୍ୟକ୍ଷା ମମତା ପାତ୍ର, ଉପାଧ୍ୟକ୍ଷା ପିନାକୀ ପ୍ରିୟଦର୍ଶିନୀ, ଜିଲା ପରିଷଦ ସଭ୍ୟ ଚନ୍ଦ୍ର ଶେଖର ଦାଶ, ସଭ୍ୟା ଦୀପ୍ତିମୟି ରାୟ, ବିଡିଓ ହେମନ୍ତ କୁମାର ମହାନ୍ତ, ଏବିଡିଓ ସନ୍ତୋଷ କୁମାର ଶତପଥୀ ପ୍ରମୁଖ ଉପସ୍ଥିତ ପତାକା ଦେଖାଇ ସ୍ୱଚ୍ଛତା ରଥକୁ ଗଡ଼ାଇଥିଲେ । ଜିଲା ଜଳ ଓ ପରିମଳ ମିଶନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଅନ୍ତର୍ଗତ ୨୧ଟି ପଞ୍ଚାୟତରେ ସ୍ୱଚ୍ଛତାର ବାର୍ତ୍ତା ଦିଆଯିବ ବୋଲି ସୂଚନା ଦିଆଯାଇଛି।




ନାଉଗାଁରେ ସ୍ୱଚ୍ଛତା ରଥର ଶୁଭାରମ୍ଭ ।

# ମୁଖ୍ୟ ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ ଦଣ୍ଡାଦେଶ

ଜଗତ୍‌ସିଂହପୁର ଅଫିସ, ୨୬।୯

- **ଷ୍ଟୁଡିଓ ମାଲିକଙ୍କୁ ମରଣାନ୍ତକ ଆକ୍ରମଣ ମାମଲାର ରାୟ ପ୍ରକାଶ**
- **ମହିଳା ଅଭିଯୁକ୍ତ ଫେରାର**

୨୦୧୪ରେ ବାଲିକୁଦା ଥାନା ଅନ୍ତର୍ଗତ ବାଲିଝରୀ ପଥରବନ୍ଧ ନିକଟରେ ଜଣେ ଷ୍ଟୁଡିଓ ମାଲିକ ମରଣାନ୍ତକ ଆକ୍ରମଣର ଶିକାର ହୋଇଥିଲେ। ସେ ହେଲେ ବିଶ୍ୱପ୍ରସାଦ ମହାନ୍ତି ଓରଫ କାହ୍ନୁ (୩୭)। ସେ ଏହି ଥାନା ଅନ୍ତର୍ଗତ ଦଶବାଟିଆରେ ଏକ ଷ୍ଟୁଡିଓ କରିଥିଲେ। ମାମଲାର ରାୟ ସୋମବାର ପ୍ରକାଶ ପାଇଛି । ଏହାର ବିଚାର କରି ଜିଲା ଓ ଦୌରାଜଜ୍ ଅନୁପ କୁମାର ଚନ୍ଦନ ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଧାର୍ଯ୍ୟ କରିଛନ୍ତି । ଏହି ରାଶି ଅନାଦାୟ ହେଲେ ଅଭିଯୁକ୍ତଙ୍କୁ ଅଧିକ ୬ ମାସ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି। ଅଭିଯୁକ୍ତ ହେଲେ ଏହି ଥାନା ଅନ୍ତର୍ଗତ ନହରଣା ମାଙ୍କଡ଼ଖିଆ ଗ୍ରାମର ରାକେଶ ପରିଡ଼ା। ମାମଲାର ଅନ୍ୟତମ ମହିଳା ଅଭିଯୁକ୍ତ ନହରଣାର ଅପର୍ଣ୍ଣା ମହାନ୍ତି ଏବେବି ଫେରାର ଅଛନ୍ତି।

ଏ ସମ୍ପର୍କରେ ଜଗତ୍‌ସିଂହପୁର କୋର୍ଟ କ୍ୟାଡର ପବ୍ଲିକ ପ୍ରସିକ୍ୟୁଟର (ପିପି) ନଳିନୀକାନ୍ତ ମହାରଣା କହିଛନ୍ତି, ଦଶବାଟିଆ ଗ୍ରାମର କାହ୍ନୁ ତାଙ୍କ ଗାଁ ଛକରେ ଏକ ଷ୍ଟୁଡିଓ କରିଥିଲେ। ୨୬।୧।୨୦୧୪ରେ ତାଙ୍କୁ ନହରଣାର ଅପର୍ଣ୍ଣା ମହାନ୍ତି ମୋବାଇଲରେ ଫୋନ କରି ପଥରବନ୍ଧରେ ସେମାନେ ପିକନିକ୍ କରୁଥିବା କହି ଫଟୋ ଉଠାଇବା ପାଇଁ ଡାକିଥିଲେ। କାହ୍ନୁ କ୍ୟାମେରା ସହ ବାଇକ୍‌ରେ ପଥରବନ୍ଧ ନିକଟରେ ପହଞ୍ଚିଲାବେଳକୁ ପୂର୍ବ ପ୍ରସ୍ତୁତି ମୁତାବକ ରାକେଶ ଏକ କଟୁରି ସାହାଯ୍ୟରେ ତାଙ୍କୁ ଆକ୍ରମଣ କରିଥିଲେ। ଫଳରେ କାହ୍ନୁଙ୍କ ବାମ ହାତ କଟିଯାଇଥିଲା। ସେ ସେଠାରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଯିବାରୁ ରାକେଶ ଉକ୍ତ ସ୍ଥାନ ଛାଡ଼ି ପଳାଇଥିଲେ। ଏହାପରେ କାହ୍ନୁ ଜଣେ ବନ୍ଧୁଙ୍କୁ ବହୁ କଷ୍ଟରେ ମୋବାଇଲରେ କଲ୍ କରି ଏ ସମ୍ପର୍କରେ ଜଣାଇଥିଲେ। ଖବରପାଇ ପରିବାର ଲୋକଙ୍କ ସହ ଅନ୍ୟମାନେ ସେଠାରେ ପହଞ୍ଚି କାହ୍ନୁଙ୍କୁ ଉଦ୍ଧାର କରି କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲ। ସେଠାରେ କଟି ଯାଇଥିବା ହାତ ଯୋଡା ଯିବାପାଇଁ ଚେଷ୍ଟା କରାଯାଇଥିଲା। କିନ୍ତୁ ସମ୍ଭବ ହୋଇ ନ ଥିଲା। ସୁସ୍ଥ ହେଲା ପରେ ସେ ଘରକୁ ଫେରିଥିଲେ। ଏନେଇ କାହ୍ନୁଙ୍କ ଭାଇ କୃଷ୍ଣଚନ୍ଦ୍ର ମହାନ୍ତି ଅନନ୍ତପୁର ଆଉଟପୋଷ୍ଟରେ ଅଭିଯୋଗ କଲାପରେ ବାଲିକୁଦା ଥାନାରେ ମାମଲା (ନଂ. ୨୦/୧୪) ରୁଜୁ ହୋଇଥିଲା। ଏହି ମାମଲାରେ ୮ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଜିଲା ଓ ଦୌରାଜଜ୍ ଉପରୋକ୍ତ ରାୟ ଶୁଣାଇଛନ୍ତି। ଏହି ଘଟଣା ଘଟିବାର କିଛି ଦିନ ପୂର୍ବରୁ ରାକେଶ ନିଶାସକ୍ତ ଅବସ୍ଥାରେ ଦଶବାଟିଆ ଛକରେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରୁଥିଲେ। କାହ୍ନୁ ବାରଣ କରିବାରୁ ପ୍ରତିଶୋଧପରାୟଣ ହୋଇ ରାକେଶ ହତ୍ୟା ପାଇଁ ଷଡ଼ଯନ୍ତ୍ର ରଚିଥିବା ପିପି ମହାରଣା କହିଛନ୍ତି।

# 'ଶାନ୍ତିର ବାର୍ତ୍ତାବହନ କରେ ଅହିଂସା ରଥ'

ତିର୍ତ୍ତୋଲ/ରଘୁନାଥପୁର, ୨୬।୯(ଡି.ଏନ.ଏ.)



ତିର୍ତ୍ତୋଲରେ ଅହିଂସା ରଥକୁ ବିଧାୟକ ବିଜୟଶଙ୍କର ଦାସ ଓ ଅନ୍ୟମାନେ ସ୍ୱାଗତ କରୁଛନ୍ତି।

ସ୍ୱାଧୀନତର ୭୫ ବର୍ଷ ପୂର୍ତ୍ତି ଅବସରରେ ସାରା ଓଡ଼ିଶାରେ ଅହିଂସା ରଥ ପରିକ୍ରମା କରୁଛି। ପୁରପଲ୍ଲୀରେ ଶାନ୍ତିର ବାର୍ତ୍ତା ପ୍ରଦାନ କରୁଥିବା ଏହି ରଥ ସୋମବାର କଟକ-ପାରାଦୀପ ରାସ୍ତା ଦେଇ ରାହାମା ବଜାରରେ ପହଞ୍ଚିବା ପରେ ତିର୍ତ୍ତୋଲ ବ୍ଲକ ଅଧ୍ୟକ୍ଷ ମନୋଜ ବେହେରା, ବିଡିଓ ଅଟଳ ବିହାରୀ ସ୍ୱାଇଁ, ଏବିଡିଓ ସତ୍ୟଜିତ ସ୍ୱାଇଁ, ଜିଲାପରିଷଦ ସଭ୍ୟା ରଞ୍ଜିତା ସିଂ, ଜିଲାପରିଷଦ ଉପାଧ୍ୟକ୍ଷା ସୁଜାତା ମହାନ୍ତି ପ୍ରମୁଖ ରଥକୁ ସ୍ୱାଗତ କରିଥିଲେ। ଏହି ରଥକୁ ବ୍ଲକର ବିଭିନ୍ନ ପଞ୍ଚାୟତରେ ପରିଭ୍ରମଣ କରାଯାଇଥିଲା। ପୋରଗଦେଇ ପଞ୍ଚାୟତର ରାଧାଗୋବିନ୍ଦ ସଞ୍ଜୟ ମହାନ୍ତି ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ଦେଶାତ୍ମବୋଧକ ସଙ୍ଗୀତ ଓ ନୃତ୍ୟ ମାଧ୍ୟମରେ ରଥକୁ ସ୍ୱାଗତ କରିଥିଲେ। ପଞ୍ଚାୟତ ତରଫରୁ ପୋରଗଦେଇ ସରପଞ୍ଚ ପୁଷ୍ପଲତା ମଲ୍ଲିକ ସମ୍ବର୍ଦ୍ଧନା ଜଣାଇଥିଲେ। ପରେ କୋଲର ପଞ୍ଚାୟତର ସରପଞ୍ଚ ଉମେଶ ଚନ୍ଦ୍ର ବେହେରା ଗୋପୀଆକୁଦଠାରେ ଓ ତିର୍ତ୍ତୋଲ ବିଧାୟକ ବିଜୟଶଙ୍କର ଦାସ ଆଦିବାସୀ ପଡାଠାରେ ରଥକୁ ସ୍ୱାଗତ କରିଥିଲେ। ମଣିଚରଣ ସାରଳା ଏକାଡେମୀରେ ଅନୁରୂପ ଭାବେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅୟୋଜନ କରାଯାଇଥିଲା। ରଥ ବିଭିନ୍ନ ପଞ୍ଚାୟତ ପରିକ୍ରମା କରିବା ପରେ ସଅାଁରା ନିକଟରୁ ରଘୁନାଥପୁର ବ୍ଲକ ଅଞ୍ଚଳ ଅଭିମୁଖେ ଯାତ୍ରା କରିଥିଲା। ସନ୍ଧ୍ୟାରେ ରଘୁନାଥପୁର ବ୍ଲକ ଜଇପୁର ଛକରେ ରଥକୁ ସ୍ୱାଗତ କରାଯାଇଥିଲା। ତିର୍ତ୍ତୋଲ ବିଧାୟକ ଦାସ, ବିଡିଓ ଲମ୍ବୋଦର ଖୁଣ୍ଟିଆ ଓ ବ୍ଲକ ବିଜେଡି ସଭାପତି ଦେବାଶିଷ ତ୍ରିପାଠୀ ଉପସ୍ଥିତ ରହି ରଥକୁ ବୟନ ଗ୍ରାମ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ। ସେଠାରେ ବୁଣାକାର ସମିତି ଓ ସ୍ଥାନୀୟ ମହିଳାଗୋଷ୍ଠୀର ସଦସ୍ୟାମାନେ ବନ୍ଦାପନା କରି ଦେଶମାତୃକା ଉଦ୍ଦେଶ୍ୟରେ ସ୍ଲୋଗାନ ଦେଇଥିଲେ। ସେଠାରୁ ବିଧାୟକ ଦାସଙ୍କ ତତ୍ତ୍ୱାବଧାନରେ ରଥ ବାହାରି ଖଣ୍ଡତରି, ହରିଶପୁର, ଗୋକୁଳପୁର, ଅଚ୍ଛୁତପୁରଠାରେ ପହଞ୍ଚିଥିଲା। ତାରପୁରରେ ସରପଞ୍ଚ ସୁଷମା ମଲ୍ଲିକ ଓ ମହିଳାଗୋଷ୍ଠୀର ସଦସ୍ୟାମାନେ ରାଜରାସ୍ତାରେ ଝୋଟି ପକାଇ ରଥକୁ ସ୍ୱାଗତ କରିଥିଲେ। ସେଠାରେ ଘୋଡାନାଚ ଅନୁଷ୍ଠିତ ହୋଇଥିଲା। ରଥ କୁର୍ତ୍ତାଙ୍ଗ, ବର୍ତ୍ତି, କୂଳସାହି, ପୂରଣ ଓ ଗୋପାଳପୁର ଓ ଜଗନ୍ନାଥପୁର ଅଭିମୁଖେ ଯାତ୍ରା କରିଥିଲା। ଏହି କାର୍ଯ୍ୟକ୍ରମରେ ଏବିଡିଓ ଅଶୋକ ମହାନ୍ତି, ବିଏସ୍‌ଏସ୍‌ଓ ସନ୍ତୋଷ କୁମାର ପଣ୍ଡା, ଅଧ୍ୟକ୍ଷା ଲକ୍ଷ୍ମୀ ବେହେରା ସାମିଲ ଥିଲେ।

# ନକଲି ସଙ୍ଗଠକଙ୍କ ବିରୋଧରେ ମକଦ୍ଦମା କରାଯିବ

କୁଜଙ୍ଗ,୨୬।୯(ଡି.ଏନ୍.ଏ.)



ଖବରଦାତା ସମ୍ମିଳନୀରେ ନବନିର୍ମାଣ କୃଷକ ସଂଗଠନର କର୍ମକର୍ତ୍ତାମାନେ ।

**ନବନିର୍ମାଣ କୃଷକ ସଂଗଠନର ଖବରଦାତା ସମ୍ମିଳନୀ**

ନବନିର୍ମାଣ କୃଷକ ସଂଗଠନ କୁଜଙ୍ଗ ବ୍ଲକ ପକ୍ଷରୁ ନକଲି ସଙ୍ଗଠକଙ୍କ ବିରୋଧରେ ଅଦାଲତରେ ମକଦ୍ଦମା କରିବାକୁ ସୋମବାର ଚେତାବନି ଦିଆଯାଇଛି । ନବନିର୍ମାଣ କୃଷକ ସଂଗଠନର ସ୍ଥାୟୀ କାର୍ଯ୍ୟାଳୟ କୁଜଙ୍ଗଠାରେ ଏନେଇ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇଥିଲା। ଏଥିରେ ସଙ୍ଗଠନର ବ୍ଲକ ସଂଯୋଜକ ବିଷ୍ଣୁ ଚରଣ ସ୍ୱାଇଁ ଯୋଗଦେଇ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। ସେ କହିଛନ୍ତି, ତାଙ୍କ ସଙ୍ଗଠନ ଏକ ସରକାରୀ ସ୍ୱୀକୃତିପ୍ରାପ୍ତ ସଂସ୍ଥା। ଏହାର ପଞ୍ଜିକରଣ ସଂଖ୍ୟା (ନଂ. ୪୧୦୮୨୧୧୩୧୩୨/୨୧) ରହିଛି । ମାତ୍ର କେତେଜଣ ଲୋକ ନବନିର୍ମାଣ କୃଷକ ସଂଗଠନ ନାଁ ନେଇ ଚାଷୀଙ୍କୁ ଭୂଆଁ ବୁଲାଇବାକୁ ଉଦ୍ୟମ କରୁଛନ୍ତି। ବିଭିନ୍ନ ସଂସ୍ଥାରୁ ବେଆଇନଭାବେ ଚାନ୍ଦା ଆଦାୟ କରି ସଙ୍ଗଠନକୁ ବଦନାମ କରୁଛନ୍ତି । ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିବାରେ ଥାନା ପକ୍ଷରୁ କୁହାଗଲା ସେମାନେ କିଛି କରିପାରିବେ ନାହିଁ ବରଂ ଅଦାଲତରେ ମୋକଦ୍ଦମା କରିବାକୁ ପରାମର୍ଶ ଦିଆଯାଇଛି। ସେ ଆହୁରି ଅଭିଯୋଗ କରିଥିଲେ, ୨୦୨୧ଅଗଷ୍ଟ ୨୭ରେ ଚାଷୀମାନଙ୍କ ଦାବିକୁ ନେଇ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ପିପିଏଲ୍ ସମ୍ମୁଖରେ ୭ ଦିନବ୍ୟାପି ଆନ୍ଦୋଳନ କରାଯାଇଥିଲା। ଏହାର ସମାଧାନ ନିମନ୍ତେ ପାରାଦୀପର ଅତିରିକ୍ତ ଜିଲାପାଳ ଏକ ବୈଠକ ଡାକିଥିଲେ। ମାତ୍ର ଏହି ନକଲି ସଙ୍ଗଠକମାନେ ବୈଠକକୁ ଭଣ୍ଡୁର କରିଦେଇଥିଲେ। ଅନ୍ୟପକ୍ଷରେ ବାତ୍ୟା କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଅଦ୍ୟାବଧି କୌଣସି କ୍ଷତିପୂରଣ ମିଳିପାରିନାହିଁ । ଏଥିପାଇଁ ନବନିର୍ମାଣ କୃଷକ ସଙ୍ଗଠନ ଆନ୍ଦୋଳନ ଜାରିରଖିଥିବା ବେଳେ ଏହି ନକଲି ସଙ୍ଗଠକମାନେ ସେମାନଙ୍କୁ ବଦ୍‌ନାମ କରୁଛନ୍ତି। ଏହି ଖବରଦ୍‌ଦାତା ସମ୍ମିଳନୀରେ ସଙ୍ଗଠନର ଉପଦେଷ୍ଟା ବିରେନ୍ଦ୍ର ବିଶ୍ୱାଳ, ପ୍ରମୋଦ କୁମାର ଜେନା, ଜଗନ୍ନାଥ ଦାସ, ସଜିବ ରାଉତ, ଅକ୍ଷୟ ସ୍ୱାଇଁ, ବନଲତା ସାମଲ ଓ ଉର୍ମିଳା ସ୍ୱାଇଁଙ୍କ ସମେତ ୨୮ ପଞ୍ଚାୟତର ଶତାଧିକ ଚାଷୀ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ରେଳ ଧାରଣାରେ କଟି ଯୁବକ ମୃତ

ବାଲିଚନ୍ଦ୍ରପୁର,୨୬।୯(ସ୍ୱ.ପ୍ର.): ବଡ଼ଚଣା ବ୍ଲକ ମାଣ୍ଡୁକା ପଞ୍ଚାୟତ ଅଧୀନ ମାଣ୍ଡୁକା ଗ୍ରାମର ପ୍ରଦୀପ ଦାସ(୪୦)ଙ୍କ ରେଳ ଧାରଣା କଟି ମୃତ୍ୟୁ ଘଟିଛି । ଏ ସଂକ୍ରାନ୍ତରେ ଖବର ପାଇବା ପରେ ବାଲିଚନ୍ଦ୍ରପୁର ପୋଲିସ ରେଲୱେ ପୋଲିସଙ୍କୁ ଖବର ଦେଇଥିଲା। ରେଲୱେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ ହୋଇଛି। ପ୍ରଦୀପଙ୍କ ୩ ଝିଅ ଓ ଗୋଟିଏ ପୁଅ ଅଛନ୍ତି।

### ବିଦ୍ୟୁତ୍ ଆଘାତରେ ମହିଳା ମୃତ

ବାଲିଚନ୍ଦ୍ରପୁର,୨୬।୯(ସ୍ୱ.ପ୍ର.): ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଅଣକା ପଞ୍ଚାୟତ ଭୁଲୁକା ଗ୍ରାମର ପ୍ରଶାନ୍ତ କୁମାର ଜେନାଙ୍କ ସ୍ତ୍ରୀ କନକଲତା(୫୨)ଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି । ସୋମବାର ସକାଳୁ ସେ ନିଦରୁ ଉଠି ଘରର ଫ୍ୟାନ ସୁଇଚ୍ ବନ୍ଦ କରିବା ସମୟରେ ବିଦ୍ୟୁତ ଆଘାତ ପାଇ ଗୁରୁତର ହୋଇଥିଲେ। ପରେ ତାଙ୍କୁ ବଡ଼ଚଣା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ଏହାପରେ ତାଙ୍କ ଅବସ୍ଥା ଅଧିକ ଗୁରୁତର ହେବାରୁ ଡ଼ାକ୍ତର କଟକ ବଡ଼ମେଡ଼ିକାଲକୁ ସ୍ଥାନାନ୍ତରିତ କରିଥିଲେ। ତେବେ କଟକରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା।

### ମୃତ ଶ୍ରମିକଙ୍କ ପରିବାରକୁ ଭେଟିଲେ ରାଜସ୍ୱ ମନ୍ତ୍ରୀ

ସିଂହପୁର,୨୬।୯(ଡି.ଏନ.ଏ.)-ବିଂଝାରପୁର ବ୍ଲକ ଜରୀ ପଞ୍ଚାୟତ ନାଉବାଙ୍କ ଗ୍ରାମର ଅଭିରାମ ସେଠୀଙ୍କ ରବିବାର ବଜ୍ରପାତରେ ମୃତ୍ୟୁ ଘଟିଥିଲା । ଏହି ଖବର ପାଇବା ପରେ ସୋମବାର ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲିକ ଅଭିରାମଙ୍କ ପରିବାର ଲୋକଙ୍କୁ ଭେଟି ଶୋକବ୍ୟକ୍ତ କରି ସମବେଦନା ଜଣାଇଛନ୍ତି । ଏଥି ସହିତ ଆର୍ଥୀକ ସହାୟତା ପ୍ରଦାନ କରିଛନ୍ତି । ପରବର୍ତ୍ତୀ ସମୟରେ ସେ ବ୍ୟକ୍ତିଗତ ଭାବେ ସହାୟତା ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

### ତାଲିମ, ସଚେତନତା ଶିବିର

ପ୍ରୀତିପୁର,୨୬।୯(ଡି.ଏନ୍.ଏ.): ବହୁମୁଖି ବାତ୍ୟା ଆଶ୍ରୟସ୍ଥଳୀ ବିପଦକାଳୀନ କର୍ମଶାଳା ବିଞ୍ଝାରପୁର ବ୍ଲକ ଅଧୀନ ହଳଦିଡିଆ ପଞ୍ଚାୟତର ଏ.ସି.ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଥିଲା । ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ମନ୍ତ୍ରୀ ପ୍ରମିଳା ମଲ୍ଲିକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ । ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲାପାଳ ଅକ୍ଷୟ କୁମାର ମଲ୍ଲିକ,ବିଞ୍ଝାରପୁର ବ୍ଲକ ଅଧକ୍ଷା ରଞ୍ଜିତା ଦାସ,ବିଡିଓ ମିନତୀ ଜଗଦ୍ଦେବ ଓ ଜିଲା ପରିଷଦ ସଭ୍ୟ ନନ୍ଦ କିଶୋର ସାମଲ ପ୍ରମୁଖ ଯୋଗଦେଇଥିଲେ ।

### ଖରସ୍ରୋତା ଡିଗ୍ରୀ ମହାବିଦ୍ୟାଳୟ ମୂଲ୍ୟାୟନ କେନ୍ଦ୍ର ଘୋଷଣା

ସିଂହପୁର,୨୬।୯(ଡି.ଏନ.ଏ.): ବିଂଝାରପୁର ବ୍ଲକ ଖରସ୍ରୋତା ମହାବିଦ୍ୟାଳୟ +୩ ସେମିଷ୍ଟାର ପରୀକ୍ଷା ମୂଲ୍ୟାୟନ କେନ୍ଦ୍ର ଭାବେ ବିବେଚିତ ହୋଇଛି । ଉତ୍କଳ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ଚଳିତ ମାସ ୨୩ ତାରିଖରେ ଚିଠି ନଂ. ୨୨୯୨୯ରେ ଏହି ମହାବିଦ୍ୟାଳୟକୁ ପ୍ରଥମ ଥର ପାଇଁ ମୂଲ୍ୟାୟନ କେନ୍ଦ୍ର ଭାବେ ମନୋନୀତ କରାଯାଇଛି। ଯୁକ୍ତ ୩ ଚତୁର୍ଥ ସେମିଷ୍ଟାର ପରୀକ୍ଷା ସୋମବାରଠାରୁ ଆରମ୍ଭ ହୋଇଛି। ଏଥିପାଇଁ ଷ୍ଟ୍ରଙ୍ଗରୁମ ଓ ଅନ୍ୟାନ୍ୟ ପ୍ରସ୍ତୁତି କରାଯାଇଛି ବୋଲି ଅଧକ୍ଷ ସତ୍ୟବ୍ରତ ପାଢୀ ସୂଚନା ଦେଇଛନ୍ତି । ମୂଲ୍ୟାୟନ କେନ୍ଦ୍ର ସଂକ୍ରାନ୍ତରେ ଜଣାପଡିବା ପରେ କଲେଜର ପ୍ରଥମ ଅଧକ୍ଷ କେଶବ ଚନ୍ଦ୍ର ରାଉତରାୟ, ପ୍ରାକ୍ତନ କଲେଜ ଅଧକ୍ଷ ଉଦୟନାଥ ପରିଡା, ବିଂଝାରପୁର ନାଗରିକ ମଞ୍ଚର ସଭାପତି ରବିନ୍ଦ୍ର କୁମାର ଧଳ ପ୍ରମୁଖ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି ।

### ସାମାଜିକ କର୍ମୀଙ୍କ ପରଲୋକ

ସିଂହପୁର,୨୬।୯(ଡି.ଏନ.ଏ.): ବିଂଝାରପୁର ବ୍ଲକ ଜରୀ ପଞ୍ଚାୟତ ନାଉବାଙ୍କ ଗ୍ରାମର ସାମାଜିକ କର୍ମୀ ପ୍ରମୋଦ ପାତ୍ରଙ୍କ ହୃଦ୍‌ଘାତରେ ରବିବାର ପରଲୋକ ହୋଇଯାଇଛି । ତାଙ୍କୁ ୬୭ ବର୍ଷ ବୟସ ହୋଇଥିଲା । ମୃତ୍ୟୁ ଶଯ୍ୟା ନିକଟରେ ପୁତ୍ର ପ୍ରଭଞ୍ଜନ, ଦିବ୍ୟରଞ୍ଜନ ଓ ଦୁଇଝିଅ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲିକ, ବ୍ଲକ ଅଧକ୍ଷା ରଞ୍ଜିତା ଦାସ, ଜିଲା ପରିଷଦ ସଭ୍ୟ ନନ୍ଦକିଶୋର ସାମଲ ଶୋକବ୍ୟକ୍ତ କରିଛନ୍ତି ।

# ରାଶନ ମିଳିଲା ନାହିଁ, ତାତିଲେ ହିତାଧିକାରୀ

- ବ୍ଲକ୍ ଯୋଗାଣ ନିରୀକ୍ଷକଙ୍କୁ ଘେରାଉ
- ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ୍

ବରୀ,୨୬।୯(ଡି.ଏନ.ଏ.)

ସରକାରଙ୍କ ତରଫରୁ ଖାଦ୍ୟ ସୁରକ୍ଷା ଯୋଜନାରେ ପଞ୍ଜୀକୃତ ହୋଇଥିବା ଗରିବ ହିତାଧିକାରୀମାନଙ୍କୁ ପ୍ରତିମାସରେ ସରକାରୀ ନିୟମ ମୁତାବକ ଚାଉଳ ଓ ଗହମ ବଣ୍ଟନ କରିବା ପାଇଁ ନିର୍ଦ୍ଦେଶ ରହିଛି। ମାତ୍ର ଦାୟିତ୍ୱରେ ଥିବା ସରକାରୀ ଖୁଚୁରା ବିକ୍ରେତା(ରିଟେଲର) ହିତାଧିକାରୀମାନଙ୍କ ରାଶନ ସାମଗ୍ରୀ ହଡପ କରି ଚାଲିଛନ୍ତି । ଫଳରେ ହିତାଧିକାରୀମାନେ ଏ ସଂକ୍ରାନ୍ତରେ ବ୍ଲକ୍ ଓ ଜିଲା ପ୍ରଶାସନ ନିକଟରେ ଲିଖିତ ଓ ମୌଖିକ ଅଭିଯୋଗ କଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ଏପରି କି ଅଭିଯୋଗ ଉପରେ ତଦନ୍ତ ହେଉଥିଲେ ମଧ୍ୟ ସମ୍ପୃକ୍ତ ହିତାଧିକାରୀମାନଙ୍କୁ ନ୍ୟାୟ ପ୍ରଦାନ କରାଯାଉ ନ ଥିବା ଆଲୋଚନା ହେଉଛି।

ସୂଚନା ଅନୁଯାୟୀ, ଗତ ୨୨ତାରିଖରେ ବରି ବ୍ଲକ୍ ଅଧୀନ କିମ୍ପିରିଆପାଳ ପଞ୍ଚାୟତର ଶତାଧିକ ଖାଦ୍ୟ ସୁରକ୍ଷା ଯୋଜନା ହିତାଧିକାରୀ ଚାଉଳ ଓ ଗହମ ପାଇ ନ ଥିଲେ । ଏ ନେଇ ସେମାନେ ବରୀ ବ୍ଲକ୍ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ସେମାନଙ୍କ ଅଭିଯୋଗକୁ ବରୀ ବ୍ଲକ୍ ପ୍ରଶାସନ ଗ୍ରହଣ କରିବା ପରେ ବି ଅଦ୍ୟାବଧି ଏହି ଘଟଣାକୁ ତଦନ୍ତ ପରିସରଭୁକ୍ତ କରାଯାଇନାହିଁ । ଏପରି କି ହିତାଧିକାରୀମାନଙ୍କୁ ସେମାନଙ୍କ ସାମଗ୍ରୀ ଯୋଗାଇ ଦିଆଯାଇନାହିଁ। ଫଳରେ ସମ୍ପୃକ୍ତ ହିତାଧିକାରୀମାନେ ସୋମବାର ବରୀ ବ୍ଲକ୍ ଅଫିସରେ ପହଞ୍ଚି ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଏଥି ସହିତ ସେମାନେ ବରୀ ବ୍ଲକ୍ ଯୋଗାଣ ନିରୀକ୍ଷକଙ୍କୁ ଘେରାଉ କରିଥିବା ଦେଖିବାକୁ ମିଳିଥିଲା । କିମ୍ପିରିଆପାଳ ପଞ୍ଚାୟତର ନାଲୁ ପରିଡାଙ୍କ ନେତୃତ୍ୱରେ ଶତାଧିକ ହିତାଧିକାରୀ ବରୀ ବ୍ଲକ୍ କାର୍ଯ୍ୟାଳୟରେ ପହଞ୍ଚି ଘଟଣାର ତଦନ୍ତ କରାଯାଉ । ୭ ଦିନ ମଧ୍ୟରେ ପୂର୍ବରୁ ବକେୟା ଥିବା ରାଶନ ସାମଗ୍ରୀ ହିତାଧିକାରୀଙ୍କୁ ଦେବାକୁ ଦାବି କରିଥିଲେ । ଏଥିରେ ବ୍ୟତିକ୍ରମ ହେଲେ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ସେମାନେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ଏ ସଂକ୍ରାନ୍ତରେ ବରୀ ମଣ୍ଡଳ ଉନ୍ନୟନ ଅଧିକାରୀ ଚିନ୍ମୟ ଦାସଙ୍କୁ ପଚାରିବାରେ ସେ କୁହନ୍ତି, ଅଭିଯୋଗକୁ ଗୁରୁତ୍ୱ ଦେଇ ତଦନ୍ତ ପାଇଁ ଯୋଗାଣ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛି। ଯଦି ଘଟଣାର ସତ୍ୟତା ଥାଏ ତା'ହେଲେ ସମ୍ପୃକ୍ତ ଖୁଚୁରା ବିକ୍ରେତା (ରିଟେଲର)ଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅପରପକ୍ଷେ ଯୋଗାଣ ନିରୀକ୍ଷକ ସୂର୍ଯ୍ୟକାନ୍ତ ବେହେରାଙ୍କୁ ପଚାରିବାରେ ସେ କୁହନ୍ତି, ଅଭିଯୋଗ ଆସିଛି ଖୁବ୍ ଶୀଘ୍ର ଘଟଣାର ତଦନ୍ତ କରାଯାଇ ରିପୋର୍ଟ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯିବ।

# ଗାଁ ବିକାଶର ସମୀକ୍ଷା କଲେ ମନ୍ତ୍ରୀ

## ଲୋକଙ୍କ କଥା ଶୁଣିଲେ, ସମାଧାନ ପାଇଁ ନିର୍ଦ୍ଦେଶ ଦେଲେ



ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡ଼ାଇ ଲୋକଙ୍କ ସହ ଆଲୋଚନା କରୁଛନ୍ତି।

କାଳିଆପାଣି,୨୬।୯(ଡି.ଏନ.ଏ.)

ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡ଼ାଇ । ଏଥିସହିତ ସେ ଲୋକମାନଙ୍କ ସମସ୍ୟା ବୁଝିବା ସହ ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ମନ୍ତ୍ରୀ ଘଡ଼ାଇ ସୋମବାର କଅଁସ ଓ ଚିଙ୍ଗୁଡ଼ିପାଳ ପଞ୍ଚାୟତସ୍ଥିତ ଆମ୍ବତୋଟାରେ ଆୟୋଜିତ ପୃଥକ ବୈଠକରେ ଯୋଗଦେଇଥିଲେ। ଲୋକମାନଙ୍କ ସହ ସେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ । କଅଁସ ପଞ୍ଚାୟତର ୧୧ ଓ ଚିଙ୍ଗୁଡ଼ିପାଳ ପଞ୍ଚାୟତର ୧୨ ୱାର୍ଡର ଶତାଧିକ ମୁରବୀ, ମହିଳା, ଯୁବକ ଏହି ବୈଠକରେ ସାମିଲ ହୋଇ ରାସ୍ତା ମରାମତି, ପାନୀୟ ଜଳ ଯୋଗାଣ, ଶିକ୍ଷକ ନିଯୁକ୍ତି, ଭୂମିହୀନଙ୍କୁ ଜମି ପଟ୍ଟା ପ୍ରଦାନ, ବିଜୁ ପକ୍କା ଘର ପ୍ରଦାନ, ଆଡି ବନ୍ଧ ନିର୍ମାଣ ଆଦି ଦାବି ଉପସ୍ଥାପନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସୁକିନ୍ଦା ବିଡିଓ ତାପସ ସେଠୀ ଓ ତହସିଲଦାର ଦମୟନ୍ତୀ ସାହୁ ଯୋଗ ଦେଇ ଲୋକଙ୍କ ସମସ୍ୟା ସମାଧାନ ନିମନ୍ତେ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ । ଶ୍ରମିକ ସଂଘ ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧିରଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବ୍ଲକ ଅଧକ୍ଷ ଦିବ୍ୟରଞ୍ଜନ ବରାଳ, ଉପାଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ଜିଲା ପରିଷଦ ସଭ୍ୟା ଜେମା ଚାଖିଙ୍କ ସହ ସରପଞ୍ଚ ଓ ସମିତି ସଭ୍ୟାସଭ୍ୟମାନେ ଉପସ୍ଥିତ ଥିଲେ ।

# ୧୫୨ ଅଭିଯୋଗର ତତ୍କାଳ ସମାଧାନ



ମିଳିତ ଜନଶୁଣାଣି ଶିବିରରେ ଜିଲାପାଳ ଓ ଏସ୍‌ପିଙ୍କ ସହ ପ୍ରଶାସନିକ ଅଧିକାରୀ।

## ଜିଲାପାଳ, ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣି

କୋରେଇ,୨୬।୯(ଡି.ଏନ.ଏ.)

କୋରେଇ ବ୍ଲକ ନବ ନିର୍ମିତ ସଭାଗୃହରେ ସୋମବାର ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଏକ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୋଟ୍ ୨୮୫ ଅଭିଯୋଗ ଆସିଥିବା ବେଳେ ୧୫୨ଟି ର ତତ୍କାଳ ସମାଧାନ ହୋଇଥିଲା । ଗ୍ରାମୀଣ ଆବାସ ଯୋଜନା ପାଇଁ ୧୯୦ ଅଭିଯୋଗ ଆସିଥିବା ବେଳେ ୧୦୧ର ସମାଧାନ ହୋଇଥିଲା।

ସେହିପରି ରାଶନ କାର୍ଡ ପାଇଁ ୩୦ ଅଭିଯୋଗ ଥିବା ବେଳେ ୮ ଟି ସମାଧାନ ହୋଇଥିଲା । ବାର୍ଦ୍ଧକ୍ୟ ଭତ୍ତାରେ ୧୦ ରୁ ୧୦ ଓ ୫୫ ସାଧାରଣ ଅଭିଯୋଗରୁ ୧୪ର ସମାଧାନ ହୋଇଥିଲା । ଏଥିରେ ୩ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ଓ ୪ ରେଡ୍‌କ୍ରସ ସହାୟତା ଆବେଦନ ରହିଥିଲା ।

ସୁକିନ୍ଦା ବ୍ଲକର ସରପଞ୍ଚ ଓ ସମିତି ସଭ୍ୟ ବ୍ଲକର କନିଷ୍ଠ ଯନ୍ତ୍ରୀଙ୍କ ନାମରେ ଦୁର୍ନୀତି ଓ ଜଣେ କନିଷ୍ଠ ଯନ୍ତ୍ରୀ ହରିପୁର ପଞ୍ଚାୟତର ସରପଞ୍ଚଙ୍କୁ ଦୁର୍ବ୍ୟବହାର କରିଥିବା ନେଇ ଅଭିଯୋଗ କରିଥିଲେ । ସେହିପରି ଛଞ୍ଚଣିଆ ଗ୍ରାମର ଗୀତାଞ୍ଜଳି ଜେନା ତାଙ୍କ ସ୍ୱାମୀ ବଳରାମ ଜେନା ଙ୍କୁ ବିନା ଦୋଷରେ କୋରେଇ ପୋଲିସ ମାଡ଼ ମାରିବା ସହ ନିର୍ଯାତନା ଦେଇଥିବା ଅଭିଯୋଗ କରିଥିଲେ। ଜହ୍ନା ପଞ୍ଚାୟତର ସରପଞ୍ଚ ସଂଯୁକ୍ତା ସାହୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବାଦ ପଡିଥିବା ପ୍ରକୃତ ହିତାଧିକାରୀଙ୍କୁ ଆଉ ଥରେ ଚିହ୍ନଟ କରିବା ସହ ବୃଦ୍ଧାବୃଦ୍ଧଙ୍କୁ ଭତ୍ତା ପ୍ରଦାନ ଦିଗରେ ବ୍ୟବସ୍ଥା କରିବାକୁ ଅଭିଯୋଗ କରିଥିଲେ। ସେହିପରି ତଳଗଡ଼ ପ୍ରାଥମିକ କୃଷି ସମବାୟ ସମିତିର ଅଫିସ ଓ ଗୋଦାମ ଘର ନିର୍ମାଣ ପାଇଁ ଆବଶ୍ୟକ ଜମି ଯୋଗାଇ ଦେବାକୁ ଦରଖାସ୍ତ ଆସିଥିଲା। ଲୋକେ ପ୍ରବଳ ଖରାରେ ଧାଡ଼ିରେ ରହି ଅଭିଯୋଗ ଜଣାଇବାକୁ ଯାଇଥିଲେ। ସେଠାରେ ଛାଇ ପାଇଁ ଛାମୁଣ୍ଡିଆର ବ୍ୟବସ୍ଥା ନ ଥିବାରୁ ଲୋକମାନେ ଖରାରେ ଅସ୍ତବ୍ୟସ୍ତ ହେଉଥିବା ଦେଖିବାକୁ ମିଳିଥିଲା।

ଅଭିଯୋଗ ଶୁଣାଣିରେ ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର, ଜିଲା ଆରକ୍ଷୀ ଅଧୀକ୍ଷକ ରାହୁଲ ପି ଆର, ପିଡି ଡିଆରଡିଏ ଅଶୋକ କୁମାର ବେଉରିଆ, କଳିଙ୍ଗ ନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, ଏସ୍‌ଡିପିଓ ସଞ୍ଜୟ କୁମାର ପଟ୍ଟନାୟକ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବିରଞ୍ଚି ନାରାୟଣ ବାରିକ, ବିଡିଓ ରଞ୍ଜନ କୁମାର ପରିଡା, ତହସିଲଦାର ଅଶୋକ କୁମାର ମାଝିଙ୍କ ସମେତ କୋରେଇ ଥାନା ଅଧିକାରୀ ଶ୍ରବଣ କୁମାର ମହାରଣା ଓ ଅନ୍ୟାନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ ।

# ଜାତିଆଣ ଆକ୍ଷେପ, ସରପଞ୍ଚଙ୍କ ନାମରେ ମାମଲା

ବରୀ/ ବିଞ୍ଝାରପୁର, ୨୬।୯(ଡି.ଏନ.ଏ.)

ଜାତିଆଣ ଶବ୍ଦ ବିଷୟରେ ଆଜି ସାଧାରଣ ଲୋକଟିଏ ବି ସଚେତନ ଅଛନ୍ତି । ହେଲେ ଜଣେ ଜନ ପ୍ରତିନିଧି ଏ ବିଷୟରେ ଅବଗତ ନ ହେବା ଏବଂ ନିଜ ପଞ୍ଚାୟତର ଦଳିତ ସମ୍ପ୍ରଦାୟର ଲୋକମାନଙ୍କୁ ଜାତିଆଣ ଆକ୍ଷେପ କରିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ସୂଚନା ଅନୁଯାୟୀ, ବରୀ ବ୍ଲକ୍ ଅଧୀନ ବୋବାଦୁଅ ପଞ୍ଚାୟତର ପୂର୍ବତନ ସରପଞ୍ଚ ଅର୍ଚ୍ଚନା ମଲିକ ୮ ମାସ ପୂର୍ବେ ଅଦ୍ୱୈତ ମଲିକ ଓ ଲିପୁନା ମଲିକଙ୍କୁ ଏକ ରାସ୍ତା କାମ ପାଇଁ ୩ ଲକ୍ଷ ଟଙ୍କା କାର୍ଯ୍ୟାଦେଶ ଦେଇଥିଲେ। କାମ ସରିବା ପରେ ଉଭୟଙ୍କୁ ୨ ଲକ୍ଷ ଟଙ୍କା ବିଲ୍ ବାବଦକୁ ଦିଆଯାଇଥିଲା । ଏହାପରେ ପଞ୍ଚାୟତ ନିର୍ବାଚନ ହେବାରୁ ବାକି ଟଙ୍କା ପ୍ରଦାନ କରାଯାଇ ନ ଥିଲା। ଅନ୍ୟପକ୍ଷେ ନିର୍ବାଚନରେ ନୂତନ ସରପଞ୍ଚ ଭାବେ ଦେବୀ ପ୍ରସାଦ ମିଶ୍ର ବିଜୟ ହୋଇ ଦାୟିତ୍ୱ ଗ୍ରହଣ କରିଥିଲେ । ଏହାପରେ ଅଦ୍ୱୈତ୍ୟ ଓ ଲିପୁନା ଅବଶିଷ୍ଟ ୧ ଲକ୍ଷ ଟଙ୍କା ପ୍ରଦାନ ପାଇଁ ସରପଞ୍ଚ ମିଶ୍ରଙ୍କୁ ଅନୁରୋଧ କରିଥିଲେ। ବାରମ୍ବାର ଦୌଡ଼ିବା ପରେ ବି ସେମାନଙ୍କୁ ଟଙ୍କା ମିଳି ନ ଥିଲା । ସରପଞ୍ଚ ମିଶ୍ର ଉକ୍ତ ଅର୍ଥ ପଇଠ ନ କରି ସେମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଜାତିଆଣ ମନ୍ତବ୍ୟ ଦେଇଥିଲେ । ଏହାକୁ ନେଇ ଅଦ୍ୱୈତଙ୍କ ସ୍ତ୍ରୀ ଅବଳି ମଲିକ ଓ ଲିପୁନାଙ୍କ ସ୍ତ୍ରୀ ଅଞ୍ଜଳି ମଲିକ ଥାନାରେ ଅଭିଯୋଗ କରିଛନ୍ତି । ଉଭୟଙ୍କ ଅଭିଯୋଗକୁ ଭିତ୍ତି କରି ବିଂଝାରପୁର ଥାନାରେ ଏକ ମାମଲା(ନଂ.୫୫୦/୨୦୨୨) ରୁଜୁ ହୋଇଛି । ପୋଲିସ ତଦନ୍ତ ଜାରି ରଖିଛି। ଅପରପକ୍ଷେ ଏ ସଂକ୍ରାନ୍ତରେ ବୋଦୁଅ ସରପଞ୍ଚ ମିଶ୍ରଙ୍କୁ ପଚାରିବାରେ ସେ କୁହନ୍ତି, ରାଜନୈତିକ ଉଦ୍ଦେଶ୍ୟ ରଖାଯାଇ ମୋ ବିରୋଧରେ କେତେଜଣ ଲୋକଙ୍କୁ କହି ଥାନାରେ ଅଭିଯୋଗ କରାଯାଇଛି। ମୁଁ ସତ୍ୟର ସାମ୍ନା କରିବାକୁ ସବୁବେଳେ ପ୍ରସ୍ତୁତ ଅଛି ବୋଲି ସେ ସ୍ପଷ୍ଟ କରିଛନ୍ତି ।

# ଜୀବନବିନ୍ଦୁ କାର୍ଯ୍ୟକ୍ରମ, ୨୦୭ ୟୁନିଟ ରକ୍ତ ସଂଗ୍ରହ



ରକ୍ତଦାନ ଶିବିରରେ ଯୋଗଦେଇଥିବା ରକ୍ତଦାତା।

କୋରେଇ,୨୬।୯(ଡି.ଏନ.ଏ.)

କୋରେଇ ବ୍ଲକ ରଗଡିସ୍ଥିତ ଯାଜପୁର ସରକାରୀ ବହୁମୁଖୀ ବୈଷୟିକ ଶିକ୍ଷାନୁଷ୍ଠାନରେ ସୋମବାର 'ଜୀବନ ବିନ୍ଦୁ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ୨୦୭ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି । ଓଡିଶା ଇଞ୍ଜିନିୟରିଂ ଛାତ୍ର ସଂଘ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ କୋରେଇ ବିଧାୟକ ଅଶୋକ କୁମାର ବଳ ଉଦ୍‌ଘାଟନ କରିଥିଲେ । ଯାଜପୁର ପୌରପରିଷଦର ପୂର୍ବତନ ଅଧକ୍ଷ ତଥା ଅଶୋକ ଦାସ ଫାଉଣ୍ଡେଶନ ର ସଚିବ ଭବପ୍ରସାଦ ଦାସ ଅତିଥି ଭାବେ ଯୋଗଦେଇ ଥିଲେ । ଜିଲା ପରିଷଦ ଅଧକ୍ଷା ନଳିନୀପ୍ରଭା ଜେନା, କୋରେଇ ବ୍ଲକ ଅଧକ୍ଷା ଜୟନ୍ତୀ ଦଳାଇ, ଉପାଧକ୍ଷ ପ୍ରଫୁଲ୍ଲ କୁମାର ଦାଶ,୧ ନମ୍ବର ଜୋନ ଜିଲା ପରିଷଦ ସଦସ୍ୟା ସସ୍ମିତା ତରାଇ ଓ ଦୁଇ ନମ୍ବର ଜୋନ ସଦସ୍ୟ ଉମାକାନ୍ତ ମାଝି, ବ୍ୟାସନଗର ପୌର ପରିଷଦର ଅଧକ୍ଷା ସଂଗୀତା ପିଙ୍ଗୁଆ, ଉପାଧକ୍ଷ ସୁବାଶିଷ ବଳ, କାଉନସିଲର ମନୀନ୍ଦ୍ର କୁମାର ସାହୁ, ବିଜେଡି ମହିଳା ସଭାନେତ୍ରୀ ସବିତା ରାଉତ ପ୍ରମୁଖ ଯୋଗ ଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଅଧକ୍ଷ ରାଜେନ୍ଦ୍ର କୁମାର ପୃଷ୍ଟି ଉପସ୍ଥିତ ଥିଲେ । ଯାଜପୁର ରୋଡ ରେଡକ୍ରସ ପକ୍ଷରୁ ରକ୍ତ ସଂଗ୍ରହ କରାଯାଇଥିଲା ।

# ୨୮ରେ ନଠୁଆବରରେ ବିଦ୍ୟୁତ ଗ୍ରାହକ ସମାବେଶ

ରସୁଲପୁର,୨୬।୯(ଡି.ଏନ.ଏ.)

ରସୁଲପୁର ବ୍ଲକ ନଠୁଆବର ହାଟଠାରେ ଆସନ୍ତା ୨୮ତାରିଖ ଅପରାହ୍ନ ୩ଟାରେ ବିଦ୍ୟୁତ ଗ୍ରାହକ ସମାବେଶ ହେବ । ଗ୍ରାମାଞ୍ଚଳ ବିଦ୍ୟୁତ ଉପଭୋକ୍ତ ଏକତା ମଞ୍ଚ ଡାକରା କ୍ରମେ ଏହି ସମାବେଶ ଆୟୋଜନ କରାଯିବ । ଏହି ସମାବେଶ ଜରିଆରେ ଟାଟା ପାୱାରର ମନମୁଖି କାର୍ଯ୍ୟକୁ ବିରୋଧ କରିବାକୁ ଲକ୍ଷ୍ୟ ରଖାଯାଇଛି । ଏଥିସହିତ ଗ୍ରାମାଞ୍ଚଳ ବିଦ୍ୟୁତ ଉପଭୋକ୍ତାମାନଙ୍କୁ ୧୫୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଦ୍ୟୁତ ଯୋଗାଣ, ତ୍ରୁଟିପୂର୍ଣ୍ଣ ବକେୟା ବିଲ ଛାଡ, ନିରବଚ୍ଛିନ୍ନ ବିଦ୍ୟୁତ ସେବା ପ୍ରଦାନ, ବଳପୂର୍ବକ ବିଦ୍ୟୁତ ବିଲ ଆଦାୟ ଓ ଫାଇନ କାଟିବାକୁ ବନ୍ଦ କରିବା, ଘନ ଘନ ବିଦ୍ୟୁତ କାଟକୁ ବନ୍ଦ କରିବା, ଉପଭୋକ୍ତାମାନଙ୍କୁ ପ୍ରଦାନ କରାଯାଉଥିବା ମିଟରକୁ ଇଞ୍ଜିନିୟର ଦ୍ୱାରା ପ୍ରମାଣପତ୍ର ପ୍ରଦାନ କରିବା ଭଳି କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିବା ପାଇଁ ସମାବେଶ ଆୟୋଜନ ହେବ ବୋଲି ମଞ୍ଚର ଆବାହକ ନାରାୟଣ ଜେନା ପ୍ରକାଶ କରିଛନ୍ତି । ଉକ୍ତ ବୈଠକରେ ଶତାଧିକ ଉପଭୋକ୍ତା ଯୋଗଦାନ କରି କମ୍ପାନୀର ମନମୁଖୀ କାର୍ଯ୍ୟ ବିରୋଧରେ ଏକଜୁଟ ହେବା ପାଇଁ ନିବେଦନ କରାଯାଇଛି ।

# ଶସ୍ୟବହୁଳ ଅଞ୍ଚଳ ହେବ ବିଞ୍ଝାରପୁର

## ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତିକୁ ଖରସ୍ରୋତା ବଞ୍ଚାଅ ସଙ୍ଗଠନର ସ୍ୱାଗତ

ବିଞ୍ଝାରପୁର,୨୬।୯(ଡି.ଏନ.ଏ.)

ଦୀର୍ଘ ୪୦ବର୍ଷ ପରେ ବିଞ୍ଝାରପୁରବାସୀଙ୍କ ଦୁଃଖ ଦୂର ହେବାକୁ ଯାଉଛି । ଖରସ୍ରୋତା ନଦୀର ବର୍ଷା ଜଳକୁ ସମୁଦ୍ରକୁ ନ ଛାଡ଼ି ଉପଯୁକ୍ତ ବିନିଯୋଗ କରିବାକୁ ରାଜ୍ୟ ସରକାର ଯୋଜନା ପ୍ରସ୍ତୁତ କରିଛନ୍ତି । ଖରସ୍ରୋତା ନଦୀରେ ନିର୍ମାଣ ହେବ ୯ ବ୍ୟାରେଜ । ସେଥିରୁ ଯାଜପୁର ଜିଲା ବରୀ ବ୍ଲକରେ ୨, ବିଞ୍ଝାରପୁର ବ୍ଲକରେ ୫ ଓ କେନ୍ଦ୍ରାପଡ଼ା ଜିଲା ଆଳି ଓ ରାଜକନିକା ବ୍ଲକରେ ୨ ବ୍ୟାରେଜ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୩୧୬ କୋଟି ୨୭ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି । ଏ ନେଇ ବିଞ୍ଝାରପୁର ବିଧାୟିକା ତଥା ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ ଶୁକ୍ରବାର ଯାଜପୁରସ୍ଥିତ ସର୍କିଟ ହାଉସରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି । ଏହି ଖବର ଜଣାପଡିବା ପରେ ବିଞ୍ଝାରପୁର ଅଞ୍ଚଳର ଚାଷୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି । ଚାଷୀଙ୍କ ଦୀର୍ଘ ଦିନର ଦାବି ପୂରଣ ହେବାକୁ ଯାଉଥିବାରୁ ଖରସ୍ରୋତା ବଞ୍ଚାଅ ସଙ୍ଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତିକୁ ସ୍ୱାଗତ କରାଯାଇଛି । ସୂଚନାଯୋଗ୍ୟ, ଖରସ୍ରୋତା ନଦୀରେ ବ୍ୟାରେଜ ନିର୍ମାଣ କରିବାକୁ ବହୁ ଦିନହେଲା ଖରସ୍ରୋତା ବଞ୍ଚାଅ ସଙ୍ଗଠନ ଆନ୍ଦୋଳନ କରିବା ସହ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିଆସୁଥିଲା । ନଦୀର ଉପତ୍ୟକା ଅଞ୍ଚଳରେ ପାଣି ଅଭାବ ଯୋଗୁ ବହୁ ଦିନହେଲା ପନିପରିବା ଚାଷ ଲୋପ ପାଇଥିଲା । ବିଳମ୍ବରେ ହେଲେ ମଧ ସରକାର ବିଞ୍ଝାରପୁର ବ୍ଲକର ସୟଦପୁର ପଞ୍ଚାୟତରେ ୪୭.୮୬ କୋଟି, ଚନ୍ଦ୍ରମୁଁ ପଞ୍ଚାୟତ ମଲ୍ଲିପୁରରେ ୬୦.୮୨ କୋଟି, କଣ୍ଟିପୁରଠାରେ ୫୨.୩୨ କୋଟି, ଫତେପୁର ପଞ୍ଚାୟତ ଧରମପୁରଠାରେ ୫୪.୦୮ କୋଟି ଓ ବାଙ୍ଗରାଠାରେ ୩୫.୯୫ କୋଟି ଟଙ୍କା ବ୍ୟୟରେ ୫ଟି ବ୍ୟାରେଜ ନିର୍ମାଣ କରିବାକୁ ଅର୍ଥ ମଞ୍ଜୁର କରିଛନ୍ତି । ସରକାରଙ୍କ ଦ୍ୱାରା ନିର୍ମାଣ ହେବାକୁ ଥିବା ବ୍ୟାରେଜ ଦ୍ୱାରା ବିଂଝାରପୁର ଶସ୍ୟଭରା ଅଞ୍ଚଳ ହେବା ସହ ଚାଷୀ ଅଧିକ ଉପକୃତ ହେବେ ବୋଲି ଖରସ୍ରୋତା ବଞ୍ଚାଅ ସଂଗଠନର ମୁଖ୍ୟ ଅଟଳ ବିହାରୀ ନାୟକ, ହରେକୃଷ୍ଣ ପଣ୍ଡା, ଗୋବିନ୍ଦ ସାମଲ, ସଇଫୁର ରହେମାନ, ଅଶାଦୁଲ୍ଲା ଖାନ ପ୍ରମୁଖ କହିଛନ୍ତି ।

# ଆବାସ ଯୋଜନା ଅଛି, ଘର ମିଳୁନାହିଁ



ଘର ସାମ୍ନାରେ ଚେମା ମଳିକ।



ଅସହାୟ ସେକ୍ ମନିରୁଉଦ୍ଦିନ।

- ଦୁଃଖକଷ୍ଟରେ ଦିନ କାଟୁଛନ୍ତି ପ୍ରକୃତ ହିତାଧିକାରୀ
- ପଞ୍ଚାୟତ କାର୍ଯ୍ୟାଳୟ,ବ୍ଲକ୍ ଅଫିସକୁ ଦୌଡ଼ି ଲୋକେ ନିରାଶ

ଜେନାପୁର,୨୬।୯(ଡି.ଏନ.ଏ.)

ଆର୍ଥିକ ଅନଟନ ମଧ୍ୟରେ ଦିନ କାଟୁଥିବା ପରିବାରକୁ ସରକାର ଗ୍ରାମୀଣ ଆବାସ ଯୋଜନାରେ ଘର ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରିଛନ୍ତି । ହେଲେ ଯାଜପୁର ଜିଲା ଧର୍ମଶାଳା ବ୍ଲକର ବିଭିନ୍ନ ପଞ୍ଚାୟତରେ ସେହି ଯୋଜନା ଯେମିତି ପହଞ୍ଚି ପାରିନାହିଁ। ଏଥିପାଇଁ ଆର୍ଥିକ ଅନଟନ ମଧ୍ୟରେ ରହୁଥିବା ପରିବାର ଏବେ ବି ଭଙ୍ଗା ଦଦରା ଝାଟିମାଟି ଚାଳ ଛପର ତଳେ ଦିନ କାଟୁଛନ୍ତି । ଆବାସ ଯୋଜନାରେ ଘର ପାଇଁ ହିତାଧିକାରୀମାନେ ଆବେଦନ କରିଥିଲେ ମଧ୍ୟ ସେମାନଙ୍କୁ ଘର ମିଳୁ ନାହିଁ ବୋଲି ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ଧର୍ମଶାଳ ବ୍ଲକ ବୃନ୍ଦାଦେଇପୁର ପଞ୍ଚାୟତ ଅଧୀନ ରଘୁନାଥପୁର ଗ୍ରାମର ରୁହନ୍ତି ଚେମା ମଳିକ( ୪୫)ଙ୍କ ପରିବାର । ସେ ଗରିବ ଦଳିତ ପରିବାର ସଦସ୍ୟ ହୋଇଥିଲେ ମଧ୍ୟ ଆବାସ ଯୋଜନା ତାଙ୍କ ପାଇଁ ସାତସପନ ହୋଇଛି । ଘରଟିଏ ପାଇଁ ସେ ବାରମ୍ବାର ଆବେଦନ କରିଥିଲେ ମଧ କୌଣସି ସୁଫଳ ମିଳିନାହିଁ । ଚେମା ଜଣେ ଦିନ ମଜୁରିଆ । ତାଙ୍କ ପରିବାର କହିଲେ ସ୍ତ୍ରୀ ଓ ୨ ପୁଅ । ସେମାନେ ଏକ ବଖରା ଝାଟିମାଟି ଚାଳ ଘରେ ରହୁଛନ୍ତି । ସେହି ଘରେ ରୋଷେଇ କରିବା ସହିତ ପାର୍ଶ୍ୱରେ ଗୃହପାଳିତ ପ୍ରାଣୀ ବି ଆଶ୍ରୟ ନେଇଛନ୍ତି । ବର୍ଷା ଦିନେ ଘର ଭିତରେ ପାଣି ଝରୁଛି । ଏପରି ପରିସ୍ଥିତିରେ ଖାଇବା, ଶୋଇବା ଓ ରୋଷେଇ କରିବା ବହୁ କଷ୍ଟକର ହୋଇଛି । ଯଦି କେବେ ଲଗାଣ କି ମୂଷଳ ଧାରରେ ବର୍ଷା ହୁଏ ଚେମାଙ୍କ ପରିବାର ପଡ଼ୋଶୀଙ୍କ ଘରେ ଆଶ୍ରୟ ନେଉଛନ୍ତି । ଏଭଳି ସ୍ଥିତିରେ ପକ୍କା ଘର ଖଣ୍ଡେ ପାଇଁ ପଞ୍ଚାୟତ କାର୍ଯ୍ୟାଳୟରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ସେ ବହୁ ଥର ଦୌଡିଛନ୍ତି । ଏକାଧିକଥର ଦାୟିତ୍ୱରେ ଥିବା ବାବୁମାନଙ୍କ ପାଖରେ ଆବେଦନ କରିଛନ୍ତି । ନେହୁରା ବି ହୋଇଛନ୍ତି । ହେଲେ ସେହି ବାବୁମାନେ ତଦନ୍ତ ପାଇଁ ଆସୁଛନ୍ତି କିନ୍ତୁ ଘର ମିଳୁ ନାହିଁ । ଏପରି ପରିସ୍ଥିତିରେ ଘର ପାଇଁ ସ୍ୱପ୍ନ ଦେଖିବା ଛଡା ଆମ ପାଖରେ ଆଉ କିଛି ଉପାୟ ନାହିଁ ବୋଲି କୋହଭାର କଣ୍ଠରେ ଚେମା ପ୍ରକାଶ କରିଛନ୍ତି ।

ସେହିପରି ବୃନ୍ଦାଦେଇପୁର ପଞ୍ଚାୟତ ରଘୁନାଥପୁର ଗ୍ରାମର ସେକ୍ ମନିରୁଉଦ୍ଦିନ (୫୮) । ସେ ବି ଜଣେ ଦିନ ମଜୁରିଆ । ଦୁଃଖକଷ୍ଟରେ ତାଙ୍କ ପରିବାର ଲୋକେ ଦିନ କାଟନ୍ତି । ଦିନେ କାମକୁ ନ ଗଲେ ଘରେ ଚୂଲି ଜଳେ ନାହିଁ । ଘର ଖଣ୍ଡେ କରିବାକୁ ସେ ବହୁ ଦିନରୁ ସ୍ୱପ୍ନ ଦେଖିଥିଲେ । ହେଲେ ଯାହା ରୋଜଗାର ହୁଏ ସେଥିରେ ପରିବାର ଲୋକଙ୍କ ପେଟ ଠିକ୍ ଭାବେ ପୁରେ ନାହିଁ । ଘର କରିବା ତ ତାଙ୍କ ପକ୍ଷେ ସମ୍ଭବ ନୁହେଁ । ସେଥିପାଇଁ ସେ ଆବାସ ଯୋଜନାରେ ଘର କରିବା ପାଇଁ ଆଶା ବାନ୍ଧି ଥିଲେ । ପ୍ରତିଥର ସେ ଆବେଦନ କରି ଚାଲିଛନ୍ତି । ପଞ୍ଚାୟତକୁ କେତେଥର ସେ ଦୌଡ଼ିଛନ୍ତି ତା'ର ହିସାବ ନାହିଁ । ହେଲେ ଦାୟିତ୍ୱରେ ଥିବା ବାବୁମାନେ ତାଙ୍କୁ କେବଳ ପ୍ରତିଶ୍ରୁତି ଦେଇ ଚାଲିଛନ୍ତି । ହେଲେ କୌଣସି ସୁବିଧା ତାଙ୍କୁ ମିଳିନାହିଁ । ଏଥିରେ ଜିଲାପାଳ ହସ୍ତକ୍ଷେପ କରନ୍ତୁ, ଚେମା, ସେକ୍ ମନିରୁଉଦ୍ଦିନଙ୍କ ପରି ପ୍ରକୃତ ହିତାଧିକାରୀଙ୍କୁ ଆବାସ ଯୋଜନାରେ ସାମିଲ କରାଯାଉ ବୋଲି ସାଧାରଣରେ ଦାବି ହୋଇଛି ।

## ସଂକ୍ଷେପରେ

### ରାଜ୍ୟ ଲନ ବଲରେ କେନ୍ଦ୍ରାପଡ଼ାରୁ ୨ ପ୍ରତିଭା



କେନ୍ଦ୍ରାପଡ଼ା ଅଫିସ,୨୬।୯: ରାଜ୍ୟ ଲନ ବଲ ଟିମ୍‌ରେ କେନ୍ଦ୍ରାପଡ଼ା ଜିଲାରୁ ଦୁଇ ପ୍ରତିଭା ସାମିଲ ହୋଇଛନ୍ତି। ସେମାନେ ହେଲେ ଆବୁ ଜଲାଲ ଓ ସରୋଜିନୀ ସ୍ୱାଇଁ। ଏହି ଦୁଇ କ୍ରୀଡ଼ା ପ୍ରତିଭା ରାଜ୍ୟ ଲନ ବଲର ମହିଳା ଓ ପୁରୁଷ ଟିମରେ ସାମିଲ ହୋଇଛନ୍ତି। ଏ ସମ୍ପର୍କରେ ଜିଲା ଲନ ବଲ ଆସୋସିଏଶନ ଇମିତିଆଜ ଅଲ୍ଲୀ କହିଛନ୍ତି, ଜାତୀୟ ଲନ ବଲ ପ୍ରତିଯୋଗିତା ଗୁଜରାଟରେ ଅନୁଷ୍ଠିତ ହେବ। ଏଥିପାଇଁ ପୁରୁଷ ଟିମ୍‌ରେ ଥିବା ଆବୁ ଜଲାଲ ଓ ମହିଳା ଟିମ୍‌ରେ ଥିବା ସରୋଜିନୀ ରବିବାର ଗସ୍ତ କରିଛନ୍ତି। ଏଥିପାଇଁ ଦୁଇ ପ୍ରତିଭାଙ୍କୁ ଆସୋସିଏଶନ ପକ୍ଷରୁ ଶୁଭେଚ୍ଛା ଜଣାଇ ଦିଆଯାଇଛି। ଶୁଭେଚ୍ଛା କାର୍ଯ୍ୟକ୍ରମରେ ସେକ୍ ସୌକତ ଖାନ, ଦେବେନ୍ଦ୍ର ସାହୁ, ସୁରେନ୍ଦ୍ର ନାଥ, ମୀର ମହମ୍ମଦ ଆମୀର ପ୍ରମୁଖ ସାମିଲ ହୋଇଥିଲେ।

### ସହଦେବ ଦାସଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ବୈଠକ



ଆଳି,୨୬।୯ (ଡି.ଏନ.ଏ.) : ଆଳିଠାରେ ସହଦେବ ଦାସ ସ୍ମୃତି ସଂସଦର ଏକ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ଗୋବିନ୍ଦ ଚନ୍ଦ୍ର ନନ୍ଦଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍ମୃତି ସଂସଦ ପକ୍ଷରୁ ଆଳି ଗାନ୍ଧୀ, ସ୍ୱାଧୀନତା ସଂଗ୍ରାମୀ, ପୂର୍ବତନ ବିଧାୟକ ସହଦେବଙ୍କର ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ନିଆଳ ଦଶିପୁର ରାସ୍ତାର ନିଆଳଠାରେ ଆସନ୍ତା ୯।୧୧।୨୨ ସ୍ଥାପନ କରିବାକୁ ସ୍ଥିର କରାଯାଇଛି। ବୈଠକରେ ସଂସଦର ସମ୍ପାଦକ ବୀରେନ୍ଦ୍ର କୁମାର ପଣ୍ଡା ବିବରଣୀ ପାଠ ପରେ ବିଭିନ୍ନ ଆଲୋଚନା କରାଯାଇ ପ୍ରତିମୂର୍ତ୍ତି ସ୍ଥାପନ ସହ ଏକ ପତ୍ରିକା ପ୍ରକାଶ କରାଯିବାକୁ ସ୍ଥିର କରାଯାଇଥିଲା। ସହଦେବ ବାବୁଙ୍କ ବିଷୟରେ କିଛି ଲେଖା ବା ତାଙ୍କ ହାତ ଲେଖା ଚିଠି କୌଣସି ନଥିପତ୍ର ଯଦି କାହା ନିକଟରେ ଥାଏ ତେବେ ସେହି କାଗଜ ପତ୍ରକୁ ଅକ୍ଟୋବର ୧୦ ତାରିଖ ମଧ୍ୟରେ ପତ୍ରିକା ସମ୍ପାଦକଙ୍କ ପାଖକୁ ପଠାଇବାକୁ ବୈଠକରେ ଅନୁରୋଧ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପାଇଁ ବହୁତ ଅର୍ଥର ଆବଶ୍ୟକତା ଥିବାରୁ ବଦାନ୍ୟ ବ୍ୟକ୍ତିମାନଙ୍କଠାରୁ କିଛି ଆର୍ଥିକ ସହାୟତା ସ୍ମୃତି ସଂସଦ ଆଶା କରି ସମସ୍ତଙ୍କୁ ଅନୁରୋଧ କରିଛି। ଏ କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ କରିବାକୁ ବିଭିନ୍ନ କମିଟି ଗଠନ କରାଗଲା। କାର୍ଯ୍ୟକାରୀ କମିଟିରେ ଦେବେନ୍ଦ୍ର ଶର୍ମା, ପ୍ରଦ୍ୟୁମ୍ନ ଦାଶ, ଧନେଶ୍ୱର ରାଉତ, ବିନୋଦ ଦାଶ, ବିଷ୍ଣୁ ଦାଶ, ସହଦେବ ସିଂ, ମଧୁସୂଦନ ଦାସ, ବୃନ୍ଦାବନ ପଣ୍ଡା, ସରୋଜ ଦୀକ୍ଷିତ, ପ୍ରମୋଦ ମଲ୍ଲିକ, ରବୀନ୍ଦ୍ର ସୁତାର, ରବୀନ୍ଦ୍ର ବେହେରା ପ୍ରମୁଖଙ୍କୁ ରଖାଯାଇଛି।

# ଧାର୍ମିକ, ପରିବେଶ ପର୍ଯ୍ୟଟନର କ୍ଷେତ୍ର କେନ୍ଦ୍ରାପଡ଼ା

- ସାମାଜିକ, ଅର୍ଥନୈତିକ ବିକାଶରେ ସହାୟକ ହେବ
- ସମ୍ବେଦନଶୀଳ ନୁହନ୍ତି ପ୍ରଶାସକ, ରାଜନେତା
- ମାନ୍ୟତା ହରାଇବା ଅପେକ୍ଷାରେ ଜାତୀୟ ଉଦ୍ୟାନ

କେନ୍ଦ୍ରାପଡ଼ା ଅଫିସ, ୨୬।୯

ରାଜ୍ୟର ଏକମାତ୍ର ଜାତୀୟ ଉଦ୍ୟାନ କେନ୍ଦ୍ରାପଡ଼ା ଜିଲାରେ ଅଛି। ଏଥିସହ ତୁଳସୀକ୍ଷେତ୍ର ଭାବେ ଏହି ଜିଲା ଧାର୍ମିକ ପର୍ଯ୍ୟଟନ ପାଇଁ ପରିଚିତି ଲାଭ କରିଛି। ପରିବେଶ ଓ ଧାର୍ମିକ ପର୍ଯ୍ୟଟନ ପାଇଁ ପର୍ଯ୍ୟାପ୍ତ ଭିତ୍ତିଭୂମି ଥିଲେ ମଧ୍ୟ ଏହାକୁ ଏକ ଶିଳ୍ପର ମାନ୍ୟତା ଲାଗି ଉଦ୍ୟମ ହୋଇନାହିଁ। ପର୍ଯ୍ୟଟନ ସହ କର୍ମନିଯୁକ୍ତିକୁ ଯୋଡିବାକୁ ସ୍ଥାନୀୟ ପ୍ରଶାସକ ଓ ରାଜନେତା ସମ୍ବେଦନଶୀଳ ନୁହନ୍ତି। ଜାତୀୟ ଉଦ୍ୟାନ ଭିତରକନିକାର ସାମୁଦ୍ରିକ ଉଦ୍ୟାନ ପାଇଁ ବିରଳ ଅଲିଭ ରିଡଲେ କଇଁଛ, ଡଲଫିନ, ବିଦେଶାଗତ ପକ୍ଷୀଙ୍କ ସମାହାର ହେଉଛି। ଏହାକୁ ସାମାଜିକ ଓ ଅର୍ଥନୈତିକ ବିକାଶ ପାଇଁ ବ୍ୟବହାର କରାଯାଉନାହିଁ। ଧାର୍ମିକ ସ୍ଥଳର ଉନ୍ନତିକରଣର ଆବଶ୍ୟକତା ଥିବା ବେଳେ ବିଭିନ୍ନ କାରଣରୁ ଭିତରକନିକା ଜାତୀୟ ଉଦ୍ୟାନ ମାନ୍ୟତାରୁ ବଞ୍ଚିତ ହେବା ସମ୍ଭାବନା ଦେଖାଦେଇଛି।

### ଅଧିକାଂଶ ପର୍ଯ୍ୟଟନସ୍ଥଳୀ ବିଷୟରେ ଜିଲାବାସୀ ଅଜ୍ଞ

ଇଚ୍ଛାପୁରର ଶ୍ରୀବଳଦେବ ଜୀଉ, ସହରର ଗୋବିନ୍ଦ ଜୀଉ, ତମାଳ ଶାସନର ଦଧିବାମନ ଜୀଉ,



କେନ୍ଦ୍ରାପଡ଼ା ଇଚ୍ଛାପୁରସ୍ଥ ଶ୍ରୀବଳଦେବ ଜୀଉ ମନ୍ଦିର।



ସନ୍ଥପୁରାର ଶିବ ମନ୍ଦିର, ଆଳିର ଲକ୍ଷ୍ମୀବରାହ ଜୀଉ ମନ୍ଦିର, କୁଦାନଗରୀ, ସଖୀବଟ, ଗଦାଧର ପୀଠ, କର୍ଣ୍ଣେଶ୍ୱର ମନ୍ଦିର, ଅନ୍ଧବର, ଗୋଠେଶ୍ୱର ପୀଠ, ହୁକିଟୋଲା, ବଡିଘର ଆଦି ରାଜ୍ୟ ପର୍ଯ୍ୟଟନସ୍ଥଳର ମାନ୍ୟତା ମିଳିଛି। ଏସବୁ କ୍ଷେତ୍ର ଜିଲାରେ ପର୍ଯ୍ୟଟନସ୍ଥଳୀ ବୋଲି ଅଧିକାଂଶ ଜିଲାବାସୀଙ୍କୁ ଅଜ୍ଞ ଅଛନ୍ତି। ପ୍ରଚାର ପ୍ରସାର ସହ ପର୍ଯ୍ୟଟନସ୍ଥଳୀକୁ ଭଲ ରାସ୍ତା ନାହିଁ। ଗୋପ, ମଥୁରା, ବୃନ୍ଦାବନ ଆଦି ଅଞ୍ଚଳରେ ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା ସମ୍ପର୍କରେ ବିଭିନ୍ନ ସ୍ଥାନରେ ପ୍ରଦର୍ଶିତ କରାଯାଉଛି। ଯାହା ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିବା ସହ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି। ଜିଲାରେ ଶ୍ରୀବଳଦେବଜୀଉଙ୍କ ବିଭିନ୍ନ ଲୀଳାକୁ ପ୍ରଦର୍ଶନ କରାଯାଇ ଆର୍ଥିକ ବିକାଶ କରାଯାଇପାରିବ।

**– ଗୌତମ କୁମାର ବେହେରା, ସାମାଜିକ କର୍ମୀ, କେନ୍ଦ୍ରାପଡ଼ା**

### ବୌଦ୍ଧ ଧର୍ମର ପ୍ରତୀକ ମୂର୍ତ୍ତିର ହେଉନି ରକ୍ଷଣାବେକ୍ଷଣ



ରାଜନଗର ବ୍ଲକ ରଘୁଗଡର ବଳଦେବଜୀଉ ମନ୍ଦିର, ରାଜକନିକାର ଗୋକର୍ଣ୍ଣେଶ୍ୱର ମନ୍ଦିର, ସିକୋର ଅଷ୍ଟଶମ୍ଭୁ, ଡେରାବିଶର ଦଧିବାମନ ଜୀଉ, ପଟ୍ଟାମୁଣ୍ଡାଇର ଛୁଆଳିଆ ଆଦି ରାଜ୍ୟ ପର୍ଯ୍ୟଟନସ୍ଥଳୀ ମାନ୍ୟତା ଅପେକ୍ଷାରେ ଅଛି। ଏହାବ୍ୟତୀତ ଜିଲାର ବିଭିନ୍ନ ସ୍ଥାନରେ ଥିବା ମତ୍ସେନ୍ଦ୍ରନାଥ, ଶୈଳନାଥ ସମାଧି, ଇଚ୍ଛନାଥ ସମାଧି ସହ ବୌଦ୍ଧ ଧର୍ମର ପ୍ରତୀକ ଚକ୍ରପାଣୀ, ସ୍ଥିରଚକ୍ର ମଞ୍ଜୁଶ୍ରୀ, ଅବଲୋକିତିଶ୍ୱର, ତାରା ଆଦି ମୂର୍ତ୍ତିର ରକ୍ଷଣାବେକ୍ଷଣ ନାହିଁ। ଏହା ବ୍ୟତୀତ ପୁରୁଣା ବସ୍‌ଷ୍ଟାଣ୍ଡରେ ଥିବା ଡାଇମଣ୍ଡ ଜୁବୁଲି ପାଠାଗାର, ସୂର୍ଯ୍ୟ ଘଡି, ନୋଳସାହି ରାଜନଅର, ଆଳି ନଅର, ଜମ୍ବୁଦ୍ୱୀପ ନଅର ଆଦି ଜିଲାରେ ଥିଲେ ମଧ୍ୟ ପର୍ଯ୍ୟଟନ ବିଭାଗର ଅବହେଳାର ଶିକାର ହୋଇଛି। କେନ୍ଦ୍ର ସରକାରଙ୍କ ସ୍ୱଦେଶ ଦର୍ଶନରେ କେନ୍ଦ୍ରାପଡ଼ା ସାମିଲ ହେବା ସହ ଐତିହ୍ୟ ସାମଗ୍ରୀ ରଖିବାକୁ ମ୍ୟୁଜିୟମର ଆବଶ୍ୟକତା ରହିଛି।

**– ଡ. ସର୍ବେଶ୍ୱର ସେଣ, ଗବେଷକ, କେନ୍ଦ୍ରାପଡା**

### ଭିତରକନିକାରେ ପର୍ଯ୍ୟଟକଙ୍କ ପାଇଁ ଭିତ୍ତିଭୂମି ପ୍ରସ୍ତୁତ ହୋଇନି



ଭିତରକନିକାର ଲୁଣା ଧଳା କୁମ୍ଭୀର ଗୋରି ଓ ଅଲିଭ ରିଡଲେ କଇଁଛ ଗୋଲୁ ମାସକଟ ଭାବେ ବ୍ୟବହାର ହୋଇଛି। ଇକୋ ରିଟ୍ରିଟ ଆୟୋଜିତ କରାଯାଇ ଏହି ଜାତୀୟ ଉଦ୍ୟାନ ପ୍ରତି ପର୍ଯ୍ୟଟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ତେବେ ବର୍ଷସାରା ଜାତୀୟ ଉଦ୍ୟାନ ଭିତରକନିକାରେ ପର୍ଯ୍ୟଟକଙ୍କ ପାଇଁ ଭିତ୍ତିଭୂମି ପ୍ରସ୍ତୁତ ହୋଇନାହିଁ। ମଧୁରପାଣିର ଅଭାବ, ତଟକ୍ଷୟ, ଚିଙ୍ଗୁଡି ଘେରି, ଭିତରକନିକା ଆଭ୍ୟନ୍ତର ଅଞ୍ଚଳରୁ ଲୋକବସତିକୁ ସ୍ଥାନାନ୍ତର, ଇକୋ ସେନ୍ସିଟିଭ ଜୋନର ପରିଚାଳନା ଆଦିରେ ଛନ୍ଦି ହୋଇଛି। ପ୍ରଶାସକ ଓ ରାଜନେତା ଏଥିପ୍ରତି ସମ୍ବେଦନଶୀଳ ନୁହନ୍ତି। ଫଳରେ ଭିତରକନିକା ୨୦୧୭ରେ ବିଶ୍ୱ ଐତିହ୍ୟ ତାଲିକାରେ ସାମିଲ ହୋଇପାରି ନ ଥିବାବେଳେ ଏବେ ଜାତୀୟ ଉଦ୍ୟାନ ମାନ୍ୟତା ହରାଇବାକୁ ଯାଉଛି।

**–କ୍ଷୀତିଶ କୁମାର ସିଂହ, ଅଧ୍ୟାପକ, କେନ୍ଦ୍ରାପଡ଼ା**

### ଜିଲାର ଆର୍ଥିକ ବିକାଶରେ ପର୍ଯ୍ୟଟନ ଶିଳ୍ପ ସହାୟକ ହେବ



ଜିଲାର ଆର୍ଥିକ ବିକାଶରେ ପର୍ଯ୍ୟଟନ ଶିଳ୍ପ ସହାୟକ ହୋଇ ପାରିବ। ଧାର୍ମିକ ପୀଠର ଉନ୍ନତିକରଣ ଓ ପ୍ରଚାର ପ୍ରସାରର ଆବଶ୍ୟକତା ଅଛି। ସେହିପରି ପ୍ରାକୃତିକ ପରିବେଶର ଉପଯୋଗ ଦରକାର। ଗାଇଡ, ଫଟୋଗ୍ରାଫି, କୁଟୀର ଶିଳ୍ପର ମଣ୍ଡିଠାରୁ ଆରମ୍ଭ କରି ବେଳାଭୂମିକୁ ପର୍ଯ୍ୟଟକ ଉପଯୋଗୀ ଭିତ୍ତିଭୂମିର ବିକାଶ ଦ୍ୱାରା ଜିଲାର ଅର୍ଥନୈତିକ ବିକାଶ ହେବ। ମହୁ, ଝୁଣା ଆଦି ବନଜାତ ଦ୍ରବ୍ୟକୁ ଯୁବବର୍ଗଙ୍କ କର୍ମନିଯୁକ୍ତି ସହ ଯୋଡିବାକୁ ପଡିବ। ସାମୁଦ୍ରିକ, ବନ୍ୟ ଜୀବ ସମ୍ପର୍କରେ ବିଶ୍ୱବିଦ୍ୟାଳୟ ଓ ଗବେଷଣାଗାର ଏ ସମ୍ପର୍କରେ ଶିକ୍ଷାକୁ ପ୍ରୋତ୍ସାହିତ କରିବ। ଗଣମାଧ୍ୟମ, ସାମାଜିକ ଗଣମାଧ୍ୟମ ସହ ସରକାରୀ ପ୍ରୋତ୍ସାହନରେ ଜିଲାର ବିଭବକୁ ଅଧିକ ପ୍ରଚାର ପ୍ରସାର ହୋଇପାରିଲେ ଜିଲାର ଆର୍ଥିକ ବିକାଶ ହୋଇପାରିବ।

**– ଭୁବନମୋହନ ଜେନା, ଶିକ୍ଷାବିତ୍, କେନ୍ଦ୍ରାପଡ଼ା**

# ସବ୍‌ରେଜିଷ୍ଟ୍ରାର ଅଫିସ ଖୋଲିବା ଦାବିରେ ଆମରଣ ଅନଶନ



ଡେରାବିଶ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ସବ୍‌ରେଜିଷ୍ଟ୍ରାର ଅଫିସ ଖୋଲିବା ଦାବିରେ ସଂଘର କର୍ମକର୍ତ୍ତା ଓ ଅନ୍ୟମାନେ ଅନଶନରେ ବସିଛନ୍ତି।

ଡେରାବିଶ, ୨୬।୯(ସ୍ୱ.ପ୍ର.) :

ଡେରାବିଶ ତହସିଲ କାର୍ଯ୍ୟାଳୟ ନିକଟରେ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ ପ୍ରତିଷ୍ଠା ଦାବି ନେଇ କେନ୍ଦ୍ରାପଡ଼ା ଜିଲା ଚାଷୀ ଶ୍ରମିକ ସଂଘ ପକ୍ଷରୁ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଆମରଣ ଅନଶନ ଆରମ୍ଭ ହୋଇଛି। ଦାବି ପୂରଣ ନ ହେବା ଯାଏ ଅନିର୍ଦ୍ଦିଷ୍ଟକାଳ ପାଇଁ ଏହି ଅନଶନ ଜାରି ରହିବ ବୋଲି ସଂଘ ସଭାପତି ପଣ୍ଡିତ ଶରତ ଚନ୍ଦ୍ର ମିଶ୍ର ସୂଚନା ଦେଇଛନ୍ତି। ଡେରାବିଶର ଜନସାଧାରଣ ଓ ସଂଘ ପକ୍ଷରୁ ବହୁ ଉଦ୍ୟମ ପରେ ପ୍ରଶାସନିକ ସ୍ତରରେ ବୈଠକ ବସି ଡେରାବିଶରେ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ ପାଇଁ ଦାବି କରାଯାଇଥିଲା। ଏଥିପାଇଁ ତହସିଲ ଅଧୀନ ୨୬ଟି ପଞ୍ଚାୟତର ଜନସାଧାରଣଙ୍କ ପକ୍ଷରୁ ରାଜସ୍ୱ ମନ୍ତ୍ରୀ, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ, ଜିଲାପାଳ ଓ ତହସିଲଦାରଙ୍କ ନିକଟରେ ସଂଘ ପକ୍ଷରୁ ଦାବି କରାଯାଇ ଆସୁଥିଲା। ଏଥିସହ ସଂଘର ଏକ ପ୍ରତିନିଧି ଦଳ କେନ୍ଦ୍ରାଞ୍ଚଳ ଆୟୁକ୍ତଙ୍କୁ ଭେଟି ବ୍ଲକ ଅଞ୍ଚଳର ଜନସାଧାରଣ ନିଜର ଜମିଜମା ସଂକ୍ରାନ୍ତୀୟ ସମସ୍ୟାର ସମାଧାନ ପାଇଁ କେନ୍ଦ୍ରାପଡ଼ାର ସବ୍‌ରେଜିଷ୍ଟର ଉପରେ ନିର୍ଭର କରୁଥିବାରୁ ଅସୁବିଧା ଭୋଗ କରୁଛନ୍ତି। ତେବେ ବ୍ଲକ ଅଧୀନ ଚାଟରାଚକଡ଼ା ପଞ୍ଚାୟତ ଛତାଠାରେ ଥିବା ତହସିଲ କାର୍ଯ୍ୟାଳୟ ନିକଟରେ ସବ୍‌ରେଜିଷ୍ଟ୍ରାର ଅଫିସ ଖୋଲିବାକୁ ଦାବି କରାଯିବା ପରେ କେନ୍ଦ୍ରାଞ୍ଚଳ ଆୟୁକ୍ତ ସୁରେଶ ଚନ୍ଦ୍ର ଦଳେଇ ଆଇଜିଆରଙ୍କୁ ସୁପାରିସ କରିଥିଲେ। ତେବେ ଆଇଜିଆରଙ୍କ ନିର୍ଦ୍ଦେଶ ପାଇବା ପରେ ଅତିରିକ୍ତ ଜଲାପାଳ ସଂଘର କର୍ମକର୍ତ୍ତାଙ୍କ ସହ ଆଲୋଚନା କରି ଏଠାରେ ଖୁବ୍‌ଶୀଘ୍ର ସବ୍‌ରେଜିଷ୍ଟ୍ରାର ଅଫିସ୍ ଖୋଲାଯିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ତାହା ଏଯାଏ କାର୍ଯ୍ୟକାରୀ ହୋଇ ନ ଥିବାରୁ ଆମରଣ ଅନଶନ କରାଯାଉଛି ବୋଲି ସଂଘର ସମ୍ପାଦକ କୃତ୍ତିବାସ ଦାସ କହିଛନ୍ତି। ଏହି ଅନଶନରେ ସଚ୍ଚିକାନ୍ତ ରଥ, ଲକ୍ଷ୍ମୀକାନ୍ତ ମହାନ୍ତି, ଗୁରୁଚରଣ ଜେନା, ଆଦିକନ୍ଦ ବଳ, ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ଦାସ, ଶରତ ଚନ୍ଦ୍ର ମଲ୍ଲିକ, ଭାଗବତ ମଲ୍ଲିକଙ୍କ ସମେତ ବ୍ଲକ ଅଞ୍ଚଳର ଶତାଧିକ ଚାଷୀ ନିଜର ଜମିଜମା ସଂକ୍ରାନ୍ତୀୟ ଖର୍ଦ୍ଦବିକ୍ରି ଓ ମ୍ୟୁଟେସନ୍ କାର୍ଯ୍ୟରେ ଅସୁବିଧା ଭୋଗ କରୁଥିବାରୁ ଅନଶନରେ ସାମିଲ ହୋଇଛନ୍ତି।

### ମୃତ ଖବରକାଗଜ ବିତରକଙ୍କ ପରିବାରକୁ ସହାୟତା

ରାଜନଗର, ୨୬।୯(ଡି.ଏନ.ଏ.):

ରାଜନଗର ବ୍ଲକ ସାନବଡଗୋପାଳପୁର ପଞ୍ଚାୟତ ନୁରୁଗାଁର ଖବରକାଗଜ ବିତରକ ଗଦାଧର ବଳଙ୍କର ରବିବାର ସକାଳେ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଥିଲା। ତାଙ୍କ ମୃତ୍ୟୁ ଖବର ସମଗ୍ର ଅଂଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଥିଲା। ସୋମବାର ଗଦାଧରଙ୍କ ପରିବାରକୁ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ ଅପରାହ୍ନରେ ମୃତ ଗଦାଧରଙ୍କ ପରିବାର ନିକଟରେ ପହଞ୍ଚି ସମବେଦନା ଜଣାଇବା ସହିତ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ପ୍ରଦାନ କରିଥିଲେ। ଏହି ସମୟରେ ଜିଲା ପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, ସରପଞ୍ଚ ଗୋଲେଖ ଚନ୍ଦ୍ର ସ୍ୱାଇଁ, ରାଜସ୍ୱ ନିରୀକ୍ଷକ ଦୀପକ କୁମାର ବେହେରା, କ୍ଷୀରୋଦ କୁମାର ରାଉତ, ସଞ୍ଜୟ କୁମାର ସ୍ୱାଇଁ, ଅକ୍ଷୟ କୁମାର ସ୍ୱାଇଁ, ଶ୍ରୀଧର କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଲୋକଙ୍କୁ ମିଳୁନି, ପୋଡ଼ାଯାଉଛି ଔଷଧ

କେନ୍ଦ୍ରାପଡା ଅଫିସ,୨୬।୯



ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ କ୍ଷେତ୍ରରେ ଆଉ ଏକ ଚିତ୍ର ପଦାକୁ ଆସିଛି। କେନ୍ଦ୍ରାପଡ଼ା ବ୍ଲକ ଆୟେବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସରକାରୀ ଔଷଧ ରୋଗୀଙ୍କୁ ବଣ୍ଟନ କରା ନ ଯାଇ ପୋଡାଯାଉଛି। ଏ ନେଇ ସାମାଜିକ କର୍ମୀ ସନ୍ତୋଷ କୁମାର ବେହେରା ଜିଲା ପ୍ରଶାସନ ସହ ସିଡିଏମ୍‌ଓଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ସମ୍ପର୍କରେ ସନ୍ତୋଷ କୁହନ୍ତି, ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ସ୍ଥାନୀୟ ଅଞ୍ଚଳର ୩୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ନିର୍ଭର କରନ୍ତି। ତେବେ ଏଠାରେ ସ୍ୱାସ୍ଥ୍ୟ ସେବା ମିଳୁନାହିଁ। ନିଯୁକ୍ତ ଡାକ୍ତର ନିୟମିତ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁନାହାନ୍ତି। ତେବେ ଟେବୁଲ ଉପରେ ଏକ ଛୁଟି ଦରଖାସ୍ତ ପଡି ରହୁଛି। ଉଚ୍ଚ ଅଧିକାରୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପରିଦର୍ଶନ ଆସିଲେ କର୍ମଚାରୀ ତାରିଖ ପକାଇ ଡାକ୍ତର ଛୁଟିରେ ଥିବା ଦର୍ଶାଉଛନ୍ତି। ନିୟମିତ ଡାକ୍ତର ଆସୁ ନ ଥିବାରୁ ଏଠାକୁ ଆସୁଥିବା ସରକାରୀ ଔଷଧ ବଳକା ହେଉଛି। ସ୍ୱାସ୍ଥ୍ୟକେନ୍ଦ୍ର ନିକଟ ପାଇଖାନା ଟାଙ୍କିରେ ଔଷଧ ପକାଯାଇ ପୋଡାଯାଉଛି। ଏ ସମ୍ପର୍କରେ ଏଡିଏମ୍‌ଓ ଡା. ସଚ୍ଚିଦାନନ୍ଦ ମିଶ୍ରଙ୍କୁ ପଚାରିବାରେ ଡାକ୍ତରଖାନାର ଔଷଧ ପୋଡା ଯାଇଥିବା ଭିଡିଓ ହସ୍ତଗତ ହୋଇଛି। କେଉଁ କାରଣରୁ ଏହି ଔଷଧ ପୋଡା ଯାଇଛି, ତାହାର ତଦନ୍ତ ପାଇଁ ସିଏଚସି ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଦିଆଯାଇଛି। ତଦନ୍ତ ରିପୋର୍ଟ ଆସିବା ପରେ ଏ ନେଇ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ କହିଛନ୍ତି।

# ମେହେନ୍ଦିନଗର ପଞ୍ଚାୟତରେ ୩୫୦ ଅଭିଯୋଗ

ମାର୍ଶାଘାଇ, ୨୬।୯(ଡି.ଏନ.ଏ.):

ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ମେହେନ୍ଦିନଗର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ବିଦ୍ୟୁତପ୍ରଭା ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏଥିରେ ବ୍ଲକ ଅଧକ୍ଷା ମଧୁସ୍ମିତା ସାମଲ, ଅତିରିକ୍ତ ତହସିଲଦାର ଅଶୋକ ବେହେରା, ବ୍ଲକ ଉପାଧକ୍ଷା ଉର୍ମିଳା ମହାନ୍ତି, ପଞ୍ଚାୟତ ଅଧିକାରୀ ନିରଞ୍ଜନ ଦାସ, ସମିତି ସଭ୍ୟ ରମାକାନ୍ତ ମହାନ୍ତି ପ୍ରମୁଖ ଯୋଗଦେଇ ବ୍ଲକ ସମ୍ବନ୍ଧୀୟ କୌଣସି କାର୍ଯ୍ୟ ପାଇଁ ଲୋକମାନଙ୍କୁ ଆଉ କାର୍ଯ୍ୟାଳୟକୁ ଦୌଡିବା ପାଇଁ ପଡିବ ନାହିଁ। ପ୍ରଶାସନ ସେମାନଙ୍କ ନିକଟକୁ ଆସି ସମସ୍ୟା ଶୁଣି ସମାଧାନ କରିବ ବୋଲି କହିଥିଲେ। ଏଥିରେ ମୋଟ ୩୫୦ଟି ଅଭିଯାଗ ଗ୍ରହଣ କରାଯାଇଥିଲା। ୧୨ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ବ୍ୟାଙ୍କ ଲିଙ୍କେଜ ପ୍ରଦାନ କରାଯାଇଥିବା ବେଳେ ଗ୍ରାମୀଣ କୈଶୋର ଯୋଜନାରେ ୨୪ ଜଣ, ୧୧ ଜଣ ଅଣସଙ୍ଗଠିତ ଶ୍ରମିକଙ୍କ ପଞ୍ଜୀକରଣ କରାଯାଇଥିଲା। ମତ୍ସ୍ୟ ଗୋପାଳନ ପାଇଁ ୨୦ ଜଣ ଓ ୧୧ ଜଣ ଭତ୍ତା ପାଇଁ ଆବେଦନ କରିଥିଲେ। ସୁକନ୍ୟା ସମୃଦ୍ଧି ଯୋଜନାରେ୨୬ ଜଣ ଓ ଶୂନ୍ୟରୁ ୫ ବର୍ଷର ୨୫ ଜଣ ଶିଶୁଙ୍କ ଆଧାର ପଞ୍ଜୀକରଣ କରାଯାଇଥିଲା। ୧୬ଟି ମାଟି ଓ ୩ ଟି ପାଣି ପରୀକ୍ଷା ହୋଇଥିଲା। ବ୍ଲକ ପ୍ରଶାସନ ପକ୍ଷରୁ ସିଡିପିଓ ପ୍ରୀତିଲତା ପାଢ଼ୀ, ଯୋଗାଣ ଅଧିକାରୀ ରଶ୍ମୀପ୍ରଭା ସାହୁ, ଜୀବିକା ମିଶନ ଅଧିକାରିଣୀ ସଂଜ୍ଞା ସାଗରୀକା ପଣ୍ଡା, ପ୍ରାଣୀ ଚିକିତ୍ସା ଅଧିକାରୀ ଗୌତମ କାମିଲା, ଉଦ୍ୟାନ ଅଧିକାରୀ ଶରତ ଚନ୍ଦ୍ର ବେହେରା ଓ ଜଳଯୋଗାଣ କନିଷ୍ଠ ଯନ୍ତ୍ରୀ ରାଜେନ୍ଦ୍ର ସିଂ ଉପସ୍ଥିତ ଥିଲେ।



ମେହେନ୍ଦିନଗର ପଞ୍ଚାୟତଠାରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମରେ ଅତିଥିମାନେ।

# ଅଲିଭ ରିଡ୍‌ଲେ କଇଁଛଙ୍କ ଅନ୍ତୁଡ଼ିଶାଳ ପ୍ରତି ବିପଦ

- ଗହୀରମଥାରେ ସମୁଦ୍ର ଗିଳୁଛି ଝାଉଁ ଜଙ୍ଗଲ, ବିସ୍ତୀର୍ଣ୍ଣ ବେଳାଭୂମି
- ସ୍ଥଳ ଅଭିମୁଖେ ମୁହାଁଉଛି ସମୁଦ୍ର ଉତ୍ତାଳ ଢେଉ
- ଦିଗ ପରିବର୍ତ୍ତନ କରୁଛି ମୁହାଣ

ମହାକାଳପଡ଼ା, ୨୬। ୯(ଡି.ଏନ.ଏ)

ବଙ୍ଗୋପସାଗର ପୂର୍ବ ଉପକୂଳରେ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ାରେ ବିଶ୍ୱ ପ୍ରସିଦ୍ଧ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳର ବିସ୍ତୀର୍ଣ୍ଣ ବାଲୁକା ଶଯ୍ୟା ଅଲିଭ ରିଡ୍‌ଲେ କଇଁଛଙ୍କ ଅଣ୍ଡଦାନର ଅନ୍ତୁଡ଼ିଶାଳ ଭାବେ ପରିଚିତ। ଏଠାକୁ କାହିଁ କେଉଁ କାଳରୁ ବିରଳ ପ୍ରଜାତିର ଅଲିଭ ରିଡ୍‌ଲେ କଇଁଛ ଲକ୍ଷ ଲକ୍ଷ ମାଇଲ ଦୂର ବିଶାଳ ଜଳରାଶିକୁ ଭେଦକରି ସୁରକ୍ଷିତ ସ୍ଥାନ ଭାବି ଛୁଟି ଆସନ୍ତି। ଏହି ଗହୀରମଥା ବାଲୁକା ଶଯ୍ୟାସ୍ଥଳ ଭାଗରେ ଅଲିଭ ରିଡେଲ କଇଁଛ ହୁକିଟୋଲା, ଅଗରନାସୀ, ଲଞ୍ଜ ଘୋଲା, ମାଦଳି, ଷୋଳ ମୁହାଣ, ତଣ୍ଡା ଆଦି ବାଲୁକା ବେଳାଭୂମିରେ ସୁରକ୍ଷିତ ଭାବେ ଅଣ୍ଡାଦାନ କରିଥାନ୍ତି। ଏମାନଙ୍କ ସୁରକ୍ଷା ଓ ସଂରକ୍ଷଣ ପାଇଁ ପରିବେଶ ବିଜ୍ଞାନୀମାନେ ଚିନ୍ତିତ। ବିଶାଳ ବାଲୁକା ବେଳାଭୂମି ବଡ଼ ବଡ଼ ସାମୁଦ୍ରିକ ଝଡ଼, ମହାବାତ୍ୟା ଆଦି ଯୋଗୁ ସମୁଦ୍ର ଗର୍ଭରେ ଲୀନ ହେଉଥିବା ଦେଖିବାକୁ ମିଳିଛି।

ଏହି ଅଞ୍ଚଳରେ ଥିବା ବିଶାଳ ବାଲି ଢିପରେ ଝାଉଁ ଜଙ୍ଗଲ ପ୍ରଚୁର ପରିମାଣରେ ଦେଖିବାକୁ ମିଳୁଥିଲା। ଅଲିଭ ରିଡ୍‌ଲେ କଇଁଛ ଅଣ୍ଡାଦାନ ସ୍ଥଳ ଅନ୍ତୁଡ଼ିଶାଳ ବାଲୁକା ଶଯ୍ୟା ଧୀରେ ଧୀରେ ସମୁଦ୍ର ଉଚ୍ଚ ଢେଉରେ ଲୀନହେବାକୁ ବସିଛି। ଏବେ କେବଳ ଝାଉଁବଣର ଶୁଖିଲା କାଠ ପଡ଼ି ରହିଛି। ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ ସ୍ଥାନୀୟ ମତ୍ସ୍ୟଜୀବୀ, ଗୋ ଓ ମଇଁଷି ପାଳକମାନେ ଏହି ବାଲି ଢିପରେ ପଲା ନିର୍ମାଣ କରି ଆଶ୍ରୟ ନେଉଥିବା ଦେଖିବାକୁ ମିଳିଛି। ସେହିପରି ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର କୂଳେ କୂଳେ ସୃଷ୍ଟି ହୋଇଥିବା ବିସ୍ତୀର୍ଣ୍ଣ ହେନ୍ତାଳ ବଣରେ ଦେଶୀ, ବିଦେଶୀ ପକ୍ଷୀମାନେ ବସା ବାନ୍ଧି ସୁରକ୍ଷିତ ଭାବେ ରହୁଛନ୍ତି। ବିଶେଷକରି ଏହି ଜଙ୍ଗଲରେ ହରିଣ, ବାର୍‌ହା, କୁରୁରା, ହାଏନା, ପାଣି ଗୋଧି, ବଣ ଭୁଆଁ, ପାଣି ଓଧଙ୍କ ସମେତ ବିଷଧର ସରୀସୃପ ଦେଖିବାକୁ ମିଳେ। ପକ୍ଷୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରଜାତିର ବଗ, ଟାପରଖାଇ, ଦା ବେଣ୍ଟିଆ, କୁମ୍ଭାଟୁଆ, ବଜ୍ରକାପ୍ତା, ପେଣ୍ଟେଡ ଷ୍ଟର୍କ, କେଶର ପାଣ୍ଡିଆ, ରୁଡ଼ିସ୍ ଡଗ, ଗଡ଼ୱାଲ ସୋଭଲର ସାମୁଦ୍ରିକ ଜୀବ ମଧ୍ୟରେ ବିଭିନ୍ନ ପ୍ରଜାତିର ଡଲ୍‌ଫିନ, ରାବଣା, ନୀଳରକ୍ତ କଙ୍କଡା, ଲାଲ୍ କଙ୍କଡା, ହର୍ଲି କଙ୍କଡା ଓ ସାମୁଦ୍ରିକ ଛୋଟ ବଡ଼ ଜୀବ ଦେଖିବାକୁ ମିଳେ। ଏହି ଜଙ୍ଗଲର ପାର୍ଶ୍ୱବର୍ତ୍ତୀ ନଦୀ, ନାଳ, ଯୋରରେ ବସା ବାନ୍ଧି ବଉଳା କୁମ୍ଭୀର ରହୁଛନ୍ତି। ବିଶେଷକରି ଲଞ୍ଜ ଘୋଲା, ମାଦଳି, ଅଗରନସୀ ଆଦି ବିସ୍ତୀର୍ଣ୍ଣ ବାଲୁକା ବେଳାଭୂମି ଧୀରେ ଧୀରେ ସମୁଦ୍ର ଗର୍ଭକୁ ଚାଲିଯାଉଛି। ସୁରକ୍ଷା ପାଇଁ ଦୀର୍ଘ ମିଆଦୀ ଯୋଜନା ପ୍ରସ୍ତୁତ କରିବା ସହ ୧୯୯୯ ମହାବାତ୍ୟାରେ ମୁହାଣ ମୁହଁ ଦିଗ ପରିବର୍ତ୍ତନ ହେବା ଦ୍ୱାରା ସମୁଦ୍ରର ଉତ୍ତାଳ ଢେଉ ଏବେ କୁଳାଭିମୁଖୀ ହେଇଛି। ଭବିଷ୍ୟତରେ ଏହା ସ୍ଥଳଭାଗ ପ୍ରତି ବିପଦ ସୃଷ୍ଟି କରିବ ବୋଲି ପରିବେଶବିତ ସୁବାସ ଚନ୍ଦ୍ର ସ୍ୱାଇଁ କହିଛନ୍ତି। ଏ ସମ୍ପର୍କରେ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ରେଞ୍ଜ ଅଧିକାରୀ ମାନସ କୁମାର ଦାସଙ୍କୁ ପଚାରିବାରେ ପାରାଦୀପର ମହାନଦୀ ମୁହାଣରୁ ଧାମରା ପର୍ଯ୍ୟନ୍ତ ୧୪୨୦ ସ୍କୋୟାର କିଲୋମିଟର ପରିଧି ଓ କୂଳଠାରୁ ୨୦ ନଟିକାଲ ମାଇଲ ପର୍ଯ୍ୟନ୍ତ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳ ପରିବ୍ୟାପ୍ତ ରହିଛି। ପୂର୍ବ ଅପେକ୍ଷା ଅଦ୍ୟାବଧି ମାଦଳି, ଲଞ୍ଜଘୋଲା, ଅଗରନାସୀର ଅନେକ ଅଞ୍ଚଳ ସମୁଦ୍ର ଗର୍ଭକୁ ଚାଲିଗଲାଣି ବୋଲି ସେ କହିଛନ୍ତି।



ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ବାଲୁକା ବେଳାଭୂମି ଅଞ୍ଚଳ ସମୁଦ୍ର ଗର୍ଭରେ।



ପାକିସ୍ତାନର ସୂଚନା ମନ୍ତ୍ରୀ ମରିୟମ୍ ଔରଙ୍ଗଜେବ୍ ନିକଟରେ ଲଣ୍ଡନର ଏକ କାଫେରେ ହଟହଟା ହେଉଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ଲଣ୍ଡନରେ ଥିବା ସମର୍ଥକମାନେ କହିଛନ୍ତି, ବନ୍ୟାରେ ଦେଶବାସୀ କଷ୍ଟରେ ଥିବାବେଳେ ସରକାରୀ ଅର୍ଥରେ ମନ୍ତ୍ରୀ ଲଣ୍ଡନରେ ମଉଜ କରୁଛନ୍ତି। ଜାତିସଂଘର ୭୭ତମ ସାଧାରଣ ସଭାରେ ଯୋଗ ଦେବା ଲାଗି ପାକ୍ ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ୍ ଶରିଫ୍‌ଙ୍କ ଝିଅ ମରିୟମ୍ ବିଦେଶ ଯାଇଥିଲେ।

## ସଂକ୍ଷେପରେ

### ଖାତକୁ ଗାଡ଼ି ଖସି ୭ ମୃତ

**ସିମ୍ଲା,୨୬।୯ (ପି.ଟି.):** ହିମାଚଳପ୍ରଦେଶର କୁଲୁ ଜିଲାରେ ଏକ ଟେମ୍ପୋ ଟ୍ରାଭେଲର ଖସିପଡ଼ିବାରୁ ୭ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୧୦ ଜଣ ଆହତ ହୋଇଛନ୍ତି। ରବିବାର ରାତିରେ ଏହି ଦୁର୍ଘଟଣା ଘଟିଥିଲା। ଘଟଣାସ୍ଥଳରେ ୫ ପର୍ଯ୍ୟଟକଙ୍କ ମୃତ୍ୟୁ ହୋଇଥିବାବେଳେ ହସ୍ପିଟାଲରେ ଆଉ ୨ ଜଣ ଆଖି ବୁଜିଛନ୍ତି। ଆହତମାନଙ୍କୁ କୁଲୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପର୍ଯ୍ୟଟକମାନେ ଦିଲ୍ଲୀ, ମଧ୍ୟପ୍ରଦେଶ ଓ ରାଜସ୍ଥାନରୁ ଆସିଥିଲେ। ଏହି ଘଟଣାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ହିମାଚଳପ୍ରଦେଶ ମୁଖ୍ୟମନ୍ତ୍ରୀ ଜୟରାମ ଠାକୁର ଏବଂ କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର ଶୋକବ୍ୟକ୍ତ କରିଛନ୍ତି।

### ଆଜି ଆବେଙ୍କ ଶେଷକୃତ୍ୟ

#### ଯୋଗଦେବେ ମୋଦି



ଶିଞ୍ଜୋ ଆବେ

ଟୋକିଓ, ୨୬।୯: ଜାପାନର ପୂର୍ବତନ ପ୍ରଧାନମନ୍ତ୍ରୀ ଶିଞ୍ଜୋ ଆବେଙ୍କ ଅନ୍ତିମ ସଂସ୍କାର ମଙ୍ଗଳବାର ଟୋକିଓରେ ଅନୁଷ୍ଠିତ ହେବ। ଏ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ୨୧୭ ଦେଶ ଓ କେନ୍ଦ୍ରଶାସିତ ଅଞ୍ଚଳର ପ୍ରତିନିଧି ଯୋଗ ଦେବେ। ଭାରତ ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆବେଙ୍କ ଷ୍ଟେଟ୍ ଫ୍ୟୁନେରାଲରେ ସାମିଲ ହେବେ। ଆବେଙ୍କ ଜଘନ୍ୟ ହତ୍ୟାକାଣ୍ଡ ପରେ ଦେଶରେ ନୂଆ ପୋଲିସ ସୁରକ୍ଷା ଗାଇଡ୍‌ଲାଇନ୍ ଲାଗୁ କରାଯାଇଛି। ତେବେ ଜୁଲାଇ ୮ ତାରିଖରେ ଆବେଙ୍କ ମୃତ୍ୟୁ ପରେ ଏହା ହେଉଛି ଦେଶରେ ପ୍ରଥମ ସାମୂହିକ କାର୍ଯ୍ୟକ୍ରମ। ସମ୍ରାଟ୍ ନାରୁହିଟୋ, ସମ୍ରାଜ୍ଞୀ ମାସାକୋ କାର୍ଯ୍ୟକ୍ରମରେ ଯୋଗ ଦେବେ ନାହିଁ। ସେମାନଙ୍କ ବଦଳରେ ରାଜପରିବାର ପ୍ରତିନିଧି ଆବେଙ୍କ ଅନ୍ତ୍ୟେଷ୍ଟି କ୍ରିୟାରେ ସାମିଲ ହେବେ।

### ଦଳୀୟ ଚିହ୍ନ ଆବଣ୍ଟନ ନେଇ ପିଟିଶନ ସୁପ୍ରିମକୋର୍ଟରେ ଖାରଜ

**ନୂଆଦିଲ୍ଲୀ,୨୬।୯ (ପି.ଟି.):** ନିର୍ବାଚନ ପାଇଁ ଦଳୀୟ ଚିହ୍ନ ଆବଣ୍ଟନ ପ୍ରସଙ୍ଗରେ ହୋଇଥିବା ଏକ ଆବେଦନକୁ ସୁପ୍ରିମକୋର୍ଟ ସୋମବାର ଖାରଜ କରିଦେଇଛନ୍ତି। ଏହା ନିର୍ବାଚନ ପ୍ରକ୍ରିୟାରେ ବିଶୃଙ୍ଖଳା ସୃଷ୍ଟି କରିବ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ନିର୍ବାଚନ ଚିହ୍ନ ମଞ୍ଜୁରୀ କରିବାରେ ନିର୍ବାଚନ କମିଶନଙ୍କର କୌଣସି କ୍ଷମତା ନାହିଁ ଦର୍ଶାଇ ଦାଏର ଏକ ପିଟିଶନକୁ ଗତବର୍ଷ ଆଲ୍ଲାହାବାଦ ହାଇକୋର୍ଟ ଖାରଜ କରିଦେଇଥିଲେ। ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ଜଷ୍ଟିସ୍ ଏସ୍.କେ. କୌଲ ଏବଂ ଏ.ଏସ୍. ଓକାଙ୍କ ଖଣ୍ଡପୀଠ ଶୁଣାଣି ବେଳେ କହିଥିଲେ, ଆବେଦନକାରୀ ନିୟମାବଳୀକୁ ଠିକ୍ ଭାବେ ପଢ଼ିନାହାନ୍ତି। ଆବେଦନକାରୀ ଜଣେ ପେସାଦାର ଆଇନଜୀବୀ ହୋଇଥିବାବେଳେ ତାଙ୍କର ଏଭଳି ପିଟିଶନ ଅଦାଲତଙ୍କ ମୂଲ୍ୟବାନ ସମୟ ନଷ୍ଟ କରୁଛି। ଖଣ୍ଡପୀଠ ପିଟିଶନକୁ ଖାରଜ କରିଦେବା ସହ ୨୫,୦୦୦ ଟଙ୍କାର ଜରିମାନା ଲଗାଇଛନ୍ତି।

### ପାକିସ୍ତାନ ସେନା ହେଲିକପ୍ଟର ଦୁର୍ଘଟଣା: ୬ ଅଫିସର ନିହତ

**ଇସ୍‌ଲାମାବାଦ, ୨୬।୯:** ପାକିସ୍ତାନର ବାଲୋଚିସ୍ତାନ ପ୍ରଦେଶରେ ରବିବା ରାତିରେ ଏକ ସେନା ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୨ ମେଜରଙ୍କ ସମେତ ମୋଟ ୬ ସେନା ଅଧିକାରୀଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣାର କାରଣ ଜଣାପଡ଼ିନାହିଁ। ଗତ ମାସରେ ମଧ ଏହି ପ୍ରଦେଶରେ ଆଉ ଏକ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ମଧ ୬ ଜଣଙ୍କ ମୃତ୍ୟୁ ଘଟିଥିଲା।

# ଶାହରୁଖଙ୍କୁ ସୁପ୍ରିମକୋର୍ଟଙ୍କ ଆଶ୍ୱସ୍ତି



ସୁପ୍ରିମକୋର୍ଟ ପକ୍ଷରୁ ବଲିଉଡ୍ ସୁପରଷ୍ଟାର ଶାହରୁଖ ଖାନ୍‌ଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି। ୨୦୧୭ରେ ଭଦୋଦରା ରେଳ ଷ୍ଟେଶନ୍‌ରେ ଗହଳି ଜମାଇବା ମାମଲାରେ ଗୁଜରାଟ ହାଇକୋର୍ଟ ନେଇଥିବା ନିଷ୍ପତ୍ତିରେ ସୁପ୍ରିମକୋର୍ଟ ହସ୍ତକ୍ଷେପ କରିବେ ନାହିଁ ବୋଲି ସୋମବାର ଜଷ୍ଟିସ୍ ଅଜୟ ରସ୍ତୋଗି, ଜଷ୍ଟିସ୍ ସି.ଟି. ରବି କୁମାରଙ୍କ ଦ୍ୱାରା ଗଠିତ ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି। ଚଳିତ ବର୍ଷ ଏପ୍ରିଲ ୨୭ରେ ଗୁଜରାଟ ହାଇକୋର୍ଟରେ ମାମଲାର ଶୁଣାଣି ହୋଇଥିଲା। ଶାହରୁଖଙ୍କ ବିରୋଧରେ ହୋଇଥିବା ଆପରାଧିକ ମାମଲାକୁ କୋର୍ଟଙ୍କ ପକ୍ଷରୁ ଖାରଜ କରାଯାଇଥିଲା। ହାଇକୋର୍ଟଙ୍କ ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ୨୦୧୭ରେ ଫିଲ୍ମ 'ରଇଜ୍'ର ପ୍ରମୋଶନ୍ ପାଇଁ ଶାହରୁଖ ମୁମ୍ବାଇରୁ ଦିଲ୍ଲୀ ଯାଉଥିବା ଏକ ଟ୍ରେନ୍‌କୁ ବୁକ୍ କରିଥିଲେ। ଶାହରୁଖ ପ୍ରଡକ୍ସନ୍ ଟିମ୍ ସହ ଯାତ୍ରା କରୁଥିବାବେଳେ ଭଦୋଦରା ରେଳଷ୍ଟେଶନରେ ଲୋକଙ୍କ ଭିଡ଼ ଜମିଥିଲା। ଭିଡ଼ ଦେଖି ଶାହରୁଖ ଲୋକଙ୍କ ଆଡ଼କୁ ଟିସର୍ଟ ଓ ସ୍ମାଇଲ୍ ବଲ୍ ଫୋପାଡ଼ିବା ଯୋଗୁ ରେଳଷ୍ଟେନରେ ଅଧିକ ଗହଳି ହୋଇଯାଇଥିବା ଅଭିଯୋଗକାରୀ ଜିତେନ୍ଦ୍ର ମଧୁଭାଇ ସୋଲାଙ୍କ ନିଜ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଥିଲେ।

# ଜାକ୍‌ଲିନ୍‌ଙ୍କୁ ଆଗୁଆ ଜାମିନ



୨୦୦ କୋଟି ଟଙ୍କା ମନିଲଣ୍ଡରିଂ ମାମଲାରେ କନ୍‌ମ୍ୟାନ୍ ସୁକେଶ ଚନ୍ଦ୍ରଶେଖରଙ୍କ ସହ ସମ୍ପୃକ୍ତି ଅଭିଯୋଗରେ ବଲିଉଡ୍ ଅଭିନେତ୍ରୀ ଜାକ୍‌ଲିନ୍ ଫର୍ନାଣ୍ଡିଜ୍‌ଙ୍କୁ ସୋମବାର ଦିଲ୍ଲୀର ଏକ ଅଦାଲତ ଆଗୁଆ ଜାମିନ ପ୍ରଦାନ କରିଛନ୍ତି। ସ୍ୱତନ୍ତ୍ର ବିଚାରପତି ଶୈଳେନ୍ଦ୍ର ମଲିକ୍ ଅଭିନେତ୍ରୀଙ୍କୁ ୫୦,୦୦୦ ଟଙ୍କାର ବ୍ୟକ୍ତିଗତ ବଣ୍ଡ୍ ବଦଳରେ ଜାମିନ ପ୍ରଦାନ କରିବା ସହ ମାମଲାର ପରବର୍ତ୍ତୀ ଶୁଣାଣି ଅକ୍ଟୋବର ୨୨କୁ ଧାର୍ଯ୍ୟ କରିଛନ୍ତି। ଗତ ମାସ ୩୧ରେ ପୂର୍ବତନ ବିଚାରପତି ପ୍ରବୀଣ ସିଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦାଖଲ କରିଥିବା ଅତିରିକ୍ତ ଚାର୍ଜଶିଟ୍‌କୁ ବିଚାରକୁ ନେଇ ଜାକ୍‌ଲିନ୍‌ଙ୍କୁ କୋର୍ଟରେ ହାଜର ହେବା ଲାଗି ନିର୍ଦ୍ଦେଶ ଦେଇଥିଲେ। ତଦନ୍ତରେ ସହଯୋଗ ଲାଗି ଇଡି ଜାକ୍‌ଲିନ୍‌ଙ୍କୁ ଏକାଧିକ ଥର ସମନ କରିବା ପରେ ଅତିରିକ୍ତ ଚାର୍ଜଶିଟ୍‌ରେ ତାଙ୍କୁ ଅଭିଯୁକ୍ତ ଦର୍ଶାଇଥିଲା। ଜାକ୍‌ଲିନ୍ ଏବଂ ନୋରା ଫତେହି ଅଭିଯୁକ୍ତ ଚନ୍ଦ୍ରଶେଖରଙ୍କ ଠାରୁ ଲକ୍‌ଜୁରୀ କାର୍ ସମେତ ଅନେକ ଦାମୀ ଉପହାର ପାଇଥିବା ଜେରାବେଳେ ସ୍ୱୀକାର କରିଥିଲେ।

# ସୀମା ଟପିଲେ ଭୟଙ୍କର ପରିଣାମ

**ମସ୍କୋ/ୱାଶିଂଟନ୍, ୨୬।୯**

ପ୍ରାୟ ୭ ମାସ ଧରି ଚାଲିଥିବା ରୁଷିଆ–ୟୁକ୍ରେନ୍ ଯୁଦ୍ଧ ଦିନକୁ ଦିନ ଅଧିକ ଜଟିଳ ହେବାରେ ଲାଗିଛି। ୟୁକ୍ରେନ୍‌ର ଖର୍କିଭ ସମେତ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳରୁ ରୁଷିଆ ସୈନ୍ୟ ପଛଘୁଞ୍ଚା ଦେବା ପରେ ଏବେ କ୍ରେମଲିନ୍ ୟୁରୋପକୁ ଆଣବିକ ଆକ୍ରମଣ ଧମକ ଦେଉଛି। ଏହି ଧମକ ଅତିରଞ୍ଜିତ ନୁହେଁ ଏବଂ ରୁଷିଆର ସୁରକ୍ଷା ବିପଦରେ ପଡ଼ିଲେ ଅଣୁ ଅସ୍ତ୍ର ବ୍ୟବହାର କରାଯିବ ବୋଲି ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ କହିସାରିଛନ୍ତି। ଏହାବାଦ୍ ପୂର୍ବ ୟୁକ୍ରେନ୍‌ର ଲୁହାନ୍‌ସ୍କ, ଡୋନେସ୍କ, ଖେରସନ୍, ଜାପୋରିଜିଝିଆକୁ ରୁଷିଆ ନିଜ ଭୂଖଣ୍ଡରେ ସାମିଲ କରାଇବା ପାଇଁ ସେଠାରେ ଗଣଭୋଟ ଆୟୋଜନ କରିଛି। ଯଦି ଏହି ଅଞ୍ଚଳଗୁଡ଼ିକୁ କେହି ଦଖଲ କରିବାକୁ ଚେଷ୍ଟା କରନ୍ତି ତେବେ ରୁଷିଆ ସେଠାରେ ନିଜର ପୁରା ଶକ୍ତି ଲଗାଇବ ବୋଲି ଏହାର ବହିର୍ବ୍ୟାପାର ମନ୍ତ୍ରୀ ଧମକ ଦେଇଛନ୍ତି। ଏହାକୁ ନେଇ ଆମେରିକା ରୁଷିଆକୁ ଚେତାବନୀ ଦେଇଛି। ମସ୍କୋ ନିଜ ସୀମା ଭିତରେ ନ ରହିଲେ ଏହାର ଭୟଙ୍କର ପରିଣାମ ଭୋଗିବ ବୋଲି ଆମେରିକା ଜାତୀୟ ସୁରକ୍ଷା ପରାମର୍ଶଦାତା ଜାକି ସୁଲେଭାନ୍ କହିଛନ୍ତି।

ୟୁକ୍ରେନ୍‌ର ଭୂମିକୁ ରୁଷିଆ ଦଖଲକୁ ନେବା ନାଟୋ ଓ ମସ୍କୋ ମୁହାଁମୁହିଁ ହେବା ଭଳି ସ୍ଥିତି ଉପୁଜାଇଛି। କାରଣ ଆମେରିକା ସମେତ ପାଶ୍ଚାତ୍ୟ ଦେଶଗୁଡ଼ିକ ୟୁକ୍ରେନ୍‌କୁ ସାମରିକା ସହାୟତା ଯୋଗାଇଦେଉଛନ୍ତି। ଏହି ପରିପ୍ରେକ୍ଷୀରେ ଏକ ସାକ୍ଷାତକାରରେ ସୁଲେଭାନ କହିଛନ୍ତି, ୟୁକ୍ରେନ୍ ବିରୋଧରେ ରୁଷିଆ ଅଣୁ ଅସ୍ତ୍ର ବ୍ୟବହାର କଲେ ଆମେରିକା ଏହାର କଡ଼ା ଜବାବ ଦେବ। ଏହା ମସ୍କୋକୁ ମହଙ୍ଗା ପଡ଼ିବ। ଶନିବାର ଜାତିସଂଘର ସାଧାରଣ ସଭା (ୟୁଏନ୍‌ଜିଏ)ରେ ଭାଷଣ ଦେଇ ରୁଷିଆ ବହିର୍ବ୍ୟାପାର ମନ୍ତ୍ରୀ ସେରେଗି ଲାଭ୍ରୋଭ୍ କହିଥିଲେ, ରୁଷିଆ ଏହାର ସୀମା ଏବଂ





ଲୁହାନସ୍କରେ ଏକ ରାସ୍ତା ପାର୍ଶ୍ୱରେ ଲଗାଯାଇଥିବା ବୋର୍ଡରେ 'ରୁଷିଆ ଫର୍ ଏଭର' ଲେଖାଯାଇଛି।

### ରୁଷିଆକୁ ଆମେରିକାର ଚେତାବନୀ

ଆଗକୁ ଦେଶର ସମ୍ବିଧାନରେ ସାମିଲ ହେବାକୁ ଥିବା ଅଞ୍ଚଳ ସମ୍ପୂର୍ଣ୍ଣ ଭାବେ ମସ୍କୋର ସୁରକ୍ଷା ପ୍ରାପ୍ତ। ଏଥିସହ ୟୁକ୍ରେନ୍‌ରେ ନାଜି ସମର୍ଥକଙ୍କୁ ଚତୁରତାର ସହ ଶାସନରେ ଅବସ୍ଥାପିତ କରାଯାଇଛି ବୋଲି ସେ ଦାବି କରିଥିଲେ। ପ୍ରକାଶ ଥାଉ କି, ରୁଷିଆ ସେନା ଦଖଲରେ ଥିବା ଉକ୍ତ ୪ ଅଞ୍ଚଳର ୟୁକ୍ରେନ୍‌ର ପ୍ରାୟ ୧୫%। ଏହା ପର୍ତ୍ତୁଗାଲର ଆକାର ସହ ପ୍ରାୟ ସମାନ। ଏଥିସହ ୨୦୧୪ରେ ରୁଷିଆ କବ୍‌ଜା କରିଥିବା ୟୁକ୍ରେନ୍‌ର କ୍ରିମିଆ ଉପଦ୍ୱୀପ ବେଲ୍‌ଜିୟମ ଆକାରର।

### ପୁଟିନ୍ ଅଣୁ ଅସ୍ତ୍ର ବ୍ୟବହାର କରିପାରନ୍ତି: ଜେଲେନ୍‌ସ୍କି

**କିଭ୍, ୨୬।୯:** ଅଣୁଅସ୍ତ୍ର ବ୍ୟବହାର ପାଇଁ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଧମକ ଦେଉଥିବା ଅତିରଞ୍ଜିତ ନୁହେଁ ବୋଲି ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି କହିଛନ୍ତି। ଏହା କେବଳ ଏକ ଧମକ ବୋଲି ଲାଗୁଥିଲେ ହେଁ ପୁଟିନ ଏପରି କରିପାରନ୍ତି ବୋଲି ଜେଲେନ୍‌ସ୍କି ପ୍ରକାଶ କରିଛନ୍ତି। ପୁଟିନ୍‌ଙ୍କ ଏହି ଚେତାବନୀ କେବଳ ୟୁରୋପକୁ ବ୍ଲାକ୍‌ମେଲ କରିବା ପାଇଁ ଉଦ୍ଦିଷ୍ଟ ବୋଲି ୟୁକ୍ରେନ୍ ରାଷ୍ଟ୍ରପତି ପୂର୍ବରୁ କହିଥିଲେ ହେଁ ଏବେ ତାହାକୁ ଗୁରୁତର ସହ ନେବାକୁ ବିଶ୍ୱ ସମୁଦାୟକୁ ନିବେଦନ କରିଛନ୍ତି।

# ରୁଷିଆ ସ୍କୁଲରେ ଗୁଳି, ୧୫ ମୃତ



**ମସ୍କୋ, ୨୬।୯**

- ମୃତକଙ୍କ ମଧ୍ୟରେ ୧୧ ଛାତ୍ରୀଛାତ୍ର
- ନିଜ ଗୁଳିରେ ଟଳିଲେ ଆତତାୟୀ
- ଟି-ଶର୍ଟରେ ସ୍ୱସ୍ତିକା ଚିହ୍ନ, ନାଜି ଲିଙ୍କ୍ ସନ୍ଦେହ

ରୁଷିଆର ଇଜେଭ୍‌ସ୍କ ସହରରେ ଥିବା ଏକ ସ୍କୁଲରେ ଜଣେ ଆତତାୟୀ ସୋମବାର ଆଖିବୁଜା ଗୁଳି ଚଳାଇଛନ୍ତି। ଏଥିରେ ୧୫ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୪ ଗୁରୁତର ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୧୧ ସ୍କୁଲ ପିଲା ରହିଛନ୍ତି। ଅଭିଯୁକ୍ତଙ୍କ ନାଁ ଆର୍ଟେମ କାଜାଣ୍ଟସେଭ୍ (୩୦) ବୋଲି ଜଣାପଡ଼ିଛି। ଆର୍ଟେମ ସେହି ସ୍କୁଲର ଛାତ୍ର ଥିଲେ। ହତ୍ୟାକାଣ୍ଡ ପରେ ସେ ନିଜକୁ ଗୁଳି କରି ଆତ୍ମହତ୍ୟା କରିଛନ୍ତି। ତାଙ୍କ ଟି–ଶର୍ଟରେ ସ୍ୱସ୍ତିକା ଚିହ୍ନ ଥିବାରୁ ଆତତାୟୀଙ୍କ ନାଜି ଲିଙ୍କ୍ ଥିବା ପୋଲିସ ସନ୍ଦେହ କରୁଛି।

ଘଟଣାଦିନ ସ୍କୁଲ ନମ୍ବର–୮୮ରେ ପ୍ରାୟ ୧ ହଜାର ଛାତ୍ରୀଛାତ୍ର ଥିଲେ। ଆର୍ଟେମ ୨ଟି ବନ୍ଧୁକ ଧରି ସ୍କୁଲ ଭିତରେ ପଶି ସେଠାରେ ଥିବା ପିଲା ଏବଂ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଗୁଳି କରିଥିଲେ। ଆର୍ଟେମକୁ ରୋକିବାକୁ ଉଦ୍ୟମ ବେଳେ ୨ ସିକ୍ୟୁରିଟି ଗାର୍ଡ ନିହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୨ ଶିକ୍ଷକ ମଧ ଅଛନ୍ତି। ଘଟଣା ପରବର୍ତ୍ତୀ ଦୃଶ୍ୟର ଭିଡିଓ ସୋସିଆଲ ମିଡିଆରେ ଅପ୍‌ଲୋଡ୍ ହୋଇଛି। ସ୍କୁଲ ଚଟାଣ ସାରା ରକ୍ତ ଛିଟା ପଡ଼ିଥିବା ଏଥିରେ ଦେଖିବାକୁ ମିଳିଛି। ପୋଲିସ ହତ୍ୟାକାରୀଙ୍କ ବାବଦରେ ଅଧିକ ତଥ୍ୟ ସଂଗ୍ରହ କରୁଛି। ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଏହାକୁ ଆତଙ୍କବାଦୀ କାର୍ଯ୍ୟ କହିବା ସହ ଏଥିରେ ଫାସୀବାଦୀ ସଙ୍ଗଠନର ହାତ ଥିବା ଅଭିଯୋଗ ଆଣିଛନ୍ତି।

# କେନ୍ଦ୍ର, ରାଜ୍ୟ ସରକାରଙ୍କୁ ଜବାବ ମାଗିଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୨୬।୯ (ପି.ଟି.)**

### ବାହାର ରାଜ୍ୟରେ ବିଜ୍ଞାପନ ପ୍ରକାଶନ ବନ୍ଦ ଲାଗି ଆବେଦନ

ନିଜ ଅଞ୍ଚଳ ବାହାରେ ରାଜ୍ୟ ସରକାରମାନେ ପ୍ରକାଶ କରୁଥିବା ବିଜ୍ଞାପନ ବନ୍ଦ ରଖିବା ପାଇଁ ହୋଇଥିବା ଏକ ଆବେଦନ ଉପରେ ସୁପ୍ରିମକୋର୍ଟ ସୋମବାର କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଜବାବ ମାଗିଛନ୍ତି। ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ହିମା କୋହଲିଙ୍କ ଖଣ୍ଡପୀଠ ପକ୍ଷରୁ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଏବଂ ସମସ୍ତ ରାଜ୍ୟକୁ ନୋଟିସ୍ ଜାରି କରାଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଅନ୍ୟ ଅଞ୍ଚଳରେ ପ୍ରକାଶ କରାଯାଉଥିବା ବିଜ୍ଞାପନ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେବା ଲାଗି କମନ୍ କଜ୍ ନାମକ ଏନ୍‌ଜିଓ ପକ୍ଷରୁ ସୁପ୍ରିମକୋର୍ଟରେ ଆବେଦନ କରାଯାଇଥିଲା। ରାଜ୍ୟ ବାହାରେ ବିଜ୍ଞାପନ ଛାପିବାରୁ ଆମେ ରାଜ୍ୟ ସରକାରଙ୍କୁ କିପରି ଅଟକାଇପାରିବୁ ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ। ଅନ୍ୟ ରାଜ୍ୟବାସୀଙ୍କୁ ନିଜ ରାଜ୍ୟରେ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟକୁ ଦେଖାଇ ସରକାର ପୁଞ୍ଜି ଆକର୍ଷଣ କରିବାକୁ ଚାହୁଁଥାଇପାରନ୍ତି। ଏନ୍‌ଜିଓ



ପକ୍ଷରୁ ଆଇନଜୀବୀ ପ୍ରଶାନ୍ତ ଭୂଷଣ କରିଥିଲେ, ପୁଞ୍ଜିନିବେଶ ପାଇଁ ନୁହେଁ, ନିଜ କାର୍ଯ୍ୟକୁ ଅନ୍ୟ ରାଜ୍ୟରେ ପ୍ରଚାର କରାଇବା ନିମନ୍ତେ ନିର୍ବାଚନ ସମୟରେ ଏଭଳି ବିଜ୍ଞାପନ ପ୍ରକାଶ କରାଯାଉଛି। ରାଜନୈତିକ ଦଳ ସରକାରୀ ଅର୍ଥରେ ନିଜ ସଫଳତାର ପ୍ରଚାର କରିପାରିବେ ନାହିଁ। ଏଥିପାଇଁ ସେମାନେ ଦଳୀୟ ପାଣ୍ଠିର ଉପଯୋଗ କରନ୍ତୁ ବୋଲି ପ୍ରଶାନ୍ତ ଭୂଷଣ ଯୁକ୍ତି ଦର୍ଶାଇଥିଲେ।

# ଟ୍ରାକ୍ଟର ଟ୍ରଲି ଜଳାଶୟରେ ଖସି ୧୦ ମୃତ

**ଲକ୍ଷ୍ନୌ,୨୬।୯ (ପି.ଟି.)**

ଯାତ୍ରୀମାନଙ୍କୁ ନେଇ ଯାଉଥିବା ଏକ ଟ୍ରାକ୍ଟର ଟ୍ରଲି ସୋମବାର ସକାଳେ ଲକ୍ଷ୍ନୌ ଉପକଣ୍ଠ ଏକ ପୁଷ୍କରିଣୀକୁ ଖସି ପଡ଼ିବାରୁ ୧୦ ଜଣଙ୍କ ମୃତ୍ୟୁ ହେବା ସହ ଅନ୍ୟ ୩୭ ଜଣ ଆହତ ହୋଇଛନ୍ତି। ଟ୍ରାକ୍ଟରରେ ୪୭ ଜଣ ଯାତ୍ରୀ ଏକ ମୁଣ୍ଡନ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ଉନ୍ନାଇ ଗ୍ରାମସ୍ଥିତ ଦୁର୍ଗାଦେବୀ ମନ୍ଦିରକୁ ଯାଉଥିବାବେଳେ ଏହି ଦୁର୍ଘଟଣା ଘଟିଥିବା ଜିଲାପାଳ ସୂର୍ଯ୍ୟପାଲ ଗଙ୍ଗୱାର କହିଛନ୍ତି। ମୃତକଙ୍କ ମଧ୍ୟରେ ୮ ଜଣ ମହିଳା ଥିବାବେଳେ ଅନ୍ୟ ୨ ଜଣ ଶିଶୁ। ସେମାନଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଯୋଗାଇଦେବା ଲାଗି ଘୋଷଣା କରାଯାଇଛି। ଗୁରୁତର ଥିବା ଜଣେ ବ୍ୟକ୍ତିଙ୍କୁ କିଙ୍ଗ୍ ଜର୍ଜ ମେଡିକାଲ ୟୁନିଭର୍ସିଟିରେ ଭର୍ତ୍ତି କରାଯାଇଥିବାବେଳେ ଅନ୍ୟମାନେ ଇଟାଉଞ୍ଜା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଦୁର୍ଘଟଣାର କାରଣ ଜାଣିବା ପାଇଁ ତଦନ୍ତ ଚାଲିଛି।



ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ଅଲ୍ ଇଣ୍ଡିଆ ବ୍ୟାଙ୍କ ପେନ୍‌ସନର ଏବଂ ଅବସରପ୍ରାପ୍ତ କର୍ମଚାରୀ ମହାସଂଘର ସଦସ୍ୟମାନେ ସୋମବାର ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ୟୁକ୍ରେନ୍‌ରେ ମଲେ ରୁଷୀୟ ସୈନ୍ୟଙ୍କ ପାପ ଧୋଇଯିବ: କିରିଲ

**ମସ୍କୋ,୨୬।୯**

ରୁଷୀୟ ସୈନ୍ୟ ୟୁକ୍ରେନ୍‌ରେ ପ୍ରାଣ ହରାଇବା ଦ୍ୱାରା ସେମାନଙ୍କର ପାପ ଧୋଇହୋଇଯିବ ବୋଲି ରୁଷିଆର ଅର୍ଥୋଡୋକ୍ସ ଚର୍ଚ୍ଚ ମୁଖ୍ୟ ପାଟ୍ରିଆର୍ଚ କିରିଲ କହିଛନ୍ତି। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଅତି ଘନିଷ୍ଠ ହେଉଛନ୍ତି କିରିଲ। ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣଙ୍କୁ କିରିଲ ସମର୍ଥନ କରିବା ସହ ଯୁଦ୍ଧକୁ ବିରୋଧ କରୁଥିବା ବ୍ୟକ୍ତିଙ୍କୁ ସେ ନିକଟରେ ସମାଲୋଚନା କରିଥିଲେ। ରଣକ୍ଷେତ୍ରରେ ବହୁ ଲୋକ ମରୁଛନ୍ତି। ଏ ଯୁଦ୍ଧ ଖୁବ୍ ଶୀଘ୍ର ସମାପ୍ତ ହେଉ ବୋଲି ସେ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଥିବା କହିଛନ୍ତି। ଯୁଦ୍ଧରେ ରୁଷୀୟ ସେନା ଧୀରେ ଧୀରେ ଅପସରିଯିବା କାରଣରୁ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଦେଶବାସୀଙ୍କୁ ସେନାରେ ଯୋଗ ଦେବା ପାଇଁ ଆହ୍ୱାନ ଦେଇଛନ୍ତି।

# ଶିକ୍ଷକଙ୍କ ମାଡ଼ରେ ଆହତ ଦଳିତ ଛାତ୍ରଙ୍କ ମୃତ୍ୟୁ

**ଲକ୍ଷ୍ନୌ,୨୬।୯**

ଉତ୍ତରପ୍ରଦେଶର ଔରାୟା ଜିଲାରେ ଶିକ୍ଷକଙ୍କ ମାଡ଼ରେ ଗୁରୁତର ଆହତ ହୋଇଥିବା ଦଶମ ଶ୍ରେଣୀର ଜଣେ ଦଳିତ ଛାତ୍ର ୧୯ ଦିନ ପରେ ଆଖି ବୁଜିଛନ୍ତି। ଗତ ୭ ତାରିଖରେ ସ୍କୁଲରେ ଚାଲିଥିବା ସାମାଜିକ ବିଜ୍ଞାନ ପରୀକ୍ଷାରେ ନିଖିତ ଡୋହରେ ନାମକ ୧୫ ବର୍ଷୀୟ ଛାତ୍ର ଗୋଟିଏ ଶବ୍ଦର ଭୁଲ୍ ବନାନ କରିବାରୁ ଉଚ୍ଚଜାତିର ଶିକ୍ଷକ ଜଣକ ତାଙ୍କୁ ଲୁହାରଡ୍‌ରେ ପିଟିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଇଟାୱା ଜିଲାର ଏକ ସ୍ପେଶିଆଲାଇଜ୍ଡ ହସ୍ପିଟାଲରେ



ନିଖିତ ଡୋହରେ

ଭର୍ତ୍ତି କରାଯାଇଥିଲା। ଛାତ୍ର ବାପାଙ୍କ ଅଭିଯୋଗ ଅନୁଯାୟୀ, ଶିକ୍ଷକ ଅଶ୍ୱିନୀ ସିଂ ଅତି ନିର୍ଦ୍ଦୟ ଭାବେ ରଡ୍, ଲାଠିରେ ପିଟିବା ସହ ଗୋଇଠା ମାରିବାରୁ ଛାତ୍ରଜଣକ ସଂଜ୍ଞାହୀନ ହୋଇପଡ଼ିଥିଲେ।

# ଚାଷୀ ଆନ୍ଦୋଳନବେଳେ ଆକାଉଣ୍ଟ ବନ୍ଦ ନିର୍ଦ୍ଦେଶ ଦେଇଥିଲା କେନ୍ଦ୍ର

**ବେଙ୍ଗାଲୁରୁ, ୨୬।୯**

କେନ୍ଦ୍ର ସରକାରଙ୍କ କୃଷି ଆଇନ ବିରୋଧରେ ଗତବର୍ଷ ଦିଲ୍ଲୀ ସୀମାରେ କୃଷକମାନେ ଆନ୍ଦୋଳନ କରୁଥିବାବେଳେ ଅନେକ ଟୁଇଟର ଆକାଉଣ୍ଟକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବାକୁ କେନ୍ଦ୍ର ଏହି ସୋସିଆଲ ମିଡିଆ ଜାଏଣ୍ଟକୁ ନିର୍ଦ୍ଦେଶ ଦେଇଥିଲା। ଏ ନେଇ ଟୁଇଟର ସୋମବାର କର୍ନାଟକ ହାଇକୋର୍ଟଙ୍କୁ ଜଣାଇଛି। ଟୁଇଟରର ନିୟମ ଅନୁସାରେ କେହି ୟୁଜର

### ହାଇକୋର୍ଟରେ ଜଣାଇଲା ଟୁଇଟର

ବାରମ୍ବାର ଅପରାଧଭିତ୍ତିକ ପୋଷ୍ଟ ନ କଲେ ସେମାନଙ୍କ ଆକାଉଣ୍ଟକୁ ସମ୍ପୂର୍ଣ୍ଣ ଭାବେ ବ୍ଲକ କରାଯାଇପାରିବ ନାହିଁ। ଏପରି ସ୍ଥିତିରେ ୟୁଜର୍ସଙ୍କ ଗୋଟିଏ କଣ୍ଟେଣ୍ଟ ହଟାଯାଇ ଏ ନେଇ ସେମାନଙ୍କୁ ନୋଟିସ୍ ଜାରି କରାଯିବା କଥା ବୋଲି ଟୁଇଟର ଜଷ୍ଟିସ୍ କ୍ରିଷ୍ଣା ଏସ୍ ଦିକ୍ଷୀତଙ୍କ ଖଣ୍ଡପୀଠଙ୍କୁ କହିଛି। ୨୦୨୧ ଫେବୃୟାରୀରୁ ୨୦୨୨ ଫେବୃୟାରୀ ମଧ୍ୟରେ ୧୦ ଟୁଇଟର ଆକାଉଣ୍ଟ ବ୍ଲକ କରିବା ପାଇଁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେବା ପ୍ରସଙ୍ଗରେ ଏହି ସୋସିଆଲ ମିଡିଆ ପ୍ଲାଟଫର୍ମ ପାଇଁ ଓକିଲାତି କରୁଥିବା ବରିଷ୍ଠ ଆଇନଜୀବୀ ଅରବିନ୍ଦ ଏସ୍ ଦତାର କହିଛନ୍ତି, ଆଇଟି ଆକ୍ଟର ଧାରା ୬୯ ଅନୁସାରେ କୌଣସି ଆକାଉଣ୍ଟକୁ ଏପରି ବ୍ଲକ କରାଯାଇପାରିବ ନାହିଁ। ଯଦି ଖବରକାଗଜ, ଟେଲିଭିଜନରେ କୃଷକ ଆନ୍ଦୋଳନ ଖବର ପରିବେଷଣ କରାଯାଇପାରିବ ତେବେ ଟୁଇଟରରେ ତାହା କାହିଁକି ହୋଇପାରିବ ନାହିଁ ବୋଲି ସେ ପ୍ରଶ୍ନ କରିଥିଲେ। ସରକାରଙ୍କୁ ସମାଲୋଚନା ଅଧିକାର ନାଗରିକମାନଙ୍କର ରହିଛି ବୋଲି ସେ କହିଥିଲେ। ଏହାର ପରବର୍ତ୍ତୀ ଶୁଣାଣି ଅକ୍ଟୋବର ୧୭ରେ ହେବ। ସୂଚନାଯୋଗ୍ୟ, ଆକାଉଣ୍ଟ ବ୍ଲକ କରିବା ନିର୍ଦ୍ଦେଶ ବିରୋଧରେ ଟୁଇଟର ହାଇକୋର୍ଟରେ ଏକ ପିଟିଶନ ଦାଖଲ କରିଥିଲା। ଏହା ଅସାମ୍ବିଧାନିକ ଏବଂ ଆଇଟି ଆଇନର ଉଲ୍ଲଙ୍ଘନ ବୋଲି ଟୁଇଟର ଦର୍ଶାଇଥିଲା। ତେବେ ସମୂହ ଏବଂ ଜାତୀୟ ସ୍ୱାର୍ଥ ଉଦ୍ଦେଶ୍ୟରେ ଓ କୌଣସି ପ୍ରକାର ହିଂସାକାଣ୍ଡ ରୋକିବା ନିମନ୍ତେ କେତେକ ଆକାଉଣ୍ଟ ବ୍ଲକ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ପୂର୍ବରୁ କେନ୍ଦ୍ର କହିଥିଲା।

## ସରକାର ବିକିବେ ୩ କୋଟିରୁ ଅଧିକ ସେୟାର

**ନୂଆଦିଲ୍ଲୀ:** କେନ୍ଦ୍ର ସରକାର ଖୁବଶୀଘ୍ର ଆଉ ଏକ କମ୍ପାନିର ଆଇପିଓ ଆଣିବାକୁ ଯୋଜନା କରୁଛନ୍ତି। ଏପରିକି ଭାରତ ସରକାରଙ୍କ ଜଳଶକ୍ତି ମନ୍ତ୍ରଣାଳୟର ଅଧିନରେ ଥିବା ୱାପକୋସ ଲିମିଟେଡ୍ ନିକଟରେ ତା'ର ଆଇପିଓ ପାଇଁ ମାର୍କେଟ ରେଗୁଲେଟର ସେବି ପାଖରେ ପ୍ରାରମ୍ଭିକ ପେପର୍ସ ଦାଖଲ କରିଛି। ଏହି ଇସ୍ୟୁ ସମ୍ପୂର୍ଣ୍ଣ ରୂପେ ସରକାରଙ୍କ ପକ୍ଷରୁ ଅଫର୍ ଫର ସେଲ୍ ଅଟେ। ଏହି ଇସ୍ୟୁରେ ସରକାର ୧୦ ଟଙ୍କାର ଫେସ୍ ଭେଲ୍ୟୁ ଥିବା ୩.୨୫ କୋଟି ଯାଏଁ ସେୟାର ବିକ୍ରି କରିବେ। ଆଇପିଓ ଜରିଆରେ କ୍ୱାଲିଫାଇଡ୍ ଇନଷ୍ଟିଚ୍ୟୁସନାଲ ବାୟର୍ସଙ୍କ ପାଇଁ ୫୦% ରୁ ଅଧିକ ବଣ୍ଟନ ହେବ ନାହିଁ। ଅପରପକ୍ଷରେ ଖୁଚୁରା ନିବେଶକଙ୍କ ପାଇଁ ୩୫% ରୁ ଅଧିକ ଆବଣ୍ଟନ ଉପଲବ୍ଧ ହେବ ନାହିଁ।

# ୪ ଦିନରେ ୧୩.୩ ଟ୍ରିଲିୟନ ହରାଇଲେ ନିବେଶକ

ନୂଆଦିଲ୍ଲୀ,୨୬।୯



ଇକ୍ୱିଟି ନିବେଶକଙ୍କ ସମ୍ପତ୍ତି ଗତ ୪ଦିନର ବଜାର କାରବାର ମଧ୍ୟରେ ୧୩.୩ ଟ୍ରିଲିୟନରୁ ଅଧିକ ହ୍ରାସ ପାଇଛି। ବିଶ୍ୱ ବଜାରରେ ତୀବ୍ର ବିକ୍ରୟ ମଧ୍ୟରେ କ୍ରମାଗତ ଚତୁର୍ଥ ସିଧାସଳଖ ଦିନ ପାଇଁ ନିବେଶକମାନେ ନିରାଶ ହୋଇଛନ୍ତି। ବିଶେଷ କରି ୩୦-ସେୟାର ବିଏସଇ ସେନସେକ୍ସ ୯୫୩.୭୦ ପଏଣ୍ଟ ବା ୧.୬୪% ହ୍ରାସ କରି ୫୭,୧୪୫.୨୨ ଅଙ୍କରେ ସ୍ଥିର ହୋଇଛି। ଏପରିକି ସୋମବାର ଏହା ୧,୦୬୦.୬୮ ପଏଣ୍ଟ ବା ୧.୮୨% କାରବାର ହ୍ରାସ ପାଇ ୫୭,୦୩୮.୨୪ ଅଙ୍କରରେ ପହଞ୍ଚିଛି। ଅପରପକ୍ଷରେ ଗତ ୪ ଦିନ ମଧ୍ୟରେ ବିଏସଇ ମାନଦଣ୍ଡ (ବେଞ୍ଚମାର୍କ) ୨,୫୭୪.୫୨ ପଏଣ୍ଟ ବା ୪.୩୧% ହ୍ରାସ ପାଇଛି। ସେହିଭଳି ବିଏସଇ ତାଲିକାଭୁକ୍ତ ସଂସ୍ଥାଗୁଡ଼ିକର ବଜାର ପୁଞ୍ଜିକରଣ ଗତ ୪ଟି ଅଧିବେଶନରେ ୧୩,୩୦,୭୫୩.୪୨ ଲକ୍ଷ କୋଟି ଟଙ୍କା ହ୍ରାସ ପାଇ ୨,୭୦,୧୧,୪୬୦.୧୧ ଲକ୍ଷ କୋଟିରେ ପହଞ୍ଚିଛି। ସେହିପରି ଗତ ୪ଟି ବାଣିଜ୍ୟ ଅଧିବେଶନରେ ଘରୋଇ ଇକ୍ୱିଟିଗୁଡିକ ୪%ରୁ ଅଧିକ ସଂଶୋଧିତ ହୋଇଛି, କାରଣ ବିଶ୍ୱର ଅନିଶ୍ଚିତତା ବଜାର ଭାବନା ଉପରେ ଏହା ପ୍ରାଧାନ୍ୟ ଦେଇଥାଏ। ଏହି ତୀବ୍ର ବିକ୍ରୟ ପରେ ଏକ ସ୍ୱଳ୍ପ ବାଉନ୍ସ ଦେଖିବାକୁ ମିଳେ ତଥାପି ବଜାରର ସାମଗ୍ରିକ ଭାବେ ଦୁର୍ବଳ ରହିଛି। ବିଶେଷ କରି ଚଳିତ ସପ୍ତାହ ଶେଷ ସୁଦ୍ଧା ଆରବିଆଇ ଏମପିସି ସମ୍ପର୍କୀତ ସତର୍କତା ଅବଲମ୍ବନ କରିବ ବୋଲି ରିଟେଲ ରିସର୍ଚ୍ଚ ମୋତିଲାଲ ଓସୱାଲ ଆର୍ଥିକ ସେବା ଲିର ମୁଖ୍ୟ ସିଦ୍ଧାର୍ଥ ଖେମା ମତବ୍ୟକ୍ତ କରିଛନ୍ତି। ସୋମବାର ୩୦-ସେୟାର ସେନସେକ୍ସ ମଧ୍ୟରେ ମାରୁତି, ଟାଟା ଷ୍ଟିଲ, ଆଇଟିସି, ଆକ୍ସିସ୍ ବ୍ୟାଙ୍କ, ଏନଟିପିସି, ବଜାଜ ଫାଇନାନ୍ସ, ଇଣ୍ଡସଇଣ୍ଡବ୍ୟାଙ୍କ ଏବଂ ମହିନ୍ଦ୍ରା ଏବଂ ମହିନ୍ଦ୍ରା ସର୍ବାଧିକ କ୍ଷତି ସହିଥିବା ବେଳେ ଏଚସିଏଲ୍ ଟେକ୍ନୋଲୋଜି, ଏସିଆନ ପେଣ୍ଟସ୍, ଇନଫୋସିସ୍, ଅଲଟ୍ରାଟେକ୍ ସିମେଣ୍ଟ, ଟିସିଏସ୍, ନେସଲେ ଏବଂ ୱିପ୍ରୋ ଭଳି ନିବେଶକ ଲାଭରେ ରହିଛନ୍ତି। ଅପରପକ୍ଷରେ ଏକ ବ୍ୟାପକ ବଜାର ମଧ୍ୟରେ ବିଏସଇ ସ୍ମଲ କ୍ୟାପ୍ ଗଜ୍ ୩.୩୩% ଏବଂ ମିଡକାପ୍ ଇଣ୍ଡେକ୍ସ ୨.୮୪% ହ୍ରାସ ପାଇଛି। ସେହିଭଳି ଆଇଟି ବ୍ୟତୀତ ସମସ୍ତ ବିଏସଏଫ ସେକ୍ଟରାଲ ଇଣ୍ଡେକ୍ସଗୁଡ଼ିକ କମ୍‌ରେ କାରବାର ଶେଷ କରିଛନ୍ତି। ଏପରିକି ରିଅଲିଟି ୪.୨୯%, ଅଟୋ ୩.୮୬%, ଉପଯୋଗିତା ୩.୭୨%, ଶକ୍ତି ୩.୭୧%, ଦ୍ରବ୍ୟ ୩.୩୨%, ଶକ୍ତି ୩.୧୭%, ତୈଳ ଏବଂ ଗ୍ୟାସ ୩.୧୦% ଏବଂ ଟେଲିଯୋଗାଯୋଗ ୨.୯୭% ହ୍ରାସ ପାଇଛି।

## ଶିକ୍ଷା ଋଣ ଦେବାକୁ ବ୍ୟାଙ୍କ ଅରାଜି

ନୂଆଦିଲ୍ଲୀ,୨୬।୯

ଗତ କିଛି ବର୍ଷ ହେବ ଭାରତର ସବୁ ବର୍ଗର ବ୍ୟାଙ୍କ ଶିକ୍ଷା ଋଣ ଦେବାକୁ ଅରାଜି ପ୍ରକାଶ କରୁଛନ୍ତି। କାରଣ ଉକ୍ତ ବ୍ୟାଙ୍କଗୁଡିକରୁ ଶିକ୍ଷା ଋଣ ନେଇଥିବା ଛାତ୍ରଛାତ୍ରୀମାନେ ପାଠପଢା ଶେଷ ପରେ ନିଯୁକ୍ତି ପାଇ ପାରୁନଥିବାରୁ ଠିକ୍ ସମୟରେ ସେମାନେ ଋଣ ଶୁଝିପାରୁନାହାନ୍ତି। ଫଳରେ ବ୍ୟାଙ୍କକୁଡିକ ମଧ ଅବଧି ସମୟ ପରେ ମଧ ଋଣ ଅର୍ଥ ପାଇ ପାରୁନାହାନ୍ତି। ଏହାର ପ୍ରଭାବ ଦେଶରେ ଶିକ୍ଷା ଋଣ କ୍ଷେତ୍ରରେ ଅନାଦେୟ ଋଣ ବା ଏନପିଏ ଭାବେ ଏକ ବଡ଼ ସମସ୍ୟା ସୃଷ୍ଟି କରିଛି। ବର୍ତ୍ତମାନ ଶିକ୍ଷା ଋଣରେ ଏନପିଏ ହାର ୮% ରେ ପହଞ୍ଚିଛି ବା ପ୍ରାୟ ୮୦ ହଜାର କୋଟି ଟଙ୍କାର ଶିକ୍ଷା ଋଣ ବକେୟା ରହିଛି।

## ଏସ୍‌ବିଆଇର ବଣିକ ସଂଯୋଗ ସମାରୋହ କାର୍ଯ୍ୟକ୍ରମ




ଭୁବନେଶ୍ୱର,୨୬।୯

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସବିଆଇ)ର ଭୁବନେଶ୍ୱର ମଣ୍ଡଳ ଆନୁକୂଲ୍ୟରେ ବିବିପିଏସ ଏବଂ ଏସବିଆଇ ଇ-ପେର ଲୋକପ୍ରିୟତା ବଢାଇବା ପାଇଁ ସୋମବାର ଏକ ବଣିକ ସଂଯୋଗ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏସବିଆଇର ମୁଖ୍ୟ ମହାପ୍ରବନ୍ଧକ ଚନ୍ଦ୍ର ଶେଖର ଶର୍ମା, ଉପ ମହାପ୍ରବନ୍ଧକ ଅମରେନ୍ଦ୍ର କୁମାର ଓ ସଞ୍ଜୟ ଝା ପ୍ରମୁଖ ଉପସ୍ଥିତ ଥିଲେ। ଏପରିକି ଏସବିଆଇର ମହାପ୍ରବନ୍ଧକ ପୋନ୍ନମବଲମ ମୁରୁଗାନ ପ୍ରାରମ୍ଭିକ ଅଭିଭାଷଣ ଜରିଆରେ ଉକ୍ତ ସଭାର ଉଦଘାଟନ କରିଥିଲେ। ବିଶେଷ କରି ଭାରତ ବିଲ୍ ପେମେଣ୍ଟ ସିଷ୍ଟମ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ର ଏକ ଯୋଜନା । ଏହାଦ୍ୱାରା ଗ୍ରାହକ ଅତି ସହଜରେ ଅନେକ ସୁବିଧା ହାସଲ କରିଥାଏ। ସେହିଭଳି ଏହା ଜରିଆରେ ଗ୍ରାହକମାନେ ବିଦ୍ୟୁତ ବିଲ୍, ଟେଲିଫୋନ ବିଲ୍, ସ୍କୁଲ ଫିସ, ମ୍ୟୁନିସିପାଲିଟି ଟିକସ ଆଦି ପଇଠ କରିପାରିବେ। ଏହା ଉଭୟ ଗ୍ରାହକ ଏବଂ ବଣିକମାନଙ୍କ ପାଇଁ ବେଶ ସୁବିଧାଜନକ ଓ ସୁରକ୍ଷିତ ମଧ୍ୟ । ଅପରପକ୍ଷରେ ଏସବିଆଇ ମୁମ୍ବାଇରୁ ଆସିଥିବା ବ୍ୟାଙ୍କର ମୁଖ୍ୟ ମହାପ୍ରବନ୍ଧକ ପାର୍ଥସାରଥି ପାତ୍ର ଉକ୍ତ ସେବା ବିଷୟରେ ବଣିକମାନଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। ପରିଶେଷରେ ଏସବିଆଇ ଉପମହାପ୍ରବନ୍ଧକ ଅମରେନ୍ଦ୍ର କୁମାର ଧନ୍ୟବାଦ ଅଭିଭାଷଣ ପ୍ରଦାନ କରିଥିଲେ।

## ଏସ୍‌ବିଆଇ କାର୍ଡ ଫେଷ୍ଟିଭ୍ ଅଫର

ନୂଆଦିଲ୍ଲୀ,୨୬।୯

ଚଳିତ ବର୍ଷର ପାର୍ବଣ ଉପଲକ୍ଷେ ଏସ୍‌ବିଆଇ କାର୍ଡ ପକ୍ଷରୁ ଫେଷ୍ଟିଭ୍ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ସେହିଭଳି ଚଳିତ ବର୍ଷ ଅକ୍ଟୋବର ୩୧ ପର୍ଯ୍ୟନ୍ତ କମ୍ପାନୀ ଅନେକ ଆକର୍ଷଣୀୟ ଅଫର ମଧ୍ୟ ପ୍ରଦାନ କରୁଛି। ଏପରିକି ୧୬୦୦ରୁ ଊର୍ଦ୍ଧ୍ୱ ଅଫର ଉଭୟ ଅନଲାଇନ୍ ଓ ଅଫ୍‌ଲାଇନ ମର୍ଚ୍ଚାଣ୍ଟମାନଙ୍କ ଦ୍ୱାରା ଟିୟର-୧, ଟିୟର-୨ ଓ ଟିୟର-୩ ସହରଗୁଡ଼ିକରେ ପ୍ରଦାନ କରାଯାଉଛି। ସେହିପରି କମ୍ପାନୀ ତା'ର ଗ୍ରାହକମାନଙ୍କ ପାଇଁ ପାର୍ବଣ ସପିଂ ଅନୁଭୂତିକୁ ଆହୁରି ଆନନ୍ଦଦାୟକ କରିବାକୁ ଲକ୍ଷ୍ୟ ରଖିଛି। ଏହି ଅଫରଗୁଡ଼ିକୁ ବ୍ୟାପକ ଶ୍ରେଣୀୟ ଏବଂ ଲୋକପ୍ରିୟ ବର୍ଗରେ ପ୍ରଦାନ କରାଯାଉଛି। ଯେଉଁଥିରେ ଇଲେକ୍‌ଟ୍ରୋନିକ୍ସ, ମୋବାଇଲ୍, ଫେଶନ ଓ ଲାଇଫଷ୍ଟାଇଲ୍, ଜୁଏଲେରି, ଟ୍ରାଭେଲ୍ ଓ ଅନଲାଇନ୍ ମାର୍କେଟପ୍ଲସ୍ ଇତ୍ୟାଦି ଅନ୍ତର୍ଭୁକ୍ତ ରହିଛି। ଏସ୍‌ବିଆଇ କାର୍ଡ ଗ୍ରାହକମାନଙ୍କ ପାଇଁ ପାର୍ବଣ ଅଫରରେ ୭୦ଟି ଜାତୀୟ ଅଫର, ୧୫୫୦ ଆଞ୍ଚଳିକ ଓ ହାଇପରଲୋକାଲ୍ ଅଫର ୨୭୦୦ ସହରରେ ପ୍ରଦାନ କରାଯାଉଛି। ଏହି ପାର୍ବଣ ଅଫରର ଅଂଶସ୍ୱରୂପ ଗ୍ରାହକମାନେ ବିଭିନ୍ନ ପାର୍ଟନର ବ୍ରାଣ୍ଡ ମାଧ୍ୟମରେ ୨୨.୫% ପର୍ଯ୍ୟନ୍ତ କ୍ୟାଶବ୍ୟାକ୍ ଲାଭ କରିପାରିବେ। ଏ ସମ୍ପର୍କରେ ଏସବିଆଇ କାର୍ଡର ଏମ୍‌ଡି ଓ ସିଇଓ ରାମ ମୋହନ ରାଓ ଅମାରା କହିଛନ୍ତି, ପାର୍ବଣରେ ପ୍ରାୟତଃ ଗ୍ରାହକମାନେ ଯୋଜନାକୃତ ଭାବେ ବା ବିନା ଯୋଜନାରେ ସର୍ବାଧିକ ଖର୍ଚ୍ଚ କରିଥାନ୍ତି। ଏକ ଗ୍ରାହକକୈନ୍ଦ୍ରିକ ବ୍ରାଣ୍ଡ୍ ଭାବେ ଆମେ ସର୍ବଦା ଗ୍ରାହକମାନଙ୍କର କ୍ରୟ ଅନୁଭୂତିରେ ଉନ୍ନତି ଆଣିବାକୁ ଚେଷ୍ଟା କରିଥାଉ, ତାହା ଅନଲାଇନ୍ ହେଉ ବା ଅଫଲାଇନ୍ କାରବାର। ସେହିଭଳି ଗ୍ରାହକମାନେ ଇଏମ୍‌ଆଇ ବିନା କୌଣସି ଅତିରିକ୍ତ ମୂଲ୍ୟରେ ୨୫ରୁ ଅଧିକ ଇଲେକ୍‌ଟ୍ରୋନିକ୍ସ ଓ ମୋବାଇଲ୍ ବ୍ରାଣ୍ଡ ଉପରେ ଉକ୍ତ ସୁବିଧା ପାଇପାରିବେ। ଏପରିକି ଗ୍ରାହକମାନେ ୧୫% କ୍ୟାଶବ୍ୟାକ୍ ସୁବିଧାକୁ ମଧ ବଛା ବଛା ରିଜିଓନାଲ୍ ମର୍ଚ୍ଚାଣ୍ଟଙ୍କଠାରୁ ପାଇପାରିବେ ବୋଲି ସେ ମତବ୍ୟକ୍ତ କରିଛନ୍ତି।

## ଅରୁନ୍ଧତୀ ଜୁଏଲର୍ସର ଫେଷ୍ଟିଭ୍ ଧମାଲ




ଭୁବନେଶ୍ୱର,୨୬।୯

ରାଜ୍ୟର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ନିକଟରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଫେଷ୍ଟିଭ୍ ଧମାଲ ଲକ୍ଷପତି ଲକି ଡ୍ର ବିଜେତା ଘୋଷିତ ହୋଇଯାଇଛି। ଏପରିକି ବିଗତ ୨୩ ବର୍ଷ ଧରି ପ୍ରତିଷ୍ଠାନ ପାଳନ କରିଆସୁଥିବା ଫେଷ୍ଟିଭ୍ ଧମାଲ୍ ମହୋତ୍ସବ ଚଳିତ ବର୍ଷ ରାଉରକେଲାର ସେକ୍ଟର-୫ସ୍ଥିତ ଭଞ୍ଜଭବନଠାରେ ଅନୁଷ୍ଠିତ ହୋଇଯାଇଛି। ବିଶେଷ କରି ଚଳିତ ବର୍ଷ ଅରୁନ୍ଧତୀର ରାଉରକେଲା ଶାଖାରୁ ୧୧ଜଣ ଲକ୍ଷପତି ବିଜେତାଙ୍କ ନାମ ଘୋଷଣା ସହ ପୁରସ୍କୃତ ମଧ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ଅରୁନ୍ଧତୀ ଗ୍ରୁପର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର କହିଥିଲେ, ବିଗତ ୨୩ବର୍ଷ ଧରି ଅରୁନ୍ଧତୀ ନିରନ୍ତର ଓ ନିଷ୍ଠାପର ଭାବେ ସମସ୍ତଙ୍କ ସୁଚିନ୍ତିତ ମତାମତ ଓ ପରାମର୍ଶକୁ ପାଥେୟ କରି ଅନ୍ୟମାନଙ୍କଠୁ କିଛି ଭିନ୍ନ ଓ ସ୍ୱତନ୍ତ୍ର କରିପାରିଛି। ଏପରିକି ଓଡିଶାବାସୀଙ୍କ ହୃଦୟରେ ମଧ ଏକ ସ୍ୱତନ୍ତ୍ର ସ୍ଥାନ ନେଇପାରିଛି। ଓଡିଶାର ସର୍ବବୃହତ ଜୁଏଲେରି ବ୍ରାଣ୍ଡ ଭାବେ ପ୍ରତିଷ୍ଠିତ ହୋଇ ୫୦ ଲକ୍ଷରୁ ଅଧିକ ଗ୍ରାହକଙ୍କୁ ଅନୁଷ୍ଠାନ ସହ ଯୋଡିପାରିଛି। ସେହିଭଳି ଆମ ଉପରେ ଲକ୍ଷାଧିକ ସଂଖ୍ୟାର ଗ୍ରାହକବନ୍ଧୁଙ୍କ ଥିବା ପ୍ରଗାଢ ବିଶ୍ୱାସ ଓ ଭଲପାଇବା, ଆମକୁ ଆଗାମୀ ଦିନରେ ପ୍ରେରଣା ଓ ଉତ୍ସାହ ପ୍ରଦାନ କରିବ। ଏହା ସହ ଶୁଦ୍ଧତା ଓ କାରୁକାର୍ଯ୍ୟ ଭରା ସୁନାଗହଣା, ସ୍ୱଚ୍ଛତା ଓ ପାରଦର୍ଶିତା ଭରା ପ୍ରତ୍ୟେକ ବ୍ୟବସାୟିକ ପଦକ୍ଷେପ, ନମ୍ରତା ଓ ଆତ୍ମୀୟତା ଭରା ଗ୍ରାହକ ସେବା ଯୋଗାଇ ଦେବା ପାଇଁ ଆମେ ମଧ ପ୍ରତିଶ୍ରୁତିବଦ୍ଧ ରହିଛୁ। ସେହିପରି ଗତ କିଛି ମାସ ମଧ୍ୟରେ ୧୦,୦୦୦ରୁ ଊର୍ଦ୍ଧ୍ୱ ରାଉରକେଲାବାସୀଙ୍କ ଅରୁନ୍ଧତୀ ବ୍ରାଣ୍ଡ୍ ପ୍ରତି ଭଲପାଇବା ଓ ବିଶ୍ୱାସ ପ୍ରକଟ କରିଛନ୍ତି। ଏପରିକି ଅରୁନ୍ଧତୀ ସହ ଯୋଡି ହୋଇଥିବାରୁ ଆମେ ସମସ୍ତ ରାଉରକେଲା ବାସୀଙ୍କୁ ହୃଦୟରୁ କୃତଜ୍ଞତା ଜଣାଉଛି ବୋଲି ଅରୁନ୍ଧତୀ ଗ୍ରୁପର ସହ ନିର୍ଦ୍ଦେଶକ ଅଚ୍ୟୁଦାନନ୍ଦ ମେହେର ମତବ୍ୟକ୍ତ କରିଛନ୍ତି।

## ୟୁକୋ ବ୍ୟାଙ୍କର ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଶିବିର




କଟକ,୨୬।୯

ୟୁକୋ ବ୍ୟାଙ୍କର ସହଯୋଗୀ ଅନୁଷ୍ଠାନ ୟୁକୋ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ସଂସ୍ଥା ପକ୍ଷରୁ କଟକଠାରେ ଏକ ୭ ଦିନିଆ ବିଜ୍‌ନେସ୍ କରେସପଣ୍ଡେନ୍ସ ଏଜେଣ୍ଟ (ବିସିଏ) ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଉକ୍ତ ତାଲିମ ଶିବିରରେ ୨୨ଜଣ ସ୍ୱୟଂ ସହାୟିକା ଗୋଷ୍ଠୀ (ଏସ୍‌ଏଚ୍‌ଜି)ର ସଭ୍ୟାମାନେ ଯୋଗଦେଇ ବିଭିନ୍ନ ବିଷୟରେ ଭାବ ବିନିମୟ କରିଥିଲେ। ସଂସ୍ଥାର ନିର୍ଦ୍ଦେଶକ ସୁକାନ୍ତ ଛାଟୋଇଙ୍କ ପୌରୋହିତ୍ୟରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମକୁ କଟକ ଜିଲାର ଏଲ୍‌ଡିଏମ୍ ରାଜେଶ କୁମାର ବେହେରା ଉଦଘାଟନ କରିଥିଲେ। ଏଥିରେ ପୂର୍ବତନ ୟୁକୋ ବ୍ୟାଙ୍କ ଅଧିକାରୀ ଯୁଗଳ କିଶୋର ଦାସ, ୟୁକୋ ବ୍ୟାଙ୍କ ମର୍କତନଗର ଶାଖାର ପରିଚାଳିକା ଦେବଶ୍ରୀ ମିଶ୍ର, ଏଫ୍‌ଏଲ୍‌ସି ସତ୍ୟନାରାୟଣ ରାଉତ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ବରିଷ୍ଠ ପ୍ରଶିକ୍ଷକ ଅମିତ୍ କୁମାର ମହାନ୍ତି ପରିଚାଳନା କରିବା ସହ ଅନ୍ୟ କର୍ମଚାରୀମାନେ ମଧ ସହଯୋଗ କରିଥିଲେ।

ଫୁର୍‌ସତ୍

# ପୁଅକୁ କୋଳରେ ଧରି ଅଟୋ ଚଳାଉଛନ୍ତି ମା'

ନୋଏଡା



ନୋଏଡାର ୨୭ ବର୍ଷୀୟା ଚଞ୍ଚଳ ଶର୍ମାଙ୍କ ବୃତ୍ତି ଅଟୋ ଚଲାଇବା । ଉତ୍ତର ପ୍ରଦେଶରେ ଇ-ରିକ୍ସା ଚଲାଇ ସେ ପରିବାର ପାଳନ୍ତି। ଭାଗ୍ୟର ବିଡମ୍ବନା ଯୋଗୁ ଚଞ୍ଚଳଙ୍କୁ ବର୍ଷକର ପୁଅକୁ ସାଥିରେ ନେଇ ଅଟୋ ଚଲାଇବାକୁପଡ଼େ। ପୁଅକୁ କୋଳରେ ଧରି ପ୍ରତିଦିନ ସକାଳୁ ରୋଷେଇ ସାରି ବାହାରି ଯାଆନ୍ତି କାମରେ। ବାହାଘରର ମାତ୍ର କେଇଟା ଦିନ ବିତିଛି କି ନାହିଁ, ସ୍ୱାମୀ ତାଙ୍କୁ ଛାଡ଼ି କେଉଁଆଡ଼େ ଚାଲିଗଲେ। ପରିବାର ପୋଷିବା ପାଇଁ ସେ ଅଟୋରିକ୍ସା ଚଲାଇବା କାର୍ଯ୍ୟ ଆପଣାଇଲେ। ପ୍ରଥମେ ପ୍ରଥମେ ଅନ୍ୟ ଅଟୋ ଚାଳକ ଚଞ୍ଚଳଙ୍କ କାର୍ଯ୍ୟରେ ବାଧକ ସାଜୁଥିବାବେଳେ ଏବେ ସେ ସୁରୁଖୁରୁରେ ଅଟୋ ଚଲାଇ ଦିନକୁ ୬ଶହରୁ ୭ଶହ ଟଙ୍କା ରୋଜଗାର କରୁଛନ୍ତି। ଆୟ ଟଙ୍କାର ଅଧା ଚାଲିଯାଉଛି ଅଟୋ ପାଇଁ କରିଥିବା ଲୋନ୍‌ରେ। ବାକି ଟଙ୍କାରେ ଘର ଖର୍ଚ୍ଚ ହୋଇଯାଉଛି। ଚଞ୍ଚଳଙ୍କ ମା' ପାଖ ବଜାରରେ ପିଆଜ ବିକ୍ରି କରୁଥିବାବେଳେ ତାଙ୍କ ଭାଇ ଘରେ ରୁହନ୍ତି ନାହିଁ। ପିଲାର ଯତ୍ନ ନେବା ପାଇଁ ଘରେ କେହି ନ ଥିବାରୁ ସେ ପ୍ରତିଦିନ ପୁଅକୁ ସାଥିରେ ନେଇ ଅଟୋ ଚଲାଇବାକୁ ଯାଉଛନ୍ତି। ବିଶେଷକରି ମହିଳା ଯାତ୍ରୀ ତାଙ୍କ ଅଟୋରେ ଯାଆସ କରିବାକୁ ପସନ୍ଦ କରନ୍ତି ବୋଲି ସେ କହିଛନ୍ତି।

## ଓଟିଟିରେ ଅନନ୍ୟା

ମୁମ୍ବାଇ

'ଷ୍ଟୁଡେଣ୍ଟ ଅଫ୍ ଦ ଇୟର୍ ୨' ଜରିଆରେ ବଲିଉଡ୍ ଡେବ୍ୟୁ କରିଥିବା ଅନନ୍ୟା ପାଣ୍ଡେ ଏବେ ଓଟିଟି (ଓଭର୍ ଦ ଟପ୍) ପ୍ଲାଟଫର୍ମରେ ଡେବ୍ୟୁ କରିବାକୁ ଯାଉଛନ୍ତି। ଏହି ୱେବ୍ ସିରିଜ୍‌ଟି ଫିଲ୍ମ ନିର୍ଦ୍ଦେଶକ କରନ ଜୋହରଙ୍କ ଧର୍ମା ପ୍ରଡକ୍ସନ ବ୍ୟାନର୍‌ରେ ନିର୍ମାଣ ହେବାକୁ ଯାଉଛି। ଏହି ୱେବ୍ ସିରିଜ୍‌ର ନାମ ରହିଛି 'କଲ୍ ମି ବେ' । ୱେବ୍ ସିରିଜ୍‌ରେ ଅନନ୍ୟା ମୁଖ୍ୟ ଭୂମିକାରେ ଅଭିନୟ କରୁ ନ ଥିବା ଚର୍ଚ୍ଚା ହେଉଛି। କୋଲିନ ଡି' କୁନହ୍ୱା ସିରିଜ୍‌ର ନିର୍ଦ୍ଦେଶନା ଦାୟିତ୍ୱରେ ଥିବାବେଳେ ଏହାର କାହାଣୀ ରଚନା କରିଛନ୍ତି ଇଶିତା ମୋଇତ୍ରା, ସମିନା ମୋଟଲେକର ଓ ରୋହିତ ନେର। ସିରିଜ୍‌ର ଶୁଟିଂ ଚଳିତବର୍ଷ ଶେଷ ସୁଦ୍ଧା ସରିବାକୁ ଅଛି। ଆସନ୍ତା ବର୍ଷ ମଧ୍ୟଭାଗ ବେଳକୁ ଆମାଜନ ପ୍ରାଇମ୍‌ରେ ସିରିଜ୍‌ର ପ୍ରିମିୟର ହେବା ନେଇ ଆଶା ରଖାଯାଇଛି। ଆଗାମୀ ଦିନରେ ଅନନ୍ୟା 'ଡ୍ରିମ୍ ଗର୍ଲ ୨'ରେ କାମ କରିବା ନେଇ ନିଜ ଫ୍ୟାନ୍ସଙ୍କୁ ସୂଚନା ଦେଇଥିଲେ। ପ୍ରଥମ ଥର ପାଇଁ ଆୟୁଷ୍ମାନ୍ ଖୁରାନା ଓ ଅନନ୍ୟା ଏହି ଫିଲ୍ମରେ ଏକାଠି ନଜରକୁ ଆସିବେ।



ଅନନ୍ୟା ପାଣ୍ଡେ

## ଶତାୟୁଙ୍କୁ ଇଞ୍ଜିନିୟରିଂ ଡିଗ୍ରୀ

### ୨ୟ ବିଶ୍ୱଯୁଦ୍ଧରେ ମହିଳାଙ୍କୁ ଏକାଠି କରି ଷ୍ଟିଲ୍ ପ୍ଲାଣ୍ଟରେ କରୁଥିଲେ କାମ

**ଲଣ୍ଡନ:** ବ୍ରିଟେନ୍‌ର ଶତାୟୁ କାଥଲିନ ରବର୍ଟଙ୍କୁ ଶେଫିଲ୍ଡ ୟୁନିଭର୍ସିଟି ତରଫରୁ ଇଞ୍ଜିନିୟରିଂ ଡିଗ୍ରୀ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ କାଥଲିନ ଏବଂ ଆଉ କେତେଜଣ ମହିଳା ମିଳିତ ଭାବେ ଶେଫିଲ୍ଡରେ ଥିବା ଷ୍ଟିଲ୍ କମ୍ପାନୀରେ କାମ କରିଥିଲେ। ପୁରୁଷମାନେ ଯୁଦ୍ଧକୁଚାଲିଯିବା ପରେ ଷ୍ଟିଲ ଇଣ୍ଡଷ୍ଟ୍ରି ବୁଡ଼ିଯିବା ଆଶଙ୍କା କରି ସେ ସମୟରେ ଶାସକ ମହିଳାମାନଙ୍କୁ ଷ୍ଟିଲ୍ କାରଖାନା ଚଳାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ମହିଳାମାନେ ଅଳ୍ପ ପାରିଶ୍ରମିକରେ କାରଖାନାରେ କାମ କରିବା ଆରମ୍ଭ କରିଦେଲେ। ସପ୍ତାହକୁ ୭୨ ଘଣ୍ଟା ସେମାନଙ୍କୁ କାମ କରିବାକୁ ପଡୁଥିଲା। କିନ୍ତୁ ଯୁଦ୍ଧ ସରିଯିବା ପରେ ସେମାନଙ୍କ କାମ ଲାଗି ତାଙ୍କୁ କୃତଜ୍ଞତା ଜଣାଇବା ବଦଳରେ ସେମାନଙ୍କୁ ଚାକିରିରୁ ବାହାର କରାଯାଇଥିଲା। ଏହି ମହିଳାଙ୍କ ଉଦ୍ଦେଶ୍ୟରେ ୨୦୧୬ରେ ଶେଫିଲ୍ଡର ବାର୍କରସ୍ ପୁଲ୍‌ରେ ୧୭୦,୦୦୦ ପାଉଣ୍ଡ ମୂଲ୍ୟରେ ' ଓମେନ୍ ଅଫ୍ ଷ୍ଟିଲ୍' ମୂର୍ତ୍ତି ତିଆରି କରାଯାଇଛି। ଏହି ମାନ୍ୟତା ପାଇବା ପାଇଁ କାଥଲିନଙ୍କୁ ବହୁ ସଂଘର୍ଷ କରିବାକୁ ପଡ଼ିଥିବା ସେ କହିଛନ୍ତି।



## ପର୍ଯ୍ୟଟନ ଦ୍ୱାରା ଆର୍ଥିକ ବିକାଶ

### ବିଶ୍ୱ ପର୍ଯ୍ୟଟନ ଦିବସ

**ପ**ର୍ଯ୍ୟଟନ ଦ୍ୱାରା ଯେକୌଣସି ଦେଶର ଆର୍ଥିକ ବିକାଶ ସମ୍ଭବ ହୋଇପାରିଥାଏ। ଏହାଦ୍ୱାରା ଆର୍ଥିକ କ୍ଷେତ୍ରର ବହୁବିଧ ବିକାଶ ସମ୍ଭବ ହୋଇଥାଏ। ତେଣୁ ପର୍ଯ୍ୟଟନ ଶିଳ୍ପ ପ୍ରତି ସଚେତନତା ସୃଷ୍ଟି ଲାଗି ୧୯୮୦ ପରଠାରୁ ମିଳିତ ଜାତିସଂଘର ବିଶ୍ୱ ପର୍ଯ୍ୟଟନ ସଙ୍ଗଠନ ସେପ୍ଟେମ୍ବର ୨୭କୁ ବିଶ୍ୱ ପର୍ଯ୍ୟଟନ ଦିବସ ଭାବରେ ପାଳନ କରିଆସୁଛି। ଏହାକୁ ବିଶ୍ୱ ପର୍ଯ୍ୟଟନରେ ଏକ ମାଇଲଖୁଣ୍ଟ ଭାବରେ ବିବେଚନା କରାଯାଏ। ୨୦୨୨ରେ ଇଣ୍ଡୋନେସିଆ ହୋଷ୍ଟ ଭାବେ କାର୍ଯ୍ୟ କରୁଛି। ଚଳିତ ବର୍ଷ ଏହି ଦିବସର ଶୀର୍ଷକ ରହିଛି ରିଥିଙ୍କିଙ୍ଗ୍ ଟୁରିଜମ୍ ଅର୍ଥାତ୍ ପର୍ଯ୍ୟଟନ ସମ୍ପର୍କରେ ପୁନର୍ବିଚାର କରନ୍ତୁ।

## କ୍ଷୁଦ୍ର ଅଣୁ ମସ୍ତିଷ୍କରେ ତିଆରି କରେ ଗୁଡ୍ ମେମୋରି



ୱାଶିଂଟନ୍

ସ୍ମରଣ ଶକ୍ତିକୁ ସକାରାତ୍ମକ ଏବଂ ନକାରାତ୍ମକ ଭାବେ ମସ୍ତିଷ୍କରେ ତିଆରି କରିବା ପାଇଁ ବ୍ରେନ୍‌ରେ ଥିବା ଏକ କ୍ଷୁଦ୍ର କଣିକା ବା ଅଣୁ ଦାୟୀ ବୋଲି ବିଶେଷଜ୍ଞମାନେ କହିଛନ୍ତି। ଆମେରିକାର ସଲ୍କ ଇନ୍‌ଷ୍ଟିଚ୍ୟୁଟ ଫର୍ ବାୟୋଲୋଜିକାଲ ଷ୍ଟଡିଜ୍ ବିଶେଷଜ୍ଞ ମସ୍ତିଷ୍କରେ ତିଆରି ହେଉଥିବା ମେମୋରି ସମ୍ପର୍କରେ ଗବେଷଣା କରିଛନ୍ତି। କେତେଜଣ ଲୋକ ସେମାନଙ୍କ ସହ ଘଟିଥିବା ଖରାପ ଘଟଣାଗୁଡ଼ିକ ମନେରଖନ୍ତି, ଯାହା ତାଙ୍କ ଠାରେ ଡିପ୍ରେସନ୍ ଭଳି ରୋଗ ସୃଷ୍ଟି କରିଥାଏ। ମସ୍ତିଷ୍କରେ ଥିବା ନ୍ୟୁଟ୍ରୋଟେଡସିନ୍ ପେପ୍‌ଟାଇଡ୍ ପ୍ରୋଟିନ୍ ଦ୍ୱାରା ମସ୍ତିଷ୍କରେ ମେମୋରି ତିଆରି ହୁଏ। ଏହି ପ୍ରୋଟିନ୍ ହିଁ ମସ୍ତିଷ୍କରେ କିଛି ଭଲ ଓ ଖରାପ ମେରୋରି ତିଆରି କରିବା ପାଇଁ ଦାୟୀ। ପୂର୍ବର ଅଧ୍ୟୟନ ଅନୁସାରେ ବ୍ୟକ୍ତି ଯଦି କୌଣସି ମ୍ୟୁଜିକାଲ୍ ଟୋନ୍ ଶୁଣେ, ତାହା ମସ୍ତିଷ୍କରେ ଗୁଡ୍ ବା ସକାରାତ୍ମକ ମେମୋରି ତିଆରି କରେ। ସେହିପରି ଏକ ମୂଷା ଯେତେବେଳେ ଇଲେକ୍ଟ୍ରିକ୍ ଶକ୍ ସଂସ୍ପର୍ଶରେ ଆସେ, ସେତେବେଳେ ତାହା ମସ୍ତିଷ୍କରେ ନକାରାତ୍ମକ ମେମୋରି ତିଆରି କରିଥାଏ। ମସ୍ତିଷ୍କରେ ନ୍ୟୁରନ୍ ଆକ୍ଟିଭିଟି ସମ୍ପର୍କରେ ବିଶେଷଜ୍ଞଙ୍କର କୌଣସି ଧାରଣା ନ ଥିବା ସଲ୍କ ଇନ୍‌ଷ୍ଟିଚ୍ୟୁଟ ବିଶେଷଜ୍ଞଙ୍କ ପକ୍ଷରୁ କୁହାଯାଇଛି। ମସ୍ତିଷ୍କ ଯେତେ ପରମାଣରେ ନ୍ୟୁରୋନେଟସିନ୍ ତିଆରି କରିବ, ସେ ଅନୁସାରେ ନ୍ୟୁରନ୍ସ ଗତିରେ ପରିବର୍ତ୍ତନ ହୋଇଥାଏ। ଫଳରେ ମେମୋରି ତିଆରିରେ ମଧ ପରିବର୍ତ୍ତନ ହୋଇଥାଏ। ମସ୍ତିଷ୍କର କାର୍ଯ୍ୟଶୈଳୀ ସମ୍ପର୍କରେ ବିଶେଷଜ୍ଞଙ୍କ ଅଧ୍ୟୟନ ଜାରି ରହିଛି। ଏନ୍‌କୋଡ୍, ଷ୍ଟୋର ଏବଂ ମସ୍ତିଷ୍କରୁ ମେମୋରି କିପରି ଭୁଲିହୋଇଯାଏ, ସେ ନେଇ ଆଗାମୀ ଦିନରେ ଗବେଷଣା କରାଯିବ।

# ଗୁଆ ଘିଅରେ ତିଆରି ହୁଏ ସମସ୍ତ ଭୋଗ

ଡେରାବିଶ, ୨୬।୯(ସ୍ୱ.ପ୍ର.)






ଶାରଦୀୟ ଦୁର୍ଗାପୂଜା ପାଇଁ ଡେରାବିଶର ବିଭିନ୍ନ ଅଞ୍ଚଳ ଉତ୍ସବ ମୁଖର ହେବାକୁ ଯାଉଛି। ପୂଜା ଆଉ ମାତ୍ର ୫ ଦିନ ଥିବାବେଳେ ବ୍ଲକ ଅଧୀନ ମଙ୍ଗଳପୁର ପଞ୍ଚାୟତ ହଳଦିଆପାଟଣା ମା' ଦୁର୍ଗାଙ୍କ ଶକ୍ତିପୀଠ ଭାବେ ପ୍ରସିଦ୍ଧି ଲାଭ କରିଛି। ମହାଳୟା ତିଥି ରବିବାର ଏହି ପୀଠରେ ମାଟିରେ ନିର୍ମିତ ମୃଣ୍ମୟ ମୂର୍ତ୍ତିରେ ଖଡି ସ୍ପର୍ଶ କରାଯାଇଛି। ଏଥିପାଇଁ ମା'ଙ୍କ ନିକଟରେ ଥିବା ବେଲଗଛକୁ ପୂଜାର୍ଚ୍ଚନା କରାଯାଇଥିଲା। ପରମ୍ପରା ଅନୁଯାୟୀ, ଏହି ତିଥି ପୀଠ ପାଇଁ ଗୁରୁତ୍ୱ ବହନ କରୁଥିବାରୁ ପୂଜା ପାଉଥିବା ବେଲଗଛ ନିକଟରେ ସନ୍ଧ୍ୟାରେ ପୂଜାର୍ଚ୍ଚନା ପରେ ଶତାଧିକ ଗ୍ରାମବାସୀ ଭଜନ କୀର୍ତ୍ତନ କରିଥିଲେ। ଚଳିତବର୍ଷ ପୂଜା କମିଟି ପକ୍ଷରୁ ଆକର୍ଷଣୀୟ ତୋରଣ ଓ ଆଲୋକ ସଜାସଜି ବ୍ୟବସ୍ଥା କରାଯାଇଛି। ମା' ଙ୍କ ନିକଟରେ ଆସନ୍ତା ଶନିବାର ଷଷ୍ଠି ତିଥି ରାତି ୪ଟାରେ ଘଟ ଆବାହନି, କାର୍ଯ୍ୟକ୍ରମ ଥିବା ବେଳେ ରବିବାର ମହାସପ୍ତମୀ ପୂଜାରେ ଚକ୍ଷୁଦାନ ଓ ବେଦଶାସ୍ତ୍ର ପଠନ ପୂଜା, ସୋମବାର ମହାଷ୍ଟମୀ ସନ୍ଧିପୂଜା, ଦୁର୍ଗାବ୍ରତ, ସନ୍ଧିବଳି ପ୍ରୋକ୍ଷଣ ପୂଜା, ମଙ୍ଗଳବାର ମହାନବମୀ ବିହିତ ପୂଜା ଓ ପଣା ଲାଗି କରାଯିବ ବୋଲି କମିଟି ପକ୍ଷରୁ ବ୍ୟବସ୍ଥା ହୋଇଛି। ବୁଧବାର ବିଜୟା ଦଶମୀ ଅପରାଜିତା ପୂଜା ସହ ମା'ଙ୍କୁ ବିସର୍ଜନ କରାଯିବ ବୋଲି କମିଟିର ସଭାପତି ଉତମ ଚରଣ ମଳିକ କହିଛନ୍ତି। ଏହି ପୀଠରେ ପୂଜା ସମୟରେ ଗାଈ ଘିଅରେ ତିଆରି ସମସ୍ତ ଭୋଗ ପ୍ରସ୍ତୁତ କରାଯାଇଥାଏ। କରୋନା କଟକଣା ପାଇଁ ଦୁଇବର୍ଷ ହେବ ଭକ୍ତଶୂନ୍ୟ କେବଳ ପୂଜା ପାଠ କରାଯାଇଥିଲା। ଚଳିତ ବର୍ଷ କଟକଣା ନ ଥିବାରୁ ଶ୍ରଦ୍ଧାଳୁଙ୍କ ସଂଖ୍ୟା ବୃଦ୍ଧି ପାଇବା ନେଇ ସମ୍ଭାବନା ରହିଛି। ଏଥିପାଇଁ ନିକିରେଇ ଥାନା ପକ୍ଷରୁ ଆଇନଶୃଙ୍ଖଳା ରକ୍ଷା କରାଯିବାକୁ ବ୍ୟବସ୍ଥା ହୋଇଛି। ପ୍ରତିବର୍ଷ ପରି ଚଳିତବର୍ଷ ପଲ୍ଲୀମଙ୍ଗଳ ଯୁବକ ସଂଘ ଓ ମଙ୍ଗଳେଶ୍ୱର ନାଟ୍ୟ ସଂସଦ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ୩ଦିନ ଧରି ନାଟକ ପରିବେଷଣ କରାଯିବା ସହ ପ୍ରତ୍ୟେହ ସନ୍ଧ୍ୟାରେ ପ୍ରବଚନ, ପାଲା ପରିବେଷଣ ଓ ଭଜନ ସମାରୋହ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

ଦୀର୍ଘବର୍ଷ ଧରି ହଳଦିଆପାଟଣାରେ ପୂଜା ପାଉଥିବା ମା' ଦୁର୍ଗାଙ୍କ ବିଷୟରେ ବହୁ ଜନଶ୍ରୁତି ରହିଛି। ଦଶହରା ପର୍ବ ପୂର୍ବରୁ ଗ୍ରାମର ଖଗେଶ୍ୱର ଦାସ, ନୃସିଂହ ସାହୁ, ଦୈତାରୀ ପ୍ରଧାନ, ସର୍ବେଶ୍ୱର ପରିଡା, ବାବାଜୀ ଚରଣ ସାହୁ, ସ୍ୱାଧୀନତା ସଂଗ୍ରାମୀ ଗୋଲଖ ଦାସ ଗ୍ରାମ ନିକଟରେ ବହିଯାଇଥିବା ବିରୂପା ନଦୀ କୂଳରେ ସନ୍ଧ୍ୟାରେ ବସିଥିବାବେଳେ ଏକ ଆଲୋକ ଦେଖିଥିଲେ। ଏହି ଆଲୋକ ଗ୍ରାମରେ ମା' ଦୁର୍ଗାଙ୍କ ପୂଜା ପାଇଁ ସଂକେତ ଦେଉଥିବା ଭାବି ଆରମ୍ଭ କରିଥିଲେ ମା'ଙ୍କ ଏହି ଶାରଦୀୟ ପୂଜା। ତେବେ ସର୍ତ୍ତ ଥିଲା ମା'ଙ୍କ ମନ୍ଦିର ନିକଟରେ ଏକ ବେଲଗଛ ରୋପଣ କରାଯିବ ଯଦି ଗଛଟି ବଞ୍ଚିବ ତେବେ ଏଠାରେ ପୂଜା ହେବା ପାଇଁ ମା'ଙ୍କ ନିର୍ଦ୍ଦେଶ ରହିଥିବା ଆମେ ଜାଣିବା ବୋଲି ବାବାଜୀଙ୍କ ସର୍ତ୍ତ ଥିଲା ବୋଲି କମିଟିର କର୍ମକର୍ତ୍ତା ନୃସିଂହ ଚରଣ ସାହୁ କହିଛନ୍ତି। ଲଗା ଯାଇଥିବା ବେଲ ଗଛ ବଞ୍ଚି ଯିବା ଦେଖି ପୂଜା ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଆରମ୍ଭ ହୋଇଥିଲା। ହଳଦିଆପାଟଣା ସହ ଆଖପାଖ ୧୦ଟି ଗ୍ରାମର ଗ୍ରାମବାସୀ ଏହି ପୂଜା ପାଇଁ ସମସ୍ତ ସହଯୋଗ କରିଥାନ୍ତି ବୋଲି ପୂଜା କମିଟିର ସମ୍ପାଦକ ରଞ୍ଜନ କୁମାର ସାହୁ କହିଛନ୍ତି। ପୂଜା ପାଇଁ ପ୍ରଥମେ ସୁନିଆରେ ମାଟି ପୂଜା ହୋଇ ଆସୁଥିଲା। ପରେ ଏହି ମାଟି ଉଠା ତିଥିକୁ ଜନ୍ମାଷ୍ଟମୀକୁ ଘୁଞ୍ଚାଇ ଦିଆଯାଇଥିଲା। ନିଜର ଅନୁଭୂତି ସମ୍ପର୍କରେ ସୁବାସ ଚନ୍ଦ୍ର ସାହୁ କୁହନ୍ତି, ବର୍ଷେ ସପ୍ତମୀ ତିଥିରେ ରାତି ୩ଟାରେ ମା'ଙ୍କ ମୂର୍ତ୍ତି ନିକଟରେ ସ୍ଥାପନ ହେଉଥିବା ଘଟ ବିରୂପା ନଦୀରେ ଜଳ ଆଣିବାକୁ ଯିବା ସମୟରେ ଏକ ବିରାଟ ଆଲୁଅ ଆମ ଗ୍ରାମରେ ଉଦ୍‌ଭାଷିତ ହୋଇଥିଲା। ଏହି ଆଲୁଅ କେଉଁଠୁ ଆସୁଥିଲା କେହି ଜାଣି ପାରି ନ ଥିଲେ। ଲାଗୁଥିଲା ଗ୍ରାମଟି ଯେପରି ଅଗ୍ନି ପିଣ୍ଡୁଳାରେ ଆଚ୍ଛାଦିତ ହୋଇଛି। ଖୁବ୍‌କମ୍ ସମୟ ମଧ୍ୟରେ ଏହି ଆଲୁଅ ଅପସାରିତ ହୋଇଥିଲା। ସେଦିନର ସେଇ ଦୃଶ୍ୟ କେବଳ ଆମ ଗ୍ରାମ ନୁହେଁ ଆଖପାଖ ଗ୍ରାମବାସୀ ମଧ୍ୟ ଦେଖି ଚକିତ ହୋଇ ପଡିଥିଲେ। ସେବେଠାରୁ ଏହି ପୀଠ ଶକ୍ତିପୀଠ ଭାବେ ପରିଚିତ ହୋଇ ଆସୁଛି।

# ପୋଲିସ ପଞ୍ଝାରେ ସାଇବର ଅଭିଯୁକ୍ତ

ରାଜକନିକା, ୨୬।୯(ଡି.ଏନ.ଏ.)

ଜଣେ ଯୁବକ କିଛିବର୍ଷ ହେବ ମୋବାଇଲରେ ଫେକ୍ ଫେସ୍‌ବୁକ ଆଇଡି ଖୋଲି ଯୁବତୀଙ୍କୁ ଅଶ୍ଳୀଳ ବାର୍ତ୍ତାଳାପ ଓ ଭିଡିଓ ସାଙ୍ଗମାନଙ୍କ ପାଖକୁ ଭାଇରଲ ସହ ତାଙ୍କ ପରିବାରକୁ ବ୍ଲାକ ମେଲିଂ କରି ହଇରାଣ କରିବା ମହଙ୍ଗା ପଡିଛି। ଏମିତି ଏକ ଘଟଣା ଘଟିଛି କେନ୍ଦ୍ରାପଡ଼ା ଜିଲା ରାଜକନିକା ଥାନା ଅଞ୍ଚଳରେ। ଏଥିରେ ଅତିଷ୍ଠ ହୋଇ ଜଣେ ଯୁବତୀଙ୍କ ଭାଇ ସୋମବାର ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଆଇଆଇସି ବିଲ୍ୱମଙ୍ଗଳ ସେଠୀ ଘଟଣାଟିକୁ ଗୁରୁତ୍ୱର ସହ ନେଇ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରି ତଦନ୍ତ ଆରମ୍ଭ କରିଛନ୍ତି। ଏ ନେଇ ଥାନାରେ ନଂ. ୨୨୮/୨୨ରେ ମାମଲା ରୁଜୁ କରି ଖୋଳତାଡ଼ ଆରମ୍ଭ କରିଛି। ଏସ୍‌ପିଙ୍କ ନିର୍ଦ୍ଦେଶରେ ସାଇବର ଟିମ୍‌ର ସହାୟତାରେ ଅଭିଯୁକ୍ତଙ୍କୁ ପୋଲିସ ନିଜ କବ୍‌ଜାକୁ ଆଣି କୋର୍ଟ ଚାଲାଣ କରିଛି। ଯୁବତୀଙ୍କ ଭାଇ ଥାନାରେ କରିଥିବା ଲିଖିତ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ସୁଶାନ୍ତ କୁମାର ନାୟକ ଯିଏକି ତାଙ୍କ ଭଉଣୀଙ୍କ ନାମରେ ଏକ ଫେକ୍ ଆଇଡି ଖୋଲି ୫ ବର୍ଷ ହେବ ହଇରାଣ କରୁଛନ୍ତି। ଏ ସମ୍ପର୍କରେ ବହୁବାର ତାଙ୍କୁ ତାଗିଦ କଲେ ବି ସେ ଶୁଣୁ ନ ଥିଲେ। ଏଥିରେ ପରିବାର ଲୋକ ଭାଙ୍ଗି ପଡିଛନ୍ତି। ଏମିତିକି ତାଙ୍କ ଭଉଣୀର ବିବାହ କରିବାକୁ ପରିବାର ଲୋକେ ଚାହୁଁଥିଲେ ବି ଯୁବକ ଜଣକ ବିଭିନ୍ନ ପ୍ରକାର କଥାରେ ବାଧା ଦେଉଛି। ଫଳରେ ଭଉଣୀର ଭବିଷ୍ୟତ ଏବେ ଅନ୍ଧାର ମଧ୍ୟକୁ ଟାଣି ହୋଇଯାଉଛି। ଏଥିପାଇଁ ସେ ଶେଷରେ ଥାନାରେ ଦ୍ୱାରସ୍ଥ ହୋଇଛନ୍ତି। ଏ ସମ୍ପର୍କରେ ଆଇଆଇସି ସେଠୀଙ୍କୁ ପଚାରିବାରେ ଯୁବତୀଙ୍କ ଭାଇଙ୍କ ଅଭିଯୋଗକ୍ରମେ ସାଇବର ଟିମ୍ ସହ ତମାମ ଦିଗପ୍ରତି ଅନୁସନ୍ଧାନ କରି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଖମୋଳରେ ପଲ୍ଲୀରେ ପ୍ରଶାସନ: ୨୭୦ ଅଭିଯୋଗ



ପଲ୍ଲୀରେ ପ୍ରଶାସନରେ ଅଙ୍ଗନୱାଡି କର୍ମୀମାନେ ଶିଶୁ ଓ ଗର୍ଭବତୀଙ୍କୁ ସୁଷମ ଖାଦ୍ୟ ଖାଇବାକୁ ପରାମର୍ଶ ଦେଉଛନ୍ତି।

ଡେରାବିଶ, ୨୬।୯(ସ୍ୱ.ପ୍ର.)

ଡେରାବିଶ ବ୍ଲକଅଧୀନଖମୋଳପଞ୍ଚାୟତକାର୍ଯ୍ୟାଳୟରେ ସୋମବାର ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାକୁ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ ଶୁଭାରମ୍ଭ କରିଥିଲେ। ସରପଞ୍ଚ ତୃପ୍ତିମୟୀ କର, ୧୪ ନଂ. ଜୋନ ଜିଲା ପରିଷଦ ସଭ୍ୟ ଅରବିନ୍ଦ ମଲିକ, ସମିତିସଭ୍ୟ ଅକ୍ଷୟ ନାୟକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ବିଡିଓ ନମିତା ବାରିକ କାର୍ଯ୍ୟକ୍ରମରେ ପଞ୍ଚାୟତର ବିଭିନ୍ନ ସମସ୍ୟା ଉପରେ ଆସିଥିବା ୨୭୦ଟି ଅଭିଯୋଗର ଶୁଣାଣି କରିଥିଲେ। କେତେଗୋଟି ଅଭିଯୋଗ ସମାଧାନ କରିବା ସହ ଅନ୍ୟଗୁଡ଼ିକ ବିଭାଗୀୟ ଅଧିକାରୀଙ୍କ ନିକଟକୁ ତ୍ୱରିତ ସମାଧାନ ପାଇଁ ବିଡିଓ ବାରିକ ପଠାଇ ଥିଲେ। ଏଥିରେ ବ୍ଲକ ସହକାରୀ କାର୍ଯ୍ୟକ୍ରମ ଅଧିକାରୀ ସାବିତ୍ରୀ ମନ୍ତ୍ରୀ, ସିଡିପିଓ ସ୍ନେହଲତା ସାହୁ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରଶ୍ମି ଦେବୀ, ଜୀବିକା ମିଶନର ସଂଯୋଜକ ହିମାଂଶୁ ଭୂଷଣ ଭଦ୍ର, ରତିକାନ୍ତ ପଟ୍ଟନାୟକ, ମୁକୁନ୍ଦପୁର ଏମ୍‌ବିକେ ପଲ୍ଲବିନୀ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ପଞ୍ଚାୟତ ଅଧୀନ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର କର୍ମକର୍ତ୍ତାଙ୍କୁ ସଂଯୋଜକ ଭଦ୍ର ଓ ପଟ୍ଟନାୟକ ମିଶନ ଶକ୍ତି ମାଧ୍ୟମରେ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ପଞ୍ଚାୟତ ଫେଡେରେଶନ୍ ସଭାନେତ୍ରୀ କବିତା ମହାନ୍ତି, ସମ୍ପାଦିକା ମିନତିପ୍ରଭା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତରେ ଥିବା ଅଙ୍ଗନୱାଡି କର୍ମୀ ଉପସ୍ଥିତ ରହି ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା ଶିଶୁମାନଙ୍କ ପାଇଁ ପ୍ରସ୍ତୁତ କରାଯାଉଥିବା ପୁଷ୍ଟିକର ଖାଦ୍ୟର ନମୁନା ପ୍ରଦର୍ଶିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗ୍ରାମ୍ୟ ଜଳଯୋଗାଣ ବିଭାଗର କନିଷ୍ଠଯନ୍ତ୍ରୀ ବିଭୁ ପ୍ରସାଦ ଦାସ, ସହକାରୀ ମତ୍ସ୍ୟ ବିଭାଗ ଅଧିକାରୀ ପ୍ରେୟସୀ ସାମଲ, ଗ୍ରାମ୍ୟ ଗୃହ ନିର୍ମାଣ ବିଭାଗର ଶିବ ପ୍ରସାଦ ରାଉତରାୟ, ଦେବେଶ କୁମାର ବେହେରା, ତାପସ ରଞ୍ଜନ ଜେନା ଓ ସତ୍ୟବାଦି ରାଉତ ପ୍ରମୁଖ ଉପସ୍ଥିତ ରହି ବାସଗୃହ ଯୋଜନା ସମ୍ପର୍କିତ ଅଭିଯୋଗ ଗ୍ରହଣ କରିଥିଲେ। ଏଥିସହ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସ୍ୱାସ୍ଥ୍ୟ ଶିବିରରେ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଇଥିବା ବେଳେ ବହୁ ବ୍ୟକ୍ତିଙ୍କୁ କରୋନାର ବୁଷ୍ଟର ଡୋଜ୍ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଝୁନିଲତା ମଲିକ, ବିଷ୍ଣୁ ପ୍ରସାଦ କର ଓ ଅନିଲ କୁମାର ସେଠୀ ପ୍ରମୁଖ ପରିଚାଳନା କରିଥିଲେ।


## ODISHA PUBLIC SERVICE COMMISSION, CUTTACK

### NOTICE

**No.8899/PSC, Dt.26.9.22**
**(1E-03-2022/23) (DR-II)**
**Website: http://www.opsc.gov.in**

**No.D-173:**In continuation to this Office notice No. 8709/PSC, dt 20.09.2022, it is for information of all concerned that the Commission have decided to conduct the Physical verification of original certificates & documents and Viva Voce test simultaneously in respect of 321 candidates (bearing following Roll Nos.), qualified in the main written examination, for recruitment to the post of Civil Judges in Odisha Judicial Service, 2021, pursuant to Advt. No. 23 of 2021-22, from 07.10.2022 to 06.11.2022 in the Office of the Commission, at 19, Dr. P.K. Parija Road, Cuttack -753001 , as per the following programme detailed below.

The candidates are required to come with hard-copies of online application forms (indicating their Roll Nos. at the top right corner), four passport size photographs, self-attested copies of all relevant certificates, documents, Proof of identity etc. with original of the same as per Para - 11 of the aforesaid Advertisement and duly filled in "Attestation Form" & "Bio-data Form" (to be downloaded from the website of the Commission) and submit the same in person on the day of verification.

It is also made clear that the candidature of these candidates for the recruitment is purely provisional. The candidature is liable to rejection in the event of inadequacy /deficiency found at any stage before or after the verification of original certificate /documents and is subject to fulfillment of terms and conditions laid down in the advertisement.

Mere participation in the document verification does not reserve any right to appear the viva voce test. The candidates shall be allowed to the viva voce test on the scheduled date & time mentioned below subject to fulfillment of their eligibility in all respect as per verification of original certificate /documents. The decision of the Commission thereon shall be final.

**PROGRAMME OF DOCUMENT VERIFICATION & VIVA VOCE TEST**

| Date | Time of Verification | Time of Viva voce test | Roll numbers of candidates |
|---|---|---|---|
| 07.10.2022 | 8.30 A.M. | 10.45 A.M. | 100011,100033,100038,100041,100054, 100093,100126, 100144,200007,200016, 200042,200090,200133,200136 & 200164 = **15 candidates** |
| | 1.00 P.M. | 3.00 P.M. | 200184, 200187, 300002, 300013, 300018, 300020, 300023, 300029, 300036, 300038, 300043 & 300046 **= 12 candidates** |
| 08.10.2022 | 8.30 A.M. | 10.45 A.M. | 300058,300059,300066,300070,300076, 300087,300090,300099, 300110,300116,300124, 300125,300128,300137 & 300144 **= 15 candidates** |
| | 1.00P.M. | 3.00 P.M. | 300156,300157,300165,300171,300172, 300175, 300178,300186,300200,300202, 300216 & 300221 **= 12 candidates** |
| 09.10.2022 | 8.30A.M. | 10.45A.M. | 300224,300250,300254,300262,300263, 300274, 300278,300301 ,300309,300318, 300320, 300331,300335,300351 & 300373 **= 15 candidates** |
| | 1.00P.M. | 3.00 P.M. | 300375,300378,300390,300399,300413, 300417, 300418,300420,300423,300430, 300461 & 300474 **= 12 candidates** |
| 14.10.2022 | 8.30A.M. | 10.45 A.M. | 300476,300477,300520,300533,300537, 300540,300548,300557, 300575,300578, 300591, 300598,300614,300615 & 300616 **= 15 candidates** |
| | 1.00P.M. | 3.00 P.M. | 300623,300626,300627,300635,300652, 300655,300661 ,300679,300708,300715, 300723 & 300733 **= 12 candidates** |
| 15.10.2022 | 8.30A.M. | 10.45 A.M. | 300741,300742,300754,300760,300773, 300788, 300790, 300792, 300794,300796, 300797, 300816, 300823, 300831 & 300835 **= 15 candidates** |
| | 1.00P.M. | 3.00 P.M. | 300851 ,300852 ,300871 ,300883,300887, 300889,3009 05,300906,300916,300926, 300932 & 300965 **= 12 candidates** |
| 16.10.2022 | 8.30A.M. | 10.45 A.M. | 300970,300973,300976,300978,300981, 300985, 300995,300997, 300998,301003, 301007, 301041,301053,301065 & 301078 **= 15 candidates** |
| | 1.00 P.M. | 3.00 P.M. | 301085,30 1093,301 104,301 1 1 1,301 1 16, 301135,301 140,301152,301158,301175, 301182 & 301186 **= 12 candidates** |
| 28.10.2022 | 8.30 A.M. | 10.45A.M. | 301191,301199,301202,301208,301213, 301216,301217, 301220,301232,301237, 301242,301247,301253,301277 & 301280 **= 15 candidates** |
| | 1.00 P.M. | 3.00 P.M. | 301281,301294,301296,301309,301312, 301317,301334 ,301339,301353,301356, 301382 & 301383 **= 12 candidates** |
| 29.10.2022 | 8.30A.M. | 10.45A.M. | 301385,30 1394,30 1409,30 1425,30 1426, 30 1430,30 1438,30 1442,30 1453,301459, 301460, 301463,301464,301467 & 301489 **= 15 candidates** |
| | 1.00 P.M. | 3.00 P.M. | 301500,301512,301516,400002,400006, 400016,400017 ,400020,400056,400057, 400060 & 400065 **= 12 candidates** |
| 30.10.2022 | 8.30A.M. | 10.45A.M. | 400068,400082,400083,400091,400095, 400099,400134,400 162,400192,400198, 400221, 400229,400241,400243 & 400250 **= 15 candidates** |
| | 1.00 P.M. | 3.00 P.M. | 400261,400262,400266,400267,400278, 400281,400289 ,400323,400326,400328, 400329 & 400343 **= 12 candidates** |
| 04.11.2022 | 8.30 A.M. | 10.45 A.M. | 400417,400421 ,400454,400456,400478, 400480, 400497,400502,400527,400551, 400554, 400564,400623,400625 & 400633 **= 15 candidates** |
| | 1.00 P.M. | 3.00 P.M. | 400645,400648,400654,400678,400688, 400697,400707 ,400716,400720,400731, 400742 & 400743 **= 12 candidates** |
| 05.11.2022 | 8.30A.M. | 10.45A.M. | 400751 ,400752,400753,400754,400768, 400769, 400795, 400800, 400801 ,400803, 400806, 400810,400830,400832 & 400834 **= 15 candidates** |
| | 1.00 P.M. | 3.00 P.M. | 400837,400840,400843,400847,400849, 400852,400854 ,400868,400883,400890, 400897 & 400930 **= 12 candidates** |
| 06.11.2022 | 8.30 A.M. | 10.45A.M. | 400933,400937,400942,400952,400968, 400995,401003, 401007,500020,500079, 500091,500102,500151,500162 & 500174 **= 15 candidates** |
| | 1.00P.M. | 3.00 P.M. | 500 179,500 188,500 193,5002 15,500219, 500238,500248,500254 & 500301 **= 09 candidates** |

**N.B. - The candidates are advised to report at the office of the Commission half an hour before the commencement of verification of original certificates & documents on their scheduled dates & time as mentioned against each.**

**OIPR- 12002/11/0167/2223** **Sd./- Secretary**


## ନକଲି ବିଦେଶୀ ମଦ ଜବତ: ଜଣେ କୋର୍ଟ ଚାଲାଣ

ତିର୍ତ୍ତୋଲ, ୨୬।୯(ଡି.ଏନ.ଏ.)

ତିର୍ତ୍ତୋଲ ଥାନା ଅନ୍ତର୍ଗତ ଜଗନ୍ନାଥପୁର ନିକଟରେ ସୋମବାର ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ନକଲି ବିଦେଶୀ ମଦ ଜବତ କରାଯାଇଛି। ଏହି ଅଭିଯୋଗରେ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେ ହେଲେ ଥାନା ଅଧୀନ ଚଣ୍ଡିଲୋ ଗ୍ରାମର ଦୀଲିପ କୁମାର ନାୟକ। ତାଙ୍କ ନିକଟରୁ ୫.୭ ଲିଟର ନକଲି ବିଦେଶୀ ମଦ ଓ ୧୦ ଲିଟର ଚୋରା ଦେଶୀ ମଦ ଜବତ କରାଯାଇଛି। ଏନେଇ ଅବକାରୀ ବିଭାଗ ତରଫରୁ ମାମଲା (ନଂ.୬୪/୨୨-୨୩) ରୁଜୁ କରାଯାଇଛି। ଦୀଲିପ ଏକ ବାଇକ ଯୋଗେ ଚୋରା ମଦ ଆଣି ଜଗନ୍ନାଥପୁର ଆସୁଥିବା ଅବକାରୀ ବିଭାଗକୁ ସୂଚନା ମିଳିଥିଲା। ଏନେଇ ଅବକାରୀ ବିଭାଗ ଏସ୍‌ଆଇ ବଳରାମ ଦାଶ ସଦଳବଳେ ନାଳ ପୋଲ ନିକଟରେ ଛକି ରହିଥିଲେ। ଦୀଲିପ ସେଠାରେ ପହଞ୍ଚିବା ପରେ ପୋଲିସ ତାଙ୍କୁ ବାଇକ୍ ସହ କାବୁ କରିଥିଲା।


**GOVERNMENT OF ODISHA**
**OFFICE OF THE EXECUTIVE ENGINEER RURAL WORKS DIVISION, KUCHINDA**
E-mail:- eerw_kuchinda@yahoo.com
**"e" Procurement Notice for Building Works Identification No.Online Tender /04 / RWD, Kuchinda / 2022-23**
**No.O-1048:**

1. Name of the work : Building Works
2. Total Number of Works : 01 No.
3. Estimated Cost : Rs. 32.85 lakhs
4. Class of Contractor : Building Work (B & C Class of Contractor)
5. Period of Completion : 06 calendar months
6. Availability of Tender online for bidding : Dt.29.09.2022 at 11.00 A.M to dt.11.10.2022 at 5.00 P.M.
7. Last date & time of seeking tender clarification : Dt.10.10.2022 at 5.00 A.M.
8. Date & Time of opening of tender : Dt.12.10.2022 at 11.00 A.M.

Further details can be seen from the website **www.tendersodisha.gov.in**

**Sd./- Executive Engineer, Rural Works Division,Kuchinda**
OIPR-25151/11/0005/2223

**OFFICE OF THE ENGINEER-IN-CHIEF (CIVIL), ODISHA NIRMAN SOUDHA, UNIT-V, BHUBANESWAR**
**E-mail ID: cebuildings_orissa@yahoo.co.in cebuildings@rediffmail.com Tel.-(0674)-2391523**
**INVITATIONS FOR BIDS (IFB)**
File No- B-I-Home-36/2022 35923/Bhubaneswar, the 20th Sept.,2022
**No.B-632:** **Invitation for Bids 2nd Corrigendum**
**Tender Reference No. OSD C.E. (B) - 18 / 2022-23**
**Name of the Work - Construction of Court Building Bhanjanagar.**
The following changes have been made in Bid Identification **No. OSD C.E. (B) -18 / 2022-23**
1.Bid documents such as DTCN / BOQ etc. can be seen / downloaded from the Govt. Website i.e. www.tendersorissa.gov.in, during the period from **dt.19.10.2022 to 17.00 hours of dt.04.11.2022** instead of **dt.20.09.2022 to dt.10.10.2022** for ONLINE BIDDING respectively.
2.Online bids shall be received till **17.00 Hours of dt.04.11.2022** instead of **dt.10.10.2022.**
3.The technical bids will be opened at **11.30 A.M. of dt.05.11.2022** instead of **dt.11.10.2022.** All other terms and conditions remain unchanged.
**Sd./- OSD C.E. (Buildings), Odisha, Bhubaneswar**
**OIPR-34117/11/0054/2223**

**GOVERNMENT OF ODISHA**
**"e"-PROCUREMENT NOTICE**
**WORKS DEPARTMENT**
**E-mail: ceroads.bbsr@gmail.com**
**Bid Identification No. CE-DPI & R-18/2022-23**
**No.B-628:**1. The Chief Engineer (DPI & Roads), Odisha on behalf of Governor of Odisha invites percentage rate bids in double cover system in ONLINE MODE from eligible contractors for Road work as mentioned below:
2. Nature of work : Road work
3. No. of work : 2 Nos
4. Tender Paper cost : Rs.10,000.00
5. Class of Contractor : Super Class
6. Available of bid document in the website : From 10.00 A.M. of 28.09.2022 to 5.30 PM of 18.10.2022
7. Date of opening of Bid : Dt.19.10.2022 at 11.30 AM
8. The Bidders have to participate in ONLINE bidding only. Further details can be seen from the website: https://tenderodisha.gov.in . Any addendum / corrigendum / cancellation of tender can also be seen in the said website.
**Sd./- Chief Engineer (DPI & Roads), Odisha**
**OIPR-34111/11/0044/2223**

**OFFICE OF THE ENGINEER-IN-CHIEF (CIVIL), ODISHA NIRMAN SOUDHA, UNIT-V, BHUBANESWAR**
**E-mail ID: cebuildings_orissa@yahoo.co.in cebuildings@rediffmail.com Tel.-(0674)-2391523**
**INVITATIONS FOR BIDS (IFB)**
File No- B-I-Tourism-Puri-07/2021 Lr.No.35925/Bhubaneswar, dtd. 20th Sept.,2021
**No.B-631:** **Invitation for Bids 1st Corrigendum**
**Tender Reference No. OSD C.E. (B) - 23 / 2022-23**
**Name of the Work -Development of Puri-Konark Beachfront Chandrabhaga Beach, Konark on Turnkey Basis in the state of Odisha.**
The following changes have been made in Bid Identification No. **OSD-C.E. (B) - 23 / 2022-23**
Bid documents can be seen / downloaded from the Govt. Website i.e. www.tendersorissa.gov.in, during the period **dt.28.09.2022 to 17.30 hours of dt.11.11.2022** instead of **dt.19.09.2022 to 17.30 Hours of dt.02.11.2022** for ONLINE BIDDING respectively.
**1.** A pre-bid meeting shall be held on **dt.18.10.2022 at 11:00 AM** at the Conference Hall of Office of the E.I.C. (Buildings), Odisha, Nirman Soudh, Unit-V, Bhubaneswar instead of **dt.10.10.2022.** 2.**Online** bids shall be received till **17.30 Hours of dt.11.11.2022** instead of **dt.02.11.2022.** 3. Hardcopy shall be received on or before **dt.18.11.2022 upto 17.30 Hours** by this office instead of **dt.09.11.2022**. 4. The technical bids will be opened at **11.30 A.M. of dt.19.11.2022** instead of **dt.10.11.2022**. All other terms and conditions remain unchanged.
**Sd./- OSD-Chief Engineer (Buildings), Odisha, Bhubaneswar**
**OIPR-34117/11/0053/2223**

**GOVERNMENT OF ODISHA**
**Office of the Chief Construction Engineer Southern N.H. Circle, Berhampur**
**Email-senhsouthbam@gmail.com**
**INVITATIONS FOR BIDS**
**BID IDENTIFICATION NO.08/CCE NH, South of 2022-23**
**(e-Procurement Notice)**
**Bid Identification No. 08/CCE NH SOUTH of 2022-23**
**No. 2229 / Dtd : 20.09.2022**
**No.b-16:**1)The Chief Construction Engineer, Southern NH Circle, Berhampur on behalf of Governor of Odisha invites percentage rate bid in double cover system in ONLINE MODE from eligible contractors for construction of Building Works as detailed in the table below.
2) Nature of work : Building Works
3) No. of work : 1 No.
4) Tender Cost : Rs.10,000/-
5) Class of Contractor : "A" Class & "B Class"
6) Availability of Bid document in the : 11 AM 28.09.2022 TO 5.00 PM of 12.10.2022
7) Date of Opening of Bid : 13.10.2022 at 11.30 A.M.
8) The Bidders have to participate in ONLINE bidding only. Further details can be seen from the website https://tendersorissa.gov.in.
9) Any Corrigendum/Addendum/Cancellation of will be displayed in the e-tender website only.
**Sd./- Chief Construction Engineer Southern NH Circle, Berhampur**
**OIPR-34148/11/0004/2223**

# ବାରବାଟୀରେ କିଙ୍ଗ୍ସ-ଟାଇଗର୍ସ ଟକ୍କର




କଟକର ବାରବାଟୀ ଷ୍ଟାଡିୟମରେ ସୋମବାର ଲିଜେଣ୍ଡ୍ସ ଲିଗ୍ ମ୍ୟାଚ ପୂର୍ବରୁ ଅଫିସିଆଲଙ୍କ ସହ ମଣିପାଲ ଟାଇଗର୍ସ ଓ ଭିଲୱାରା କିଙ୍ଗ୍ସ ଦଳର ଖେଳାଳି।



ମ୍ୟାଚ ପୂର୍ବରୁ ଓଡ଼ିଶା କ୍ରିକେଟ ଆସୋସିଏଶନ ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା ଓ ପୋଲିସ ଅଧିକାରୀଗଣ।



ଟିକେଟ ନେଇ ଷ୍ଟାଡିୟମରେ ପ୍ରବେଶ ଅବସରରେ ଉଲ୍ଲସିତ ଦର୍ଶକ।

CLASSIFIED DISPLAY
MORE SPACE • SAME PRICE

**ଧନ କୁବେର ଫାଇନାନ୍ସ**
30000 ରୁ 50 ଲକ୍ଷ ପର୍ଯ୍ୟନ୍ତ ଋଣ । ପ୍ରପର୍ଟି, ପର୍ସନାଲ, ଏଜୁକେଶନ, ଉଦ୍ୟୋଗ, ଗୃହ ଋଣ, ଇଟାଭାଟି ଋଣ, 36 ଘଣ୍ଟାରେ 2% ସୁଧ 50% ରିହାତି (ସିବିଲ ଖରାପ ଥିବା ବ୍ୟକ୍ତି ମଧ୍ୟ ଋଣ ପାଆନ୍ତୁ)
9457203304

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଅର୍ଦ୍ଧଶତକ ହାସଲ ପରେ ଟାଟେଣ୍ଡା ଟାଇବୁ।

## ମଣିପାଲ ଟାଇଗର୍ସର ପ୍ରଥମ ବିଜୟ

**କଟକ, ୨୬।୯(ସରୋଜ ଜେନା)**

ବାରବାଟୀ ଷ୍ଟାଡିୟମରେ ସୋମବାର ଅନୁଷ୍ଠିତ ଲିଜେଣ୍ଡ୍ସ ଲିଗ୍ କ୍ରିକେଟ ମ୍ୟାଚରେ ମଣିପାଲ ଟାଇଗର୍ସ ୩ ରନରେ ଭିଲୱାରା କିଙ୍ଗ୍ସକୁ ପରାସ୍ତ କରିଛି। ଟାଟେଣ୍ଡା ଟାଇବୁଙ୍କ ଅର୍ଦ୍ଧଶତକ ସହାୟତାରେ ମଣିପାଲ ଟାଇଗର୍ସ ୮ ଉଇକେଟ ହରାଇ ୧୭୫ ରନ କରିଥିଲା। ଜବାବରେ ଭିଲୱାରା କିଙ୍ଗ୍ସ ବିଜୟର ନିକଟତର ହୋଇଥିଲେ ହେଁ ୨୦ ଓଭରରେ ୯ ଉଇକେଟ ହରାଇ ୧୭୨ ରନ କରିବାକୁ ସକ୍ଷମ ହୋଇଥିଲା। ଚଳିତ ଲିଗ୍‌ରେ ମଣିପାଲ ଟାଇଗର୍ସ ଦଳର ୪ ମ୍ୟାଚରୁ ଏହା ପ୍ରଥମ ବିଜୟ।

ଅଧିନାୟକ ଇରଫାନ ପଠାନ ଟସ୍‌ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ଓପନର ଟାଇବୁ ଓ ରାଇଡର ମଣିପାଲ ଟାଇଗର୍ସ ପାଇଁ ଭଲ ଆରମ୍ଭ କରିଥିଲେ। ଟାଇବୁ (୫୪) ଚଳିତ ସିଜନରେ ନିଜର ପ୍ରଥମ ଅର୍ଦ୍ଧଶତକ ହାସଲ କରିଥିବାବେଳେ ପ୍ରଥମ ମ୍ୟାଚ ଖେଳୁଥିବା ରାଇଡର ସଂଗ୍ରହ କରିଥିଲେ ୪୭ ରନ୍। ପ୍ରଥମ ୬ ଓଭରରେ ଉଭୟ ଖେଳାଳି ବିନା କୌଣସି ଉଇକେଟ ହରାଇ ୬୩ ରନ୍ ସଂଗ୍ରହ କରିଥିଲେ। ମ୍ୟାଚର ୧୦ମ ଓଭରରେ ଉଭୟ ଖେଳାଳି ଶତକୀୟ ଭାଗୀଦାରି ପୂରଣ କରିଥିଲେ। ପ୍ରଥମ ଉଇକେଟରେ ଉଭୟ ୧୦୯ ରନ୍ ଯୋଡିଥିଲେ। ଟାଇବୁ ୩୦ ବଲଖେଳି ୫ ଚୌକା ଓ ୪ ଛକା ମାରିଥିଲେ। ଅନ୍ୟ ପକ୍ଷରେ ରାଇଡର ୩୫ ବଲ ଖେଳି ନିଜ ଇନିଂସ ମଧ୍ୟରେ ୫ ଚୌକା ଓ ୨ ଛକା ମାରିଥିଲେ। ମ୍ୟାଚର ୧୧ତମ ଓଭରବୋଲିଂ କରିଥିବା ୟୁସୁଫ ପଠାନ ଦୁଇବଲ ବ୍ୟବଧାନରେ ଟାଇବୁ ଓ ରାଇଡରଙ୍କୁ ଆଉଟ କରିଥିଲେ। ପରବର୍ତ୍ତୀ ଓଭରରେ ଖାତା ଖୋଲିବା ପୂର୍ବରୁ ପ୍ରଦୀପ ସାହୁଙ୍କୁ ଆଉଟ କରିଥିଲେ ଜେସଲ କାରିଆ। ୧୧୧ ରନରେ ୩ ଉଇକେଟ ହରାଇବା ପରେ ମହମ୍ମଦ କୈଫ୍ ଓ କୋରି ଆଣ୍ଡରସନଙ୍କମଧ୍ୟରେ ୫୭ ରନର ଭାଗୀଦାରି ହୋଇଥିଲା। ଆଣ୍ଡରସନ୍ ୨୪ ଓ କୈଫ୍ ୨୮ ରନ୍‌କରିବା ଫଳରେ ଦଳ ୧୭୫ ରନ୍‌ରେ ପହଞ୍ଚିଥିଲା।

**ସଂକ୍ଷିପ୍ତ ସ୍କୋର**

ମଣିପାଲ ଟାଇଗର୍ସ ୨୦ ଓଭରରେ ୧୭୫/୮ (ଟାଟେଣ୍ଡା ଟାଇବୁ-୫୪, ଜେସି ରାଇଡର-୪୭, ମହମ୍ମଦ କୈଫ-୩୨, କୋରେ ଆଣ୍ଡରସନ-୨୪, ଟିନୋ ବେଷ୍ଟ-୩/୨୦, ୟୁସୁଫ ପଠାନ-୨/୨୫, ଫିଦେଲ ଏଡୱାର୍ଡ୍ସ-୧/୩୫, ଜେସଲ କାରିଆ-୧/୨୫)। ଭିଲୱାରା କିଙ୍ଗ୍ସ ୨୦ ଓଭରରେ ୧୭୨/୯ (ୟୁସୁଫ ପଠାନ-୪୨, ୱିଲିୟମ ପୋର୍ଟରଫିଲ୍ଡ-୨୮, ତନ୍ମୟ ଶ୍ରୀବାସ୍ତବ-୨୬, ଇରଫାନ ପଠାନ-୨୩, ଦିଲହରା ଫର୍ନାଣ୍ଡୋ-୪/୩୧, ହରଭଜନ ସିଂ-୨/୧୬, ପରବିନ୍ଦର ଅୱାନା-୨/୩୪, ମୁଥୟା ମୁରଲୀଧରନ-୧/୩୧)।

## ଆଜି ହରଭଜନ-ସେହ୍ୱାଗ ଲଢ଼େଇ

**କଟକ, ୨୬।୯, (ସ୍ପୋର୍ଟ୍ସ ବ୍ୟୁରୋ)**

ଓଡ଼ିଶାରେ ଲିଜେଣ୍ଡ୍ସ ଲିଗ୍ ଟି୨୦ କ୍ରିକେଟ ଟୁର୍ନାମେଣ୍ଟ ଖେଳା ଯାଉଛି। ଚଳିତ ସଂସ୍କରଣର ଅଷ୍ଟମ ତଥା ବାରବାଟୀରେ ଦ୍ୱିତୀୟ ମ୍ୟାଚରେ ପରସ୍ପରର ସମ୍ମୁଖୀନ ହେବେ ବୀରେନ୍ଦ୍ର ସେହ୍ୱାଗ ଓ ହରଭଜନ ସିଂ। ମଙ୍ଗଳବାର ଗୁଜରାଟ ଜାଏଣ୍ଟସ ଓ ମଣିପାଲ ଟାଇଗର୍ସ ମଧ୍ୟରେ ଏହି ମ୍ୟାଚ ଖେଳାଯିବ। ଭାରତୀୟ ଦଳର ଏହି ଦୁଇ ମହାନ ଖେଳାଳି ପୂର୍ବରୁ ମଧ୍ୟ ବାରବାଟୀରେ ଖେଳି ସାରିଛନ୍ତି। ହରଭଜନ ଏହି ଷ୍ଟାଡିୟମରେ ୫ଟି ଏବଂ ସେହ୍ୱାଗ ୪ଟି ମ୍ୟାଚ ଖେଳିଛନ୍ତି। ହରଭଜନ ୫ ମ୍ୟାଚରୁ ୫ଟି ଉଇକେଟ ନେଇଥିବା ବେଳେ ସେହ୍ୱାଗ ୪ ମ୍ୟାଚରୁ ୯୧ରନର ସର୍ବାଧିକ ସ୍କୋର ସହିତ ୧୬୦ ରନ୍ ସଂଗ୍ରହ କରିଛନ୍ତି। ଅବସର ପରେ ଉଭୟ ଖେଳାଳି ପୁନର୍ବାର ଦର୍ଶକଙ୍କ ମନୋରଞ୍ଜନ କରିବେ। ସେହ୍ୱାଗଙ୍କ ଗୁଜରାଟ ଜାଏଣ୍ଟସ ପଏଣ୍ଟ ଟେବୁଲ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ନିମ୍ନରେ ରହିଛି ହରଭଜନ ସିଂଙ୍କ ଦଳ ମଣିପାଲ ଟାଇଗର୍ସ। ଜାଏଣ୍ଟସ ୪ମ୍ୟାଚ ଖେଳି ଦୁଇ ବିଜୟ ହାସଲ କରିଥିବା ବେଳେ ୩ ମ୍ୟାଚରୁ ଗୋଟିଏ ବିଜୟ ହାସଲରେ ବିଫଳ ହୋଇଛି। ମଣିପାଲ ଦଳରେ ଜେସ ରାଇଡର ଏବଂ କୋରି ଆଣ୍ଡରସନ୍ ଯୋଗ ଦେବା ପରେ ଦଳ ସାମାନ୍ୟ ଶକ୍ତିଶାଳୀ ମନେ ହେଉଛି। ମହମ୍ମଦ କୈଫ ଟପ୍ ଅର୍ଡରରେ ଭଲ ବ୍ୟାଟିଂ କରୁଥିବା ବେଳେ ରିକାର୍ଡୋ ପାୱେଲ ଏବଂ କୋରେ ଆଣ୍ଡରସନ୍‌ଙ୍କ ଉପସ୍ଥିତି ମିଡିଲ ଅର୍ଡର ବ୍ୟାଟିଂ

**ଲିଜେଣ୍ଡସ ଲିଗ୍ କ୍ରିକେଟ୍**



ବ୍ୟାଟିଂ ଅବସରରେ ଗୁଜରାଟ ଜାଏଣ୍ଟ୍ସର ତିଲକରତ୍ନେ ଦିଲସାନ।

ସମସ୍ୟା ଦୂର କରିବାରେ ସହାୟକ ହେବ। ବୋଲିଂରେ ହରଭଜନ ସିଂ ଅଦ୍ୟାବଧି ବଢ଼ିଆ ପ୍ରଦର୍ଶନ କରିଥିବା ବେଳେ ମୁଥୟା ମୁରଲୀଧରନ, ର୍‍ୟାନ ସାଇଡବଟମ, ଦିଲହରା ଫର୍ନାଣ୍ଡୋଙ୍କ ନିକଟରୁ ମଧ୍ୟ ଦଳ ସମାନ ପ୍ରଦର୍ଶନ ଆଶା କରିବ। କୋରେ ଆଣ୍ଡରସନ୍ ଏବଂ ଡାରେନ୍ ସାମିଙ୍କ ପରି ଅନୁଭବୀ ଅଲରାଉଣ୍ଡରଙ୍କ ଉପସ୍ଥିତି ଉଭୟ ବ୍ୟାଟର ଓ ବୋଲରଙ୍କ ମଧ୍ୟରେ ଏକ ସନ୍ତୁଳନ ସୃଷ୍ଟି କରିବ। ସେହିପରି ସେହ୍ୱାଗଙ୍କ ଦଳ ଗୁଜରାଟ ଜାଏଣ୍ଟ୍ସ ଉଭୟ ବ୍ୟାଟିଂ ଓ ବୋଲିଂରେ ଭଲ ପ୍ରଦର୍ଶନ କରି ଆସିଛି। କେଭିନ୍ ଓ'ବ୍ରାଏନ୍ ନିୟମିତ ଭଲ ସ୍କୋର କରିବା ସହିତ ଟୁର୍ନାମେଣ୍ଟର ଟପ୍ ସ୍କୋରର ରହିଛନ୍ତି। ତେବେ ନିୟମିତ ଅଧିନାୟକ ବୀରେନ୍ଦ୍ର ସେହ୍ୱାଗଙ୍କ ବ୍ୟାଟ ଏଯାଏ ନୀରବ ରହିଛି। ପେସ୍ ବୋଲିଂ ବିଭାଗରେ ଦଳ ସାମାନ୍ୟ ଦୁର୍ବଳ ରହିଥିଲେ ହେଁ ଅଜନ୍ତା ମେଣ୍ଡିସ୍, ଡାନିଏଲ ଭିଟୋରୀ ଓ ଗ୍ରେମ୍ ସ୍ୱାନଙ୍କ ପରି ଦୁଇ ଜଣ ଭଲ ସ୍ପିନର ରହିଛନ୍ତି। ଯୋଗୀନ୍ଦର ଶର୍ମା ଏକମାତ୍ର ଅଲରାଉଣ୍ଡର ରହିଛନ୍ତି। ଏହା ସହିତ ବାରବାଟୀରେ ବିଜୟ ଧାରାକୁ ଫେରିବାକୁ ଉଦ୍ୟମ କରିବ ଜାଏଣ୍ଟ୍ସ। ଦଳ ନିଜର ଅନ୍ତିମ ମୁକାବିଲାରେ ଇଣ୍ଡିଆ କ୍ୟାପିଟାଲ୍ସ ନିକଟରୁ ପରାଜିତ ହୋଇଥିଲା।

**ମନେ ପଡ଼ନ୍ତି**

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି

୰କୁମାରୀ ଦାଶ
(ବାଉଁଶିଆ ରଘୁନାଥପୁର ଶାସନ, ଶରଣକୁଳ, ନୟାଗଡ଼)
ଆବିର୍ଭାବ: ୦୬।୧୦।୧୯୫୩
ତିରୋଧାନ- ୦୮।୧୦।୨୦୨୧
ଆଜି ଆପଣଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଶତକୋଟି ପ୍ରଣାମ ଜଣାଉଛୁ।
ଶୋକସନ୍ତପ୍ତ:ସ୍ୱାମୀ- ତ୍ରିନାଥ ଦାଶ, ପୁତ୍ର: ସନ୍ତୋଷ, ସୁଶାନ୍ତ, ପୁତ୍ରବଧୂ: ନନ୍ଦିତା, ସରୋଜିନୀ, ନାତୁଣୀ/ନାତି- ଅଙ୍କିତା, ଅଂଶୁମାନ।
ଧ-୧୬୩୨

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି

୰ନକୁଳ ଚରଣ ଦାସ
ଡମଣା, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
ଆବିର୍ଭାବ: ୧୪।୦୪।୧୯୫୩
ତିରୋଧାନ: ୧୬।୦୯।୨୦୨୨
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା
-:ଶୋକସନ୍ତପ୍ତ:-
ସ୍ତ୍ରୀ, ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁବାନ୍ଧବ ଓ ପରିବାରବର୍ଗ।
ଧ-୧୬୦୩

ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

୰ କ୍ଷୀରୋଦବାସିନୀ ଚୌଧୁରୀ
ଚିନ୍ତାମଣିଶ୍ୱର, ଭୁବନେଶ୍ୱର - ୦୬
ଆବିର୍ଭାବ - ୧୭.୦୨.୧୯୩୪
ତିରୋଧାନ - ୧୮.୦୯.୨୦୨୦
ଆଶ୍ୱିନ ମଳ ଶୁକ୍ଳପକ୍ଷ ପ୍ରତିପଦ ତିଥି
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ଓ ଚିରଶାନ୍ତି ପାଇଁ ମହାପ୍ରଭୁ ଶ୍ରୀ ଶ୍ରୀ ଜଗନ୍ନାଥଙ୍କର ଚରଣ କମଳରେ ଆମର ଭକ୍ତିପୂତ ନିବେଦନ ଓ ବିନମ୍ର ପ୍ରାର୍ଥନା।
ଶୋକ ସନ୍ତପ୍ତ :
ପୁତ୍ର - ସନ୍ତୋଷ ଚୌଧୁରୀ, ସମରେଶ ଚୌଧୁରୀ, ସଞ୍ଜୟ ଚୌଧୁରୀ ପୁତ୍ରବଧୂ, ଝିଅ-ଜ୍ୱାଇଁ ଓ ନାତିନାତୁଣୀ ଏବଂ ଆତ୍ମୀୟ ସ୍ୱଜନ
ଧ-୧୬୧୪

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନଚୈନଂ କ୍ଳେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ॥

୰ ପ୍ରକାଶ ଚନ୍ଦ୍ର ପଣ୍ଡା
ଆବିର୍ଭାବ:୧୯୫୧ • ତିରୋଧାନ:୨୦୨୦
ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଆମର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
ପଣ୍ଡା ପରିବାର ଓ ନାତୁଣୀ-ଇଶିକା
ଧ-୧୬୩୮

ପ୍ରଥମ ଶ୍ରାଦ୍ଧବାର୍ଷିକୀ

୰ ପ୍ରସନ୍ନ କୁମାର ସାମନ୍ତରାୟ
ବକୁଗ୍ରାମ, ବଳଙ୍ଗା, ନିମାପଡ଼ା, ପୁରୀ
ତିରୋଧାନ: ୦୮।୧୦।୨୦୨୧ (ଦ୍ୱିତୀୟା)
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
ପରିବାର ଏବଂ ବନ୍ଧୁବାନ୍ଧବ ବର୍ଗ।
ଧ-୭୩୩୫୧

ପ୍ରଥମ ଶ୍ରଦ୍ଧାଞ୍ଜଳି

୰ଦିପେନ୍ଦ୍ର କୁମାର ବାରିକ୍
ଗ୍ରାମ- ଲାଙ୍ଗପଡ଼ା, ଚନ୍ଦାହାଣ୍ଡି
ଆବିର୍ଭାବ: ୩୧।୧୦।୧୯୯୧
ତିରୋଧାନ: ୨୭।୦୯।୨୦୨୧
ଜମା ବିଶ୍ୱାସ କରି ହେଉନାହିଁ, ଏହାରି ଭିତରେ ୧ବର୍ଷ ବିତିଗଲା। ଆମ ଅନ୍ତରର କୋହ, ଆଖିର ଲୁହ ଏ ପର୍ଯ୍ୟନ୍ତ ଶୁଖିନାହିଁ। ତୋର ଅନୁପସ୍ଥିତିକୁ ଆମେ ପ୍ରତ୍ୟେକ ମୁହୂର୍ତ୍ତରେ ମର୍ମେ ମର୍ମେ ଅନୁଭବ କରୁଅଛୁ।
ଶୋକସନ୍ତପ୍ତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୧୬୩୩

ଫ୍ୟାଶନ

# ଲାଟେଷ୍ଟ ସୁଟ୍ ଡିଜାଇନ



ସାଧାରଣତଃ ମହିଳାମାନେ ସାଲୱାର ସୁଟ୍ ପିନ୍ଧିବାକୁ ଅଧିକ ପସନ୍ଦ କରନ୍ତି। ଏହା ପିନ୍ଧିବାକୁ ବେଶ୍ ଆରାମଦାୟକ ହୋଇଥାଏ। ଦେଖିବାକୁ ଗଲେ ପୁରୁଣା ଦିନର କିଛି ଡିଜାଇନ ଏବେ ଟ୍ରେଣ୍ଡ ପାଲଟିଗଲାଣି ଯାହା ଦେଖିବାକୁ ସୁନ୍ଦର ଓ କ୍ଲାସି ଲାଗିଥାଏ। ଯଦି ଆପଣ ସାଲୱାର ପିନ୍ଧିବାକୁ ସୌକିନ୍ ତେବେ ଆମେ ଆପଣଙ୍କୁ କିଛି ଏମିତି ଡିଜାଇନ୍ ବିଷୟରେ କହୁଛୁ ତାହା ଆପଣଙ୍କୁ ନିହାତି ଟ୍ରାଏ କରିବା ଦରକାର।

**ଭାରି ପ୍ଲାଜୋ ଡିଜାଇନ:** ଭାରି ଲୁକ୍ ବାଲା ପ୍ଲାଜୋ ଡିଜାଇନ ଦେଖିବାକୁ ଖୁବ୍ ସୁନ୍ଦର ଲାଗିଥାଏ। ଏହାକୁ କ୍ୟାରି କରିବା ବହୁତ ସହଜ ହୋଇଥାଏ। ଏହି ସୁଟ୍‌ରେ ହାଇନେକ୍,କଲର ନେକ୍ କିମ୍ବା ଭି ନେକ୍ ଲାଇନକୁ ଆପଣ ନିଜ ହିସାବରେ ଚୟନ କରିପାରିବେ।



**ଅନାରକଲି ଡିଜାଇନ:** ଅନାରକଲି ଡିଜାଇନ୍‌ରେ ପ୍ରସ୍ତୁତ ହୋଇଥିବା ସୁଟ୍ ପୁରୁଣା ଯୁଗରେ ବହୁତ ପସନ୍ଦ କରାଯାଉଥିଲା ; ଯାହାର ଫ୍ୟାଶନ ଆଜି ବି ଆଉଟ୍ ହୋଇନାହିଁ। ଏଥିରେ ପାଦ ପର୍ଯ୍ୟନ୍ତ ଫର୍କ ଷ୍ଟାଇଲ୍ କୁର୍ତ୍ତି ଫ୍ରିଲ୍ ସହିତ ଆସିଥାଏ। ସେଠି ଏହାର ବଟମ୍ କଥା କହିଲେ ଏଥିରେ ଚୁଡିଦାର କରି ପିନ୍ଧାଯାଇପାରିବ ନ ହେଲେ ଆଙ୍କେଲ ଲେଙ୍ଗ୍‌ଥ ଲେଙ୍ଗିଙ୍ଗ୍ସ ପିନ୍ଧିପାରିବେ।

**ଲେହେଙ୍ଗା କୁର୍ତ୍ତା ଡିଜାଇନ:** ଲେହେଙ୍ଗା କୁର୍ତ୍ତା ଡିଜାଇନ୍‌ରେ ପ୍ରସ୍ତୁତ ହୋଇଥିବା ସୁଟ୍ ଦେଖିବାକୁ ବହୁ ସୁନ୍ଦର ଓ ଆଟ୍ରାକ୍ଟିଭ୍ ମଧ୍ୟ ଲାଗିଥାଏ। ଏଥିରେ ଆପଣ ସ୍ଲିମ୍ ଦେଖାଯିବା ସହ ଭଲ ମଧ୍ୟ ଦେଖାଯିବେ। ହେଭି ଲେହେଙ୍ଗା କୁର୍ତ୍ତି ସହିତ ସବୁବେଳେ ହାଲ୍‌କା ଦୁପଟ୍ଟା ହିଁ ପସନ୍ଦ କରନ୍ତୁ।

**ପଟିଆଲା ସୁଟ୍ ଡିଜାଇନ:** ଆଜିକାଲି ସବୁ ମହିଳାଙ୍କୁ ପଟିଆଲା ସୁଟ୍ ବେଶ୍ ପସନ୍ଦ ଆସୁଛି। ଏଥିରେ ଆପଣ ସର୍ଟ କୁର୍ତ୍ତି ପିନ୍ଧିଲେ ଭଲ ମାନିଥାଏ।

**ଷ୍ଟ୍ରେଟ୍ ପ୍ୟାଣ୍ଟ ଡିଜାଇନ୍ :** ଲଙ୍ଗ୍ କୁର୍ତ୍ତି ସହିତ ସର୍ଟ ଆଙ୍କଲ ଲେଙ୍ଗ୍‌ଥ ଷ୍ଟ୍ରେଟ୍ ପ୍ୟାଣ୍ଟ ଆଜିକାଲି ଯୁବତୀଙ୍କ ବେଶ୍ ପସନ୍ଦ। ଏହାକୁ ଆପଣ ସାଲୱାର ସୁଟ୍ ଡିଜାଇନ ବେଶ୍ ପସନ୍ଦ ଆସୁଛି। ମହିଳାମାନେ ବି ଏହାକୁ ଟ୍ରାଏ କରୁଛନ୍ତି।

# ଘରର ମୁଖ୍ୟଦ୍ୱାର ଓ ବାସ୍ତୁଶାସ୍ତ୍ର

ଘରକୁ ବହୁ କଷ୍ଟରେ ତିଆରି କରାଯାଏ। କିନ୍ତୁ ଯେଉଁ ଘରେ ବାସ୍ତୁଦୋଷ ରହିଯାଏ ସେହି ଘରର ଖୁସି ଉପରେ ଯେମିତି କାହାର ନଜର ଲାଗିଯାଇଛି ପରି ମନେହୁଏ। ଏଥିପାଇଁ କେତୋଟି କଥା ପ୍ରତି ଦୃଷ୍ଟିଦିଅନ୍ତୁ। ଜାଣନ୍ତୁ ଏମିତି କେତୋଟି ଟିପ୍ସ...



✶ପ୍ରଥମେ ଧ୍ୟାନଦେବାକୁ ହେବ ଯେ କେଉଁ ଜିନିଷ ମେନ୍ ଗେଟ୍ ବାହାରେ ରଖିବେନି। ଗେଟ୍ ବାହାରେ କଣ୍ଟାଜାତୀୟ ଗଛ ଲଗାନ୍ତୁ ନାହିଁ। କଣ୍ଟା ଜାତୀୟ ଗଛ ବାହାରେ ରହିବା ଦ୍ୱାରା ଘରର ସବୁ ପଜିଟିଭ୍ ଏନର୍ଜି ବାହାରକୁ ପଳାଇବ ଏବଂ ଘରେ ରହୁଥିବା ବ୍ୟକ୍ତି ମାନସିକ ଚିନ୍ତାଗ୍ରସ୍ତ ହେବା ଆଶଙ୍କା ରହିଛି।

✶ଘରର ପ୍ରବେଶ ଦ୍ୱାରରେ କୌଣସି ଭଙ୍ଗା ଜିନିଷ ରଖନ୍ତୁ ନାହିଁ। ଭଙ୍ଗା ଚେୟାର, ଟେବୁଲ୍, ବେଡ୍, ଡୋର ଆଦି ରଖନ୍ତୁ ନାହିଁ। ଏସବୁ ଜିନିଷ ରହିବା ଦ୍ୱାରା ଘରେ ଅଶାନ୍ତି ବୃଦ୍ଧିପାଏ।

✶ମୁଖ୍ୟଦ୍ୱାର ସାମ୍ନାରେ ଦେବୀ ଓ ଦେବତାଙ୍କ ମନ୍ଦିର ସ୍ଥାପନ କଲେ ସେଠାରେ ସେମାନେ ବାସକରନ୍ତି ନାହିଁ। ଏହାଦ୍ୱାରା ଆପଣଙ୍କୁ କଷ୍ଟ ସହିବାକୁ ପଡ଼ିପାରେ।

✶କେବେ ବି ଘର ସାମ୍ନାରେ ଗାତ କିମ୍ବା କୂଅ ଖୋଳନ୍ତୁ ନାହିଁ। କୂଅ ଘର ସାମ୍ନାରେ ରହିବା ଦ୍ୱାରା ଘରେ ଅଶାନ୍ତି ଦେଖାଯାଏ।

ଖାଦ୍ୟରୁଚି

# ମୁଗଡାଲି ପକୁଡ଼ି



**ଆବଶ୍ୟକ ସାମଗ୍ରୀ :** ଦୁଇକପ୍ ମୁଗଡାଲି, ଦୁଇ ଚାମଚ ଅଦା ପେଷ୍ଟ, ୩-୪ଟି ରସୁଣ କୋଳା, ଗୋଟିଏ ବଡ଼ ଆକାରରେ କଟାହୋଇଥିବା ପିଆଜ, ଗୋଟିଏ ଟମାଟୋ, ଅଧା କପ କଟା ହୋଇଥିବା ଧନିଆପତ୍ର, ଲୁଣ, ଗୋଲ ମରିଚ, ଅଧା ଚାମଚ ଗୋଟା ଧନିଆ।

**ପ୍ରସ୍ତୁତି ପ୍ରଣାଳୀ :** ମୁଗଡାଲି ପକୁଡ଼ି ପ୍ରସ୍ତୁତ କରିବାକୁ ହେଲେ ସର୍ବପ୍ରଥମେ ମୁଗଡାଲିକୁ ଧୋଇ ୨-୩ ଘଣ୍ଟା ପାଇଁ ଭିଜାଇ ରଖିଦିଅନ୍ତୁ। ଏବେ ରଖାହୋଇଥିବା ମୁଗକୁ ଗ୍ରାଇଣ୍ଡ କରିଦିଅନ୍ତୁ। ଏଥର ମୁଗଡାଲିର ପେଷ୍ଟକୁ ଏକ ପାତ୍ରରେ କାଢ଼ିଦିଅନ୍ତୁ। ଏବେ କଟାହୋଇଥିବା ପିଆଜ, ଧନିଆଁପତ୍ର ଓ ଅଦା ପେଷ୍ଟକୁ ପକାନ୍ତୁ। ପୁନର୍ବାର କଟା ଧନିଆପତ୍ର, ଗୋଟା ଧନିଆ, ଗୋଲମରିଚ ଓ ଲୁଣ ପକାଇ ଭଲଭାବେ ମିକ୍ସ କରି ଦିଅନ୍ତୁ। ଏହି ମିଶ୍ରଣକୁ ଅଧିକ ପତଳା କିମ୍ବା ମୋଟା କରନ୍ତୁ ନାହିଁ। ଏହା କିଛି ସମୟ ରହିବା ପରେ ଏବେ ଗ୍ୟାସ୍ ଲଗାଇ ଦିଅନ୍ତୁ। କଡ଼େଇ ତାତିଲା ପରେ ସେଥିରେ ତେଲ ପକାନ୍ତୁ। ଏବେ ମିକ୍ସକୁ ଟିକେ ଛୋଟ ଛୋଟ ଆକାର କରି କଡ଼େଇରେ ପକାନ୍ତୁ। ଯେପର୍ଯ୍ୟନ୍ତ ଏହା ବ୍ରାଉନ୍ କଲର ନ ହୋଇଛି ସେ ପକୁଡ଼ିକୁ ଏପଟ ସେପଟ କରନ୍ତୁ। ଏହା ହୋଇଗଲା ପରେ କଡ଼େଇରୁ କାଢ଼ି ନିଅନ୍ତୁ। ଏବେ ଏହି ପକୁଡ଼ିକୁ ଗ୍ରୀନ ଚଟଣି ସହିତ ଖାଆନ୍ତୁ। ଗ୍ରୀନ୍ ଚଟଣି ପ୍ରସ୍ତୁତ କରିବାକୁ ହେଲେ କଟା ଟମାଟୋ, ଧନିଆ ପତ୍ର, ରସୁଣ, ଅଦା, ଲୁଣ ଓ ପାଣି ପକାଇ ଗ୍ରାଇଣ୍ଡ କରିଦିଅନ୍ତୁ। ଏବେ ଆପଣଙ୍କ ଚଟଣି ପ୍ରସ୍ତୁତ ହୋଇଗଲା। ପକୁଡ଼ିକୁ ଗାର୍ନିସିଂ କରିବାକୁ ହେଲେ କଟା ପିଆଜ ଓ ଧନିଆପତ୍ର ବ୍ୟବହାର କରିପାରିବେ।

# ଘରୋଇ ରୂପଚର୍ଯ୍ୟା

ସୌନ୍ଦର୍ଯ୍ୟ

ସବୁଦିନ ଏମିତି କିଛି ସମସ୍ୟାର ସାମ୍ନା କରିବାକୁ ପଡ଼ିଥାଏ, ଯାହାର ସହଜ ସମାଧାନ ହୋଇପାରିବ। କିନ୍ତୁ ଏହା ଆମକୁ ଜଣା ନ ଥାଏ। ଏ ନେଇ କେତୋଟି ଟିପ୍ସ ଆପଣେଇ ପାରନ୍ତି...



❖ଯଦି ଆପଣଙ୍କ କେଶ ଓଦା ହୋଇଛି ତାକୁ କମ୍ ସମୟରେ ଶୁଖାଇବା ଏତେ ସହଜ ହୋଇ ନ ଥାଏ। ଏଥିଲାଗି ଓଦା କେଶକୁ ଏକ ଟାୱେଲ୍‌ରେ ଗୁଡ଼ାଇ ରଖିବା ପରେ ତାକୁ ଡ୍ରାୟର ସାହାଯ୍ୟରେ ଶୁଖାନ୍ତୁ।

❖ଟାଣ ନଖକୁ କାଟିବା ସହଜ ହୋଇ ନ ଥାଏ। କେବେ କେବେ ଆମ ନଖ ଏତେ ଟାଣ ହୋଇଯାଇଥାଏ ଯେ ତାକୁ କାଟିବା ଓ ସେପ୍ ଦେବା ଏତେ ସହଜ ହୋଇ ନ ଥାଏ। ଗାଧୋଇବା ସମୟରେ ଆପଣଙ୍କ ନଖକୁ କିଛି ସମୟ ପାଣିରେ ବୁଡ଼ାଇ ରଖନ୍ତୁ। ପୁଣି କାମ କରନ୍ତୁ ଯେମିତିକି କପଡ଼ା ସଫା କରିବା,ବାସନ ମଜା ଏବଂ ଆଉ କିଛି କାମ କରିପାରିବେ। ଏହାପରେ ନଖ ନରମ ହୋଇଯାଏ, ଯାହାଦ୍ୱାରା ନଖ ଶେପ୍ ଦେବା ଏବଂ କାଟିବା ସହଜ ହୋଇଯିବ।

❖ଆଜିକାଲି ସୁନ୍ଦର ଦେଖାଯିବାକୁ ସମସ୍ତେ ଚାହାନ୍ତି ଏଥିପାଇଁ ବିଭିନ୍ନ ପ୍ରକାର ବିଉଟି ପ୍ରଡକ୍ଟ ବ୍ୟବହାର କରିଥାନ୍ତି, ଏଥିସହ ଫେସିଆଲ୍ କରିଥାନ୍ତି। ଫେସିଆଲ୍ କରିବା ସମୟରେ କିଛି କଥା ଉପରେ ନଜର ଦେବା ନିହାତି ଜରୁରୀ। ଆପଣ ଲକ୍ଷ୍ୟକରିଥିବେ କି ଯେତେବେଳେ ଫେସିଆଲ୍ କରୁଛନ୍ତି ସେହି ସମୟରେ ଆପଣଙ୍କ ମୁହଁ ଲାଲ୍ ହୋଇଯାଉଛି। ତେବେ ଏହି ସମୟରେ ସ୍ପ୍ରେ ବଟଲ ସାହାଯ୍ୟରେ ମୁହଁକୁ ଥଣ୍ଡା ପାଣିରେ ସ୍ପ୍ରେ କରନ୍ତୁ। ଏପରି କଲେ ମୁହଁ ଜ୍ୱଳନ ହେବନାହିଁ।

❖ଆପଣଙ୍କୁ ଯଦି କେଉଁଠିକୁ ଯିବାର ଥାଏ ତେବେ ଆପଣ ନେଲ୍‌ପଲିସ୍ ଲଗାଇଲେ ତାହା ସହଜରେ ଶୁଖି ନ ଥାଏ। ଏଥିପାଇଁ ଆପଣ ପ୍ରଥମେ ନେଲ୍‌ପଲିସ୍ ଲଗାଇ ତାକୁ କିଛି ସମୟ ପାଣିରେ ବୁଡ଼ାଇ ଦିଅନ୍ତୁ। ଏହାଦ୍ୱାରା ନେଲ୍‌ପଲିସ୍ ଜଲ୍‌ଦି ଛାଡ଼ି ନ ଥାଏ ଓ ଶୁଖାଇବାକୁ ହେଲେ ହେୟାର ଡ୍ରାଏ ବ୍ୟବହାର କରିପାରିବେ।

କେଶ ଧଳା ହୋଇଯାଇଥିଲେ

❖ଯଦି ଆପଣଙ୍କୁ ଜଲ୍‌ଦି ଯିବାର ଅଛି କୌଣସି ମିଟିଂ କିମ୍ବା ପାର୍ଟିରେ, ତେବେ ସେ ସମୟରେ ତ ଆପଣ କେଶକୁ କଲର କରିପାରିବେ ନାହିଁ। ଏଥିଲାଗି ଆପଣ ନିଜର କିଛି ବିଉଟି ପ୍ରଡକ୍ଟ ବ୍ୟବହାର କରି ଧଳା କେଶକୁ କଳାପାରିବେ। ଯେମିତିକି ମସ୍କରା ବ୍ୟବହାର କରି ଧଳା କେଶକୁ କଳା କରିପାରିବେ।



# ମେଡିକ୍ଲେମ୍ ପ୍ଲାନ୍



ଆଜିର ଲାଇଫ୍‌ଷ୍ଟାଇଲ ଏମିତି ହୋଇଗଲାଣି କାହାର କେତେବେଳେ ଶରୀର ଅସୁସ୍ଥ ହେବ ତାହା କେହି ଜାଣି ନ ଥାନ୍ତି। ଏସବୁ ଦିଗକୁ ଲକ୍ଷ୍ୟ କରି ଭବିଷ୍ୟତରେ କିଛି ମେଡିକାଲ୍ ଖର୍ଚ୍ଚରୁ ନିଜକୁ ରକ୍ଷା କରିବାକୁ ହେଲେ ମେଡିକ୍ଲେମ୍ ପ୍ଲାନ ନେବା ନିହାତି ଜରୁରୀ। ଏ ସମ୍ପର୍କରେ ଜାଣନ୍ତୁ କେତୋଟି ଟିପ୍ସ......

ଆଜି ସବୁ ବ୍ୟକ୍ତି ପ୍ରାୟତଃ ମେଡିକ୍ଲେମ୍ ପ୍ଲାନ୍ ବା ହେଲ୍‌ଥ ଇନ୍‌ସ୍ୟୁରାନ୍ସର ଆବଶ୍ୟକତାକୁ ବୁଝିଲେଣି, ଜାଣିଲେଣି କିନ୍ତୁ ହିସାବ କିତାବରେ ଏବେ ବି ଗଡ଼ବଡ଼ କରି ଦେଉଛନ୍ତି। ଦେଖିବାକୁ ଗଲେ ଅଧିକାଂଶ ବ୍ୟକ୍ତି ହେଲ୍‌ଥ ଇନ୍‌ସ୍ୟୁରାନ୍ସ ନେବା ସମୟରେ ଏତେଟା ଧ୍ୟାନ ଦିଅନ୍ତି ନାହିଁ। ନେବା ସମୟରେ ୨-୩ ଲକ୍ଷର ଇନ୍‌ସ୍ୟୁରାନ୍ସ ନେଇଥାନ୍ତି। କିନ୍ତୁ ଯେତେବେଳେ ଏମରଜେନ୍ସି ଆସେ ସେ କୌଣସି କାମରେ ଆସି ନ ଥାଏ। ଏହା କେବଳ ନାମକୁ ରହିଯାଏ। ଆପଣ ଏମିତି କରିନାହାନ୍ତି ତ? ଆପଣ କାଲ୍‌କୁଲେଟ୍ କରନ୍ତୁ କି ଆପଣ ଯେଉଁ ହେଲ୍‌ଥ ପ୍ଲାନ୍ ନେଇଛନ୍ତି ତାହା ଅନ୍‌ହେଲ୍‌ଦି ତ ନୁହେଁ।

### ପ୍ଲାନ୍ ନେବା ସମୟରେ ଏହି କଥାକୁ ଧ୍ୟାନରଖନ୍ତୁ

ହେଲ୍‌ଥ ଇନ୍‌ସ୍ୟୁରାନ୍ସ ନେବା ସମୟରେ ପ୍ରଥମେ ଏହାର ଏବିସି ଜାଣିବାକୁ ହେବ। ତେବେ ଯାଇ ଛୋଟ ଛୋଟ ଭୁଲ୍‌ରୁ ନିଜକୁ ରକ୍ଷା କରିପାରିବେ। ଯେତେ ଜଲ୍‌ଦି ହେବ ଏହି ପ୍ଲାନ୍ ନେଇଯାନ୍ତୁ। ସମସ୍ତେ ଏହି ପ୍ଲାନ୍ ନେବାକୁ ଆଗ୍ରହ ଦେଖାନ୍ତୁ। କିନ୍ତୁ ଅଧିକାଂଶ ଲୋକ ଅଧିକ କଭରେଜ୍ କମ୍ ପ୍ରିମିୟମ୍, ନୋ ଲୋଡିଂ, ବେଷ୍ଟ କ୍ଲେମ୍ ସେଟଲମେଣ୍ଟ, ଓପିଡି କଭର, ଫାଷ୍ଟ କ୍ଲେମ୍ ସେଟଲମେଣ୍ଟ ଓ ମ୍ୟାଟରନିଟି ଭଳି ଫିଚର୍ସ ଚକ୍କରରେ ଇନ୍‌ସ୍ୟୁରାନ୍ସ ନେବାକୁ ଦିନ ପରେ ଦିନ ଗଡ଼ାଇଥାନ୍ତି। ଯେତେ କମ୍ ବୟସରୁ ଇନ୍‌ସ୍ୟୁରାନ୍ସ ନେବେ, ପ୍ରିମିୟମ୍ ସେତେ କମ୍ ହେବ, ଦିନ ଗଡ଼ାଇ ଚାଲିବା ଦ୍ୱାରା ଆପଣଙ୍କୁ ଜଣା ପଡ଼ିବନି ଯେ ସମୟ କେତେ ଶୀଘ୍ର ପଳାଇଯାଇଛି।

### କାହାକୁ ବୀମା ଅନ୍ତର୍ଭୁକ୍ତ କରିବା

ଅଧିକାଂଶ ଲୋକ ନିଜକୁ, ନିଜ ସ୍ତ୍ରୀଙ୍କୁ ଓ ପିଲାଙ୍କୁ ବୀମା ଅନ୍ତର୍ଭୁକ୍ତ କରିଥାନ୍ତି। ହେଲେ ନିଜର ବୟସ୍କ ମାତାପିତାଙ୍କୁ ଅଣଦେଖା କରିଥାନ୍ତି। କିନ୍ତୁ ଏହି ବୟସରେ ମାତା ପିତାଙ୍କର ବୀମାର ବେଶି ଆବଶ୍ୟକତା ରହିଛି। ଯଦି ଆପଣ ବୟସ୍କ ଅଭିଭାବକଙ୍କ ବୀମା ନ କରୁଛନ୍ତି ତେବେ ତାଙ୍କର ହସ୍ପିଟାଲ ଖର୍ଚ୍ଚ ଆପଣଙ୍କୁ ବେଶି ଦେବାକୁ ପଡ଼ିପାରେ। ତେଣୁ ବୁଦ୍ଧିମାନ୍ ହୁଅନ୍ତୁ ଓ ନିଜର ଅଭିଭାବକଙ୍କୁ ବୀମା ଅନ୍ତର୍ଭୁକ୍ତ କରାନ୍ତୁ।

### ଫ୍ୟାମିଲି ଫ୍ଲୋଟର କିମ୍ବା ଇଣ୍ଡିଭିଜୁଆଲ ପ୍ଲାନ୍

ଯଦି ଆପଣ କେବଳ ସ୍ୱାମୀ, ସ୍ତ୍ରୀ କିମ୍ବା ସ୍ୱାମୀ ସ୍ତ୍ରୀ ସହ ଦୁଇଟି ପିଲା, ତେବେ ଆପଣ ଫ୍ୟାମିଲି ଫ୍ଲୋଟର ପ୍ଲାନ୍ ନେଇଯିବା ଦରକାର। ଇଣ୍ଡିଭିଜୁଆଲ୍ କଭର ତୁଳନାରେ ଫ୍ୟାମିଲି ଫ୍ଲୋଟର ଶସ୍ତା ହୋଇଥାଏ। କିନ୍ତୁ ଯଦି ଆପଣଙ୍କ ପରିବାରରେ ୫୦ବର୍ଷରୁ ଅଧିକ ବୟସ୍କର ପ୍ୟାରେଣ୍ଟସ୍ ଥାଆନ୍ତି ତେବେ ସମସ୍ତଙ୍କ ପାଇଁ ଫ୍ୟାମିଲି ଫ୍ଲୋଟର କିମ୍ବା ଇଣ୍ଡିଭିଜୁଆଲ୍ ପ୍ଲାନ୍ ନେବା ଠିକ୍ ହେବ। ଉଦାହରଣ ସ୍ୱରୂପ ଏଠାରେ କେତୋଟି ଟିପ୍ସ ଦିଆଯାଇଛି ଯାହାକୁ ଆପଣ ସହଜରେ ବୁଝିପାରିବେ ଯେ ଆପଣଙ୍କୁ କେଉଁ ପ୍ଲାନ୍ ନେବା ଭଲ ହେବ।

➤ଯଦି ଆପଣ ସ୍ୱାମୀ ସ୍ତ୍ରୀ ଦୁଇଟି ପିଲାଛୁଆ, ତେବେ ଏ କ୍ଷେତ୍ରରେ ସ୍ୱାମୀଙ୍କୁ ୩୨ ସ୍ତ୍ରୀକୁ ୩୦, ଗୋଟିଏ ପିଲାକୁ ୪ବର୍ଷ ଓ ଅନ୍ୟଟିକୁ ୨ ବର୍ଷ ତେବେ ଆପଣଙ୍କୁ ଅତିକମ୍‌ରେ ୫ ଲକ୍ଷର ପ୍ଲାନ୍ ନେବା ଜରୁରୀ। ଏଠାରେ ମଧ୍ୟ ଫ୍ୟାମିଲି ଫ୍ଲୋଟର ନେବା ଜରୁରୀ। କାରଣ ସମସ୍ତଙ୍କୁ ଏକାବେଳେ ଇନ୍‌ସ୍ୟୁରାନ୍ସର ଆବଶ୍ୟକତା ନାହିଁ। ଏହାର ପ୍ରିମିୟମ୍ ପାଖାପାଖି ୧୫ହଜାର ଟଙ୍କା ବର୍ଷକୁ ଦେବାକୁ ପଡ଼ିବ। ଏହା ଆପଣଙ୍କ ପରିବାର ପାଇଁ ପର୍‌ଫେକ୍ଟ ଏବଂ ଶସ୍ତା ମଧ୍ୟ ହେବ।

➤ଯଦି ଆପଣଙ୍କ ବୟସ ୪୦, ସ୍ତ୍ରୀଙ୍କ ବୟସ ୩୮, ପିଲାଙ୍କ ବୟସ ୧୨ ଓ ୧୦ବର୍ଷ ତେବେ ବି ଆପଣ ଫ୍ୟାମିଲି ଫ୍ଲୋଟର ପ୍ଲାନ୍ ନେବା ଜରୁରୀ। ଧରିନିଅନ୍ତୁ ଆପଣଙ୍କୁ ୧୦ଲକ୍ଷ ଟଙ୍କାର ପ୍ଲାନ୍ ନେବାର ଅଛି ତେବେ ଆପଣଙ୍କୁ ପାଖାପାଖି ୨୦ ହଜାର ପ୍ରିମିୟମ୍ ଦେବାକୁ ହେବ ବର୍ଷକୁ। ଏହି ବୟସରେ ଆପଣଙ୍କର ଓ ଆପଣଙ୍କ ସ୍ତ୍ରୀଙ୍କର ହସ୍ପିଟାଲ ଖର୍ଚ୍ଚ ବଢ଼ିପାରେ। ପିଲା ଯଦି ଛୋଟ ଅଛି ଏହି ପ୍ଲାନ୍ ଆପଣଙ୍କ ବେଷ୍ଟ ପ୍ଲାନ୍ ହେବ।

### ଲଙ୍ଗ୍ ଟର୍ମକୁ ଧ୍ୟାନରେ ରଖନ୍ତୁ

ଅଧିକାଂଶ ଲୋକ ହେଲ୍‌ଥ ଇନ୍‌ସ୍ୟୁରାନ୍ସ ଦେଖିଚାହିଁ କରିଥାନ୍ତି। ଯଦି ଆପଣ ଏବେ ଫିଟ୍ ଅଛନ୍ତି ୨୦-୨୫ବର୍ଷ ପରେ ଏହା ଆପଣଙ୍କ କାମରେ ଆସିପାରେ। ଧରି ନିଅନ୍ତୁ ଏବେ ଆପଣଙ୍କ ବୟସ ୩୦ ବର୍ଷ ଆଜି ଦିନରେ ହସ୍ପିଟାଲର ଖର୍ଚ୍ଚ ୫୦ହଜାରରୁ ୩ଲକ୍ଷ ଟଙ୍କା। କିନ୍ତୁ ୨୦ବର୍ଷ ପରେ ଯେତେବେଳେ ଆପଣ ୫୦ବର୍ଷର ହେବେ ତେବେ ଆପଣଙ୍କ ହସ୍ପିଟାଲ ଖର୍ଚ୍ଚ ପାଖାପାଖି ୧୬ଲକ୍ଷ ଟଙ୍କା ହେବ। ତେବେ ଏହି କଥାକୁ ଧ୍ୟାନରେ ରଖି ପଲିସି ନିଅନ୍ତୁ।

### କୋ-ପେମେଣ୍ଟ ବା ସବ୍ ଲିମିଟ୍ ବିଷୟରେ ପଚାରନ୍ତୁ

ଅଧିକାଂଶ ହେଲ୍‌ଥ ଇନ୍‌ସ୍ୟୁରାନ୍ସ ପଲିସିରେ କୋ-ପେମେଣ୍ଟ କିମ୍ବା ସବ୍ ଲିମିଟ୍ ଭଳି ପ୍ରାବଧାନ ରହିଛି। ସବ୍ ଲିମିଟ୍ ଅର୍ଥ କିଛି ମେଡିକାଲ କଣ୍ଡିସନ୍‌ରେ କିଛି ପ୍ରତିଶତ ଭାଗ ବ୍ୟବହାର କରିପାରିବେ। ଯେମିତିକି ଆପଣଙ୍କୁ କୌଣସି ସର୍ଜରି କରିବାର ଅଛି, କିନ୍ତୁ ଆପଣଙ୍କ ମେଡିକାଲ ପ୍ଲାନ୍‌ରେ ଏହି ସର୍ଜରିରେ ଆପଣଙ୍କର ସବ୍ ଲିମିଟ୍ ଅଛି। ଯଦି ଆପଣଙ୍କ ଇନ୍‌ସ୍ୟୁରାନ୍ସ ୫ଲକ୍ଷର ହୋଇଥାଏ, ତେବେ ଏଥିରୁ ୫୦ପ୍ରତିଶତ ହିଁ ଆପଣଙ୍କୁ ମିଳିବ। ପଲିସି ନେବା ପୂର୍ବରୁ ଏସବୁ ବିଷୟରେ କଥାବାର୍ତ୍ତା ହୋଇଯାନ୍ତୁ।

### ହସ୍ପିଟାଲ୍ ନେଟ୍‌ୱର୍କ ଯାଞ୍ଚ କରି ନିଅନ୍ତୁ

ପ୍ଲାନ୍ ନେବା ପୂର୍ବରୁ ବୀମା କମ୍ପାନୀର ହସ୍ପିଟାଲ ନେଟ୍‌ୱାର୍କ ବିଷୟରେ ସବିଶେଷ ତଥ୍ୟ ସଂଗ୍ରହ କରନ୍ତୁ। ଏହି ବୀମା କମ୍ପାନୀର ହସ୍ପିଟାଲ ଚେନ୍ ବିଷୟରେ ମଧ୍ୟ ଜାଣନ୍ତୁ। ଯଦି କିଛି ଅସୁବିଧା ହୁଏ ତେବେ ଏମରଜେନ୍ସି ସମୟରେ ମାନସିକ ସ୍ତରରେ ପ୍ରସ୍ତୁତ ରୁହନ୍ତୁ।

### ରୁମ୍ ରେଟ୍‌ର ଧ୍ୟାନରଖନ୍ତୁ

ରୁମ୍ ରେଟ୍ ଏକ ଏପରି ଏକ କଥା ଯାହାକୁ କେବେ ଆପଣ ଅଣଦେଖା କରିପାରିବେ ନାହିଁ। କାରଣ ଆପଣଙ୍କ ଚିକିତ୍ସାର ଖର୍ଚ୍ଚ ରୁମ୍‌ରେଟ୍ ହିସାବରେ କାଲ୍‌କୁଲେଟ୍ କରାଯାଇଥାଏ। ଧରି ନିଅନ୍ତୁ ଆପଣଙ୍କ ଇନ୍‌ସ୍ୟୁରାନ୍ସ ୩ଲକ୍ଷର, ତେବେ ଆପଣଙ୍କୁ ୩ହଜାର ମଧ୍ୟରେ ରୁମ୍ ନେଇପାରିବେ। ଯଦି ଏହାଠାରୁ ଅଧିକ ରୁମ୍ ଚାର୍ଜଥିବା ରୁମ୍ ନେବେ ତେବେ ଏହି ଟଙ୍କା ଆପଣଙ୍କ ପକେଟ୍‌ରୁ ଯିବ।

### ସୁପର ଟପ୍‌ଅପ୍ କରାନ୍ତୁ

ଭବିଷ୍ୟତକୁ ଲକ୍ଷ୍ୟକରି ଯଦି ପ୍ଲାନ୍ ନେବେ, ତେବେ ଆପଣ ୧୫ରୁ ୨୦ଲକ୍ଷ ହେଲ୍‌ଥ ଇନ୍‌ସ୍ୟୁରାନ୍ସ ନେବେ। କିନ୍ତୁ ଆମେ ଏଠାରେ ଏହା କହିବାକୁ ଚାହୁଁଛୁ ଇନ୍‌ସ୍ୟୁରାନ୍ସର ବେସ୍ କଭର କମ୍ ରଖନ୍ତୁ ଏହାର ସୁପର ଟପ୍‌ଅପ୍ ଅଧିକ କରନ୍ତୁ। ଏହାଦ୍ୱାରା ଆପଣଙ୍କ ପ୍ରିମିୟମ୍‌ରୁ ପାଖାପାଖି ୨୦-୨୫ ପ୍ରତିଶତ କମ୍ ହୋଇଯାଏ।

-ମହାଶ୍ୱେତା ନାୟକ

### କ'ଣ କରନ୍ତି ଏମାନେ

**ଆଜିକାଲି ମେଡିକ୍ଲେମ୍ ନେବା ଗୁରୁତ୍ୱପୂର୍ଣ୍ଣ:** *-ସଞ୍ଜିତା ଲେଙ୍କା, ଏଚ୍‌ଓଡି, ମ୍ୟାନେଜମେଣ୍ଟ, ସି.ଭି.ରମଣ ଗ୍ଲୋବାଲ ୟୁନିଭର୍ସିଟି, ଯାଆଁଳା, ଭୁବନେଶ୍ୱର*



୩ବର୍ଷ ପାଖାପାଖି ହେବ ଆମେ ମେଡିକ୍ଲେମ୍ ପ୍ଲାନ୍ ନେଇଛୁ। ଆଜିକାଲି ଲାଇଫ୍‌ଟା ଅନ୍‌ସର୍ଟେନ କେତେବେଳେ କ'ଣ ହେବ ଏଥିପାଇଁ ଆମେ ମେଡିକ୍ଲେମ୍ ପ୍ଲାନ୍ ନେବା ଜରୁରୀ। ଯଦି ମୁଁ କୌଣସି କର୍ପୋରେଟ୍ ହସ୍ପିଟାଲ୍‌ରେ ମୋର ଟ୍ରିଟ୍‌ମେଣ୍ଟ କରିବି ତେବେ ସେ ଅନୁଯାୟୀ ମୋତେ ପ୍ରିମିୟମ ଦେବାର ଅଛି। ଗୋଟେ ମାଇନର ଅପରେଶନ୍‌ରେ କେତେ ଟଙ୍କା ଖର୍ଚ୍ଚ ହୋଇଯାଉଛି। ଯଦି କିଛି ମେଜର ଅପରେଶନ୍ ରହିବ ତେବେ ଆମକୁ ୩ଗୁଣା ଦେବାକୁ ହେବ। ରୁମ୍ ନେବାକୁ ହେଲେ ତାହା ଠିକ୍‌ଠାକ୍ କି ନାହିଁ ତାହା ଆପଣଙ୍କ ନେଇଥିବା ମେଡିକ୍ଲେମ୍ ଭିତରେ କଭର ହୋଇପାରିବ କି ନାହିଁ ଏସବୁ ଦିଗକୁ ମଧ୍ୟ ଧ୍ୟାନଦେବାକୁ ପଡ଼ିବ।

**ସବୁ କଥା ଭଲ ଭାବରେ ବୁଝିଥିଲି:** *-ମୋନାଲିସା ସ୍ୱାଇଁ, ଗୃହିଣୀ, ଜିଜିପି କଲୋନୀ, ଭୁବନେଶ୍ୱର)*



କଥାରେ ଅଛି ସ୍ୱାସ୍ଥ୍ୟ ହିଁ ସମ୍ପଦ। ତେଣୁ ବର୍ତ୍ତମାନ ଧାଁଧପଡ ଜୀବନରେ ନିଜ ସ୍ୱାସ୍ଥ୍ୟ ପ୍ରତି ସତର୍କ ରହିବା ନିହାତି ଜରୁରୀ। ଏବେ ଏଥିପାଇଁ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ବୀମା ଯୋଜନାର ସୁବିଧା ରହିଛି। ପ୍ରାୟ ପାଞ୍ଚ ବର୍ଷ ହେବ ମୁଁ ଏକ ପ୍ରାଇଭେଟ ହେଲଥ ପଲିସି କରିଛି। ସେତେବଳେ ଏହାର ସବୁ କଥା ପ୍ରଥମେ ଭଲ ଭାବରେ ବୁଝିଲି। ମନରୁ ସବୁ ପ୍ରକାର ଦ୍ୱନ୍ଦ ଦୂର ହେବା ପରେ ମୋ ପରିବାର ପାଇଁ ତିନି ଲକ୍ଷ ଟଙ୍କାର ଏକ ପଲିସି କରିଛି। ଏହାର ନୀତିନିୟମ ଅନୁସାରେ ପ୍ରିମିୟମ ଦେଉଛି। ଗତ ବର୍ଷ ଏକ ସ୍ୱାସ୍ଥ୍ୟ ସମସ୍ୟା ପାଇଁ ମୁଁ ଏହି ପଲିସିକୁ ଉପଯୋଗ କରି ସେଥିରୁ ସଫଳତା ପାଇଥିଲି।





ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୨୭/୨୦୨୨ Bhubaneswar, Tuesday, September 27/ 2022

# ‘ଚେସ୍ ଇତିହାସର ସବୁଠାରୁ ବଡ଼ ସ୍କାଣ୍ଡାଲ’

**ସେଣ୍ଟ ଲୁଇସ୍, ମିସୋରି (ଆମେରିକା) ୨୬।୯**


ମାଗ୍ନସ କାର୍ଲସେନ


ହାନ୍ସ ନିମାନ୍

ଚଳିତ ମାସ ପ୍ରଥମ ଭାଗରେ ଅନୁଷ୍ଠିତ ‘ସିନ୍‌କ୍ୱିଫିଲ୍ଡ କପ୍’ରେ ବିଶ୍ୱ ଚାମ୍ପିୟନ ମାଗ୍ନସ କାର୍ଲସେନ ଓ ଆମେରିକାର ୧୯ବର୍ଷୀୟ ହାନ୍ସ ନିମାନ୍‌ଙ୍କ ମଧ୍ୟରେ ଖେଳାଯାଇଥିବା ମ୍ୟାଚର ଘଟଣାବଳୀକୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି। ନିମାନଙ୍କଠାରୁ କାର୍ଲସେନଙ୍କ ପରାଜୟକୁ ନେଇ ଚେସ୍ ଜଗତରେ ବିବାଦ ସୃଷ୍ଟି ହୋଇଛି। କେତେକେ ଏହାକୁ ଚେସ୍ ଇତିହାସର ସବୁଠାରୁ ବଡ଼ ସ୍କାଣ୍ଡାଲ ବୋଲି କହିବାକୁ ମଧ୍ୟ ପଛାଇ ନାହାନ୍ତି। ନିମାନଙ୍କ ମ୍ୟାଚ

## ନିମାନଙ୍କଠାରୁ କାର୍ଲସେନଙ୍କ ପରାଜୟକୁ ନେଇ ବିବାଦ

ପୂର୍ବରୁ କାର୍ଲସେନ କ୍ରମାଗତ ୫୩ଟି ଗେମ୍‌ରେ ଅପରାଜିତ ରହିଥିଲେ। ଧଳା ଗୋଟି ନେଇ ଖେଳୁଥିବାରୁ ଫାଇଦାରେ ମଧ୍ୟ ରହିଥିଲେ। ଟୁର୍ନାମେଣ୍ଟରେ ନିମ୍ନ ର୍‌ୟାଙ୍କିଙ୍ଗପ୍ରାପ୍ତ ଖେଳାଳି ଭାବେ ପ୍ରବେଶ କରିଥିବା ଜଣେ ଖେଳାଳିଙ୍କୁ ସେ ସାମ୍ନା କରିଥିଲେ। ମ୍ୟାଚର ଅଗ୍ରଗତି ଉପରେ ନଜର ରଖିଥିବା ଅଳ୍ପ କେତେଜଣ ଏକ ବିପର୍ଯ୍ୟୟ ଆଶା କରୁଥିଲେ, ତାହାହିଁ ଘଟିଥିଲା। ହେଲେ କାର୍ଲସେନ ଏହି ଗେମ୍ ହାରିବା ଅସ୍ୱାଭାବିକ ଥିଲା। ପରଦିନ ଏକ ଅଭୂତପୂର୍ବ କଥା ଦେଖିବାକୁ ମିଳିଲା। ବିଶ୍ୱର ନମ୍ବର ୱାନ ଚେସ୍ ଷ୍ଟାର ବିନା କୌଣସି କାରଣ ଦର୍ଶାଇ ଟୁର୍ନାମେଣ୍ଟରୁ ଓହରିଯାଇଥିଲେ। ଟୁଇଟର ସେ ତାଙ୍କର ଏକ ଛୋଟ ବକ୍ତବ୍ୟ ପୋଷ୍ଟ କରିଥିଲେ। ସେ ଟୁର୍ନାମେଣ୍ଟରୁ ଓହରିଯାଇଥିବା ଏଥିରେ ଉଲ୍ଲେଖ କରିଥିଲେ। ଏସ୍‌ଟିଏଲ୍ ଚେସ୍ କ୍ଲବରେ ଖେଳିଲା ବେଳେ ସେ ସବୁବେଳେ ଉପଭୋଗ କରିଛନ୍ତି। ଭବିଷ୍ୟତରେ ମଧ୍ୟ ସେ ଏଠାକୁ ଖେଳିବା ପାଇଁ ଆସିବେ। ଏଥିସହିତ ସେ ପର୍ତ୍ତୁଗୀଜ୍ ଫୁଟ୍‌ବଲ ମ୍ୟାନେଜର ଜୋସ୍ ମୋରିନୋଙ୍କ ଏକ ଭିଡିଓ କ୍ଲିପ୍ ସଂଲଗ୍ନ କରିଥିଲେ। ଓହରିଯିବା କାରଣ ସମ୍ପର୍କରେ ସେ କିଛି କହୁ ନାହାନ୍ତି। ମୁହଁ ଖୋଲିଲେ ନିଜେ ବଡ଼ ସମସ୍ୟାରେ ପଡ଼ିଯିବେ ବୋଲି ଅନୁଭବ କରୁଛନ୍ତି।

କାର୍ଲସେନ୍ ଯଦିଓ ସ୍ପଷ୍ଟ ଭାବେ କିଛି କହି ନାହାନ୍ତି ତେବେ ତାଙ୍କର ପ୍ରତିଯୋଗିତାରୁ ଓହରିଯିବା ଏବଂ ସେ ପୋଷ୍ଟ କରିଥିବା ଭିଡିଓ କ୍ଲିପିଂରୁ ସ୍ପଷ୍ଟ ବାରି ହୋଇଯାଉଛି ଯେ ଏହି ମ୍ୟାଚରେ କିଛି ଗୋଟିଏ କାରସାଦି ହୋଇଛି। ନିମ୍ୟାନ କିନ୍ତୁ ତାଙ୍କ ବିରୋଧରେ ଅଣାଯାଇଥିବା ଅଭିଯୋଗର ଦୃଢ଼ ଖଣ୍ଡନ କରିଛନ୍ତି। ହେଲେ ଚେସ୍ ଇତିହାସରେ ଏଭଳି ଘଟଣାର ନଜିର ନ ଥିବାରୁ ଖେଳାଳି, କୋଚ୍, ୟୁଟ୍ୟୁବର, ଷ୍ଟ୍ରିମର ଓ ଖେଳପ୍ରେମୀମାନେ ଏହାକୁ ସହଜରେ ହଜମ କରିପାରୁନାହାନ୍ତି। ୟୁଟ୍ୟୁବ୍ ଚ୍ୟାନେଲରେ ଚେସ୍ ଭିତ୍ତିକ କାର୍ଯ୍ୟକ୍ରମ ଉପସ୍ଥାପନ କରି ଲୋକପ୍ରିୟତା ଅର୍ଜନ କରିଥିବା ଓ ଜଣେ ଅନ୍ତର୍ଜାତୀୟ ମାଷ୍ଟର ଲେଭି ରୋଜମ୍ୟାନ କହିଛନ୍ତି, କାର୍ଲସେନଙ୍କ ଭଳି ଜଣେ ଖେଳାଳି ଟୁର୍ନାମେଣ୍ଟ ଛାଡ଼ି ଚାଲିଯିବା ଅର୍ଥ ତାଙ୍କ ପ୍ରତି କିଛି ଅବିଚାର କରାଯାଇଛି। ଏହାକୁ ସେ ଇତିହାସର ସବୁଠାରୁ ବଡ଼ ଚେସ୍ ସ୍କାଣ୍ଡାଲ ବୋଲି ଅଭିହିତ କରିଛନ୍ତି। ଜଣେ ଗ୍ରାଣ୍ଡମାଷ୍ଟର ଏରିକ୍ ହାନ୍‌ସେନ ଏକ ଲାଇଭଷ୍ଟ୍ରିମ୍‌ରେ କହିଛନ୍ତି ନିମ୍ୟାନ ହୁଏତ ଏକ କ୍ଷୁଦ୍ର ଲେଜର ବ୍ୟବହାର କରିଥାଇପାରନ୍ତି ଯାହାକି ବୋର୍ଡରେ ଅଲଟ୍ରା ଭାଓଲେଟ୍ ଲାନ୍ ଆଙ୍କି ପାରିବ। ତାହା କେବଳ ସୋଏସିଆଲ (ଏସ୍‌ଆଇସି) କଣ୍ଟାକ୍ଟସ ଜରିଆରେ ଦୃଶ୍ୟମାନ ହୋଇପାରିବ। ମ୍ୟାଚ ପରେ ନିମାନ ଏକ ସାକ୍ଷାତ୍‌କାରରେ କହିଛନ୍ତି, ମୋ ଭଳି ଛୋଟ ଖେଳାଳିଙ୍କ ଠାରୁ ପରାଜିତ ହୋଇଥିବାରୁ କାର୍ଲସେନ ବିବ୍ରତ ହୋଇ ପଡ଼ିଥିଲେ। ମୋତେ ହତୋତ୍ସାହିତ କରିବା ଲାଗି ସେ ଏପରି କହୁଛନ୍ତି।

### ଫିଡେର ଭର୍ତ୍ସନା

ଗ୍ରାଣ୍ଡମାଷ୍ଟର ହାନ୍ସ ନିମ୍ୟାନ ବିପକ୍ଷ ଏକ ଅନ୍ ଲାଇନ୍ ଚେସ୍ ଗେମ୍ ପରେ ଟୁର୍ନାମେଣ୍ଟ ଅଧାରୁ ଓହରିଯାଇଥିବାରୁ ଇଣ୍ଟରନ୍ୟାଶନାଲ ଚେସ୍ ଫେଡେରେଶନ (ଫିଡେ) ବିଶ୍ୱ ଚାମ୍ପିୟନ ମାଗ୍ନସ କାର୍ଲସେନଙ୍କୁ ଭର୍ତ୍ସନା କରିଛି। ଏହାଦ୍ୱାରା ଚେସ୍ ଖେଳର ଭାବମୂର୍ତ୍ତିରେ ଆଞ୍ଚ ଆସିଛି। ପରିସ୍ଥିତିକୁ ଉତ୍ତମ ଉପାୟରେ ହାତେଇ ହୋଇପାରିଥାନ୍ତା। କାର୍ଲସେନ ହେଉଛନ୍ତି ଖେଳର ଜଣେ ଗ୍ଲୋବାଲ ଆମ୍ବାସାଡର। ତାଙ୍କଠାରୁ ଏଭଳି ଆଚରଣ ଶୋଭନୀୟ ନୁହେଁ ବୋଲି ଫିଡେ କହିଛି।

# ଝାଡ଼ଖଣ୍ଡକୁ ହରାଇଲା ଓଡ଼ିଶା

**ଭୁବନେଶ୍ୱର, ୨୬।୯ (କ୍ରୀଡ଼ା ପ୍ରତିନିଧି)**


ସୁଶ୍ରୀ ଦିବ୍ୟଦର୍ଶିନୀ

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଘରୋଇ କ୍ରିକେଟ ସିଜନ ପାଖେଇ ଆସିଥିବାବେଳେ ପ୍ରସ୍ତୁତି ସ୍ୱରୂପ ଓଡ଼ିଶା, ଝାଡ଼ଖଣ୍ଡ ଓ ବେଙ୍ଗଲ ସିନିୟର ଦଳ ମଧ୍ୟରେ ସମ୍ଭାବ୍ୟ ଖେଳାଳିଙ୍କୁ ନେଇ ଅଭ୍ୟାସ ମ୍ୟାଚ ଚାଲିଛି। ଏହି କ୍ରମରେ କିଟ୍ କ୍ରିକେଟ ଗ୍ରାଉଣ୍ଡରେ ସୋମବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ୧୨ ରନରେ ଝାଡ଼ଖଣ୍ଡକୁ ପରାସ୍ତ କରିଛି। ଓଡ଼ିଶା ସିନିୟର ମହିଳା ସମ୍ଭାବ୍ୟ ଦଳ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୯ ଉଇକେଟ ହରାଇ ୭୮ ରନ କରିଥିଲା। ଦଳ ପକ୍ଷରୁ ସରିତା ମେହେର ସର୍ବାଧିକ ୩୮ ଓ ସୁଶ୍ରୀ ଦିବ୍ୟଦର୍ଶିନୀ ୧୨ ରନ

## ତ୍ରିଦଳୀୟ ଆମନ୍ତ୍ରଣୀୟ ମହିଳା କ୍ରିକେଟ

କରିଥିଲେ। ଝାଡ଼ଖଣ୍ଡର ନିହାରିକା ୨ଟି ଉଇକେଟ ନେଇଥିଲେ। ୭୯ ରନ ବିଜୟ ଲକ୍ଷ୍ୟରେ ଝାଡ଼ଖଣ୍ଡ ଦଳ ପୂରା ୨୦ ଓଭର ଖେଳିଥିଲେ ହେଁ ୮ ଉଇକେଟ ହରାଇ ୬୬ ରନରେ ସୀମିତ ରହିଥିଲା। ଦଳ ପକ୍ଷରୁ ନିହାରିକା ସର୍ବାଧିକ ୧୬ ରନ କରି ପାରିଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ ସୁଜାତା ମଲିକ ଓ ସୁଶ୍ରୀ ଦିବ୍ୟଦର୍ଶିନୀ ୩ଟି ଲେଖାଏ ଉଇକେଟ ନେଇଥିଲେ।




# କାର୍ତ୍ତିକଙ୍କୁ ଅଧିକ ସୁଯୋଗ ଦିଆଯିବ: ରୋହିତ

**ହାଇଦ୍ରାବାଦ, ୨୬।୯ (ପି.ଟି.)**


ଦୀନେଶ କାର୍ତ୍ତିକ

ଆସନ୍ତା ମାସରେ ଟି୨୦ ବିଶ୍ୱକପ ଖେଳାଯିବାକୁ ଥିବାବେଳେ ଉଇକେଟ କିପର ଦୀନେଶ କାର୍ତ୍ତିକଙ୍କୁ ଅଧିକ ବ୍ୟାଟିଂ ସୁଯୋଗ ଦିଆଯିବ ବୋଲି ଟିମ୍ ଇଣ୍ଡିଆ ଅଧିନାୟକ ରୋହିତ ଶର୍ମା ସୂଚନା ଦେଇଛନ୍ତି। ଭାରତ ଏହାର ପ୍ଲେଇଂ ଏକାଦଶରେ କାର୍ତ୍ତିକ ଏବଂ ରିଷଭ ପନ୍ତଙ୍କୁ ରୋଟେଶନ କରି ଖେଳାଉଛି। ଯୁବ ଉଇକେଟ କିପର ପନ୍ତଙ୍କୁ ଏସିଆ କପ୍‌ରେ ପ୍ରାଧାନ୍ୟ ଦିଆ ଯାଇଥିବାବେଳେ ଭେଟେରାନ କାର୍ତ୍ତିକଙ୍କୁ ଅଷ୍ଟ୍ରେଲିଆ ବିପକ୍ଷ ସିରିଜରେ ନିଆ ଯାଇଥିଲା। ତେବେ ସେ ଅଧିକ ବଲ୍ ଖେଳିବା ସୁଯୋଗ ପାଇ ନ ଥିଲେ। ଅଷ୍ଟ୍ରେଲିଆ ବିପକ୍ଷରେ କାର୍ତ୍ତିକ ମାତ୍ର ୭ଟି ବଲ୍‌ର ସମ୍ମୁଖୀନ ହୋଇଥିଲେ। ପନ୍ତ ଗୋଟିଏ ମ୍ୟାଚରେ ସାମିଲ ଥିଲେ ହେଁ ବ୍ୟାଟିଂ କରିବା ସୁଯୋଗ ପାଇ ନ ଥିଲେ। ବିଶ୍ୱକପ ପୂର୍ବରୁ ଉଭୟ ଉଇକେଟ କିପର ଖେଳିବା ସୁଯୋଗ ପାଆନ୍ତୁ ବୋଲି ମୁଁ ଚାହୁଁଛି। ଏସିଆ କପ୍‌ରେ ମଧ୍ୟ ଉଭୟ ଦଳରେ ସାମିଲ ଥିଲେ ବୋଲି ରବିବାର ଅଷ୍ଟ୍ରେଲିଆ ବିପକ୍ଷରେ ସିରିଜ ବିଜୟ ପରେ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି ରୋହିତ।

ବିଶ୍ୱକପ ପୂର୍ବରୁ ଭାରତ ୩ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳିବ। ପରିସ୍ଥିତିକୁ ଦେଖି ପନ୍ତ ଓ କାର୍ତ୍ତିକଙ୍କୁ ଚୂଡ଼ାନ୍ତ ଦଳରେ ସାମିଲ କରାଯିବ ବୋଲି ରୋହିତ ସୂଚନା ଦେଇଛନ୍ତି। ଆମେ ଦକ୍ଷିଣ ଆଫ୍ରିକାର ବୋଲିଂ ଦେଖିବାକୁ ଅପେକ୍ଷା କରିଛୁ। ବୋଲିଂ ଲାଇନ୍‌ଅପ୍ ଦେଖିବାପରେ ତାକୁ ମୁକାବିଲା କଲାଭଳି ବ୍ୟାଟିଂ ଲାଇନ୍‌ଅପ୍ ପ୍ରସ୍ତୁତ କରିବୁ। ବୋଲି ରୋହିତ ପ୍ରକାଶ କରିଛନ୍ତି।

# ଶାହବାଜ, ଆୟାରଙ୍କୁ ସୁଯୋଗ

**ନୂଆଦିଲ୍ଲୀ, ୨୬।୯ (ପି.ଟି.)**

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ୩ ମ୍ୟାଚ ବିଶିଷ୍ଟ ଟି୨୦ କ୍ରିକେଟ ସିରିଜ ଚଳିତ ମାସ ୨୮ ତାରିଖରେ ଥିରୁଭାନନ୍ତପୁରମଠାରେ ଆରମ୍ଭ ହେବ। ଏହି ସିରିଜ ପାଇଁ ପୂର୍ବ ଘୋଷିତ ଭାରତୀୟ ଦଳରେ କେତେକ ପରିବର୍ତ୍ତନ କରାଯାଇଛି। କୋଭିଡ-୧୯ରୁ ମୁକ୍ତି ନ ଥିବାରୁ ଦ୍ରୁତ ବୋଲର ମହମ୍ମଦ ଶାମି ଓହରି ଯାଇଥିବାରୁ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ବିଶ୍ରାମ ଦିଆ ଯାଇଛି। ସେହିପରି ଦୀପକ ହୁଡା ପିଠିରେ ଯନ୍ତ୍ରଣା ଅନୁଭବ କରୁଥିବାରୁ ଖେଳି ପାରିବେ ନାହିଁ। ତେଣୁ ଦଳରେ ବେଙ୍ଗଲ ଅଲ୍‌ରାଉଣ୍ଡର ଶାହବାଜ ଅହମଦ ଏବଂ ଶ୍ରେୟସ ଆୟାରଙ୍କୁ ସାମିଲ କରାଯାଇଛି। “ଶାମି କୋଭିଡ-୧୯ରୁ ମୁକ୍ତି ନ ନାହାନ୍ତି। ତେଣୁ ସେ ସୁସ୍ଥ ହେବାକୁ ସମ୍ଭବତଃ ଆଉକିଛି ଦିନ ସମୟ ଲାଗିବ। ତେଣୁ ସେ ଓହରି ଯାଇଛନ୍ତି। ଶାମିଙ୍କ ବଦଳ ଖେଳାଳିଭାବେ ଉମେଶ ଯାଦବ ଦଳରେ ରହିବେ” ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡର ଜଣେ କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ଇରାନୀ କପ୍‌ରେ ସୌରାଷ୍ଟ୍ର ବିପକ୍ଷରେ ହନୁମା ବିହାରୀ ଅବଶିଷ୍ଟ ଭାରତ ଏକାଦଶର ନେତୃତ୍ୱ ନେବେ।

# ଭାରତର ଶୀର୍ଷ ସ୍ଥାନ ମଜଭୁତ

**ଦୁବାଇ, ୨୬।୯ (ପି.ଟି.):** ହାଇଦ୍ରାବାଦରେ ଅଷ୍ଟ୍ରେଲିଆ ବିପକ୍ଷରେ ସିରିଜ ବିଜୟ ଦ୍ୱାରା ଆଇସିସି ଟି୨୦ ର୍‌ୟାଙ୍କିଙ୍ଗରେ ଭାରତର ସ୍ଥିତି ଆହୁରି ସୁଦୃଢ଼ ହୋଇଛି। ଦ୍ୱିତୀୟ ସ୍ଥାନରେ ରହିଥିବା ଇଂଲଣ୍ଡଠାରୁ ୭ ରେଟିଂ ପଏଣ୍ଟ ଆଗରେ ରହିଛି। ଅଷ୍ଟ୍ରେଲିଆରେ ହେବାକୁଥିବା ବିଶ୍ୱକପ୍ ପୂର୍ବରୁ ନମ୍ବର ୱାନ ୬ସ୍ଥାନ ବଜାୟ ରଖିବାକୁ ହେଲେ ଭାରତ ପାଇଁ ଆଗାମୀ ଦକ୍ଷିଣ ଆଫ୍ରିକା ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ସିରିଜରେ ଏକ ସୁଯୋଗ ରହିଛି।

# ଲଣ୍ଡନ ହୋଟେଲରେ ଟାନିଆ ଭାଟିଆଙ୍କ ରୁମ୍‌ରୁ ଚୋରି

**ନୂଆଦିଲ୍ଲୀ, ୨୬।୯ (ପି.ଟି.)**



ଭାରତୀୟ ମହିଳା କ୍ରିକେଟ ଦଳ ଇଂଲଣ୍ଡ ଟୁର୍ ବେଳେ ଉଇକେଟକିପର ବ୍ୟାଟର ଟାନିଆ ଭାଟିଆ ଲଣ୍ଡନସ୍ଥିତ ମାରିଅଟ ହୋଟେଲରେ ଅବସ୍ଥାନ କରିଥିଲେ। ସେତେବେଳେ ତାଙ୍କ ରୁମ୍‌ରୁ ତାଙ୍କର କିଛି ମୂଲ୍ୟବାନ ଜିନିଷପତ୍ର ଚୋରି ହୋଇଯାଇଛି। ତନ୍ମଧ୍ୟରେ ଅଳଙ୍କାର, ନଗଦ ଟଙ୍କା, ହାତ ଘଣ୍ଟା ଓ କିଛି କାର୍ଡ ରହିଛି। ଏନେଇ ହୋଟେଲ କର୍ତ୍ତୃପକ୍ଷଙ୍କ ନିକଟରେ ସେ ଅଭିଯୋଗ କରିଛନ୍ତି। ଚୋରି ଘଟଣାର ତଦନ୍ତ ସହ ଆବଶ୍ୟକ ପଦକ୍ଷେପ ନେବା ଲାଗି ଅନୁରୋଧ କରିଛନ୍ତି। ନିକଟରେ ଭାରତର ୟୁନାଇଟେଡ୍ କିଙ୍ଗଡମ୍ (ୟୁକେ) ଟୁର୍ ଶେଷ ହୋଇଛି। ଭାରତ ଏଥିରେ ଆୟୋଜକ ଇଂଲଣ୍ଡ ବିପକ୍ଷ ଅନ୍ତର୍ଜାତୀୟ ଦିନିକିଆ ସିରିଜରେ ୩-୦ରେ କ୍ଲିନ୍ ସୁଇପ୍ ବିଜୟ ହାସଲ କରିଛି। ଏହି ୨୪ ବର୍ଷୀୟା ଖେଳାଳିଙ୍କ ଅଭିଯୋଗ ପରେ ହୋଟେଲ କର୍ତ୍ତୃପକ୍ଷ ଟୁଇଟର ହ୍ୟାଣ୍ଡେଲ ଜରିଆରେ ଦୁଃଖ ପ୍ରକାଶ କରିଛନ୍ତି। ଏଥିସହିତ ସେମାନେ ଟାନିଆଙ୍କ ଇମେଲ ଠିକଣା ମଗାଇଛନ୍ତି ଏବଂ ସେ କେବେ ରୁମ୍ ବୁକ୍ କରିଥିଲେ ଏବଂ କେତେ ଦିନ ରହିଥିଲେ ତାହାର ଏକ ବିବରଣୀ ଦେବାକୁ ଲେଖିଛନ୍ତି।



BHUBANESWAR: Jyote Motors: 7064499354, 7064499352, Narayani Motors: 7381000406, 7381093625, Sky Automobiles: 9078080819 PURI: Narayani Motors:7381000168 PARADEEP: Narayani Motors: 9583022097 KEONJHAR/NAYAGARH/BALUGAON: Jyote Motors: 7064499354 CUTTACK: Sky Automobiles: 9078080819, Tushi Motors Pvt Ltd: 9078073430 JAJPUR:Jajpur, Sky Automobiles: 9078080819.

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ପୂର୍ବତନ ସରପଞ୍ଚଙ୍କ ପରଲୋକ

**ଆସିକା,୨୬।୯(ଡି.ଏନ.ଏ):** ଆସିକା ବ୍ଲକ ଗୁଣ୍ଡପଡା ପଞ୍ଚାୟତର ପୂର୍ବତନ ସରପଞ୍ଚ



ସୁରେନ୍ଦ୍ର ଦଳାଇ(୬୨)ଙ୍କ ରବିବାର ବିଳମ୍ବିତ ରାତିରେ ପରଲୋକ ଘଟିଛି। ଗତ ୪ମାସ ହେଲା ସେ ଅସୁସ୍ଥ ଥିଲେ। ଶନିବାର ଶ୍ୱାସକ୍ରିୟା ଜନିତ ଅସୁବିଧା ହେବାରୁ ଆସିକା ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ । ସେଠାରୁ ତାଙ୍କୁ ବ୍ରହ୍ମପୁର ବଡମେଡିକାଲକୁ ପଠାଇ ଦିଆଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କ ସ୍ତ୍ରୀ ତଥା ସରପଞ୍ଚ ଶୈଳବାଳା ଦଳାଇ ଏବଂ ପୁଅ ନିରାକାର ଓ ରାଧାକୃଷ୍ଣ ଉପସ୍ଥିତ ଥିଲେ। ସୁରେନ୍ଦ୍ର ୧୯୯୨ ରୁ ୧୯୯୫ ଓ ୨୦୦୨ ରୁ ୨୦୦୭ ଦୁଇଥର ଗୁଣ୍ଡପଡାର ସରପଞ୍ଚ ରହି ପଞ୍ଚାୟତବାସୀଙ୍କ ପ୍ରିୟଭାଜନ ହୋଇଥିଲେ। ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ଓ ପୂର୍ବତନ ବ୍ଲକ ଅଧକ୍ଷ ହରେକୃଷ୍ଣ ମଲିକ ସ୍ୱର୍ଗତ ଦଳାଇଙ୍କ ବାସଭବନରେ ପହଞ୍ଚି ଶୋକବ୍ୟକ୍ତ କରିବା ସହ ପରିବାରକୁ ସମବେଦନା ଜଣାଇଥିଲେ।

### ସମ୍ବିଧାନ ଓ ବୈଜ୍ଞାନିକ ଚିନ୍ତନ ଉପରେ ଆଲୋଚନାଚକ୍ର

**ଭଞ୍ଜନଗର,୨୬।୯(ଡି.ଏନ.ଏ):** ଭଞ୍ଜନଗର ବ୍ଲକ ବାଉଁଶଲୁଣ୍ଡି ରାଧାକୃଷ୍ଣ ପାଠାଗାରରେ ଶନିବାର ଭାରତୀୟ ସମ୍ବିଧାନ ଓ ବୈଜ୍ଞାନିକ ଚିନ୍ତନ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ସଭାପତି ନିରଞ୍ଜନ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବରିଷ୍ଠ ଆଇନଜୀବୀ ବୈଦ୍ୟନାଥ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଜି.ଉଦୟଗିରି କଳିଙ୍ଗା ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ଅଧାପକ ଡ଼.ରାଜେଶ ବାଗ୍ ମୁଖ୍ୟବକ୍ତା ଏବଂ ବରିଷ୍ଠ ଲେଖକ ପ୍ରଶାନ୍ତ ମହାନ୍ତି, ଶିକ୍ଷକ ନେତାଜୀ ବିଷୋୟୀ, ପଦ୍ମନାଭ ପ୍ରଧାନ, ବିପଦବନ୍ଧୁ ରାଉତ, ପ୍ରସନ୍ନ କୁମାର ପ୍ରଧାନ, ସମ୍ପାଦକ ଭଞ୍ଜ କିଶୋର ପ୍ରଧାନ, ଆଇନ ପରାମର୍ଶଦାତା ଅଭିମନ୍ୟୁ ଗୌଡ଼, ଉପସଭାପତି ପଦ୍ମ ଚରଣ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଧାରା ୫୧(ଏ) ଉପରେ ଆଲୋଚନା କରିଥିଲେ ।

### ହେମଲତା କୃଷକ ସମାଜ ଶାଖା ସଭାନେତ୍ରୀ

**ପାରଳାଖେମୁଣ୍ଡି,୨୬।୯(ଡି.ଏନ.ଏ):** ଓଡିଶା କୃଷକ ସମାଜ ଗଜପତି ଶାଖାର ସଭାନେତ୍ରୀ ଭାବେ ଏ.ହେମଲତା ରାମାରାଓ



ମନୋନୀତ ହୋଇଛନ୍ତି। ତାଙ୍କୁ ଓଡିଶା କୃଷକ ସମାଜ ରାଜ୍ୟ ଅଧକ୍ଷ ପି.ସି. ମହାନ୍ତି ମନୋନୀତପତ୍ର ପ୍ରଦାନ କରିଛନ୍ତି। ହେମଲାତା ୩ବର୍ଷ ପାଇଁ ସଭାନେତ୍ରୀ ରହିବେ। ଗଜପତି ଜିଲାରେ କୃଷିର ବିକାଶ ପାଇଁ ପଦକ୍ଷେପ ନେବାକୁ ରାଜ୍ୟ ଅଧକ୍ଷ ତାଙ୍କୁ ନିବେଦନ କରିଛନ୍ତି। କାଶୀନଗର ବ୍ଲକ ହାଡୁଭାଙ୍ଗି ଗ୍ରାମ ନିକଟସ୍ଥ ଚୁଡଙ୍ଗପୁର ଗ୍ରାମର ହେମଲତା ଜଣେ ଅଗ୍ରଣୀ ଚାଷୀ ଓ ସମାଜସେବୀକା ଭାବେ ଜଣାଶୁଣା। ତାଙ୍କୁ ଯେଉଁ ଗୁରୁଦାୟିତ୍ୱ ପ୍ରଦାନ କରାଯାଇଛି, ତାହାକୁ ସେ ସଫଳତାର ସହ ତୁଲାଇବେ ବୋଲି ହେମଲତା ସୂଚନା ଦେଇଛନ୍ତି ।

### ରମ୍ଭାରେ ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ

**ରମ୍ଭା,୨୬।୯:** ରମ୍ଭା ବିଜ୍ଞାପିତ ଅଞ୍ଚଳ ପରିଷଦରେ ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ



ରୂପେ ଆଶାଲତା ରାଚମାଳା ଯୋଗ ଦେଇଛନ୍ତି। ଏଥି ପୂର୍ବରୁ ସେ କଟକ ଜିଲା ଆଠଗଡ ଏନ୍ଏସିରେ କାର୍ଯ୍ୟରତ ଥିଲେ। ରମ୍ଭା ଏନଏସିରେ ଏଥି ପୂର୍ବରୁ ଅବସ୍ଥାପିତ କାର୍ଯ୍ୟରତ ତଥା ଅତିରିକ୍ତ ତହସିଲଦାର ଜ୍ୟୋତିର୍ମୟ ଦାଶ ପୂର୍ବ ସ୍ଥାନକୁ ଫେରିଯାଇଥିବା ଜଣାପଡିଛି।

### ପଣ୍ଡିତ ଦୀନଦୟାଲଙ୍କ ଜୟନ୍ତୀ

**ଫୁଲବାଣୀ ଅଫିସ/ଫିରିଙ୍ଗିଆ,୨୬।୯:** ଫିରିଙ୍ଗିଆ ବ୍ଲକ ନୂଆପଦର ପଞ୍ଚାୟତ ଜାର୍ଗିପଡ଼ା ଠାରେ ନେହେରୁ ଯୁବ କେନ୍ଦ୍ର ଓ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଯୁବକ ସଂଘ ମିଳିତ ଆନୁକୂଲ୍ୟରେ ପଣ୍ଡିତ ଦୀନଦୟାଲ ଉପାଧାୟଙ୍କ ଜନ୍ମ ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଡିଓ ରଶ୍ମି ରଞ୍ଜନ ମହାନ୍ତ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ସରପଞ୍ଚ ଭବାନୀ ଶଙ୍କର କହଁର, ଶିକ୍ଷକ ଜନ୍ମେଜୟ କହଁର, ଶରତ କୁମାର ମହାନ୍ତି, ନାରାୟଣ ମଲ୍ଲିକ, ଉଦୟନାଥ ମଲ୍ଲିକ, ସୁବାଷ ମଲ୍ଲିକ ପ୍ରମୁଖ ଯୋଗଦେଇ ପଣ୍ଡିତ ଦୀନଦୟାଲଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। ନେହେରୁ ଯୁବ କେନ୍ଦ୍ର ସ୍ୱେଚ୍ଛାସେବୀ ସୁଭଦ୍ରା କହଁର, ଯୁବକ ସଂଘ ସଦସ୍ୟମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ଯୋଜନାରେ ଅଟକିଛି ପର୍ଯ୍ୟଟନ କ୍ଷେତ୍ରର ବିକାଶ

**ଆଜି ବିଶ୍ୱ ପର୍ଯ୍ୟଟନ ଦିବସ**

■ପ୍ରକୃତ କାର୍ଯ୍ୟରେ ଲାଗି ପାରୁନି ପାନ୍ଥଶାଳା, ବ୍ୟାଖ୍ୟାନ କେନ୍ଦ୍ର

**ଖଣ୍ଡପଡ଼ା,୨୬।୯ (ସ୍ୱ.ପ୍ର.)**

ନିମ୍ନମାନର କାମ, ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବ ଏବଂ ସର୍ବୋପରି ପ୍ରଶାସନିକ କୋହଳ ମନୋଭାବ ଯୋଗୁ ଦୀର୍ଘ ୨୫ ବର୍ଷରୁ ଊର୍ଦ୍ଧ୍ୱ ହେବ ଉଦ୍‌ଘାଟନ ତଥା କାର୍ଯ୍ୟକ୍ଷମ ହୋଇ ନ ଥିବା କଣ୍ଟିଲୋ ପାନ୍ଥଶାଳା ଏବେ ଭଗ୍ନ ଅବସ୍ଥାରେ। ଏହାଛଡା ଦୀର୍ଘ ୧୨ ବର୍ଷ ପୂର୍ବରୁ କଣ୍ଟିଲୋଠାରେ ନିର୍ମାଣ ହୋଇଥିବା କଂସା ପିତଳ ବ୍ୟାଖ୍ୟାନ କେନ୍ଦ୍ର ପ୍ରକୃତ କାର୍ଯ୍ୟରେ ବ୍ୟବହାର ହେଉ ନ ଥିବାରୁ ପର୍ଯ୍ୟଟନ କ୍ଷେତ୍ରର ବିକାଶ କେବଳ ଯୋଜନାରେ ଅଟକି ଥିବା ସାଧାରଣରେ ଚର୍ଚ୍ଚା ହେଉଛି।

ରାଜ୍ୟ ସରକାର ପର୍ଯ୍ୟଟନ କ୍ଷେତ୍ରର ବିକାଶ ଓ ଉନ୍ନତି ନିମନ୍ତେ ବ୍ୟାପକ ଯୋଜନାମାନ ପ୍ରସ୍ତୁତ କରି କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି। ପ୍ରକୃତପକ୍ଷେ ସମ୍ପୃକ୍ତ ଯୋଜନା କାଗଜକଲମରେ ସୀମିତ ରହୁଥିବା ବେଳେ ତାହା ପର୍ଯ୍ୟଟକ କିମ୍ବା ତୀର୍ଥଯାତ୍ରୀମାନଙ୍କ କୌଣସି କାର୍ଯ୍ୟରେ ଆସି ପାରୁ ନ ଥିବା ଖଣ୍ଡପଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ପର୍ଯ୍ୟଟନସ୍ଥଳର ପାନ୍ଥଶାଳା ଓ ବ୍ୟାଖ୍ୟାନ କେନ୍ଦ୍ରକୁ ଦେଖିଲେ ସହଜରେ ଜଣାପଡିଥାଏ। ଏହି ପରିପ୍ରେକ୍ଷୀରେ ନୟାଗଡ଼ ଜିଲା ଖଣ୍ଡପଡା



ଜରାଜୀର୍ଣ୍ଣ ଅବସ୍ଥାରେ ପାନ୍ଥଶାଳା ।

ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କଣ୍ଟିଲୋର ନୀଳମାଧବ ଜୀଉ ପୀଠ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ପାଇଥିବା ବେଳେ ଏକଦା ଏହି ପୀଠ ନୌବାଣିଜ୍ୟର ମଧ ଏକ ପେଣ୍ଠସ୍ଥଳୀ ତଥା କଂସା ପିତଳ ବାସନ ଶିଳ୍ପ ପାଇଁ ରାଜ୍ୟ ତଥା ବାହାରେ ପ୍ରସିଦ୍ଧି ଲାଭ କରିଥିଲା। ଏଥିପାଇଁ ପ୍ରତ୍ୟେହ ଏଠାରେ ପର୍ଯ୍ୟଟକଙ୍କ ଭିଡ ଲାଗି ରହିଥିବା ବେଳେ ଯାତ୍ରୀ ନିବାସଟିଏ ନାହିଁ। ଏଠାକୁ ଆସୁଥିବା ଲୋକେ ରହିବାକୁ ହଇରାଣ ହେଉଛନ୍ତି। ଏ ସମସ୍ୟାର ସମାଧାନ ଦିଗରେ ରାଜ୍ୟ ସରକାର ୧୯୮୭ରେ ଏହି ପୀଠକୁ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ପ୍ରଦାନ କରି ସେ ସମୟରେ କ୍ଷମତାଶୀନ କଂଗ୍ରେସ ସରକାର ୧୯୮୭ ଜୁନ ୭ରେ କଣ୍ଟିଲୋ ପୂର୍ତ୍ତ ବିଭାଗ ବଙ୍ଗଳା ନିକଟରେ ୨୮.୩୮ ଲକ୍ଷ ଟଙ୍କା ବ୍ୟୟରେ ଏକ ପାନ୍ଥଶାଳା ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ। ମାତ୍ର ଶିଳାନ୍ୟାସ ସ୍ଥାନରେ ପାନ୍ଥଶାଳାର ନିର୍ମାଣ କାମ ନ ହୋଇ ୨ କି.ମି. ଦୂର ପଥରଚକଡା ଗ୍ରାମ ପୂର୍ତ୍ତ ବିଭାଗ ରାସ୍ତା ପାର୍ଶ୍ୱ ୩.୩୮ ଏକର ପରିମିତ ଏକ ପାହାଡ଼ ଉପରେ ଏହି ପାନ୍ଥଶାଳାର କାମ ଆରମ୍ଭ ହୋଇଥିଲା। ଏହାର ନିର୍ମାଣ କାମ ଅତି ନିମ୍ନମାନର ହୋଇ ଆରମ୍ଭର ୧୦ ବର୍ଷ ପରେ ଅର୍ଥାତ ୧୯୯୭ରେ ଶେଷ ହୋଇଥିଲା। କାର୍ଯ୍ୟ ସମ୍ପନ୍ନ ହେବାର ୨ ବର୍ଷ ମଧ୍ୟରେ କାନ୍ଥରେ ଫାଟ ସୃଷ୍ଟି ହୋଇଥିଲା। ନିର୍ମାଣର ୨୦ ବର୍ଷ ମଧ୍ୟରେ ପାନ୍ଥଶାଳାର ମରାମତି ଓ ଅନ୍ୟ କାର୍ଯ୍ୟ ପାଇଁ ପ୍ରାୟ୨୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଗଲାଣି। ଇତି ମଧ୍ୟରେ ପାନ୍ଥଶାଳାରେ ଥିବା ୧୬ ସେଟ କାଠ ପଲଙ୍କ ସହ ଗଦି, ଡ଼ାଇନିଂ ଟେବୁଲ, ଚେୟାର, ଆଲଣା ଆଦି ଉପକରଣକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ଅନ୍ୟତ୍ର ନିଆଯାଇଥିବା ଅଭିଯୋଗ ହେଉଛି। ଏସବୁ ଉପକରଣ ଏବେ କେଉଁଠି ଓ କେଉଁ ଅବସ୍ଥାରେ ରହିଛି ତାହା ତଦନ୍ତ ସାପେକ୍ଷ। ସେହିପରି କଣ୍ଟିଲୋର କଂସା ପିତଳ ବାସନ ଶିଳ୍ପ ପାଇଁ ରାଜ୍ୟ ତଥା ବାହରେ ପ୍ରସିଦ୍ଧି ଲାଭ କରିଛି। ଏହି ଶିଳ୍ପର ବିକାଶ ତଥା ଉନ୍ନତି ନିମନ୍ତେ କଣ୍ଟିଲୋ ମାଘମେଳ ପଡିଆ ନିକଟରେ ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ପକ୍ଷରୁ ୨୦୦୯ ଫେବୃୟାରୀ ୨୧ରେ ତତ୍କାଳୀନ ରାଜ୍ୟପାଳ ମୁରଲୀଧର ଚନ୍ଦ୍ରକାନ୍ତ ଭଣ୍ଡାରେ ଶିଳାନ୍ୟାସ କରିଥିଲେ। ୭୪ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ଦ୍ୱିତଳ ଅଟ୍ଟାଳିକା ତଥା କଂସା ପିତଳ ବ୍ୟାଖ୍ୟାନ କେନ୍ଦ୍ର ବିଭାଗୀୟ ବିଧି ବ୍ୟବସ୍ଥାକ୍ରମେ ବର୍ଷେ ସମୟ ସୀମା ମଧ୍ୟରେ ସମ୍ପନ୍ନ ହୋଇଥିଲା। ମାତ୍ର ନିର୍ମାଣ ହୋଇଥିବା ସମ୍ପୃକ୍ତ ପ୍ରକଳ୍ପଟି ନୀଳମାଧବ ଜୀଉଙ୍କ ଜାଗା ଉପରେ ଗଢି ଉଠିଥିବାରୁ ଦେବୋତ୍ତର ବିଭାଗ ଉକ୍ତ ବ୍ୟାଖାନ କେନ୍ଦ୍ରକୁ ନିଜ ଦାୟିତ୍ୱରେ ରଖିଛି। ତେବେ ସରକାରଙ୍କ ଯୋଜନାକ୍ରମେ କଂସା ପିତଳ ବାସନ ଶିଳ୍ପ ସହିତ କାରିଗରମାନଙ୍କ ଉନ୍ନତି ନିମନ୍ତେ ବ୍ୟାଖ୍ୟାନ କେନ୍ଦ୍ରର ଯୋଜନା ପ୍ରସ୍ତୁତ କରାଯାଇଥିବା ବେଳେ ଖଣ୍ଡପଡା ଦେବୋତ୍ତର ବିଭାଗ ବ୍ୟବସାୟିକ ଦୃଷ୍ଟି କୋଣରୁ ନିଜ ବିଭାଗର ରାଜସ୍ୱ ବୃଦ୍ଧି ଆଶାରେ ଉକ୍ତ କେନ୍ଦ୍ରକୁ ନିଜ ଅଧୀନରେ ରଖିଛି। ସଂପ୍ରତି ଏବେ ଏହି ବ୍ୟାଖାନ କେନ୍ଦ୍ରଟି ଦେବୋତ୍ତର ବିଭାଗ କାର୍ଯ୍ୟାଳୟ ଓ ବିବାହ ବ୍ରତ ଆଦି ବିଭିନ୍ନ ଉତ୍ସବ ପାଇଁ ବ୍ୟବହାର ହେଉଛି । ଫଳରେ ସରକାରଙ୍କ ପ୍ରକୃତ ଯୋଜନା ଏଠାରେ ବାଧାପ୍ରାପ୍ତ ହୋଇଥିବା କଂସାପିତଳ କାରିଗରମାନେ ଅଭିଯୋଗ କରୁଛନ୍ତି। ରାଜ୍ୟ ପର୍ଯ୍ୟଟନ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।



ସୋମବାର ସନ୍ଧ୍ୟାରେ ନୟାଗଡ଼ ପୋଲିସ ଟ୍ରେନିଂ ସ୍କୁଲ ଛକରେ କୁକୁରଙ୍କ ପ୍ରାଦୁର୍ଭାବ।

## ରେଳପଥ ନିର୍ମାଣ ଦାବି ନେଇ ଆନ୍ଦୋଳନ ଡାକରା

**ତାଳଚେର-ଗୋପାଳପୁର**

**ଖଣ୍ଡପଡା,୨୬।୯(ସ୍ୱ.ପ୍ର.)**

ଦୀର୍ଘ ୩୧ ବର୍ଷ ତଳେ କୋଇଲା ନଗରୀ ତାଳଚେର ଓ ବନ୍ଦର ସହର ଗୋପାଳପୁର ମଧ୍ୟରେ ରେଳପଥ ନିର୍ମାଣ ପାଇଁ ପ୍ରଥମେ ସର୍ଭେ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ପରବର୍ତ୍ତୀ ସମୟରେ ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବାକୁ ପ୍ରସ୍ତାବ ରହିଥିବା ବେଳେ ବହୁ ପ୍ରତୀକ୍ଷିତ ତାଳଚେର-ଗୋପାଳପୁର ରେଳପଥ ନିର୍ମାଣରେ ଅହେତୁକ ବିଳମ୍ବକୁ ନେଇ ଖଣ୍ଡପଡ଼ା ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। କେନ୍ଦ୍ର ସରକାରଙ୍କ ରେଳ ମନ୍ତ୍ରଣାଳୟ କର୍ତ୍ତୃପକ୍ଷଙ୍କ ଉଦାସୀନତା ଯୋଗୁଁ ଉକ୍ତ ବ୍ରଡଗେଜ ରେଳପଥ ନିର୍ମାଣରେ ବିଳମ୍ବ ହେଉଥିବା ଅଭିଯୋଗ ହେଉଛି। ତୁରନ୍ତ ଉକ୍ତ ରେଳପଥ ନିର୍ମାଣ ଦାବିରେ ଅଞ୍ଚଳବାସୀ ଆନ୍ଦୋଳନ ପାଇଁ ସଜବାଜ ହେଉଥିବା ଜଣାପଡିଛି।

ସୂଚନାଯୋଗ୍ୟ ଯେ, ୨୯୩ କି.ମି. ଦୀର୍ଘ ଏହି ରେଳପଥ ନୟାଗଡ଼ ଜିଲାର କଣ୍ଟିଲୋ, ଖଣ୍ଡପଡ଼ା, ନୟାଗଡ଼ ଓ ଶରଣକୁଳ ଦେଇ ଗଞ୍ଜାମ ଜିଲାକୁ ସଂଯୋଗ କରିବାର ପ୍ରସ୍ତାବ ରହିଛି। ଉକ୍ତ ରେଳପଥ ନିର୍ମାଣ ହେଲେ ପର୍ଯ୍ୟଟନ ମାନଚିତ୍ରରେ ଜଗନ୍ନାଥ ସଂସ୍କୃତିର ଆଦି ପୀଠ ଭାବେ ପରିଚିତ ପ୍ରଭୁ ଶ୍ରୀ ନୀଳମାଧବଙ୍କ କ୍ଷେତ୍ର କଣ୍ଟିଲୋ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବ। ଏଥିସହ ଦେଶ ଓ ବିଦେଶରୁ ପର୍ଯ୍ୟଟକମାନେ ରେଳପଥରେ କଣ୍ଟିଲୋ ଅଞ୍ଚଳକୁ ଯାତାୟାତ କରିବାର ସୁଯୋଗ ସୃଷ୍ଟି ହେବ। ଖାଲି ସେତିକି ନୁହେଁ ଅଞ୍ଚଳବାସୀଙ୍କ ଅର୍ଥନୈତିକ ଅଭିବୃଦ୍ଧିରେ ଏହି ରେଳପଥଟି ବିଶେଷ ସହାୟକ ହେବ ବୋଲି ଜଣାପଡିଛି। ଏ ପରିପ୍ରେକ୍ଷୀରେ ତାଳଚେର-ଗୋପାଳପୁର ରେଳପଥ ନିର୍ମାଣ କ୍ରିୟାନୁଷ୍ଠାନ କମିଟିର କର୍ମକର୍ତ୍ତାମାନେ ଅଞ୍ଚଳବାସୀଙ୍କୁ ଏକଜୁଟ କରି ଆସନ୍ତା ୩୦ ତାରିଖରେ ଖଣ୍ଡପଡ଼ାସ୍ଥିତ ଶୁଭ ମଣ୍ଡପଠାରେ ଏ ସମ୍ପର୍କରେ ଆଲୋଚନା ପାଇଁ ଦିନ ଧାର୍ଯ୍ୟ ହୋଇଥିବା କମିଟି ଆବାହକ ପ୍ରମୋଦ ପଟ୍ଟନାୟକ ଓ ବିଶ୍ୱନାଥ ମହାପାତ୍ର ଜଣାଇଛନ୍ତି। ଖଣ୍ଡପଡ଼ା ଅଞ୍ଚଳର ବୁଦ୍ଧିଜୀବୀ ଓ ଛାତ୍ରନେତାମାନେ କ୍ରିୟାନୁଷ୍ଠାନ କମିଟିର ଡାକରାକୁ ସ୍ୱାଗତ କରିଥିବା ସୂଚନା ମିଳିଛି।

## ସରକାରୀ କାର୍ଯ୍ୟଦିବସରେ ଚୌକି ଖାଲି

**ନୟାଗଡ଼ ଅଫିସ,୨୬।୯**

ନୟାଗଡ଼ ଜିଲାପାଳଙ୍କ ଅଭିଯୋଗ ଶୁଣାଣିର ବାହନା ଦେଖାଇ ପ୍ରତିସୋମବାର କାର୍ଯ୍ୟଦିବସରେ ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ସହ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ଅଚଳାବସ୍ଥା ଦେଖା ଦେଉଛି। କାର୍ଯ୍ୟାଳୟର ୬ ଜଣ ଅଫିସର ଓ କର୍ମଚାରୀ ଜିଲାପାଳଙ୍କ ଅଭିଯୋଗ ଶୁଣାଣିଙ୍କୁ ଯାଉଛନ୍ତି ଦର୍ଶାଇ ଆସୁନାହାନ୍ତି।

ଏଭଳିସ୍ଥଳେ ୪ର୍ଥ ଶ୍ରେଣୀ କର୍ମଚାରୀ କେବଳ ଅଫିସ ଖୋଲି ଚୁପ ହୋଇ ବସି ରହୁଛନ୍ତି। ତେବେ ପ୍ରଶ୍ନ ଉଠୁଛି ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ କ'ଣ ୬ଜଣ ଅଧିକାରୀ ଓ କର୍ମଚାରୀ ନିୟୋଜନ ହେଉଛନ୍ତି। ଯଦି ହଁ ତେବେ କାର୍ଯ୍ୟାଳୟ ଖୋଲିବାର କାରଣ କ'ଣ। ଅଯଥାରେ ଲୋକଙ୍କୁ କାହିଁକି ହଇରାଣ କରାଯାଉଛି। ଯଦି ନାଁ ତେବେ ଜିଲାପାଳ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ କାହିଁକି ନେଉନାହାନ୍ତି ବୋଲି ସାଧାରଣରେ ଅଭିଯୋଗ ହେଉଛି।




ଅଧିକାରୀ ନ ଥିବାରୁ ଚେୟାର ଖାଲି ପଡିଛି।

### ଦୁର୍ଗାପୂଜା ପ୍ରସ୍ତୁତି ଜୋରଦାର

**ଭଞ୍ଜନଗର,୨୬।୯(ଡି.ଏନ.ଏ)**

ଭଞ୍ଜନଗର ସହରରେ ଚଳିତବର୍ଷ ଯାକଜକମରେ ଦୁର୍ଗା ପୂଜା ଲାଗି ବିଭିନ୍ନ ପୂଜା କମିଟି ପକ୍ଷରୁ ଜୋରଦାର ପ୍ରସ୍ତୁତି ଚାଲିଛି। ଜଳ ସମ୍ପଦ ବିଭାଜନ କର୍ମଚାରୀ ସାଂସ୍କୃତିକ ପରିଷଦ (ବିଡ଼େକା) ପକ୍ଷରୁ ଜଳସମ୍ପଦ କାର୍ଯ୍ୟାଳୟ ପରିସରରେ ଦୁର୍ଗାପୂଜା ପାଇଁ ବିରାଟ ତୋରଣ କରାଯାଉଛି। ଏଥିସହ ପୂଜାର ବିଭିନ୍ନ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଆୟୋଜନ କରାଯାଉଛି। ଏଥିସହ ଓଏସ୍ଆରଟିସି ପକ୍ଷରୁ ବସ୍‌ଷ୍ଟାଣ୍ଡ, ଭଞ୍ଜ ସାହିତ୍ୟ ପରିଷଦ ଏବଂ ରେଡ଼କ୍ରସ ରୋଡ଼ରେ ବିଶ୍ୱ ଜନନୀ କଳା ପରିଷଦ ପକ୍ଷରୁ ମଧ ଦୁର୍ଗାପୂଜା ହେଉଛି। ରେଡ଼କ୍ରସ ରୋଡ଼ରେ ହେଉଥିବା ପୂଜା ଶାନ୍ତନୁ କୁମାର ଦାସଙ୍କ ନେତୃତ୍ୱରେ ପ୍ରସ୍ତୁତି ଚାଲିଛି । ଭଞ୍ଜ ସାହିତ୍ୟ ପରିଷଦରେ ଟୁନା ଜେନା, କାଳି ତ୍ରିପାଠୀ ପ୍ରମୁଖ ସବୁ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।

## ହତ୍ୟା ଅଭିଯୁକ୍ତ ଗିରଫ

**ଆସିକା,୨୬।୯(ଡି.ଏନ.ଏ)**

ଆସିକା ଥାନା ଅନ୍ତର୍ଗତ ମଙ୍ଗଳପୁର ଗ୍ରାମରେ ରବିବାର ରାତିରେ ସ୍ୱାମୀଙ୍କ କାଟି ଚୋଟରେ ମଞ୍ଜୁଳା ପ୍ରଧାନଙ୍କ ମୃତ୍ୟୁ ଘଟିଥିଲା। ସୋମବାର ଅଭିଯୁକ୍ତ ସ୍ୱାମୀ ବିଜୟ ପ୍ରଧାନଙ୍କୁ ପୋଲିସ ଗିରଫ କରିଛି । ଏ ନେଇ ଆସିକା ଥାନାରେ ନଂ.୬୧୩/୨୨ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି। ସୂଚନାଯୋଗ୍ୟ, ପାରିବାରିକ କନ୍ଦଳକୁ କେନ୍ଦ୍ର କରି ରବିବାର ରାତିରେ ଏହି ହତ୍ୟାକାଣ୍ଡ ଘଟିଥିଲା ।

## କାଠିରେ ପରିକ୍ରମା କରୁଛନ୍ତି ଖିଲାମୁଣ୍ଡା

**ନୟାଗଡ଼ ଅଫିସ,୨୬।୯**

ଗୋଡିପଡାରେ ପୂଜା ପାଉଥିବା ମା' ଖିଲାମୁଣ୍ଡାଙ୍କ ପାର୍ବଣ ଅବକାଶରେ କାଠିରେ ପରିକ୍ରମା ପର୍ବ ମହାଳୟାଠାରୁ ଆରମ୍ଭ ହୋଇଛି। ମା' ୫ ଦିନ ପାଇଁ ଗୋଡିପଡା ଆଖପାଖ ଅଞ୍ଚଳରେ ବୁଲି ଭୋଗ ଖାଉଛନ୍ତି। ରବିବାର ଓ ସୋମବାର ମା' ଗୋଡିପଡା, ଟାଙ୍ଗିସାହି, ଗୋଲା ସାହି, ହରିଡାବନ୍ଧ, ଖଇରପଟି ପରିକ୍ରମା କରି ଭୋଗ ଖାଇଛନ୍ତି। କରୋନା ଯୋଗୁ ଦୁଇବର୍ଷ ପର୍ବ ବନ୍ଦ ରହିଥିବାବେଳେ ଚଳିତବର୍ଷ ମା'ଙ୍କର ଦର୍ଶନ ପାଇଁ ପ୍ରବଳ ଭିଡ ହେଉଛି। ଏ ନେଇ ମା'ଙ୍କର ଭକ୍ତ ଜଗବନ୍ଧୁ ପୃଷ୍ଟି କୁହନ୍ତି, କାଠି ଖିଲାମୁଣ୍ଡାଙ୍କୁ ଧରୁଥିବା ଭକ୍ତମାନେ ନେଲାବେଳେ କିଛି ଜାଣି ପାରି ନ ଥାନ୍ତି। ଏକ ଅଦୃଶ୍ୟ ଶକ୍ତି ସେମାନଙ୍କୁ ଟାଣି ନେଇଥାଏ। ମା' ଭକ୍ତର କଥା ବୁଝି ଥାନ୍ତି ଓ ମନୋବାଞ୍ଛା ପୂରଣ କରୁଥିବାରୁ ମା'ଙ୍କ ନିକଟରେ ଭକ୍ତଙ୍କ ଭିଡ ଜମୁଛି।



ଗୋଡିପଡ଼ା ଅଞ୍ଚଳର ଗାଁ ପରିକ୍ରମାରେ ଖିଲାମୁଣ୍ଡା କାଠି ଠାକୁରାଣୀଙ୍କୁ ନିଆଯାଉଛି।

## ଥାନାରେ ଲିଖିତ ଅଭିଯୋଗ କଲେ ନୂଆଗାଁ ବିଡିଓ

**ପ୍ରାଣୀ ଡାକ୍ତରଖାନା ଜମିରେ ମିଶନ ଶକ୍ତି ଗୃହ ନିର୍ମାଣ ଘଟଣା**

**ନୂଆଗାଁ,୨୬।୯ (ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ପଶୁ ପାଳନ ବିଭାଗର ପ୍ରାଣୀ ଡାକ୍ତରଖାନା ଜମିରେ ମିଶନ ଶକ୍ତି ଗୃହ ନିର୍ମାଣ ହେବାକୁ ନେଇ ଅଞ୍ଚଳବାସୀ ବିରୋଧ କରିଛନ୍ତି। ତେବେ ପ୍ରାଣୀ ଡାକ୍ତରଖାନା ଜମିରେ ମିଶନ ଶକ୍ତି ଗୃହ ନିର୍ମାଣକୁ ଅଞ୍ଚଳର ଚାଷୀମାନେ ବିରୋଧ କରିବା ପରେ ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ସେହି ଜାଗାରେ ନିର୍ମାଣ କାର୍ଯ୍ୟ ନ କରିବାକୁ ସୋମବାର ନୂଆଗାଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ପଶୁ ପକ୍ଷୀଙ୍କର ଚିକିତ୍ସା ନିମନ୍ତେ ନୁଆଗାଁ ବ୍ଲକ ନିକଟରେ ପ୍ରାଣୀ ଚିକିତ୍ସାଳୟ ପ୍ରତିଷ୍ଠା କରାଯାଇଛି। ପ୍ରାଣୀ ଚିକିତ୍ସାଳୟ ନିର୍ମାଣ ପାଇଁ ସରକାରଙ୍କଠାରୁ କାଚପଲୀ ମୌଜାରେ ୧.୭୨ ଏକର ଜାଗା ନିଜ ନାମରେ କରିଛି। ବର୍ତ୍ତମାନ କେବଳ ସ୍ୱଳ୍ପ ଜାଗାରେ ଚିକିତ୍ସାଳୟଟିଏ ନିର୍ମାଣ କରାଯାଇଥିଲେ ମଧ କୌଣସି ଅଧିକାରୀ କିମ୍ବା କର୍ମଚାରୀଙ୍କ ପାଇଁ କ୍ୱାର୍ଟର୍ସ ନାହିଁ। ପଶୁ ପାଳକମାନଙ୍କ ବ୍ଲକସ୍ତରୀୟ ତାଲିମ



ଘଟଣାସ୍ଥଳରେ ପୋଲିସ ପହଞ୍ଚି କାର୍ଯ୍ୟ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଉଛି।

ପାଇଁ ଗୃହ ନାହିଁ। ପଶୁମାନଙ୍କ ଚିକିତ୍ସା ନିମନ୍ତେ ଅପରେଶନ ଥିଏଟର ନାହିଁ, ଶବ ବ୍ୟବଚ୍ଛେଦ ଗୃହ, ଆମ୍ବୁଲାନ୍ସ ରହିବାକୁ ଗୃହ ମଧ ନାହିଁ। ତେବେ ଏସବୁର ଆଶ୍ୟକତାକୁ ଭବିଷ୍ୟତରେ ପୂରଣ କରିବା ପାଇଁ ପଶୁ ବିଭାଗ ନିଜ ନାମରେ ଜମି ରଖିଛି। କିନ୍ତୁ ଜମି ମାଲିକଙ୍କ ଅଜାଣତରେ ବ୍ଲକ ପ୍ରଶାସନ ପ୍ରାଣୀ ଚିକିତ୍ସାଳୟ ଜାଗାରେ ମିଶନ ଶକ୍ତି ଭବନ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛି।

ନୂଆଗାଁ ଅଞ୍ଚଳରେ ଅନେକ ସରକାରୀ ଜାଗା ରହିଥିଲେ ମଧ୍ୟ ପ୍ରାଣୀ ଚିକିତ୍ସାଳୟର ଜାଗାକୁ କାହିଁକି ଅକ୍ତିଆର କରାଯାଉଛି ତାହା ସମସ୍ତଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ନୂଆଗାଁ ଅଞ୍ଚଳର ପ୍ରକାଶ କୁମାର ସାହୁ, ଭଜମନ ପରିଡା, ଗଜେନ୍ଦ୍ରନାଥ ପ୍ରଧାନଙ୍କ ସମେତ କେତେଜଣ ଚାଷୀ ଓ ସାମାଜିକ କର୍ମୀ ପ୍ରାଣୀ ଚିକିତ୍ସାଳୟରେ ବିଡିଓଙ୍କୁ ଭେଟି ଅଭିଯୋଗ କରିଥିଲେ। ପରେ ଉକ୍ତ ନିର୍ମାଣ କାର୍ଯ୍ୟକୁ ବନ୍ଦ କରାଇବାକୁ ବିଡିଓ ଶୁଭାଶିଷ ମହାପାତ୍ର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆଲୋଚନା କରିବା ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ରଖିବାକୁ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ଗୋପବନ୍ଧୁ ଧୀରଙ୍କୁ କହିଥିଲେ। କିଛି ସମୟ ପର୍ଯ୍ୟନ୍ତ କାମ ବନ୍ଦ ରହିଥିଲେ ମଧ ପରେ ଚାଲୁ ରହିଥିଲା। ତେବେ କାର୍ଯ୍ୟ ଚାଲିବା ବାବଦରେ ଯନ୍ତ୍ରୀ ଧୀରଙ୍କୁ ପଚାରିବାରେ ପୂର୍ତ୍ତ ବିଭାଗ ଏସ୍‌ଡିଓଙ୍କ ନିର୍ଦ୍ଦେଶ ମତେ ପୁନର୍ବାର କାମ ଚାଲିଛି ବୋଲି ସେ କହିଥିଲେ। ତେବେ ପ୍ରାଣୀ ଚିକିତ୍ସାଳୟ ଜମିରେ ମିଶନ ଶକ୍ତି ଗୃହ ନିର୍ମାଣ କାର୍ଯ୍ୟ ବନ୍ଦ କରା ନ ଗଲେ ଚାଷୀମାନଙ୍କ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ସଂକ୍ଷେପରେ

### ବୋଡ଼ା ସାପ ଉଦ୍ଧାର



ଭାପୁର, ୨୬ା୯ (ଡି.ଏନ.ଏ.): ଭାପୁର ବ୍ଲକ ଅଧୀନ ଫତେଗଡ ଗ୍ରାମର ସନ୍ତୋଷ କୁମାର ପାଶାଙ୍କ ଘରୁ ଏକ ୪ଫୁଟ ଲମ୍ବର ବୋଡା ସାପ ଉଦ୍ଧାର ହୋଇଥିଲା। ସନ୍ତୋଷ ସାପଟିକୁ ଦେଖି ଭୟଭୀତ ହୋଇ ତୁରନ୍ତ ଭାପୁର ବନପାଳ ବନମାଳୀ ରାଉତଙ୍କୁ ଫୋନ କରି ଜଣାଇଥିଲେ। ସୂଚନା ପାଇ ଭାପୁର ବନପାଳ ରାଉତ ଏବଂ ସହଯୋଗୀ ଫରେଷ୍ଟ ଗାର୍ଡକୁ ନେଇ ସନ୍ତୋଷଙ୍କ ଘରୁ ବୋଡା ସାପକୁ ଉଦ୍ଧାର କରି ନିକଟସ୍ଥ ପିଠାଖାଇ ଶାଳ ଜଙ୍ଗଲ ମଧ୍ୟରେ ଛାଡି ଦେଇଥିବା ସୂଚନା ଦେଇଛନ୍ତି।

### ରଜତ ଗୁଳିମାଡ଼ ଘଟଣା: ଜଣେ କୋର୍ଟ ଚାଲାଣ

ଗଣିଆ,୨୬ା୯ (ଡି.ଏନ.ଏ.): ଗଣିଆ ଥାନା ଅନ୍ତର୍ଗତ ରାସଙ୍ଗ ଗ୍ରାମର ରଜତ ରାଉତ



ଗୁଳିମାଡରେ ମୃତ୍ୟୁ ଘଟଣାରେ ପୋଲିସ ଜଣଙ୍କୁ ସୋମବାର ଗିରଫ କରିଛି। ଗିରଫ ଯୁବକ ଜଣଙ୍କ ହେଲେ ରାସଙ୍ଗ ଗ୍ରାମ ନିକଟସ୍ଥ ଗୋଛାବାରୀ ଗାଁର ସାଗର ବେହେରା (୨୪)। ଗିରଫ ସାଗରଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି। ଗତ ଗୁରୁବାର ସକାଳୁ ରଜତଙ୍କ ସହ ଗୋଛାବାରୀ ଗ୍ରାମର ସାଗର ଓ ତରୁଣ ବେହେରାଙ୍କ କୌଣସି କାରଣକୁ ନେଇ ଗଣ୍ଡଗୋଳ ହୋଇଥିଲା। ଗଣ୍ଡଗୋଳ ସମୟରେ ନିକଟସ୍ଥ ହଟିଆପଲ୍ଲୀ ଗ୍ରାମର ଦାଶରଥୀ ମହାନ୍ତି ଉଭୟଙ୍କୁ ବୁଝାଶୁଝା କରି ଫେରାଇ ଦେଇଥିଲେ। ତେବେ ମଧ୍ୟାହ୍ନ ସମୟରେ ରଜତ ନିଜ ଟ୍ରାକ୍ଟରରେ ଘରକୁ ଫେରୁଥିବାବେଳେ ଗୁଳିମାଡ ହୋଇଥିବା ଅନୁମାନ କରାଯାଉଛି। ତେବେ ତରୁଣ ଫେରାର ଥିବା ଜଣାପଡିଛି। ସୂଚନାଯୋଗ୍ୟ, ରଜତ ଗୁରୁବାର ସକାଳୁ ଗ୍ରାମ ନିକଟସ୍ଥ ପାଟିକଟା କୋପକୋଣ ଜଙ୍ଗଲକୁ ନିଜର ଟ୍ରାକ୍ଟର ନେଇ ଯାଇଥିଲେ। ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଜଙ୍ଗଲରେ ଖୋଜାଖୋଜି କରିବା ପରେ ରଜତଙ୍କ ମୃତଦେହ ଦେଖିବାକୁ ପାଇଥିଲେ।

### ଗୋବିନ୍ଦବିହାରରୁ ୧୦ ଗିରଫ

#### ପାର୍ବଣରେ ଜମିଲାଣି ଜୁଆର ଆସର

ବ୍ରହ୍ମପୁର ଅଫିସ,୨୬ା୯: ପାର୍ବଣ ଋତୁ ଆରମ୍ଭ ହୋଇଛି। ବର୍ତ୍ତମାନ ସହର ଓ ତଳି ଅଞ୍ଚଳରେ ଜୁଆ ଆସର ଜମିଲାଣି। ଆଗକୁ କୁମାର ପୂର୍ଣ୍ଣିମା। ଜୁଆଖେଳ ବେଆଇନ ହୋଇଥିବାରୁ ପୋଲିସ ଚଢ଼ାଉ କରି ଜୁଆଡ଼ିଙ୍କୁ ଧରୁଛି। ସୋମବାର ବିଳମ୍ବିତ ରାତିରେ ସଦର ଥାନା ଅଧୀନ ନିମଖଣ୍ଡି ଫାଣ୍ଡି ପୋଲିସ ଏକ ଜୁଆ ଆଡ୍ଡା ଠାବ କରିଛି। ଗୋବିନ୍ଦବିହାର ଷଷ୍ଠ ଲାଇନ୍‌ରେ ଚାଲିଥିବା ଏକ ଜୁଆ ଆଡ୍ଡାରେ ଚଢ଼ାଉ କରି ୧୦ ଜୁଆଡ଼ିଙ୍କୁ କାବୁ କରିଥିଲା। ସେମାନଙ୍କଠାରୁ ୨୩ ହଜାର ୬ଶହ ଟଙ୍କା ଓ ୮ମୋବାଇଲ ଫୋନ ଜବତ କରାଯାଇଛି। ମାମଲା ନମ୍ବର ୪୫୧/୨୨ ରେ ଗିରଫ କରାଯାଇଛି।

### ପ୍ରମାଣ ଅଭାବରୁ ଦୁଇ ଅଭିଯୁକ୍ତ ନିର୍ଦ୍ଦୋଷ

#### ଗଞ୍ଜେଇ ଚାଲାଣ ମାମଲା

ବ୍ରହ୍ମପୁର ଅଫିସ,୨୬ା୯: ଜିଲା ଦୌରା ଜଜ ଆନନ୍ଦ ଚନ୍ଦ୍ର ବେହେରା ସୋମବାର ଏକ ଗଞ୍ଜେଇ ଚୋରା ଚାଲାଣ ମାମଲାର ଶୁଣାଣି କରିଥିଲେ। ପ୍ରମାଣ ଅଭାବରୁ ସେ ୨ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ପାଟପୁର ଥାନା ଅନ୍ତର୍ଗତ କଂସାମାରି ଗ୍ରାମର ସୀମାଞ୍ଚଳ ଦୋରା ଓ ସୀମା ଦୋରା। ପ୍ରକାଶ ଯେ, ୨୦୧୬ ଫେବୃୟାରୀ ୧୮ରେ ଅବକାରୀ ଗୋଇନ୍ଦା (ଦକ୍ଷିଣାଞ୍ଚଳ) ବିଭାଗ ପକ୍ଷରୁ ବିଜିପୁର ଓ ରେଳଷ୍ଟେଶନ ମଧ୍ୟରେ ଗାଡ଼ି ଯାଞ୍ଚ କରୁଥିଲେ। ସେହି ରାସ୍ତା ଦେଇ ଆସୁଥିବା ଏକ ଅଟୋକୁ ଯାଞ୍ଚ କରାଯାଇଥିଲା। ଅଟୋ (ନଂ ଓଡ଼ି୦୭ଇ - ୫୧୬୨)ରେ ଦୁଇଟି ଅଖାରେ ଗଞ୍ଜେଇ ଭର୍ତ୍ତି ହୋଇଥିବା ଦେଖିବାକୁ ମିଳିଥିଲା। ସେଥିରୁ ୫୦ କେଜି ଗଞ୍ଜେଇ ଜବତ ହୋଇଥିଲା। ଅବକାରୀ ପୋଲିସ ମାମଲା ନମ୍ବର ୦୪/୧୬-୧୭ (ଏନ)ରେ ସୀମାଞ୍ଚଳ (୨୮) ଓ ସୀମା (୧୯)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ଅଭିଯୁକ୍ତ ଦ୍ୱୟଙ୍କୁ ଜାମିନ ମିଳିଥିଲା। ଉକ୍ତ ମାମଲାର ଶୁଣାଣି ବେଳେ ଉପରୋକ୍ତ ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟରେ ହାଜର କରାଯାଇଥିଲା। ୩ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଉପଯୁକ୍ତ ପ୍ରମାଣ ମିଳିନଥିବାରୁ ଜଜ୍ ସେମାନଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି।

# ଦଶମୀରେ ଲାଗି ହେବ ଚରୁଭୋଗ

ନୟାଗଡ଼ ଅଫିସ,୨୬ା୯

ପାର୍ବଣ ଅବକାଶରେ ମା' ଆସୁଛନ୍ତି। ଚଳଚଞ୍ଚଳ ହୋଇଉଠିଛି ନୟାଗଡ଼ ସହର। ଚାରିଆଡେ ଖୁସିର ମାହୋଲ। ଦୁଇବର୍ଷ ପରେ ଭକ୍ତମାନେ ମା' ଦୁର୍ଗାଙ୍କୁ ଦର୍ଶନ କରିବାର ସୁଯୋଗ ପାଇବେ। ଏଥିପାଇଁ ନୟାଗଡ଼ର ସାର୍ବଜନୀନ ପୂଜା କମିଟି ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଚଳିତବର୍ଷ ଦୁର୍ଗାପୂଜା ୬୧ବର୍ଷରେ ପଦାର୍ପଣ କରୁଥିବାରୁ ଅନୁଷ୍ଠାନ ପକ୍ଷରୁ ହୀରକ ଜୟନ୍ତୀ ପାଳନ କରାଯାଉଛି। ଏଣୁ ସାଜସଜ୍ଜା ଓ ରୀତିନୀତିକୁ ଗୁରୁତ୍ୱ ଦିଆଯାଉଛି। ଏଥିସହ ମୁଖ୍ୟତଃ ମା' ପାଖରେ ଦଶମୀରେ ଲାଗି ହେଉଥିବା ଚରୁ ଭୋଗକୁ ଶ୍ରଦ୍ଧାଳୁମାନେ ଅପେକ୍ଷା କରି ରହିଥାନ୍ତି।

ଜିଲାର ମାନ୍ୟତା ପାଇ ନ ଥିବା ନୟାଗଡ ଜିଲାରେ ୧୯୬୧ରୁ ସାର୍ବଜନୀନ ଦୁର୍ଗା ପୂଜା ହୋଇଆସୁଛି। ତତ୍କାଳୀନ ସବ୍‌ଡିଭିଜିନାଲ ମାଜିଷ୍ଟ୍ରେଟ ବର୍ତ୍ତମାନର ଜିଲାପାଳ ଅଫିସ ପରିସରରେ ଦୁର୍ଗା ପୂଜା ଆରମ୍ଭ କରିଥିଲେ। ନୟାଗଡ଼ର ଭବାନୀ ଶଙ୍କର ଦାଶ ଏଥିରେ ସହଯୋଗ କରିଥିଲେ। ସେ ସମୟରେ ପୂଜା ପାଇଁ ଚୁଲି ଚାନ୍ଦା ୨ ଟଙ୍କା ପଡୁଥିଲା। ଚଳିତ ବର୍ଷ ଏହା ୨୦ ଟଙ୍କାରେ ପହଞ୍ଚିଛି। ନୟାଗଡ଼ ସହରର ବ୍ୟବସାୟୀମାନେ ଓ ସ୍ଥାନୀୟ ବାସିନ୍ଦାଙ୍କ ସହଯୋଗରେ ପୂଜା ହୋଇଆସୁଛି। ଚଳିତବର୍ଷର ପୂଜା ୬୧ ବର୍ଷରେ ପଦାର୍ପଣ କରିଛି। କମିଟି ପକ୍ଷରୁ ସାଢ଼େ ୪ ଲକ୍ଷ ଟଙ୍କା ବଜେଟ ରହିଛି। କୋଲକତାର କାରିଗର ଆଉ ମୂର୍ତ୍ତି କରୁନାହାନ୍ତି। ସ୍ଥାନୀୟ ଇଟାମାଟିରେ କାରିଗର ମୂର୍ତ୍ତି ଓ ମେଢ଼ କରୁଛନ୍ତି। ରାଜ୍ୟ ସରକାରଙ୍କର ଗାଇଡ ଲାଇନ୍ ଅନୁସାରେ ପୂଜାର୍ଚ୍ଚନା କରାଯିବାର ବ୍ୟବସ୍ଥା କରାଯାଇଛି। ଏଠାରେ ଦଶମୀରେ ଚରୁ ଭୋଗ ୫୦ କେଜି ହେଉଛି। ଏହି ଭୋଗ ସେବନ ପାଇଁ ଭକ୍ତ ଅପେକ୍ଷା କରି ରହିଥାନ୍ତି।




ସେହିପରି ଅଷ୍ଟମୀ ତିଥିରେ ବେଶୀ ମହିଳାଙ୍କର ଭିଡ ଜମେ। ମହିଳମାନେ ସକାଳ ୮ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଅଟକି ରହି ମା'ଙ୍କର ପୂଜା ରୀତିନୀତରେ ସାମିଲ ହୁହନ୍ତି।



ମା' ଦୁର୍ଗାଙ୍କ ଫାଇଲ ଫଟୋ।

ସାଂସ୍କୃତିକ କାର୍ଯ୍ୟକ୍ରମରେ ପାଲା, ଡ୍ୟାନ୍ସ, ନାଟକ, ଦାସକାଠିଆ ଅନୁଷ୍ଠିତ ହେବ।

ଏ ନେଇ ପୂଜା କମିଟିରେ ପୂର୍ବତନ ସଭାପତି ନିରଞ୍ଜନ ମିଶ୍ର କୁହନ୍ତି, ନୟାଗଡ ସର୍ବାଜନୀନ ପୂଜା ସମିତି ପକ୍ଷରୁ ପ୍ରତିବର୍ଷ ପୂଜା ଶୃଙ୍ଖଳିତ ଭାବେ ହୋଇ ଆସୁଛି। କେବେ ପୂଜା ବନ୍ଦ ହୋଇନି। ୧୯୮୦ରୁ ୨୦୧୯ ପର୍ଯ୍ୟନ୍ତ ସଭାପତି ଭାବେ ଦାୟିତ୍ୱ ତୁଲାଉଥିଲି। ବୟସ ଅଧିକା ହେବାରୁ ଅବସର ନେଇଛି। ତେବେ ପୂଜା କାର୍ଯ୍ୟରେ ସହଯୋଗ କରି ଆସୁଛି। ପ୍ରତିବର୍ଷ ଦଶହରାକୁ ନୟାଗଡ଼ର ରାଜା ଆସି ଆଳତିରେ ଭାଗ ନେଉଥିଲେ। ଏହି ପରମ୍ପରା ପ୍ରାୟ ୮ ବର୍ଷ ହେଲା ବନ୍ଦ ହୋଇଛି। ଅନ୍ୟପକ୍ଷେ ପୂଜା ସମିତିର ଅର୍ଥିକସ୍ଥିତି ଭଲ ନାହିଁ। ଚୁଲି ଚାନ୍ଦାରେ ପୂଜା ହୋଇଆସୁଛି। ସହ ସମ୍ପାଦକ ପ୍ରଦୀପ୍ତ କୁମାର ସାହୁ କୁହନ୍ତି, ସିମିତି ସମ୍ବଳ ଭିତରେ ମା'ଙ୍କର ପୂଜାନୀତି ଚାଲିଛି। ହୀରକ ଜୟନ୍ତୀରେ ପୂଜାକୁ ଶୃଙ୍ଖଳିତ କରିବାକୁ ଅଧିକ ଗୁରିତ୍ୱ ଦିଆଯାଇଛି। କମିଟିରେ ମୁଖ୍ୟ ଉପଦେଷ୍ଟା ନୟାଗଡ ବିଧାୟକ ଅରୁଣ କୁମାର ସାହୁ ଅଛନ୍ତି। ପୁଣି ସଭାପତି, ଉପସଭାପତି, ସମ୍ପାଦକ, ସହ ସମ୍ପାଦକ, କୋଷାଧ୍ୟକ୍ଷ ଅଛନ୍ତି। ଉପଦେଷ୍ଟାରେ ରଣପୁର ବିଧାୟକ, ଅତିରିକ୍ତ ଜିଲାପାଳ, ଉପଜିଲପାଳ, ନୟାଗଡ ପୌରାଧ୍ୟକ୍ଷା, ନୟାଗଡ ବ୍ଲକ ଅଧ୍ୟକ୍ଷଙ୍କ ସମେତ ଏକ କାର୍ଯ୍ୟକାରୀ କମିଟିରେ ରହିଛନ୍ତି।




ପୂର୍ବତନ ସଭାପତି ନିରଞ୍ଜନ ମିଶ୍ର। ସହ ସମ୍ପାଦକ ପ୍ରଦୀପ୍ତ କୁମାର ସାହୁ।

# ଦଶପଲ୍ଲାରେ ଜିଲାପାଳଙ୍କ ଜନଶୁଣାଣି



ଜନଶୁଣାଣି ଶିବିରରେ ଜିଲାପାଳ ପୋମା ଟୁଡୁଙ୍କୁ ଲୋକମାନେ ଅଭିଯୋଗ କରୁଛନ୍ତି।

ନୟାଗଡ଼ ଅଫିସ/ଦଶପଲ୍ଲା, ୨୬ା୯ (ଡି.ଏନ୍.ଏ.)

ଦଶପଲ୍ଲା ପଞ୍ଚାୟତ ସମିତି ସଭାଗୃହରେ ଦଶପଲ୍ଲା ବ୍ଲକସ୍ତରୀୟ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ ପୋମା ଟୁଡୁ ଅଧ୍ୟକ୍ଷତା କରି ଲୋକମାନଙ୍କର ବିଭିନ୍ନ ଅଭିଯୋଗ ଶୁଣିଥିଲେ। ଏଥିରେ ସମୁଦାୟ ୧୪୮ ଗୋଟି ଅଭିଯୋଗରୁ ବ୍ୟକ୍ତିଗତ ଭାବେ ୧୩୩ଟି ଅଭିଯୋଗ, ସାମୂହିକ ଗ୍ରାମ ବିବାଦ ୩ ଟିର ଶୁଣାଣି କରାଯାଇ ସମୁଦାୟ ୪୯ ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ସେହିପରି ମୁଖ୍ୟମନ୍ତ୍ରୀ ରିଲଫ ଫଣ୍ଡରୁ ୧୧ ଜଣ ଦରଖାସ୍ତକାରୀଙ୍କୁ ୨ ଲକ୍ଷ ୧୯ ହଜାର ଓ ରେଡକ୍ରସରୁ ଜଣେ ଦରଖାସ୍ତକାରୀଙ୍କୁ ୧୫ ହଜାର ଆର୍ଥିକ ଅନୁଦାନ ମଞ୍ଜୁର କରାଯାଇଥିଲା। ଅବଶିଷ୍ଟ ଅଭିଯୋଗଗୁଡ଼ିକୁ ସାମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା।

ଜିଲ୍ଲାପାଳ ଟୁଡୁ ଅତୀତ ଜନଶୁଣାଣି ଶିବିରରେ ବିଭିନ୍ନ ବିଭାଗକୁ ଦିଆଯାଇଥିବା ଅଭିଯୋଗଗୁଡ଼ିକ ଆସନ୍ତା ଜନଶୁଣାଣି ଶିବିରରେ ଫଇସଲା କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ କଡ଼ା ନିର୍ଦ୍ଦେଶ ଦେଇଥିଲେ। ଏଥିରେ ଏସ୍‌ପି ଅଲେଖ ଚନ୍ଦ୍ର ପହି, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ଉପଜଲାପାଳ ଲଗ୍ନଜିତ ରାଉତ, ଦଶପଲ୍ଲା ବିଡିଓ ଓ ତହସିଲଦାର, ଜିଲାସ୍ତରୀୟ ପଦାଧିକାରୀ, ଲାଇନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ବିଭିନ୍ନ ସମସ୍ୟାଗୁଡ଼ିକ ଶୁଣାଣି କରିବାରେ ଜିଲାପାଳଙ୍କୁ ସହଯୋଗ କରିଥିଲେ। ଅପରାହ୍ନରେ ଜିଲାପାଳ ପୋମା ଟୁଡୁଙ୍କ ଅଧ୍ୟକ୍ଷତାରେ ଦଶପଲ୍ଲା ବାଇପାସ୍ ନିର୍ମାଣ ସମ୍ବନ୍ଧରେ ପଞ୍ଚାୟତ ସମିତି ସଭାଗୃହରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ଜମି ହରାଉଥିବା ଜନସାଧାରଣଙ୍କ ସହ ପ୍ରତ୍ୟେକ୍ଷ ଭାବେ ଆଲୋଚନା କରିଥିଲେ। ବୈଠକରେ ଦଶପଲ୍ଲା ବିଡିଓ, ତହସିଲଦାରଙ୍କ ସମେତ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### ବିଧବାଙ୍କୁ ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

ବ୍ରହ୍ମପୁର ଅଫିସ,୨୬ା୯

ଜନୈକା ବିଧବାଙ୍କୁ ବଳାତ୍କାର ଅଭିଯୋଗରେ ବ୍ରହ୍ମପୁର ବୈଦ୍ୟନାଥପୁର ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ରାଜେଶ ରେଡ୍ଡୀ(୩୦)। ମାମଲା ନମ୍ବର ୩୩୬/୨୨ରେ ଅଭିଯୁକ୍ତଙ୍କୁ ସୋମବାର ପୋଲିସ କୋର୍ଟ ଚାଲାଣ କରିଛି। ପୂର୍ବରୁ ଉଭୟ ଅଭିଯୁକ୍ତ ଓ ପୀଡ଼ିତାଙ୍କ ଡାକ୍ତରୀ ମାଇନା କରାଯାଇଥିଲା। ମଙ୍ଗଳବାର ପୀଡିତାଙ୍କ ବୟାନ କୋର୍ଟରେ ରେକର୍ଡ କରାଯାଇଛି। ପ୍ରକାଶ ଯେ, ରାଜେଶ ଜଣେ ବିଧବାଙ୍କୁ ପ୍ରେମ କରିବା ସହ ତାଙ୍କ ଅଜାଣତରେ କିଛି ଆପତ୍ତିଜନକ ଫୋଟ ଉଠାଇଥିଲେ। ପରେ ତାଙ୍କ ଇଚ୍ଛା ବିରୋଧରେ ବଳାତ୍କାର କରିଥିଲେ। ମହିଳା ଜଣଙ୍କ ଏହାର ପ୍ରତିବାଦ କରିବାରୁ ଉକ୍ତ ଅପତ୍ତିଜନକ ଫୋଟଗୁଡିକ ସୋସିଆଲ ମିଡିଆରେ ଭାଇରାଲ କରିବାକୁ ରାଜେଶ ମହିଳାଙ୍କୁ ଧମକ ଦେଇଥିଲେ। ଏହାର ସୁଯୋଗ ନେଇ ପୀଡ଼ିତାଙ୍କୁ ସେ ବାରମ୍ବାର ବଳାତ୍କାର କରିବାକୁ ଲାଗିଥିଲେ। ଶେଷରେ ପୀଡ଼ିତା ଏନେଇ ଥାନାରେ ଅଭିଯୋଗ କରିଥିଲେ।

## ନୀଳମାଧବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ

ଖଣ୍ଡପଡା,୨୬ା୯(ସ୍ୱ.ପ୍ର)

ଖଣ୍ଡପଡ଼ା ବ୍ଲକ ଅଧୀନ ନୀଳମାଧବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କଣ୍ଟିଲୋ ସମ୍ମିଳନୀ କକ୍ଷରେ ଯୁକ୍ତ ୨ ପ୍ରଥମ ବର୍ଷ କଳା, ବିଜ୍ଞାନ ଓ ଧନ୍ଦାମୂଳକ ଛାତ୍ରୀଛାତ୍ରମାନଙ୍କ ପାଇଁ ସୋମବାର ଏକ ପ୍ରବେଶ ଉତ୍ସବ ହୋଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ପ୍ରଫେସର ସରୋଜ କୁମାର ମିଶ୍ର ଅଧ୍ୟକ୍ଷତା କରି ଯୋଗ ଦେଇଥିବା ଯୁକ୍ତ ୨ ପ୍ରଥମ ବର୍ଷର ୪ ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରମାନଙ୍କୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ନୀତି, ନିୟମ, ସିଲାବସ, ଟାଇମ ଟେବୁଲ୍ ସହ ପରୀକ୍ଷା ପଦ୍ଧତି ସମ୍ପର୍କରେ ଅବଗତ କରାଇଥିଲେ। ଏହାଛଡା ଆଦର୍ଶ ଛାତ୍ରୀଛାତ୍ର ହୋଇ ଆଗାମୀଦିନରେ ମହାବିଦ୍ୟାଳୟର ନାମକୁ ଉଚ୍ଚା କରିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଅର୍ଥନୀତି ବିଭାଗ ପ୍ରାଧ୍ୟାପକ ତଥା ସ୍ତମ୍ଭକାର ଡ. ପବିତ୍ର କୁମାର ସୁବୁଦ୍ଧି ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ବଡ ସ୍ୱପ୍ନ ଦେଖିବା ସଙ୍ଗେ ସଙ୍ଗେ ନିଜର ଭାଗ୍ୟ ନିଜେ ତିଆରି କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟତମ ବକ୍ତା ଭାବେ ଇଂରାଜି ଅଧ୍ୟାପକ ପ୍ରଭାତ କୁମାର ବେହେରା ଏକ କ୍ଷୁଦ୍ର ଗଳ୍ପ ମାଧ୍ୟମରେ ଧୈର୍ଯ୍ୟବାନ ହେବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ହୃଷୀକେଶ ମିଶ୍ର, ରମେଶ ଚନ୍ଦ୍ର ସାହୁ ଓ ପ୍ରାଧ୍ୟାପିକା ମାନସୀ ଦ୍ୱାରୀ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନେ ଶୃଙ୍ଖଳିତ ହେବା ସଙ୍ଗେ ସଙ୍ଗେ ଭବିଷ୍ୟତରେ ସମସ୍ତ ପ୍ରବେଶିକା ପରୀକ୍ଷାଗୁଡିକରେ ସଫଳତାର ସହ ଉତ୍ତୀର୍ଣ୍ଣ ହେବାକୁ ଆହ୍ୱାନ ଦେଇଥିଲେ। ଶେଷରେ ଅଧ୍ୟକ୍ଷ ମିଶ୍ର ନବାଗତମାନଙ୍କୁ ସ୍ୱାଗତ ଜଣାଇଥିଲେ।

# ସମୃଦ୍ଧ ହେଉଛି ମଞ୍ଚ ନାଟକ




ନାଟ୍ୟ ସଂଘର ପ୍ରତିଷ୍ଠା ଦିବସର ନିର୍ଦ୍ଦେଶକ, କଳାକାର ଓ ଅନ୍ୟମାନେ।

ନୟାଗଡ଼ ଅଫିସ,୨୬ା୯

ଓଡ଼ିଶା ନାଟ୍ୟ ସଂଘର ୩୫ତମ ପ୍ରତିଷ୍ଠା ଦିବସ ଅବସରରେ ଓଡ଼ିଶାର ପ୍ରତ୍ୟେକ ଜିଲାରେ ଅଭିନେତା, ନିର୍ଦ୍ଦେଶକ, ନାଟ୍ୟକାର ସର୍ବୋପରି ନାଟ୍ୟ କର୍ମୀମାନଙ୍କୁ ନେଇ ପ୍ରତିଷ୍ଠା ଦିବସ ପାଳନ କରାଯାଉଛି। ଏହିକ୍ରମରେ ନୟାଗଡ଼ର ନାଟ୍ୟ କର୍ମୀମାନଙ୍କୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଅଛି। ବରିଷ୍ଠ ଅଭିନେତା ସୁରେନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଶିଷ୍ଟ ଅଭିନେତା ଓ ନିର୍ଦ୍ଦେଶକ ପବିତ୍ର ମହାନ୍ତି ଅତିଥି ଭାବେ ଯୋଗଦେଇ ନାଟକ ଆମକୁ ଜୀବନ ଜିଇଁବା ଦିଗରେ ବହୁତ ଶିକ୍ଷା ଦେଇଥାଏ ବୋଲି କହିଥିଲେ। ବିଶେଷ ଭାବେ ନାଟକ ଶୃଙ୍ଖଳା, ସମୟାନୁବର୍ତ୍ତୀ, ଗୋଷ୍ଠୀ ସମନ୍ୱୟ ଆଦି ବିଷୟରେ ସଚେତନ କରାଇଥାଏ। ଓଡ଼ିଶା ନାଟ୍ୟ ସଂଘ ପକ୍ଷରୁ ନାଟକର ବିକାଶ ଓ ସମୃଦ୍ଧି ଦିଗରେ ନିରନ୍ତର ପ୍ରୟାସ ବେଶ୍ ଉଲ୍ଲେଖନୀୟ ବୋଲି ମଧ୍ୟ ଦର୍ଶାଇଥିଲେ। ଏଣୁ ସମୃଦ୍ଧ ହେଉଛି ମଞ୍ଚ ନାଟକ। ଓଡ଼ିଶା ନାଟ୍ୟ ସଂଘର ଜିଲା ପ୍ରତିନିଧି ଶରତ ଚନ୍ଦ୍ର ଆଚାର୍ଯ୍ୟ କାର୍ଯ୍ୟକ୍ରମର ସଂଯୋଜନା କରିଥିବାବେଳେ ନିର୍ଦ୍ଦେଶକ ଆଶୁତୋଷ ମିଶ୍ର, ନାଟ୍ୟକାର କୈଳାସ ଚନ୍ଦ୍ର ଓଝା, ବରିଷ୍ଠ ଅଭିନେତା ରାମକୃଷ୍ଣ ନାୟକ, ଯୁବ ଅଭିନେତା ନରେନ୍ଦ୍ର ବେହେରା, କାମାକ୍ଷା ପ୍ରସାଦ ଦାଶ, ପ୍ରଶାନ୍ତ ସାମନ୍ତରାୟ, ଗତିକୃଷ୍ଣ ପ୍ରଧାନ, ପ୍ରଫୁଲ୍ଲ କୁମାର ନାୟକ ପ୍ରମୁଖ ନାଟକରେ ମୁଁ ବିଷୟରେ ଆଲୋଚନା କରିଥିଲେ। ଅନ୍ୟପକ୍ଷେ ନାଟକ ସହ ପ୍ରତ୍ୟେକଙ୍କ ସମ୍ପୃକ୍ତି, ନୟାଗଡ଼ ନାଟକର ବିକାଶଧାରା, ନାଟକକୁ ସମୃଦ୍ଧ କରିବା ଦିଗରେ ଓଡ଼ିଶା ନାଟ୍ୟସଂଘର ଭୂମିକା ଆଦି ବିଷୟରେ ନିଜସ୍ୱ ମତ ଉପସ୍ଥାପିତ କରିଥିଲେ।

## ଅଧୀକ୍ଷଣ ଯନ୍ତ୍ରୀଙ୍କ ଅନୁଧ୍ୟାନ

ନୟାଗଡ଼ ଅଫିସ,୨୬ା୯

ପଞ୍ଚାୟତିରାଜ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ପ୍ରିୟଦର୍ଶିନୀ ନାୟକ ସୋମବାର ନୟାଗଡ ବ୍ଲକକୁ ଗସ୍ତରେ ଆସି ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଛନ୍ତି। ବ୍ଲକରେ ଅନେକ ସରକାରୀ କାର୍ଯ୍ୟାଳୟ ବିପଦସଙ୍କୁଳ ଓ ଭାଙ୍ଗି ରହିଥିବାବେଳେ କିଛି କାର୍ଯ୍ୟାଳୟ ନିର୍ମାଣ କରିବାର ଆବଶ୍ୟକା ରହିଛି। ଏ ନେଇ ରାଜ୍ୟ ସରକାରଙ୍କୁ ଅଧୀକ୍ଷଣ ଯନ୍ତ୍ରୀ ଅବଗତ କରାଇବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଅଧୀକ୍ଷଣ ଯନ୍ତ୍ରୀଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

# 'ଗାନ୍ଧୀ ଦର୍ଶନର ପ୍ରାସଙ୍ଗିକତା-ସେବେ, ଏବେ'

ନୟାଗଡ଼ ଅଫିସ,୨୬ା୯

ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଇତିହାସ ଓ ଦର୍ଶନ ବିଭାଗ ଦ୍ୱାରା 'ଗାନ୍ଧୀ ଦର୍ଶନର ପ୍ରାସଙ୍ଗିକତା-ସେବେ ଓ ଏବେ' ଉପରେ ଆଲୋଚନାଚକ୍ର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ପ୍ରଫେସର ଅଭିରାମ ବିଶ୍ୱାଳ, ବରିଷ୍ଠ ସାମ୍ବାଦିକ ତଥା ଗାନ୍ଧୀ କଥା ପ୍ରବକ୍ତା ବିରୂପାକ୍ଷ ତ୍ରିପାଠୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ସୁରେଶ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦର୍ଶନ ବିଭାଗ ମୁଖ୍ୟ ପ୍ରମୋଦ କୁମାର ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ।

ଗାନ୍ଧୀ କଥା ପ୍ରବକ୍ତା ତ୍ରିପାଠୀ ଆଲୋଚନା ଅବସରରେ ସ୍କୁଲ ବେଳରେ ମହାତ୍ମା ଗାନ୍ଧୀ ଜୟନ୍ତୀ ପାଳନରୁ ଆଜିକାର ଗାନ୍ଧୀଙ୍କ ଜୀବନ ସମ୍ପର୍କରେ ଜାଣିବାର ସୁଯୋଗ ମିଳିଛି ବୋଲି କହିଥିଲେ। ଅନ୍ୟପକ୍ଷେ ଗାନ୍ଧୀଙ୍କୁ ଛାତ୍ର ଜୀବନରେ ବୁଢ଼ା ବେଶରେ ବଙ୍କୁଲି ବାଡି ଧରିଥିବା, ଟୋପି ପିନ୍ଧିଥିବା ଦେଖିବାକୁ ମିଳେ। ଗାନ୍ଧୀ ଶବ୍ଦଟି ଏକ ମାଧ୍ୟାକର୍ଷଣ ଶବ୍ଦ ଭଳି ଥିଲା।



ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଅନୁଷ୍ଠିତ ଆଲୋଚନାଚକ୍ରରେ ବିଧାୟକ ଅରୁଣ କୁମାର ସାହୁ ଓ ଅନ୍ୟମାନେ।

ତାଙ୍କ ନାଁରେ ହିଁ ଆନ୍ଦୋଳନ ହେଉଥିଲା। ଗାନ୍ଧୀ ଶବ୍ଦରେ ସେତେବେଳେ ବି ଚମକ ରହିଥିଲା, ଆଜି ବି ଚମକ ରହିଛି। ଗାନ୍ଧୀ ଆଜି ବି ଜୀବନ୍ତ ହୋଇ ରହିଛନ୍ତି। ୧୯୪୫ ରେ ଗାନ୍ଧୀଙ୍କ ବିଚାରକୁ ନେଇ ବିଭ୍ରାନ୍ତ କରାଯାଉଥିଲା। ତାହା ସବୁଦିନ ରହିବ ନାହିଁ ବୋଲି କୁହାଯାଇଥିଲା। ରାମନାମର ଅମୋଘ ଅସ୍ତ୍ର ଗାନ୍ଧିଜୀ ପାଇଥିଲେ। ମୃତ୍ୟୁ ସମୟରେ ତାଙ୍କର ଶେଷ ଶବ୍ଦ 'ହେ ରାମ' ରହିଥିଲା ବୋଲି ତ୍ରିପାଠୀ କହିଥିଲେ। ଯୁବ ନେତୃତ୍ୱର ଧାରା ଗାନ୍ଧୀ ସୃଷ୍ଟି କରିଥିଲେ। ସତ୍ୟ ଓ ଅହିଂସା ବ୍ୟତୀତ ଅନ୍ୟ କିଛି ନୀତି ନାହିଁ ବୋଲି ଗାନ୍ଧିଜୀ କହିଥିଲେ। ମା', ମାଟି ଓ ମାତୃଭାଷାକୁ ଯେ ଭଲ ନ ପାଇଛି, ସେ ଗାନ୍ଧୀ ଦର୍ଶନ ବୁଝିପାରିବ ନାହିଁ ବୋଲି ତ୍ରିପାଠୀ ଦର୍ଶାଇଥିଲେ। ସେହିଭଳି ଅନ୍ୟତମ ଆଲୋଚକ ପ୍ରଫେସର ଅଭିରାମ ବିଶ୍ୱାଳଙ୍କ ଆଲୋଚନାରେ, ଗାନ୍ଧୀଙ୍କ ଆବଶ୍ୟକତା ସେବେ ଥିଲା ଓ ଏବେ ମଧ୍ୟ ରହିଛି ବୋଲି ଦର୍ଶାଇଥିଲେ। ଏହା ଆଦୌ ଅପ୍ରାସଙ୍ଗିକ ନୁହେଁ। ୨ଜିଠାରୁ ୫ ଜି ମଧ୍ୟରେ ସବୁ ଜି କୁ କେବଳ ଗାନ୍ଧିଜୀ ପରାସ୍ତ କରି ପାରିବାର ସାମର୍ଥ ରଖୁଥିଲେ। ଦକ୍ଷିଣ ଆଫ୍ରିକାରେ ସେ ପ୍ରଥମେ ସତ୍ୟ ଓ ଅହିଂସାର ପ୍ରସଙ୍ଗ ଉଠାଇଥିଲେ। ଗାନ୍ଧୀ ୩ଟି ମହାଦେଶରେ ସମ୍ଭବ ହୋଇଥିଲେ। ଭାରତ ଛଡ଼ା ୟୁରୋପ ଓ ଆଫ୍ରିକାର ଦାବି ଗାନ୍ଧୀଙ୍କ ଉପରେ ରହିଛି। ଗାନ୍ଧୀ ଜନନାୟକ ଥିଲେ। ସେ ଲୋକଙ୍କ ସହ ରହୁଥିଲେ। ଗାନ୍ଧୀ ମହିଳା ସଶକ୍ତୀକରଣ ପ୍ରସଙ୍ଗରେ ମହିଳା ଉପେକ୍ଷିତ ହେଲେ ସମାଜ ପଙ୍ଗୁ ଅବସ୍ଥାରେ ପହଞ୍ଚିବ ବୋଲି କହିଥିଲେ। ଲିଙ୍ଗ ଭିତ୍ତିରେ ଶ୍ରମକୁ ଗାନ୍ଧୀ ବିରୋଧ କରୁଥିଲେ। ଓଡ଼ିଶା ବିଷୟରେ ଗାନ୍ଧୀଙ୍କୁ ଯେଉଁ କେତେଜଣ ଅବଗତ କରାଇଥିଲେ, ତାଙ୍କ ମଧ୍ୟରେ ଦଶପଲ୍ଲାର ଗୋବିନ୍ଦ ମିଶ୍ର ଅନ୍ୟତମ ଥିଲେ। ଗାନ୍ଧୀ ମୃତ୍ୟୁର ଆତତାୟୀ ଓ ପଛରେ ରହିଥିବା ଗୋଷ୍ଠୀକୁ ଦୋଷ ମୁକ୍ତ କରିବାକୁ ୪ର୍ଥ ଗୁଳିର ପ୍ରସଙ୍ଗକୁ ପ୍ରଚାର କରାଯାଉଥିବା ଆଲୋଚକ କହିଥିଲେ। ନାୟଗଡ଼ ବିଧାୟକ ସାହୁ ତାଙ୍କ ଆଲୋଚନାରେ ବ୍ରିଟିଶ ରାଜ ବିରୋଧରେ ଲଢ଼େଇ କରିବାକୁ ଲୋକଙ୍କ ମନରୁ ଭୟ ଦୂର କରିବା ଗାନ୍ଧୀଙ୍କ ମୁଖ୍ୟ ଉଦ୍ଦେଶ୍ୟ ଥିଲା। ସତ୍ୟକୁ ଘୋଡେଇବାର ଅପପ୍ରୟାସକୁ ବିରୋଧ କରାଯିବା ଆବଶ୍ୟକ। ଦେଶର ବିଭାଜନ ପାଇଁ ବୋଲି ଗାନ୍ଧୀ ଦାୟୀ ଗୋଟେ ଧାରଣା ସୃଷ୍ଟି କରାଯାଉଛି। ସତ୍ୟକୁ ଯେଭଳି ଘୋଡ଼ା ଯାଇପାରିବ ନାହିଁ, ଠିକ୍ ସେଭଳି ଗାନ୍ଧୀ ଦର୍ଶନକୁ କଦାପି ରୋକ୍ ଲାଗି ପାରିବ ନାହିଁ। ଗାନ୍ଧୀ ଦର୍ଶନ ସେବେ ଓ ଏବେ ରହିଛି, ମାନସିକତା ଉପରେ ସବୁ ନିର୍ଭରଶୀଳ ବୋଲି ବିଧାୟକ କହିଥିଲେ। କାର୍ଯ୍ୟକ୍ରମରେ ପରିଚାଳନା କମିଟି ସଭାପତି ସୁରେଶ ଚନ୍ଦ୍ର ମିଶ୍ର, ଆଲୁମିନା କମିଟି ଆବାହକ ବିଶ୍ୱନାଥ ମହାପାତ୍ର, ପୌର ପରିଷଦ ଅଧ୍ୟକ୍ଷା ନିରୂପମା ଖଟେଇ, ଅଧ୍ୟାପକ ଗଣେଶ୍ୱର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଇତିହାସ ବିଭାଗ ମୁଖ୍ୟ ଅଶ୍ୱିନ ନାୟକ ଧନ୍ୟବାଦ ଦେଇଥିଲେ। ଏହି ସଭାରେ ଇତିହାସ ଓ ଦର୍ଶନ ବିଭାଗ ଅଧ୍ୟାପିକାଅଧ୍ୟାପକ ଓ କର୍ମଚାରୀ ପୂର୍ଣ୍ଣ ସହଯୋଗ କରିଥିଲେ।